# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୧୪/୨୦୨୨ (୧୨ ପୃଷ୍ଠା+ ଛୁଟିଦିନ) | Bhubaneswar, Sunday, August 14/2022 | Page 12 | ₹ 7.00 | ★★★★

୪୮ଶ ଭାଗ ୨୬୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ₹୭/-







# ଛତିଶଗଡ଼ କହୁଛି ଗେଟ୍ ଖୋଲ

## ମହାନଦୀରେ ବନ୍ୟା ଆଶଙ୍କା ବଢ଼ିଲା

ମହାନଦୀର ଉପରମୁଣ୍ଡ ଛତିଶଗଡ଼ରେ ପ୍ରବଳ ବର୍ଷା ଲାଗିରହିଛି। ଏହାକୁ ଦୃଷ୍ଟିରେ ରଖି ଶୁକ୍ରବାର ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ୨୦ ଗେଟ୍ ଖୋଲାଯାଇଥିଲା। ଏହାସତ୍ତ୍ୱେ ପଡ଼ୋଶୀ ରାଜ୍ୟ ବନ୍ୟା ଆଶଙ୍କା କରି ଆହୁରି ଅଧିକ ଗେଟ୍ ଖୋଲିବା ପାଇଁ ଚାପ ପକାଉଥିବା ହୀରାକୁଦ ଡ୍ୟାମ ମୁଖ୍ୟଯନ୍ତ୍ରୀ ଆନନ୍ଦ ଚନ୍ଦ୍ର ସାହୁ ଶନିବାର ସକାଳେ କହିଛନ୍ତି। ସନ୍ଧ୍ୟା ସୁଦ୍ଧା ୪ ପର୍ଯ୍ୟାୟରେ ଆଉ ୧୪ଟି ଗେଟ୍ ଖୋଲାଯାଇଛି। ସାଧାରଣତଃ ୨୮ଟି ଗେଟ୍ ଖୋଲିଲେ ମହାନଦୀରେ ବନ୍ୟା ଆସିଥାଏ। ରାତି ୮ଟା ସୁଦ୍ଧା ୩୪ଟି ଗେଟ୍ ଖୋଲାଥିବାରୁ ଓଡ଼ିଶାର ବିଭିନ୍ନ ଜିଲାରେ ବନ୍ୟା ଆଶଙ୍କା ବଢ଼ିଛି।

- ଲଘୁଚାପ ଘନୀଭୂତ, ୨ ଦିନ ପ୍ରବଳ ବର୍ଷା
- ହୀରାକୁଦରେ ଖୋଲିଲା ୩୪ ଗେଟ୍
- ଜଳସମ୍ପଦ ବିଭାଗ କର୍ମଚାରୀଙ୍କ ଛୁଟି ବାତିଲ
- ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ଋଷିକୁଲ୍ୟା, ବଂଶଧାରା, ଇବ୍ ଫୁଲୁଛି

ଭୁବନେଶ୍ୱର,୧୩।୮(ବ୍ୟୁରୋ)

ଗୋଟିଏ ପରେ ଗୋଟିଏ ଲଘୁଚାପ ଯୋଗୁ ରାଜ୍ୟରେ ଗତ କିଛିଦିନ ହେବ ଲଗାଣ ବର୍ଷା ଲାଗି ରହିଛି। ଏଭଳିସ୍ଥଳେ ମହାନଦୀର ଉପରମୁଣ୍ଡ ଛତିଶଗଡ଼ରେ ମଧ୍ୟ ପ୍ରବଳ ବର୍ଷା ହେଉଛି। ଏହାକୁ ଦୃଷ୍ଟିରେ ରଖି ହୀରାକୁଦ ଜଳଭଣ୍ଡାରର ୩୪ ଗେଟ୍ ଖୋଲାଯାଇଛି। କିନ୍ତୁ ଛତିଶଗଡ଼ରେ ଆସନ୍ତା ଦୁଇଦିନ ମଧ୍ୟ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ କହୁଛି। ତେଣୁ ହୀରାକୁଦ ଜଳଭଣ୍ଡାରର ଅଧିକ ଗେଟ୍ ଖୋଲାଯାଇପାରେ। ଫଳରେ ମହାନଦୀ ଓ ଏହାର ଶାଖା ନଦୀଗୁଡ଼ିକରେ ବନ୍ୟା ଆଶଙ୍କା କରାଯାଉଛି ବୋଲି ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ(ଇଆଇସି) ବିଜୟ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ☞ପୃଷ୍ଠା–୪



ହୀରାକୁଦ ଜଳଭଣ୍ଡାର ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି।

## ୩ବର୍ଷ ହେଲା ବସିନି ଜଳ ପରିଚାଳନା କମିଟି ବୈଠକ

ସମ୍ବଲପୁର,୧୩।୮(ବ୍ୟୁରୋ)

ମହାନଦୀ ଜଳ ବିବାଦକୁ ନେଇ ଛତିଶଗଡ଼ ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ବିବାଦ ଲାଗିରହିଛି। ଏପରି କି ଏହି ମାମଲା କେନ୍ଦ୍ରୀୟ ଜଳ କମିଶନ (ସିଡବ୍ଲ୍ୟୁସି)ରେ ରହିଛି। ଏଭଳି ପରିସ୍ଥିତିରେ ଉଭୟ ରାଜ୍ୟ ମଧ୍ୟରେ ଜଳ ପରିଚାଳନା କମିଟି ବୈଠକ ତିନିବର୍ଷ ହେଲା ହୋଇପାରୁ ନାହିଁ। ଏଥିରେ ଛତିଶଗଡ଼ ଜଳସମ୍ପଦ ବିଭାଗ ଓ ସରକାରଙ୍କୁ ଦାୟୀ କରିଛନ୍ତି ହୀରାକୁଦ ବନ୍ଧ ମୁଖ୍ୟ ଯନ୍ତ୍ରୀ ଆନନ୍ଦ ଚନ୍ଦ୍ର ସାହୁ। ସେ କହିଛନ୍ତି, ଜଳ ବଣ୍ଟନକୁ ନେଇ ଲାଗିରହିଥିବା ବିବାଦ ଭିନ୍ନ କଥା। ମହାନଦୀ ଜଳ ପରିଚାଳନା ପାଇଁ ଛତିଶଗଡ଼ ବୈଠକ କରି ଆଲୋଚନା କରିବାରେ କୌଣସି ସମସ୍ୟା ନାହିଁ। ବାରମ୍ବାର ବୈଠକ ପାଇଁ ଚିଠି କରାଯାଇଥିଲେ ମଧ୍ୟ କୌଣସି ଆନ୍ତରିକତା ଦେଖାଇଲା ନାହିଁ ଛତିଶଗଡ଼। ଶେଷଥର ପାଇଁ ୨୦୧୯ରେ ବୈଠକ ହୋଇଥିଲା। ପରେ ୨୦୨୨ ଏପ୍ରିଲ ୧୩ରେ ଉଭୟ ସରକାରଙ୍କ ଉଚ୍ଚସ୍ତରୀୟ କମିଟି ବୈଠକ କରିବା ପାଇଁ ସ୍ଥିର ହୋଇଥିଲା। ବୁର୍ଲା ଅଶୋକ ନିବାସଠାରେ ଏହି ବୈଠକ ହେବାର ଥିଲା। ସିଡବ୍ଲ୍ୟୁସି ପକ୍ଷରୁ ଉଭୟ ସରକାରଙ୍କୁ ଚିଠି କରି ତାରିଖ ଓ ସମୟ ସ୍ଥିର ହୋଇଥିଲା। ହେଲେ ଏପ୍ରିଲ ୧୧ରେ ଛତିଶଗଡ଼ ସରକାର ବୈଠକରେ ଅନୁପସ୍ଥିତ ରହିବେ ବୋଲି ସୂଚନା ଦେଇ ବୈଠକ ବାତିଲ କରିଥିଲେ। ଜଳ ପରିଚାଳନା ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

ଅମର ଯୁଗର ଆଶ୍ୱାସନା

# ଓଡ଼ିଶାର ୩ ସ୍ଥାନକୁ ରାମସର୍ ମାନ୍ୟତା

## ଦେଶର ନୂଆ ୧୧ ଆର୍ଦ୍ରଭୂମି ମଧ୍ୟରେ ତାମ୍ପରା, ଅଂଶୁପା, ହୀରାକୁଦ

ଭୁବନେଶ୍ୱର,(ବ୍ୟୁରୋ)/ ଛତ୍ରପୁର (ଡି.ଏନ୍.ଏ.) ୧୩।୮

ଦେଶରେ ଆଉ ୧୧ ଆର୍ଦ୍ରଭୂମିକୁ କେନ୍ଦ୍ର ସରକାର ରାମସର୍ ମାନ୍ୟତା ଦେଇଛନ୍ତି। ଏଥିରେ ଓଡ଼ିଶାର ତିନୋଟି ସ୍ଥାନ ରହିଛି। ଉକ୍ତ ସ୍ଥାନଗୁଡ଼ିକ ହେଲା ବ୍ରହ୍ମପୁରର ତାମ୍ପରା ହ୍ରଦ, କଟକ ବାଙ୍କୀର ଅଂଶୁପା ହ୍ରଦ ଏବଂ ସମ୍ବଲପୁରର ହୀରାକୁଦ ଜଳଭଣ୍ଡାର। କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଶନିବାର ତାମିଲନାଡୁ, ଓଡ଼ିଶା, ଜମ୍ମୁ ଓ କଶ୍ମୀର, ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ରର ଏହି ୧୧ ରାମସର୍ ସାଇଟ୍ ସମ୍ପର୍କରେ ଘୋଷଣା କରାଯାଇଛି। ବିଭାଗୀୟ ମନ୍ତ୍ରୀ ଭୂପେନ୍ଦର ଯାଦବ ଏ ନେଇ ଟୁଇଟ କରି ସୂଚନା ଦେବା ସହ ଉକ୍ତ ୫ ରାଜ୍ୟକୁ ଶୁଭେଚ୍ଛା ଜଣାଇଛନ୍ତି।




କଟକ ଜିଲା ବାଙ୍କୀରେ ଥିବା ୨୩୧ଏକର ପରିମିତ ଅଂଶୁପା ହ୍ରଦ ଛୋଟ ହେଲେ ବି ରାଜ୍ୟର ପର୍ଯ୍ୟଟନୀ ସ୍ଥଳ ମାନଚିତ୍ରରେ ସ୍ଥାନ ପାଇଛି। ଶୀତ ଋତୁରେ ବିଦେଶୀ ପକ୍ଷୀ ଆଗମନ ଯୋଗୁ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ଏଠାରେ ପ୍ରାୟ ୧୯୪ ☞ପୃଷ୍ଠା–୪

### ରାମସର୍ ସ୍ଥଳ କ'ଣ

ରାମସର୍ ସ୍ଥଳ ହେଉଛି ଏକ ଆର୍ଦ୍ରଭୂମି, ଯାହାକୁ ୟୁନେସ୍କୋ ଦ୍ୱାରା ପ୍ରତିଷ୍ଠିତ 'ରାମସର୍ କନ୍‌ଭେନ୍ସନ ଅଫ୍ ୱେଟ୍‌ଲାଣ୍ଡ୍‌ସ' ଅନୁସାରେ ଅନ୍ତର୍ଜାତୀୟ ମାନ୍ୟତା ଦିଆଯାଇଥାଏ। ୧୯୭୧ ଫେବୃୟାରୀ ୨ରେ ଇରାନର ରାମସର୍ ସହରରେ ସ୍ୱାକ୍ଷରିତ ପରିବେଶ ଚୁକ୍ତି ଅନୁସାରେ ଏହାର ନାମକରଣ କରାଯାଇଛି। ପୂର୍ବରୁ ଭାରତର ୬୪ଟି ସ୍ଥଳ ଏହି ତାଲିକାରେ ସ୍ଥାନ ପାଇଥିବାବେଳେ ଶନିବାର ଏଥିରେ ଆଉ ୧୧ଟି ସ୍ଥାନକୁ ଯୋଡ଼ାଯାଇଛି। ତହିଁରେ ଓଡ଼ିଶାର ଗଞ୍ଜାମ ଜିଲା ତାମ୍ପରା ହ୍ରଦ, କଟକର ଅଂଶୁପା ହ୍ରଦ ଓ ସମ୍ବଲପୁର ଜିଲା ହୀରାକୁଦ ନଦୀବନ୍ଧ ଯୋଜନା ଅନ୍ତର୍ଭୁକ୍ତ। ପ୍ରତି ୩ ବର୍ଷରେ ଥରେ କନ୍‌ଫରେନ୍ସ ଅଫ୍ କଣ୍ଟ୍ରାକ୍ଟିଂ ପାର୍ଟି(ସିଓପି) ପ୍ରତିନିଧିମାନେ ସମ୍ମିଳନୀରେ ସାମିଲ ହୋଇ ସଂକଳ୍ପନାମା ଓ ସୁପାରିସଗୁଡ଼ିକୁ ବିଭିନ୍ନ ମାନଦଣ୍ଡ ଆଧାରରେ ବିଚାର ପୂର୍ବକ ନିଷ୍ପତ୍ତି ନେଇଥାଆନ୍ତି। ରାମସର୍ ସାଇଟ୍ସ ଇନ୍‌ଫର୍ମେଶନ୍ ସର୍ଭିସ୍ (ଆର୍‌ଏସ୍‌ଆଇଏସ୍)ରେ ବିଶ୍ୱର ସମସ୍ତ ସ୍ୱୀକୃତିପ୍ରାପ୍ତ ଆର୍ଦ୍ରଭୂମି ସମ୍ପର୍କରେ ବିସ୍ତୃତ ତଥ୍ୟ ଉପଲବ୍ଧ ରହିଛି।







**ପୁଣି ସୋନିଆଙ୍କୁ କରୋନା**

କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ଶନିବାର ପୁଣିଥରେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ନିୟମ ଅନୁଯାୟୀ ସେ ଆଇସୋଲେଶନରେ ରହିବେ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଟୁଇଟ୍ କରିଛନ୍ତି। ଗତ ଜୁନ୍‌ରେ ମଧ ୭୫ ବର୍ଷୀୟା କଂଗ୍ରେସ ଅଧକ୍ଷା କୋଭିଡ୍ ଆକ୍ରାନ୍ତ ହୋଇ ସାର୍ ଗଙ୍ଗାରାମ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଚଳିତ ସପ୍ତାହ ଆରମ୍ଭରେ ତାଙ୍କ ଝିଅ ତଥା କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମଧ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଥିଲେ।

## ସଂକ୍ଷେପରେ

### କୋର୍ଟ ପରିସରରେ ସ୍ତ୍ରୀଙ୍କ ଗଳା କାଟି ହତ୍ୟା

**ହାସନ (କର୍ନାଟକ),୧୩।୮:** କର୍ନାଟକ ହାସନ ଜିଲାର ଏକ ସ୍ଥାନୀୟ ଅଦାଲତ ପରିସରରେ ଶନିବାର ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କ ଗଳା କାଟିଦେବା ସହ ତାଙ୍କ ଶିଶୁ ସନ୍ତାନକୁ ଆକ୍ରମଣ କରିବା ଘଟଣା ଆତଙ୍କ ଖେଳାଇଦେଇଛି। ସେଠାରେ ଉପସ୍ଥିତ ଲୋକଙ୍କ ହସ୍ତକ୍ଷେପ ଯୋଗୁ ପିଲାଟିର ଜୀବନ ବଞ୍ଚିପାରିଥିବା ପୋଲିସ କହିଛି। ହୋଲେନାରାସିପୁରା ଟାଉନ କୋର୍ଟ ପରିସରରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତ ମହିଳା ଚୈତ୍ରାଙ୍କ ଘର ଥାଛେକେରେ ଗ୍ରାମରେ ହୋଇଥିବାବେଳେ ସ୍ୱାମୀ ଶିବକୁମାର ହୋଲେନାରାସିପୁର ବାସିନ୍ଦା। ୭ ବର୍ଷ ପୂର୍ବେ ବିବାହ କରିଥିବା ଉକ୍ତ ଦମ୍ପତି ଛାଡ଼ପତ୍ର ପାଇଁ କୋର୍ଟରେ ଆବେଦନ କରିଥିଲେ। ସେମାନଙ୍କ ମଧରେ ବୁଝାମଣା ପାଇଁ କୋର୍ଟକୁ ଡକାଯାଇଥିଲା। ବିଚାରପତି ଓ ଆଇନଜୀବୀଙ୍କ ପରାମର୍ଶକ୍ରମେ ସେମାନଙ୍କ ଦୁଇ ପିଲାଙ୍କ ପାଇଁ ମନୋମାଳିନ୍ୟ ଭୁଲିଯିବାକୁ ଶିବକୁମାର ଅଦାଲତଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ସେ ସ୍ତ୍ରୀଙ୍କ ସହ କୋର୍ଟ ପରିସରରେ ଥିବା ରେଷ୍ଟ ରୁମ୍‌କୁ ଯାଇଥିଲେ। ସେଠାରେ ସେ ସ୍ତ୍ରୀଙ୍କ ତଣ୍ଟି କାଟିଦେବା ପରେ ତାଙ୍କ କୋଳରେ ଥିବା ଶିଶୁକୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ଉପସ୍ଥିତ ଲୋକେ ତାଙ୍କୁ କାବୁ କରିନେଇ ପୋଲିସ ଜିମା ଦେଇଥିଲେ।

### ସିଭିଲ ସର୍ଭିସକୁ ଫେରିଲେ ଶାହ ଫୈଜଲ

**ନୂଆଦିଲ୍ଲୀ,୧୩।୮:** ଜମ୍ମୁ-କଶ୍ମୀରର ବିବାଦୀୟ ଆଇଏଏସ୍ ଅଫିସର ଶାହ ଫୈଜଲଙ୍କୁ କେନ୍ଦ୍ର ସରକାର ପୁଣି ଥରେ ଚାକିରିରେ ଅବସ୍ଥାପିତ କରିଛନ୍ତି। ତାଙ୍କୁ ପର୍ଯ୍ୟଟନ ମନ୍ତ୍ରଣାଳୟରେ ଉପସଚିବ ଭାବେ ନିଯୁକ୍ତି ମିଳିଛି।



୨୦୧୦ ବ୍ୟାଚ୍ ଜମ୍ମୁ-କଶ୍ମୀର କ୍ୟାଡର ଆଇଏଏସ୍ ଟପ୍ପର ଫୈଜଲ ୨୦୧୯ ଜାନୁୟାରୀରେ ଚାକିରିରୁ ଇସ୍ତଫା ଦେଇ ରାଜନୀତିରେ ଯୋଗ ଦେଇଥିଲେ। ସେ ଜମ୍ମୁ-କଶ୍ମୀର ପିପୁଲ୍ସ ମୁଭ୍‌ମେଣ୍ଟ (ଜେକେପିଏମ୍) ନାମରେ ଦଳ ଗଢ଼ିଥିଲେ। ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ତାଙ୍କୁ ଜନନିରାପତ୍ତା ଆଇନ ବଳରେ ଅଟକ ରଖାଯାଇଥିଲା। ମୁକ୍ତ ହେବା ପରେ ୨୦୨୦ ଅଗଷ୍ଟରେ ସେ ରାଜନୀତି ଛାଡ଼ିଦେଇଥିଲେ। ଇସ୍ତଫାପତ୍ର ପ୍ରତ୍ୟାହାର କରିନେବା ସହ ପୁନର୍ବାର ଚାକିରିରେ ଅବସ୍ଥାପିତ ହେବା ଲାଗି ଗତ ଏପ୍ରିଲରେ ଆବେଦନ କରିଥିଲେ।

### ଆତଙ୍କବାଦ ସହ ସମ୍ପୃକ୍ତି ଜମ୍ମୁ-କଶ୍ମୀରର ୪ ସରକାରୀ କର୍ମଚାରୀ ବହିଷ୍କୃତ

**ନୂଆଦିଲ୍ଲୀ,୧୩।୮:** ଆତଙ୍କବାଦ ସହ ସମ୍ପୃକ୍ତି ଅଭିଯୋଗରେ ଜମ୍ମୁ-କଶ୍ମୀରର ବିଭିନ୍ନ ସରକାରୀ ବିଭାଗର ୪ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ସେମାନଙ୍କ ମଧରେ ହିଜବୁଲ ମୁଜାହିଦିନ ମୁଖ୍ୟ ତଥା ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ସୟେଦ ସଲାହୁଦ୍ଦିନଙ୍କ ପୁଅ ଏବଂ ଜେକେଏଲ୍ଏଫ୍ ନେତା ତଥା ଆତଙ୍କବାଦୀ ଅଭିଯୁକ୍ତ ବିଟ୍ଟା କରାଟେଙ୍କ ସ୍ତ୍ରୀ ଅଛନ୍ତି। ଉଭୟେ ଆତଙ୍କବାଦ ସହ ସମ୍ପୃକ୍ତ ଥିଲେ। ଏହା ବ୍ୟତୀତ କଶ୍ମୀର ବିଶ୍ୱବିଦ୍ୟାଳୟର ୨ ଶିକ୍ଷାବିତ୍‌ଙ୍କୁ ମଧ ବହିଷ୍କାର କରାଯାଇଛି। ଆତଙ୍କବାଦ ସହ ସମ୍ପୃକ୍ତି ଅଭିଯୋଗରେ ଜମ୍ମୁ-କଶ୍ମୀରରୁ ମୋଟ ୩୫ ସରକାରୀ କର୍ମଚାରୀ ବହିଷ୍କୃତ ହେଲେଣି। ଜମ୍ମୁ-କଶ୍ମୀର ଉଦ୍ୟୋଗ ବିକାଶ ସଂସ୍ଥାରେ ଆଇଟି ମ୍ୟାନେଜର ଥିବା ସୟେଦ ଅବଦୁଲ ମୁଇଦ୍ ହେଉଛନ୍ତି ସଲାହୁଦ୍ଦିନଙ୍କ ତୃତୀୟ ପୁତ୍ର। ତାଙ୍କ ସମେତ ଅହମଦ ଶକିଲ ଏବଂ ଶହିଦ ୟୁସୁଫଙ୍କୁ ଅନୁଚ୍ଛେଦ ୩୧୧ ବଳରେ ବହିଷ୍କାର କରାଯାଇଛି।

# ସାଟାନିକ୍ ଭର୍ସେସ୍ ପାଇଁ ଟାର୍ଗେଟ

ବୁକର ବିଜେତା ତଥା ଭାରତ ଜନ୍ମିତ ଖ୍ୟାତନାମା ଔପନ୍ୟାସିକ ସଲ୍‌ମାନ ରଶ୍‌ଡିଙ୍କ ପୁସ୍ତକ ମଧ୍ୟରୁ ସବୁଠାରୁ ବିବାଦୀୟ ହୋଇଥିଲା 'ଦ ସାଟାନିକ୍ ଭର୍ସେସ୍'। ମୁସଲମାନ ସମ୍ପ୍ରଦାୟଙ୍କ ଧର୍ମୀୟ ଭାବନାକୁ ଏଥିରେ ଆଘାତ ପହଞ୍ଚାଯାଇଥିବା ଅଭିଯୋଗ ହେବା ପରେ ଇରାନ ସୁପ୍ରିମ ଲିଡର ଆୟୋତୋଲ୍ଲା ରୁହୋଲ୍ଲା ଖୋମେଇନି ତାଙ୍କ ବିରୋଧରେ ମୃତ୍ୟୁ ଫତୱା ଜାରି କରିଥିଲେ। ସେବେଠାରୁ କଠୋରପନ୍ଥୀଙ୍କ ଆକ୍ରମଣରୁ ନିଜକୁ ସୁରକ୍ଷିତ ରଖିବାରେ ଯେନତେନ ସକ୍ଷମ ହୋଇଥିବା ଏହି ୭୫ ବର୍ଷୀୟ ଭାରତ ଜନ୍ମିତ ଲେଖକ ଶୁକ୍ରବାର ନ୍ୟୁୟର୍କରେ ଛୁରାମାଡ଼ର ଶିକାର ହୋଇ ଗୁରୁତର ହୋଇଛନ୍ତି। ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିବାବେଳେ ସେ ଏକ ଆଖି ହରାଇପାରନ୍ତି ବୋଲି ଜଣାପଡ଼ିଛି। ଏହି ଘଟଣା ପରେ ପୁଣି ଚର୍ଚ୍ଚାକୁ ଆସିଛି ବିବାଦୀୟ ପୁସ୍ତକ 'ଦ ସାଟାନିକ୍ ଭର୍ସେସ୍'।

## ଭେଣ୍ଟିଲେଟରରେ ରଶ୍‌ଡି



**ନ୍ୟୁୟର୍କ, ୧୩।୮**




୧୯୮୮ ସେପ୍ଟେମ୍ବରରେ ସଲ୍‌ମାନ ରଶ୍‌ଡିଙ୍କ ଚତୁର୍ଥ ଉପନ୍ୟାସ 'ଦ ସାଟାନିକ୍ ଭର୍ସେସ୍' ରିଲିଜ୍ ହେବାକ୍ଷଣି ବିଶ୍ୱବ୍ୟାପୀ ବିବାଦକୁ ଆସିଯାଇଥିଲା। ବିଶେଷକରି ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ଏହାକୁ ଘୋର ବିରୋଧ କରାଯାଇଆସୁଛି। ଏକାଧିକ ମୁସ୍‌ଲିମ୍ ରାଷ୍ଟ୍ର ଏହି ପୁସ୍ତକକୁ ବ୍ୟାନ୍ କରିଛନ୍ତି। ଏଥିସହ ପାକିସ୍ତାନ, ବ୍ରିଟେନ ଆଦିରେ ବିକ୍ଷୋଭବେଳେ ତାହାକୁ ଜାଳି ମଧ ଦିଆଯାଇଥିଲା। ଏବେ ବି ଭାରତ ସମେତ ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ), ଇଜିପ୍ଟ ଆଦି ଦେଶରେ ଏହି ପୁସ୍ତକ ଉପରେ କଟକଣା ରହିଛି। ଅର୍ଥାତ୍ ଏହି ରାଷ୍ଟ୍ରଗୁଡ଼ିକରେ 'ଦ ସାଟାନିକ୍ ଭର୍ସେସ୍' କିଣାବିକା ବେଆଇନ। ଏହି ପୁସ୍ତକରେ ମହମ୍ମଦ ପ୍ରଫେଟ୍‌ଙ୍କ ଏକ କାଳ୍ପନିକ ଚରିତ୍ର ଏବଂ କୋରାନ୍‌ର ବ୍ୟାଖ୍ୟାକୁ ସ୍ଥାନିତ କରାଯାଇଛି। ବିବାଦୀୟ ମୁସ୍‌ଲିମ ପରମ୍ପରାକୁ ସେଥିରେ ଦର୍ଶାଯାଇଛି। ସେଥିରେ କୋରାନ୍‌ର କେତେକ ଭର୍ସେସ୍ ଅବତାରଣା କରାଯାଇଛି, ଯେଉଁଥିରେ ୩ ଦେବୀଙ୍କୁ ପ୍ରାର୍ଥନା କରିବା କଥା କୁହାଯାଇଛି। ଜଣେ ହିଁ ଈଶ୍ୱର ଥିବା ଇସ୍‌ଲାମୀୟ ବିଶ୍ୱାସ ଥିବାରୁ ରଶ୍‌ଡିଙ୍କ ଲେଖାକୁ ନେଇ ଜୋରଦାର ବିରୋଧ ମୁଣ୍ଡ ଟେକିଥିଲା। ଏଥିସହ ଇସ୍‌ଲାମ ପ୍ରତିଷ୍ଠାତା ମହମ୍ମଦଙ୍କ ପରି ଆଉ ଜଣେ ପ୍ରଫେଟ୍‌ଙ୍କ କଥା ଏହି ପୁସ୍ତକରେ ଦର୍ଶାଯାଇଛି। ସେଥିରେ ରଶ୍‌ଡି ଲେଖିଥିଲେ, ସେହି ପ୍ରଫେଟ୍ ସାଟନ୍ ବା ସଇତାନ ସହ ଏକ ଚୁକ୍ତି କରି ୩ ଦେବୀଙ୍କ ସପକ୍ଷରେ ଏବଂ ଏକ ଈଶ୍ୱରବାଦ ନୀତି ଆଦାନପ୍ରଦାନ କରିଥିଲେ। ପରେ ସେ ତ୍ରୁଟି କରିଥିବା ଅନୁଭବ କରିଥିଲେ। ଖୋମେଇନି ଏବଂ ଅନ୍ୟମାନେ ଏହାକୁ ପ୍ରଫେଟଙ୍କ ଅପମାନ ବୋଲି କହିଥିଲେ। ୧୯୮୯ ଫେବୃୟାରୀ ୧୪ରେ ଖୋମେଇନି ତାଙ୍କ ବିରୋଧରେ ଫତୱା ଜାରି କରିବା ସହ ମୁସଲମାନମାନେ ରଶ୍‌ଡିଙ୍କୁ ହତ୍ୟା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଫତୱା ଜାରି କରିଥିବା ବିଦ୍ୱାନ ହିଁ ତାହାକୁ ରଦ୍ଦ କରିପାରିବେ ବୋଲି କୁହାଯାଏ। ରଶଡିଙ୍କ ବିରୋଧରେ

### କଟକଣା ଲଗାଇଥିଲେ ରାଜୀବ ଗାନ୍ଧୀ

ଫତୱା ଜାରି କରିଥିବା ଖୋମେଇନିଙ୍କର ସେହି ବର୍ଷ ମୃତ୍ୟୁ ଘଟିଥିଲା।

ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଉକ୍ତ ପୁସ୍ତକକୁ ଦେଶରେ ବ୍ୟାନ୍ ଘୋଷଣା କରିଥିଲେ। ଏଥିସହ ପ୍ରାୟ ୨୦ ଦେଶ ଅନୁରୂପ ନିଷ୍ପତ୍ତି ନେଇଥିଲେ। ଉକ୍ତ ପୁସ୍ତକକୁ ପବ୍ଲିଶ ଏବଂ ଅନୁବାଦ କରିଥିବା ବ୍ୟକ୍ତିଙ୍କୁ ଆକ୍ରମଣର ଶିକାର ହେବାକୁ ପଡ଼ିଥିଲା। ୧୯୯୧ରେ ଜଣେ ଇଟାଲୀୟ ଅନୁବାଦକ ଇଟ୍ଟୋର କ୍ୟାପ୍ରିଓଲୋଙ୍କୁ ଛୁରାମାଡ଼ ହୋଇଥିଲା। ସେହିପରି ଜାପାନର ଜଣେ ସ୍କଲାର ତଥା ଟ୍ରାନ୍ସଲେଟର ହିତୋଶୀ ଇଗାରାଶିଙ୍କୁ ଛୁରାମାଡ଼ କରି ହତ୍ୟା କରାଯାଇଥିଲା। ପୁସ୍ତକ ପ୍ରକାଶନ ନରୱେର ୱିଲିୟମ ନ୍ୟାଗାର୍ଡଙ୍କ ଉପରେ ୩ ଥର ଗୁଳି ମାଡ଼ ହୋଇଥିଲା। ପ୍ରକାଶ ଯେ, ସଲ୍‌ମାନ ରଶ୍‌ଡିଙ୍କୁ ଶୁକ୍ରବାର ଆମେରିକାର ପଶ୍ଚିମ ନ୍ୟୁୟର୍କସ୍ଥିତ ଏକ ବକ୍ତୃତା ମଞ୍ଚରେ ଛୁରାମାଡ଼ ହୋଇଛି। ଚୌଟାଉକା ଇନ୍‌ଷ୍ଟିଚ୍ୟୁଶନ ପକ୍ଷରୁ ସ୍ଥାନୀୟ ସମୟ ପୂର୍ବାହ୍ନ ୧୦ଟା ୪୫ରେ ବକ୍ତୃତା କାର୍ଯ୍ୟକ୍ରମ ଚାଲିଥିବାବେଳେ ଜଣେ ବ୍ୟକ୍ତି ମଞ୍ଚ ଉପରକୁ ମାଡ଼ିଯାଇ ରଶ୍‌ଡିଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ବାହୁରେ ଥିବା ସ୍ନାୟୁ ନଷ୍ଟ ହେବା ସହ ଯକୃତରେ ମଧ କ୍ଷତ ହୋଇଛି। ତାଙ୍କର ଏକ ଆଖି ନଷ୍ଟ ହୋଇଯାଇପାରେ ବୋଲି ଡାକ୍ତର ଆଶଙ୍କା କରିଛନ୍ତି।

### ଫତୱା ପରେ ଆତ୍ମଗୋପନ

ଇରାନ ସୁପ୍ରିମ ଲିଡର ଆୟୋତୋଲ୍ଲା ରୁହୋଲ୍ଲା ଖୋମେଇନି ଫତୱା ଜାରି କରିବା ପରେ ସଲ୍‌ମାନ୍ ରଶ୍‌ଡି ୧୦ ବର୍ଷ ଧରି ଆତ୍ମଗୋପନ କରିଥିଲେ। ସେତେବେଳେ ସେ ବ୍ରିଟେନରେ ରହୁଥିଲେ। ତାଙ୍କୁ ପୂର୍ବତନ ବ୍ରିଟିଶ ପ୍ରଧାନମନ୍ତ୍ରୀ ମାର୍ଗାରେଟ୍ ଥାଚର ସରକାର ୨୪ ଘଣ୍ଟିଆ ପୋଲିସ ସୁରକ୍ଷା ଯୋଗାଇଥିଲେ। ୧୯୯୧ରେ ରଶ୍‌ଡି ଧୀରେ ଧୀରେ ତାଙ୍କ ଅଣ୍ଡରଗ୍ରାଉଣ୍ଡ ଜୀବନରୁ ପଦାକୁ ଆସିଥିଲେ। ୧୯୯୮ରେ ରାଷ୍ଟ୍ରପତି ମହମ୍ମଦ ଖତାମିଙ୍କ ଅଧୀନରେ ଇରାନ ସରକାର ଫତୱା କାର୍ଯ୍ୟକାରୀ କରିବେ ନାହିଁ ବୋଲି ବ୍ରିଟେନକୁ କହିଥିଲେ। କିନ୍ତୁ ୨୦୧୫ରେ ଖୋମେଇନିଙ୍କ ଉତ୍ତରାଧିକାରୀ ଆୟାତୋଲ୍ଲା ଅଲ୍ଲୀ ଖେମେନେଇ ରଶ୍‌ଡିଙ୍କୁ ଇସ୍‌ଲାମର ବିଦ୍ରୋହୀ ଅଭିହିତ କରିବା ସହ ତାଙ୍କ ହତ୍ୟା ଇସ୍‌ଲାମ ଦ୍ୱାରା ଗ୍ରହଣୀୟ ହେବ ବୋଲି କହିଥିଲେ।

### ଇସ୍‌ଲାମରେ ସଂସ୍କାର ନ ଆସିଲେ..


ତସ୍‌ଲିମା ନସରିନ୍

ସଲ୍‌ମାନ ରଶ୍‌ଡିଙ୍କ ଉପରେ ଆକ୍ରମଣକୁ ନେଇ ଟୁଇଟରେ ପ୍ରତିକ୍ରିୟା ରଖିଛନ୍ତି ବାଂଲାଦେଶୀ ଲେଖିକା ତସ୍‌ଲିମା ନସରିନ୍। ସେ କହିଛନ୍ତି, 'ସଲ୍‌ମାନଙ୍କ ଉପରେ ଆକ୍ରମଣକୁ ନେଇ ମୁଁ ସ୍ତବ୍ଧ। ଏପରି ହେବ ବୋଲି କେବେ ଭାବି ନ ଥିଲି। ସେ ପାଶ୍ଚାତ୍ୟ ଦେଶରେ ରହୁଥିଲେ। ୧୯୮୯ରୁ ତାଙ୍କୁ ସୁରକ୍ଷା ଯୋଗାଯାଇଛି। ଯଦି ତାଙ୍କ ଉପରେ ଆକ୍ରମଣ କରାଯାଇପାରୁଛି ତେବେ ଇସ୍‌ଲାମର ସମାଲୋଚନା କରୁଥିବା ଯେ କୌଣସି ବ୍ୟକ୍ତିଙ୍କ ଉପରେ ଆକ୍ରମଣ ହୋଇପାରିବ। ଏଥିପାଇଁ ମୁଁ ଚିନ୍ତିତ।' ସେ ଆହୁରି କହିଛନ୍ତି, ୭ମ ଶତାବ୍ଦୀରେ ଇସ୍‌ଲାମ ସମାଲୋଚକଙ୍କୁ ହତ୍ୟା କରାଯାଉଥିଲା। ଏକବିଂଶ ଶତାବ୍ଦୀରେ ବି ତାହା ଚାଲିଛି। ଯଦି ଇସ୍‌ଲାମରେ ସଂସ୍କାର ନ ଆସେ, ଅଭିବ୍ୟକ୍ତି ସ୍ୱାଧୀନତା ନ ମିଳେ ଏବଂ ହିଂସାକୁ ନିନ୍ଦା କରା ନ ଯାଏ ତେବେ ଆଗକୁ ମଧ ଏପରି ହତ୍ୟା ଚାଲିବ। କୌଣସି ପୁସ୍ତକ ପବିତ୍ର ନୁହେଁ।

### ୬୫୦ କି.ମି. ଗାଡ଼ି ଚଳାଇ ଆସିଥିଲେ ଆକ୍ରମଣକାରୀ


ହାଦି ମାତର

ସଲ୍‌ମାନ ରଶ୍‌ଡିଙ୍କ ଉପରେ ଆକ୍ରମଣ କରିବା ପରେ ନ୍ୟୁୟର୍କ ପୋଲିସ ସଙ୍ଗେ ସଙ୍ଗେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେ ନ୍ୟୁଜର୍ସିରେ ରହୁଥିବାବେଳେ ତାଙ୍କ ନାମ ହାଦି ମାତର(୨୪) ପୋଲିସ ଚିହ୍ନଟ କରିଛି। ପଶ୍ଚିମ ନ୍ୟୁୟର୍କରେ ବକ୍ତୃତା କାର୍ଯ୍ୟକ୍ରମ ଚାଲିଥିବାବେଳେ ରଶଡିଙ୍କ ଭାଷଣ ଦେବା ପାଳି ପଡ଼ିଥିଲା। ସେତେବେଳେ ହାଦି ମାତର ମଞ୍ଚ ଉପରକୁ ମାଡ଼ିଯାଇ ରଶ୍‌ଡିଙ୍କ ବେକ ଏବଂ ପେଟରେ ଛୁରିରେ ଆକ୍ରମଣ କରିଥିଲେ। ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି, ହାଦି ଜଣେ ଇରାନ୍ ସମର୍ଥକ। ସେ ନ୍ୟୁଜର୍ସିର ଫେୟାରଭ୍ୟୁ ସ୍ଥିତ ତାଙ୍କ ଘରୁ ପ୍ରାୟ ୬୫୦ କିଲୋମିଟର ଗାଡ଼ି ଚଳାଇ ଆସିଥିଲେ। ସେ ଲେବାନନ୍‌ର ମୂଳବାସିନ୍ଦା ବୋଲି ଜଣାଯାଇଛି। ତାଙ୍କ ଘରକୁ ସିଲ୍ କରିଦିଆଯାଇଛି।


ଆଜାଦୀ କା ଅମୃତ ମହୋତ୍ସବ ପାଳନ ଉପଲକ୍ଷେ ହାଇଦ୍ରାବାଦର ଏକ କ୍ଲବରେ କଳାକାରମାନେ ଶନିବାର ଦେଶାତ୍ମବୋଧକ ସଙ୍ଗୀତରେ ଲୋକନୃତ୍ୟ ପରିବେଷଣ କରୁଛନ୍ତି।

## ମହିଳାଙ୍କୁ ନିର୍ଧୂମ୍ ପିଟିଲେ ତାଲିବାନୀ ସୈନ୍ୟ

**କାବୁଲ,୧୩।୮**



ଆଫଗାନିସ୍ତାନରେ ତାଲିବାନ୍ ଶାସକ କ୍ଷମତାକୁ ଫେରିବାର ପ୍ରଥମ ବର୍ଷ ବର୍ଷପୂର୍ତ୍ତି ପାଳନ କରିବାକୁ ଯାଉଥିବାବେଳେ ରାଜଧାନୀ କାବୁଲରେ ମହିଳାମାନଙ୍କ ବିରଳ ପ୍ରତିବାଦ ରାଲି ଦେଖିବାକୁ ମିଳିଥିଲା। ତେବେ ତାଲିବାନ ଯୋଦ୍ଧା ସେମାନଙ୍କୁ ଘଉଡ଼ାଇବାକୁ ଯାଇ ଫାଙ୍କା ଗୁଳିଚାଳନା କରିବା ସହ ନିର୍ଧୂମ୍ ମାଡ଼ ମାରିଥିଲେ। ଆଫଗାନିସ୍ତାନରୁ ଆମେରିକା ଓ ନାଟୋ ସେନା ପ୍ରତ୍ୟାହାର ହେବା ପରେ ଗତବର୍ଷ ଅଗଷ୍ଟ ୧୫ରେ ତାଲିବାନ ପୁଣିଥରେ କ୍ଷମତା ଅକ୍ତିଆର କରିଥିଲା। ଆମେରିକାର ହସ୍ତକ୍ଷେପ ଯୋଗୁ ଗତ ଦୁଇ ଦଶନ୍ଧି ମଧ୍ୟରେ ସେଠାର ମହିଳାମାନେ ଯେଉଁ ସୁବିଧା ପାଇଥିଲେ, ତାଲିବାନ ଶାସକ ତାହାକୁ ପ୍ରତ୍ୟାହାର କରିନେଇଛି। ଏହାର ପ୍ରତିବାଦରେ ପ୍ରାୟ ୪୦ ଜଣ ମହିଳା ଖାଦ୍ୟ, କାମ ଓ ସ୍ୱାଧୀନତା ଦାବିରେ ସ୍ଲୋଗାନ ଦେଇ

### ବିକ୍ଷୋଭକାରୀଙ୍କୁ ଘଉଡାଇବାକୁ ଫାଙ୍କା ଗୁଳିଚାଳନା

କାବୁଲ ଶିକ୍ଷା ମନ୍ତ୍ରଣାଳୟ ଆଗରେ ରାଲି କରିଥିଲେ। ଅଗଷ୍ଟ ୧୫ କଳା ଦିବସ ଲେଖାଥିବା ଏକ ବ୍ୟାନର ଧରି ବିକ୍ଷୋଭକାରୀମାନେ କାର୍ଯ୍ୟ କରିବା ଏବଂ ରାଜନୀତିରେ ଅଂଶଗ୍ରହଣ ଅଧିକାର ଫେରାଇଦେବା ଲାଗି ଦାବି କରିଥିଲେ। ଅଧିକାଂଶ ବିକ୍ଷୋଭକାରୀ ବୁର୍ଖା ପିନ୍ଧି ନ ଥିଲେ। ତାଲିବାନ ସୈନ୍ୟ ସେମାନଙ୍କୁ ଘଉଡ଼ାଇବାକୁ ଫାଙ୍କା ଗୁଳି ଚଳାଇଥିଲେ। ପାଖ ଦୋକାନଗୁଡ଼ିକରେ ଲୁଚିଥିବା କେତେଜଣ ମହିଳା ବିକ୍ଷୋଭକାରୀଙ୍କୁ ତାଲିବାନ ଯୋଦ୍ଧାମାନେ ରାଇଫଲ ବଟ୍‌ରେ ମାଡ଼ ମାରିଥିଲେ। ସେମାନେ ମହିଳାଙ୍କ ବ୍ୟାନର ଚିରିଦେବା ସହ ମୋବାଇଲ ଫୋନ୍ ଜବତ କରିଥିଲେ। ଖବର ସଂଗ୍ରହ କରିବାକୁ ଯାଇଥିବା କେତେଜଣ ଖବରଦାତାଙ୍କୁ ମଧ ତାଲିବାନ ଯୋଦ୍ଧାମାନେ ମାଡ଼ ମାରିଥିଲେ।

## ଟ୍ରସ୍‌ଙ୍କ ସପକ୍ଷରେ ସୁନକଙ୍କ ସମର୍ଥକ

### ଡାଉନିଂଷ୍ଟ୍ରିଟ୍ ଦୌଡ଼


ଋଷି ସୁନକ


ସାର୍ ରବର୍ଟ ବକ୍‌ଲ୍ୟାଣ୍ଡ


ଲିଜ୍ ଟ୍ରସ

**ଲଣ୍ଡନ, ୧୩।୮:** ବ୍ରିଟେନ ପ୍ରଧାନମନ୍ତ୍ରୀ ଦୌଡ଼ରେ ଥିବା ପୂର୍ବତନ ଅର୍ଥମନ୍ତ୍ରୀ ଋଷି ସୁନକଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ଆରମ୍ଭରୁ ତାଙ୍କୁ ସମର୍ଥନ କରୁଥିବା ବ୍ରିଟେନ କ୍ୟାବିନେଟର ଜଣେ ବରିଷ୍ଠ ମନ୍ତ୍ରୀ ସୁନକଙ୍କ ବଦଳରେ ତାଙ୍କ ବିପକ୍ଷରେ ପ୍ରାର୍ଥୀ ହୋଇଥିବା ବହିର୍ବ୍ୟାପାର ମନ୍ତ୍ରୀ ଲିଜ୍ ଟ୍ରସ୍‌ଙ୍କ ଆଡ଼କୁ ଢଳିଛନ୍ତି। ପ୍ରଧାନମନ୍ତ୍ରୀ ନିର୍ବାଚନ ପୂର୍ବରୁ ପକ୍ଷ ବଦଳାଇବାରେ ସାର୍ ରବର୍ଟ ବକ୍‌ଲ୍ୟାଣ୍ଡ୍ ହେଉଛନ୍ତି ପ୍ରଥମ ଏମ୍‌ପି। ସୁନକଙ୍କ ବଦଳରେ ଟ୍ରସ୍ ଦେଶକୁ ଆଗକୁ ନେବାରେ ଅଧିକ ଦକ୍ଷ ବୋଲି ସେ କହିଛନ୍ତି। ପ୍ରାରମ୍ଭିକ ସଂସଦୀୟ ନିର୍ବାଚନବେଳେ ସୁନକ ତାଙ୍କୁ ଯୋଗ୍ୟ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ମନେ ହୋଇଥିଲେ। ତେଣୁ ସେ ସୁନକଙ୍କୁ ସମର୍ଥନ ଦେଇଥିଲେ। ହେଲେ ବିତର୍କରେ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଟ୍ରସ୍ ଅଧିକ ଯୋଗ୍ୟ ବୋଲି ସେ ମନେ କରିଥିଲେ। ଏପରି ନିଷ୍ପତ୍ତି ବଦଳାଇବା ସହଜ ନୁହେଁ। କିନ୍ତୁ ଟ୍ରସ୍‌ଙ୍କ କଥା ତାଙ୍କୁ ପ୍ରଭାବିତ କରିଛି। ବ୍ୟକ୍ତିତ୍ୱ ବଦଳରେ ବିଚାର ଓ ସିଦ୍ଧାନ୍ତକୁ ସେ ଗୁରୁତ୍ୱ ଦେଇଥିବା ବକ୍‌ଲ୍ୟାଣ୍ଡ କହିଛନ୍ତି।

## ଆତଙ୍କବାଦ ନିରୋଧୀ ସମରାଭ୍ୟାସରେ ପାକ୍

**ଇସ୍‌ଲାମାବାଦ,୧୩।୮**



ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ)ର ସଦସ୍ୟ ଥିବା ଭାରତ ଆସନ୍ତା ଅକ୍ଟୋବରରେ ଅନ୍ତର୍ଜାତୀୟ ଆତଙ୍କବାଦ ନିରୋଧୀ ସମରାଭ୍ୟାସ ଆୟୋଜନ କରିବାକୁ ଯାଉଛି। ଏଥିରେ ଅନ୍ୟତମ ସଦସ୍ୟ ପାକିସ୍ତାନ ସାମିଲ ହେବାକୁ ଯାଉଥିବା ଜଣାପଡ଼ିଛି। ଦୁଇ ପଡୋଶୀ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଭଲ ନ ଥିବା ସତ୍ତ୍ୱେ ଇସ୍‌ଲାମାବାଦ ପ୍ରଥମ ଥର ଲାଗି ଭାରତରେ ଏଭଳି ସମରାଭ୍ୟାସରେ ସାମିଲ ହେବ ବୋଲି ଏହାର ବହିର୍ବ୍ୟାପାର ବିଭାଗ ମୁଖପାତ୍ର ଅସିମ ଇଫ୍‌ତିଖାର ଏକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଚଳିତ ବର୍ଷ ଲାଗି ଏସ୍‌ସିଓର ଆଞ୍ଚଳିକ ଆତଙ୍କବାଦ ନିରୋଧୀ ସଂରଚନା (ଆର୍‌ଏଟିଏସ୍)ରେ ଭାରତ ଅଧକ୍ଷତା କରୁଥିବାରୁ ଏହା ସମରାଭ୍ୟାସର ଆୟୋଜନ କରିବାକୁ ଯାଉଛି। ହରିୟାଣାର ମାନେସାରଠାରେ ହେବାକୁ ଥିବା ଏହି ଆଣ୍ଟି-ଟେରର ଡ୍ରିଲ୍‌ରେ ଭାରତ, ପାକିସ୍ତାନ ବ୍ୟତୀତ ରୁଷିଆ,

### ଅକ୍ଟୋବରରେ ହରିୟାଣାରେ ଆୟୋଜନ

ଚାଇନା, ଇରାନ୍, କାଜାଖସ୍ତାନ, କିରଗିଜସ୍ତାନ, ତାଜିକିସ୍ତାନ ଏବଂ ଉଜ୍‌ବେକିସ୍ତାନର ସୈନ୍ୟ ଯୋଗଦେବେ। ସୂଚନାଯୋଗ୍ୟ, ୨୦୧୯ ଅଗଷ୍ଟ ୫ରେ ଭାରତ ସରକାର ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଏବଂ ୩୫ଏ ହଟାଇବା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା। ଭାରତର ନିଷ୍ପତ୍ତିକୁ ନେଇ ଇସ୍‌ଲାମାବାଦ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବାରୁ କୂଟନୈତିକ ସମ୍ପର୍କ ଖରାପ ହୋଇଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୯,୪୪,୦୨,୮୫୧ | ୬୪,୫୨,୭୦୩ | ୫୬,୬୬,୨୩,୩୪୧ |
| ଭାରତ | ୪,୪୨,୩୯,୩୭୨ | ୫,୨୬,୯୯୬ | ୪,୩୫,୯୩,୧୧୨ |
| ଓଡ଼ିଶା | ୧୩,୨୨,୧୪୩ | ୯୧୫୪(+୫୩) | ୧୩,୦୯,୬୭୭ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



# ଗଦଗଦିରେ ଯୁଦ୍ଧବିମାନ

**୧୯୮୦ରୁ ୨୦୨୦ ଯାଏ ଅନେକ ଅପରେଶନରେ ସାମିଲ ଥିଲା**

**ପାଟଣା, ୧୩।୮(ସ୍ୱ. ପ୍ର.)**

ଏକାଧିକ ଯୁଦ୍ଧ ଅପରେଶନରେ ସାମିଲ ଥିବା ଭାରତୀୟ ବାୟୁସେନାର ଏକ ସେବାନିବୃତ୍ତ ବିମାନ ମିଗ୍-୨୩ ଯୁବିକୁ କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ ଉଦୟପୁର ପଞ୍ଚାୟତର ଗଦଗଦିଠାରେ ସ୍ଥାୟୀ ଭାବେ ପ୍ରଦର୍ଶନ କରାଯିବ। ଇଞ୍ଜିନବିହୀନ ଉକ୍ତ ବିମାନକୁ ଅତି ନିକଟରୁ ଦେଖିପାରିବେ ପର୍ଯ୍ୟଟକ। ଶୁକ୍ରବାର ୩ଟି ଟ୍ରେଲରରେ ବିମାନର ବିଭିନ୍ନ ଅଂଶ ଗଦଗଦିରେ ପହଞ୍ଚିଥିବାବେଳେ ଶନିବାରଠାରୁ ଏହାର ଫିଟିଂ କାମ ଆରମ୍ଭ ହୋଇଛି। ଦେଶ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ବିବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବାବେଳେ ଯୁଦ୍ଧରେ ସାମିଲ ହୋଇଥିବା ଉକ୍ତ ବିମାନ ଅଞ୍ଚଳର ଶୋଭାବର୍ଦ୍ଧନ କରିବ ବୋଲି ଜଣାପଡ଼ିବା ପରେ ଏହା ଅଞ୍ଚଳବାସୀଙ୍କ ମନରେ ବିପୁଳ ଉତ୍କଣ୍ଠା ସୃଷ୍ଟି ହୋଇଛି।

ସେବାନିବୃତ୍ତ ପରେ ଭାରତୀୟ ବାୟୁସେନାର ରାଜସ୍ଥାନ ଯୋଧପୁରସ୍ଥିତ ଏୟାରବେସ୍‌ରେ ରହିଥିଲା ଉକ୍ତ ବିମାନ। ୧୭ ମିଟର ଲମ୍ବା, ୧୪ ମିଟର ଚଉଡ଼ା ବିଶିଷ୍ଟ ଏହି ବିମାନ ୧୯୮୦ ଠାରୁ ବାୟୁସେନାରେ ସେବା ଯୋଗାଇ ଆସୁଥିଲା। ୧୯୯୯ କାର୍ଗିଲ ଯୁଦ୍ଧ, ବାଲାକୋଟ୍ ସର୍ଜିକାଲ ଷ୍ଟ୍ରାଇକ୍, ୨୦୦୪ର ଅପରେଶନ 'ପରାକ୍ରମ'ରେ ସାମିଲ ହୋଇ ଭାରତୀୟ ସେନାର ଗୌରବ ବଢ଼ାଇଥିଲା। ସମୟ ଅବଧି ଶେଷ ହେବା ପରେ ୨୦୨୦ରେ ଏହାକୁ ବାୟୁସେନାରୁ ସେବାନିବୃତ୍ତ କରାଯାଇଥିଲା। ଏଭଳି ଏକ ବିମାନକୁ ଅଞ୍ଚଳରେ ସ୍ଥାପନ କରିବା ଲାଗି ପଞ୍ଚାୟତ ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ କରାଯାଇଥିଲା। ସ୍ଥାନୀୟ କେତେଜଣ ଅବସରପ୍ରାପ୍ତ ସେନା ଅଧିକାରୀ ଏଥିଲାଗି ଆବଶ୍ୟକ ସହଯୋଗ ଯୋଗାଇ ଦେଇଥିଲେ। ସରକାରୀ ଅନୁମତି ପରେ ଏହା ଗଦଗଦିରେ ପହଞ୍ଚିଛି।

ବାୟୁସେନାର ୨ ପାଇଲଟ୍ ସହ ୬ କର୍ମଚାରୀ ଶନିବାରଠାରୁ ଏହାର ଫିଟିଂ କାମ ଆରମ୍ଭ କରିଛନ୍ତି। ଏହାପରେ ବିମାନକୁ ରଙ୍ଗ କରାଯିବ। ଏସବୁ କାର୍ଯ୍ୟ ପାଇଁ ୨୦ଦିନ ଲାଗିବ ବୋଲି ବାୟୁସେନାର ଅଧିକାରୀ କମଲ ସିଂ କହିଛନ୍ତି। ଜିଲାରେ ପ୍ରଥମ ଥର ପାଇଁ ଏକ ସେବାନିବୃତ୍ତ ଯୁଦ୍ଧ ବିମାନ ସ୍ଥାପନ କରାଯାଉଛି। ଏହି ବିମାନକୁ ଦେଖି ଅଞ୍ଚଳବାସୀ ଉତ୍ସାହିତ ହୋଇପଡ଼ିଛନ୍ତି। ଏନେଇ ଗ୍ରାମ ମନ୍ଦିର ନିକଟ ପଡ଼ିଆରେ ଲୋକଙ୍କ ଭିଡ଼ ଜମୁଛି।

# ରୋଷେଇ କରି ରେକର୍ଡ

**ଚର୍ଚ୍ଚାରେ କେନ୍ଦୁଝରର ବୁସ୍‌ରା**

**କେନ୍ଦୁଝର, ୧୩।୮(ନରେଶ ଚନ୍ଦ୍ର ପଟ୍ଟନାୟକ)**

ଖାଦ୍ୟ ବିଶ୍ୱକୁ ଗୋଟିଏ ଥାଳିରେ ବାନ୍ଧି ରଖିଥାଏ। ଏଭଳି ଚିନ୍ତା ରଖି ପିଲାଦିନରୁ ରୋଷେଇ ପ୍ରତି ଆକୃଷ୍ଟ ହୋଇଥିବା କେନ୍ଦୁଝରର ଝିଅ ବୁସ୍‌ରା ସଲିମ ଦୀର୍ଘ ଘଣ୍ଟା ଧରି ରୋଷେଇ କରି ବିଶ୍ୱ ରେକର୍ଡ କରି ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଛନ୍ତି। ଏଥିପାଇଁ ଇଣ୍ଟରନ୍ୟାଶନାଲ ବୁକ ଅଫ୍ ରେକର୍ଡ୍ସ ପକ୍ଷରୁ ଏବେ ତାଙ୍କୁ ପଦକ ଓ ପ୍ରମାଣପତ୍ର ମିଳିଛି। ସେ ଦୀର୍ଘତମ ରୋଷେଇ ମାରାଥନରେ ଭାଗନେଇ ଏହି ଗୌରବ ହାସଲ କରିଛନ୍ତି।

ବୁସ୍‌ରା ୨୦୨୦ ଅକ୍ଟୋବର ୧୪ରେ ଅନ୍‌ଲାଇନ୍‌ରେ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ନିକଟରେ ତାଙ୍କୁ ଏହି ପ୍ରମାଣପତ୍ର ଓ ମେଡାଲ ମିଳିଛି। ସେ ୮୦ ଘଣ୍ଟା ୨୪ ମିନିଟ୍ ୩୩ ସେକେଣ୍ଡ ଧରି ନନ୍‌ଷ୍ଟପ ନିଜ ରୋଷେଇ ଘରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରି ଏହି ରେକର୍ଡ ହାସଲ କରିଛନ୍ତି। ପୂର୍ବରୁ ଏହି ରେକର୍ଡ ଆମେରିକାର ଜଣେ ବ୍ୟକ୍ତିଙ୍କ ନାମରେ ଥିଲା। ସେ ୬୭ ଘଣ୍ଟା ଅନବରତ ରୋଷେଇ କରି ରେକର୍ଡର ଅଧିକାରୀ ହୋଇଥିଲେ ବୋଲି ବୁସ୍‌ରା କହିଛନ୍ତି। ବାଣିଜ୍ୟରେ ଡିଗ୍ରୀ କରି ଆମେରିକାରେ ଚାଇଲ୍ଡ ନ୍ୟୁଟ୍ରିଶନରେ ଏକ ସାର୍ଟିଫିକେଟ କୋର୍ସ କରିଥିବା ବୁସ୍‌ରା ପିଲାଦିନରୁ ରୋଷେଇ ପ୍ରତି ରୁଚି ରହିଆସିଥିବା କୁହନ୍ତି। ବିଭିନ୍ନ ପ୍ରକାର ରୋଷେଇ କରିବା ତାଙ୍କର ସଉକ ଥିଲା। ବିଶେଷ କରି କୋଭିଡ୍ କଟକଣା ସମୟରେ ସେ ୨୦ରୁ ଊର୍ଦ୍ଧ୍ୱ ଜାତୀୟସ୍ତରୀୟ ରୋଷେଇ ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କୃତ ହୋଇଛନ୍ତି। ଜାତୀୟସ୍ତରରେ ଖ୍ୟାତି ଅର୍ଜନ କରିଥିବା ଶେଫ୍ ରଣବୀର ବ୍ରାର, ଆଶିଷ ଭାସିନଙ୍କଠାରୁ ବେଷ୍ଟ ଟ୍ରାଡିଶନାଲ ଡେଜର୍ଟ ପୁରସ୍କାର ପାଇଥିବା ବୁସରା କହିଛନ୍ତି। ତାଙ୍କ ଘର କେନ୍ଦୁଝର ସହରର ମାଗୁରଗାଡ଼ିଆ ଅଞ୍ଚଳରେ। ୫ବର୍ଷ ପୂର୍ବରୁ ତାଙ୍କର ବିବାହ ଝାଡ଼ଖଣ୍ଡରେ ଜଣେ ବ୍ୟବସାୟୀଙ୍କ ସହ ହୋଇଥିଲା। ୨ପୁଅ ଏବଂ ପରିବାର ସହ ସେ କେନ୍ଦୁଝରରେ ରହୁଛନ୍ତି।



ବୁସ୍‌ରା ସଲିମ






ବିଚାରପତି ଗୌରୀଶଙ୍କର ଶତପଥୀ ଓ ଚିତ୍ତରଞ୍ଜନ ଦାଶଙ୍କୁ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଶପଥପାଠ କରାଉଛନ୍ତି।

# ଶପଥ ନେଲେ ହାଇକୋର୍ଟର ୨ ନୂଆ ବିଚାରପତି

**କଟକ ଅଫିସ, ୧୩।୮**

ଓଡ଼ିଶା ହାଇକୋର୍ଟର ୨ ଜଣ ନବନିଯୁକ୍ତ ବିଚାରପତି ଶନିବାର ଶପଥ ଗ୍ରହଣ କରିଛନ୍ତି। ସେମାନେ ହେଲେ ବିଚାର ବିଭାଗୀୟ ଅଧିକାରୀ ଗୌରୀଶଙ୍କର ଶତପଥୀ ଓ ଚିତ୍ତରଞ୍ଜନ ଦାଶ। ଓଡ଼ିଶା ହାଇକୋର୍ଟ ପୁରୁଣା କୋଠାର ନୂତନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶପଥ ଗ୍ରହଣ ଉତ୍ସବରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଯୋଗଦେଇ ଉଭୟ ବିଚାରପତିଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବିଚାରପତି, ବିଚାର ବିଭାଗୀୟ ଅଧିକାରୀ, ହାଇକୋର୍ଟ ବାର୍ ଆସୋସିଏଶନ୍‌ର କର୍ମକର୍ତ୍ତା ଓ ଆଇନଜୀବୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨୦୨୨ ଜୁଲାଇ ୨୫ରେ ସୁପ୍ରିମକୋର୍ଟ କଲେଜିୟମ ଓଡ଼ିଶା ହାଇକୋର୍ଟର ବିଚାରପତି ନିଯୁକ୍ତି ପାଇଁ ଗୌରୀଶଙ୍କର ଶତପଥୀ ଓ ଚିତ୍ତରଞ୍ଜନ ଦାଶଙ୍କ ନାମ ସୁପାରିସ କରିଥିଲେ। ଭାରତ ସରକାରଙ୍କ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ବରିଷ୍ଠତା ଭିତ୍ତିରେ ଗୌରୀଶଙ୍କର ଶତପଥୀ ଓ ଚିତ୍ତରଞ୍ଜନ ଦାଶଙ୍କୁ ଏହି ନିଯୁକ୍ତି ମିଳିଥିଲା।

# ପାଞ୍ଚ ମହଲାରୁ ଡେଇଁପଡ଼ିଲେ ରୋଗୀ

**ଢେଙ୍କାନାଳ ଜିଲା ଚିକିତ୍ସାଳୟରେ ଅଘଟଣ**

**ଢେଙ୍କାନାଳ ଅଫିସ, ୧୩।୮**

ବାପାଙ୍କ ମୃତ୍ୟୁ ପରେ ମାନସିକ ଚାପରେ ଥିଲେ। ଶନିବାର ହିତାହିତ ଜ୍ଞାନ ହରାଇ ବ୍ଲେଡ୍‌ରେ କାଟି ପକାଇଥିଲେ ହାତଗୋଡ଼। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ୫ମ ମହଲାରୁ ଡେଇଁ ପୁଣି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି ଢେଙ୍କାନାଳ ପରଜଙ୍ଗ ଥାନା ଡମସାହିର ସ୍ୱର୍ଗତ ତଉଲିଆ ନାୟକଙ୍କ ପୁଅ ଚନ୍ଦନ (୩୭)। ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବାବେଳେ ଏଭଳି ଅଭାବନୀୟ ଘଟଣା ଜିଲାରେ ଆଲୋଡ଼ନ ସୃଷ୍ଟି କରିଛି।



ଗୁରୁତର ଚନ୍ଦନ ନାୟକ

ବାପା ତଉଲିଆଙ୍କ ମୃତ୍ୟୁ ପରେ ପରିବାରର ଆର୍ଥିକ ସ୍ଥିତି ଶୋଚନୀୟ ହୋଇପଡ଼ିଥିଲା। ଏହାକୁ ନେଇ ମାନସିକ ଚାପରେ ରହୁଥିଲେ ଚନ୍ଦନ। ସେ କୌଣସି କାର୍ଯ୍ୟରେ ଗଁଦିଆ ଥାନା ଦେଓଗାଁସ୍ଥିତ ଝିଆରୀ ଜ୍ୱାଇଁଙ୍କ ଘରକୁ ଆସିଥିଲେ। ଶୁକ୍ରବାର ମା' ସୁକୁମାରୀ ଏକ ବୋଲେରୋ ଧରି ତାଙ୍କୁ ନେବା ପାଇଁ ଆସିଥିଲେ ହେଁ ସେ ଯାଇ ନ ଥିଲେ। ଶନିବାର ସକାଳେ ବ୍ଲେଡ୍‌ରେ ବେକ, ଦୁଇ ହାତ କାଟି ପ୍ରଥମେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଦେଓଗାଁରେ ରହୁଥିବା ଝିଆରୀ ଜ୍ୱାଇଁ ପୂର୍ବାହ୍ନ ୧୦ଟାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚନ୍ଦନ ୫ମ ମହଲାରେ ଥିବା ସର୍ଜରି ୱାର୍ଡରେ ଚିକିତ୍ସିତ ହେଉଥିଲେ। ତାଙ୍କ ପାଖରେ ସୁକୁମାରୀ ଥିଲେ। ଅପରାହ୍ନ ୩ଟାରେ ମା' ୱାର୍ଡ ନିକଟ ଶୌଚାଳୟକୁ ଯାଇଥିବା ବେଳେ ଚନ୍ଦନ ବାହାରପଟୁ କବାଟ ଦେଇ ପାଞ୍ଚ ମହଲାରୁ ତଳକୁ ଡେଇଁ ପଡ଼ିଥିଲେ। ଚିକିତ୍ସାଳୟର ଜଣେ କର୍ମଚାରୀ ଶୌଚାଳୟ କବାଟ ଖୋଲିବା ବେଳକୁ ଚନ୍ଦନ ଶଯ୍ୟାରେ ନ ଥିଲେ। ପାଟିତୁଣ୍ଡ ଶୁଣି ତଳକୁ ଆସିବା ବେଳକୁ ବଗିଚାରେ ଚନ୍ଦନ ପଡ଼ିଥିଲେ। ତାଙ୍କୁ ତୁରନ୍ତ ଚିକିତ୍ସା କରାଯିବା ସହ ଡାକ୍ତରଙ୍କ ପରାମର୍ଶକ୍ରମେ କଟକ ସ୍ଥାନାନ୍ତର କରାଯାଇଛି।

ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ କୁହନ୍ତି, ୱାର୍ଡ ନିକଟରେ ଥିବା ପାହାଚ ପାଖ ଝରକାରେ ଗ୍ରୀଲ୍‌ରେ କବାଟ ନ ଥିବା ଦେଖି ସେ ତଳକୁ ଡେଇଁପଡ଼ିଥିଲେ। ଏହାର ତଦନ୍ତ କରାଯାଉଛି। ସୂଚନାଯୋଗ୍ୟ, ଜିଲା ଚିକିତ୍ସାଳୟରେ ପୂର୍ବରୁ ଏଭଳି ୨ଟି ଘଟଣା ଘଟିଥିବା ନଜିର ରହିଛି।




# ସୁଶୀଲ ସାହୁ, ସିଦ୍ଧି ସମୃଦ୍ଧିଙ୍କୁ ସୁରଜ ପୁରସ୍କାର






**ଭୁବନେଶ୍ୱର/ଛତ୍ରପୁର, ୧୩।୮(ଡି.ଏନ୍.ଏ)**

- **ଉଭୟଙ୍କ ପରିବାରକୁ ୫ ଲକ୍ଷ ଲେଖାଏ ଚେକ୍**
- **ଭଲ କାମ କରି ସମାଜ ପାଇଁ ପ୍ରେରଣା ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଅଞ୍ଚଳ ଆଲାଡ଼ି ଗ୍ରାମର ସ୍ୱର୍ଗତ ସୁଶୀଲ ସାହୁ ଓ ଗୋପାଳପୁରସ୍ଥିତ କନିଷି ବ୍ଲକ ନୀଳାଚଳ ନଗରର ସିଦ୍ଧି ସମୃଦ୍ଧିଙ୍କୁ ୨୦୨୨ ପାଇଁ ମରଣୋତ୍ତର ଭାବେ 'ସୁରଜ ପୁରସ୍କାର' ପ୍ରଦାନ କରିଛନ୍ତି। ଭିଡିଓ କନ୍‌ଫରେନ୍ସ ଜରିଆରେ ଆୟୋଜିତ କାର୍ଯ୍ୟକ୍ରମରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ସୁଶୀଲଙ୍କ ପତ୍ନୀ ପିଙ୍କି ସାହୁ ଓ ସିଦ୍ଧିଙ୍କ ପିତା ସପନ କୁମାର ବିନ୍ଧାଣୀ ଉଭୟଙ୍କୁ ୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ହୃଦୟ, କିଡ୍‌ନୀ ଓ ଯକୃତ ପରି ଜୀବନ ରକ୍ଷାକାରୀ ଅଙ୍ଗ ଦାନ ପାଇଁ ୨୦୨୦ଠାରୁ ଏହି ପୁରସ୍କାର ଦିଆଯାଉଛି। ୨୦୨୦ରେ ଗଞ୍ଜାମର ମସ୍ତିଷ୍କ ମୃତ ସୁରଜ ବେହେରାଙ୍କ ମାତାପିତା ତାଙ୍କର ୬ଟି ଗୁରୁତ୍ୱପୂର୍ଣ୍ଣ ଅଙ୍ଗଦାନ କରି ୬ଟି ଜୀବନ ରକ୍ଷା କରିଥିବାରୁ ମୁଖ୍ୟମନ୍ତ୍ରୀ ସେହି ବର୍ଷ ତାଙ୍କ ନାମରେ 'ସୁରଜ ପୁରସ୍କାର' ଆରମ୍ଭ କରିଥିଲେ। ଉଭୟ ସୁଶୀଲ ଓ ସିଦ୍ଧିଙ୍କ ମାତାପିତାଙ୍କ ନିକଟରେ ସମାଜ ଋଣୀ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଏହାଦ୍ୱାରା ସମାଜ ଉପରେ ବହୁ ଭଲ ପ୍ରଭାବ ପଡୁଛି। ଏହିପରି ଭଲ କାମ କରି ଏକ ସୁନ୍ଦର ସମାଜ ଗଠନ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଅଙ୍ଗଦାନ ଅନେକ ପରିବାର ପାଇଁ ଆଶା ସୃଷ୍ଟି କରିପାରୁଛି। ଅନ୍ୟର ଜୀବନ ରକ୍ଷା ସବୁଠାରୁ ଅଧିକ ପୁଣ୍ୟ କାର୍ଯ୍ୟ। ଅଙ୍ଗଦାନ ଏକ ସାହସିକ ନିଷ୍ପତ୍ତି। ଅଙ୍ଗଦାନ କରୁଥିବା ପରିବାରଙ୍କ ତ୍ୟାଗର ତୁଳନା ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବାଚସ୍ପତି ଆରୁଖ ଓ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ସୁଶୀଲ ଓ ସିଦ୍ଧିଙ୍କ ପରିବାରର ତ୍ୟାଗକୁ ଉଚ୍ଚ ପ୍ରଶଂସା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି. କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏନ୍‌ଏଚ୍‌ଏମ୍‌ର ନିର୍ଦ୍ଦେଶକ ସ୍ୱାଗତ ଭାଷଣ ଦେଇଥିଲେ ଓ ଡିଏମ୍‌ଇଟି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ ହଲ୍‌ରେ ଏହି କାର୍ଯ୍ୟକ୍ରମ ବେଳେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ପ୍ରିୟରଞ୍ଜନ ପୃଷ୍ଟି, ଜିଲା ଜରୁରିକାଳୀନ ଅଧିକାରୀ ସୁକାନ୍ତ ମିଶ୍ର ଉପସ୍ଥିତ ଥିଲେ।

# ଘରୋଇ ବୈଷୟିକ ଶିକ୍ଷାନୁଷ୍ଠାନ ହଷ୍ଟେଲରେ ଛାତ୍ରଙ୍କ ଆତ୍ମହତ୍ୟା

**ଫୁଲନଖରା, ୧୩।୮(ଡି.ଏନ୍.ଏ.)**

କଟକ ଜିଲା ପାହାଳ ଥାନା ଅନ୍ତର୍ଗତ ଭୀମପୁର ଗ୍ରାମରେ ଥିବା ଏକ ଘରୋଇ ବୈଷୟିକ ଶିକ୍ଷାନୁଷ୍ଠାନର ହଷ୍ଟେଲ ଫ୍ୟାନ୍‌ରେ ଝୁଲି ଜଣେ ଛାତ୍ର ଶନିବାର ଆତ୍ମହତ୍ୟା କରିଛନ୍ତି। ସେ ହେଲେ ମାଲକାନଗିରି ଜିଲା ବାଲିମେଳା ଥାନା ଅନ୍ତର୍ଗତ କୁଡୁମୁଲୁଗୁମ୍ମା ଗ୍ରାମର ସାହିଲ ରାଜବେନୀୟା। ସେ ଉକ୍ତ ଶିକ୍ଷାନୁଷ୍ଠାନରେ ବି-ଟେକ୍ କମ୍ପ୍ୟୁଟର ସାଇନ୍ସ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ଅପରାହ୍ନରେ ହଷ୍ଟେଲର କବାଟ ଭିତରପଟୁ ବନ୍ଦ କରି ଫ୍ୟାନ୍‌ରେ ଗାମୁଛା ବାନ୍ଧି ଝୁଲି ପଡ଼ିଥିଲେ। ସାଙ୍ଗମାନେ କବାଟ ଭାଙ୍ଗି ତାଙ୍କୁ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



**ଆଜିର ମନ୍ତବ୍ୟ**

"କାହାରିକୁ ପ୍ରଶ୍ନ କରିବାର ସ୍ୱାଧୀନତା ବି ଆଉ ନାହିଁ। କ'ଣ ଆମେ ପୁଣି ପରାଧୀନ ହେବାକୁ ଯାଉଛେ। ଅମୃତ ମହୋତ୍ସବ 'ଅମୃତ' ହେବା ଉଚିତ, 'ମୃତ' ଗଣତନ୍ତ୍ର ନୁହେଁ। **-ଉଦ୍ଧବ ଠାକ୍‌ରେ, ଶିବସେନା ମୁଖ୍ୟ**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ରାମଚନ୍ଦ୍ର
ପରିବାରବର୍ଗ



ଇରମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମଙ୍କିପକ୍ସ ଟିକା ପ୍ରସ୍ତୁତି ଦୌଡ଼ରେ ୮ କମ୍ପାନୀ

**ସଂକ୍ରମିତଙ୍କ ସଂଖ୍ୟା ୧୦**

ନୂଆଦିଲ୍ଲୀ,୧୩।୮: ଦିଲ୍ଲୀରେ ଜଣେ ୨୨ ବର୍ଷୀୟା ଆଫ୍ରିକୀୟ ଯୁବତୀ ମଙ୍କିପକ୍ସ ଆକ୍ରାନ୍ତ ଥିବା ପରୀକ୍ଷାରୁ ଜଣାପଡ଼ିଛି। ସେ ମାସେ ପୂର୍ବରୁ ନାଇଜେରିଆ ଯାଇଥିଲେ। ତାଙ୍କୁ ଦୁଇ ଦିନ ପୂର୍ବରୁ ଏଲ୍‌ଏନ୍‌ଜେପି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କୁ ମିଶାଇ ଜାତୀୟ ରାଜଧାନୀରେ ମଙ୍କିପକ୍ସ ସଂକ୍ରମିତଙ୍କ ସଂଖ୍ୟାରେ ୫ରେ ପହଞ୍ଚିଥିବାବେଳେ ଦେଶରେ ୧୦ ହୋଇଛି। ମଙ୍କିପକ୍ସ ଟିକା ଉତ୍ପାଦନ ଲାଗି ଅନୁମତି ପାଇଁ ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର୍‌)କୁ ବିଭିନ୍ନ କମ୍ପାନୀଠାରୁ ୩୧ଟି ବିଡ୍ ମିଳିଛି। ୮ ଟିକା କମ୍ପାନୀ ଭାରତରେ ମଙ୍କିପକ୍ସ ଟିକାର ବିକାଶ ଲାଗି ଆଗ୍ରହ ପ୍ରକାଶ କରିଛନ୍ତି। ଅନ୍ୟ ୨୩ଟି ସଂସ୍ଥା ଭୂତାଣୁ ଚିହ୍ନଟ କିଟ୍ ଉତ୍ପାଦନ କରିବାକୁ ଚାହୁଁଛନ୍ତି।

# ଚାଇନା ଜାହାଜକୁ ପ୍ରବେଶ ଅନୁମତି ଦେଲା ଶ୍ରୀଲଙ୍କା

କଲମ୍ବୋ,୧୩।୮: ଭାରତର ଉଦ୍‌ବେଗ ସତ୍ତ୍ୱେ ଚାଇନାର ବିବାଦୀୟ ରିସର୍ଚ୍ଚ ଜାହାଜକୁ ଶ୍ରୀଲଙ୍କା ଶନିବାର ଏହାର ବନ୍ଦରରେ ପ୍ରବେଶ ଲାଗି ଅନୁମତି ଦେଇଛି। ଉକ୍ତ ଜାହାଜ ଭାରତର ସାମରିକ ପ୍ରତିଷ୍ଠାନଗୁଡ଼ିକ ଉପରେ ଗୋପନ ତଥ୍ୟ ସଂଗ୍ରହ କରିପାରେ ବୋଲି ନୂଆଦିଲ୍ଲୀ ଆଶଙ୍କା କରୁଛି। ଅନ୍ତର୍ଜାତୀୟ ଶିପିଙ୍ଗ ଆଣ୍ଡ ଆନାଲିଟିକ୍ସ ସାଇଟ୍‌ରେ 'ୟୁଆଙ୍ଗ ୱାଙ୍ଗ ୫'କୁ ଏକ ରିସର୍ଚ୍ଚ ଆଣ୍ଡ ସର୍ଭେ ଜାହାଜ ଭାବେ ଦର୍ଶାଯାଇଛି। ଅନ୍ୟପକ୍ଷରେ ଭାରତୀୟ ଗଣମାଧ୍ୟମ ଏହାକୁ ଦ୍ୱୈତ ବ୍ୟବହୃତ ଗୁପ୍ତଚର ଜାହାଜ ବୋଲି କହୁଛନ୍ତି। ଭାରତ ମହାସାଗରରେ ବେଜିଂର ଉପସ୍ଥିତି ବୃଦ୍ଧି ଏବଂ ଚାଇନା ଉପରେ ପ୍ରଭାବ ବିସ୍ତାରକୁ ନେଇ ନୂଆଦିଲ୍ଲୀ ସନ୍ଦେହ ପ୍ରକଟ କରିଛି। ଶ୍ରୀଲଙ୍କାରେ ଚାଇନା ପରିଚାଳିତ ହମ୍ବାଟୋଟା ବନ୍ଦରରେ ଗତ ୧୧ ତାରିଖରେ ୟୁଆଙ୍ଗ ୱାଙ୍ଗ୫ରେ ପ୍ରବେଶ କରିବାର ଥିଲା। ତେବେ ଭାରତର ପ୍ରତିବାଦ ଯୋଗୁ ବେଜିଂ ଏହାର ପ୍ରବେଶକୁ ବିଳମ୍ବିତ କରିଥିବା କୁହାଯାଉଛି। ଅଗଷ୍ଟ ୧୬ରୁ ୨୨ ମଧ୍ୟରେ ଉକ୍ତ ଜାହାଜ ହମ୍ବାଟୋଟା ବନ୍ଦରରେ ପ୍ରବେଶ କରିବା ଲାଗି ଶ୍ରୀଲଙ୍କା ବହିର୍ବ୍ୟାପାର ମନ୍ତ୍ରଣାଳୟର ମଞ୍ଜୁରୀ ପାଇଥିବା ସେଠାକାର ହାର୍ବୋର ମାଷ୍ଟର ନିର୍ମଳ ପି. ସିଲ୍‌ଭା କହିଛନ୍ତି।

# ସମୀର ୱାଙ୍ଖେଡେଙ୍କୁ କ୍ଲିନ୍‌ଚିଟ୍



**ମୁମ୍ବାଇ,୧୩।୮**

ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ମୁମ୍ବାଇର ପୂର୍ବତନ ଜୋନାଲ ନିର୍ଦ୍ଦେଶକ ସମୀର ୱାଙ୍ଖେଡେ ସରକାରୀ ଚାକିରି ପାଇଁ ଜାଲ୍ ଜାତି ପ୍ରମାଣପତ୍ର ଦେଇଥିବା ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରୁଥିବା ଜାତି ଯାଞ୍ଚ କମିଟି ଶନିବାର ୱାଙ୍ଖେଡେଙ୍କୁ କ୍ଲିନ୍‌ଚିଟ୍ ଦେଇଛି। ମହାରାଷ୍ଟ୍ର ସରକାରଙ୍କ ସାମାଜିକ ନ୍ୟାୟ ବିଭାଗ ଏନେଇ ଏକ ନିର୍ଦ୍ଦେଶନାମା ଜାରି କରିଛି। ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଫିସର ୱାଙ୍ଖେଡେ ମୁସଲମାନ ନୁହନ୍ତି, ସେ ମାହାର ଜାତିର ବୋଲି ପ୍ରମାଣିତ ହୋଇଛି, ଯାହା ଏକ ଅନୁସୂଚିତ ଜାତି ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି। ସୂଚନାଯୋଗ୍ୟ, ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ତଥା ଏନ୍‌ସିପି ନେତା ନୱାବ ମଲିକ ୱାଙ୍ଖେଡେଙ୍କ ଜାତିକୁ ନେଇ ପ୍ରଶ୍ନ ଉଠାଇଥିଲେ। ତାଙ୍କ ବିରୋଧରେ ଏକାଧିକ ରାଜନେତା ଅଭିଯୋଗ ଦାଏର କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖର ଲୋକ ମେଳ**
**ଖଣ୍ଟ ସଙ୍ଗେ ଗୋଳ**
**ଖଣ୍ଡିଆ କଟୁରି, ହାଣ୍ଡିଶାଳ ଗୁହାଳ**
**ସଖୀ ଗୋ ମନ୍ଦ ଏ।**

ଦୁଷ୍ଟବ୍ୟକ୍ତିଙ୍କ ସହ ମିତ୍ରତା କଲେ ସମାଜରେ ତିରସ୍କାର ମିଳିବା ସହ ଦୁର୍ଭାଗ୍ୟକୁ ହିଁ ଅର୍ଜିବାକୁ ପଡ଼ିଥାଏ। ଖଣ୍ଟ ବ୍ୟକ୍ତିଙ୍କ ସହ ଶତ୍ରୁତା ବା କଳି ଝଗଡା ଜୀବନ ପ୍ରତି ଭୟ ସୃଷ୍ଟି କରାଇଥାଏ। ଖଣ୍ଡିଆ କଟୁରି କୌଣସି କାମକୁ ଯୋଗ୍ୟ ହୋଇ ନ ଥାଏ। ସେହିପରି ହାଣ୍ଡିଶାଳ ବା ରୋଷେଇ ଘର ଗୁହାଳ ପରି ଅପରିଚ୍ଛନ୍ନ ହେବା ବଡ଼ ଅଶୁଭ ହୋଇଥାଏ। ତେଣୁ ବାସ୍ତବ କ୍ଷେତ୍ରରେ ଏସବୁ ମନ୍ଦ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଖଜୁରି ଗଛର କି ଗୁଣ ଗାଇବି**
**ମୂଳରୁ ପାହାଚ ପାହାଚା।**

ମୂଳରୁ ଚୂଳ ଯାଏ ଦୋଷରେ ଭରା, ସବୁ ପ୍ରକାର ଖରାପ କାର୍ଯ୍ୟରେ ଲିପ୍ତ। ବହୁ ଦୋଷ ଦୁର୍ଗୁଣରେ ପରିପୂର୍ଣ୍ଣ ହୋଇଥିବା ବ୍ୟକ୍ତିର ଗୋଟିଏ ଦୋଷ ଦୁର୍ବଳତା ପ୍ରତି ଟିପ୍ପଣୀ ଦେବା ବା ଅଙ୍ଗୁଳି ଦେଖାଇବା ନିରର୍ଥକ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ**

## ପ୍ରଥମ ପୃଷ୍ଠାରୁ...

### ଛତିଶଗଡ଼ କହୁଛି ...

ସେହିପରି ଲଗାଣ ବର୍ଷା ଯୋଗୁ ବୈତରଣୀ ଓ ଜଳକା ନଦୀର ଜଳସ୍ତର ମଧ୍ୟ ବଢୁଛି। ବନ୍ୟା ଆଶଙ୍କାକୁ ଦୃଷ୍ଟିରେ ରଖି ଜଳସମ୍ପଦ ବିଭାଗ ପକ୍ଷରୁ ବିଭାଗୀୟ ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରି ଦିଆଯାଇଛି। ସତର୍କ ରହି ନିର୍ଦ୍ଦେଶ ମୁତାବକ କାମ କରିବାକୁ କୁହାଯାଇଛି।

ଇଆଇସି କହିଛନ୍ତି, ଯଦି ମହାନଦୀର ଉପର ମୁଣ୍ଡରେ ଆଉ ଅଧିକ ବର୍ଷା ହୁଏ ତେବେ ମଧ୍ୟମ ଧରଣର ବନ୍ୟା ଆସିପାରେ। ଛତିଶଗଡ଼ରେ ପ୍ରବଳ ବର୍ଷା ଯୋଗୁ ହୀରାକୁଦ ଡ୍ୟାମ୍ ଉପରେ ଚାପ ପଡୁଛି। ହୀରାକୁଦରେ ଅଧିକ ଗେଟ୍ ଖୋଲିବା ପାଇଁ ଛତିଶଗଡ଼ର ଜଳସମ୍ପଦ ବିଭାଗ ଅଧିକାରୀମାନେ ଚାପ ପକାଉଛନ୍ତି। ୧୫ ତାରିଖ ସକାଳ ୮ଟା ସୁଦ୍ଧା ବନ୍ୟା ଜଳ ମୁଣ୍ଡଳି ଅତିକ୍ରମ କରିବ। ଏହି ସମୟରେ ସେଠାରେ ପ୍ରତି ସେକେଣ୍ଡରେ ୭ ଲକ୍ଷରୁ ୮ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହୋଇପାରେ। ୨୮ଟିରୁ ଅଧିକ ଗେଟ୍ ଖୋଲାହେଲେ ସାଧାରଣତଃ ବନ୍ୟା ଆଶଙ୍କା କରାଯାଇଥାଏ। ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ତଳମୁଣ୍ଡରେ ଥିବା ଗ୍ରାମଗୁଡ଼ିକୁ ସତର୍କ କରାଯାଇଛି। ଆବଶ୍ୟକ ସ୍ଥଳେ ଲୋକଙ୍କୁ ସ୍ଥାନାନ୍ତର କରିବାକୁ ଜିଲା ପ୍ରଶାସନଙ୍କୁ କୁହାଯାଇଛି। ବିଭାଗୀୟ ବରିଷ୍ଠ ଅଧିକାରୀଙ୍କୁ ପ୍ରଭାବିତ ହେବାକୁ ଥିବା ଜିଲାକୁ ପଠାଯାଉଛି।

ଭଦ୍ରକର ଆଖୁଆପଦାରେ ବୈତରଣୀ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଏଠାରେ ବୈତରଣୀର ବିପଦ ସଙ୍କେତ ସ୍ତର ୧୭.୮୩ ମିଟର ରହିଥିବା ବେଳେ ଏହା ୧୮.୧୪ ମିଟରରେ ପ୍ରବାହିତ ହେଉଛି। ସେଠାରେ ବନ୍ୟା ପାଣି ବଢ଼ିବାରେ ଲାଗିଛି। ସେହିପରି ଜଳକା ନଦୀର ମଥାନୀଠାରେ ବନ୍ୟାଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଏଠାରେ ବିପଦ ସଙ୍କେତ ୫.୫ ମିଟର ଥିବାବେଳେ ଏହା ୬.୩୧ ମିଟରରେ ପ୍ରବାହିତ ହେଉଛି। ମହାନଦୀର ନରାଜଠାରେ ବିପଦ ସଙ୍କେତ ସ୍ତର ୨୬.୪୧ ମିଟର ଥିବାବେଳେ ବନ୍ୟା ଜଳ ୨୪.୪୭ ମିଟର ଉପରେ ପ୍ରବାହିତ ହେଉଛି। ସେହିପରି ଆଳିପିଙ୍ଗଳରେ ମହାନଦୀର ବିପଦ ସଙ୍କେତ ୧୧.୭୬ ମିଟର ଥିବାବେଳେ ବର୍ତ୍ତମାନ ଏହା ୬.୭ ମିଟରରେ ପ୍ରବାହିତ ହେଉଛ। ସୁନ୍ଦରଗଡ଼ ଇବ୍‌ନଦୀରେ ମଧ୍ୟ ବନ୍ୟାଜଳ ବୃଦ୍ଧି ପାଉଛି। ସେହି ନଦୀର ବିପଦ ସଙ୍କେତ ସ୍ତର ୨୨୨ ମିଟର ଥିବା ବେଳେ ବନ୍ୟାଜଳ ୨୧୮.୧୮ ମିଟରରେ ପ୍ରବାହିତ ହେଉଛି। ସେହିପରି ସୁବର୍ଣ୍ଣରେଖା ନଦୀର ଜାମଶୋଳାଘାଟ ଓ ରାଜଘାଟଠାରେ ବନ୍ୟା ଜଳ ବୃଦ୍ଧି ପାଉଥିବା ବେଳେ ଋଷିକୁଲ୍ୟା ନଦୀର ପୁରୁଷୋତ୍ତମପୁରଠାରେ ବନ୍ୟା ପାଣି ଫୁଲିବାରେ ଲାଗିଛି। ବଂଶଧାରାର କାଶୀନଗରଠାରେ ମଧ୍ୟ ବନ୍ୟାଜଳ ବୃଦ୍ଧି ପାଇ ଚାଲିଛି। ଦୁର୍ବଳ ନଦୀବନ୍ଧ ଉପରେ କଡ଼ାକଡ଼ି ଭାବେ ନଜର ରଖିବାକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

ଅନ୍ୟପକ୍ଷରେ ଉତ୍ତର ବଙ୍ଗୋପସାଗର ଅଞ୍ଚଳରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇଛି। ଏହାର ପ୍ରଭାବରେ ଆସନ୍ତା ଦୁଇଦିନ ରାଜ୍ୟର ଅନେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି।

### ହୀରାକୁଦର ୩୪ ଗେଟ୍‌ରେ ଜଳ ନିଷ୍କାସନ

ହୀରାକୁଦ ଜଳଭଣ୍ଡାରରୁ ଶନିବାର ସନ୍ଧ୍ୟା ୭ଟା ସୁଦ୍ଧା ୩୪ ଗୋଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ଗେଟ୍ ସଂଖ୍ୟା ବୃଦ୍ଧି କରାଯାଇଛି। ରିପୋର୍ଟ ଅନୁସାରେ ଜଳଭଣ୍ଡାରରେ ଜଳସ୍ତର ୬୧୭.୦୬ ଫୁଟ୍ ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାରକୁ ୪ଲକ୍ଷ ୬୮ ହଜାର ୧୭ କ୍ୟୁସେକ ଜଳ ପ୍ରବେଶ କରୁଛି। ସ୍ପିଲ୍‌ୱେ, ପାୱାର ଚାନେଲ, କୃଷି, ଶିଳ୍ପ ଆଦି କ୍ଷେତ୍ରକୁ ୪ଲକ୍ଷ ୯୧ ହଜାର ୭୫୦ କ୍ୟୁସେକ ଜଳ ନିଷ୍କାସନ କରାଯାଉଛି। ହୀରାକୁଦ ଜଳଭଣ୍ଡାର ତଳ ମୁଣ୍ଡ ବେଲଗାଁରେ ୨୫ ହଜାର କ୍ୟୁସେକ, ପର୍ଥଲାରେ ୭୯ହଜାର ୫୫୩, ଖଇରମାଲରେ ୫ଲକ୍ଷ ୪୧ହଜାର, ବରମୁଲାରେ ୫ଲକ୍ଷ ୨ହଜାର ୫ଶହ, ମୁଣ୍ଡଳୀରେ ୩ଲକ୍ଷ ୪୨ହଜାର ୩୦୯ କ୍ୟୁସେକ ଜଳ ପ୍ରବାହିତ ହେଉଛି।

### ୩ବର୍ଷ ହେଲା ବସିନି ଜଳ ...

ନେଇ ମନ୍‌ସୁନ୍ ପୂର୍ବରୁ ସାଧାରଣ ବୈଠକ ହୁଏ। ହେଲେ ୩ବର୍ଷ ହେଲା ବୈଠକ ହୋଇପାରିନାହିଁ। ଏବେ ଛତିଶଗଡ଼ରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଛତିଶଗଡ଼ରେ ଡ୍ୟାମ ଓ ବ୍ୟାରେଜଗୁଡ଼ିକର ଗେଟ୍ ଖୋଲା ଅଛି। ହୀରାକୁଦ ଜଳଭଣ୍ଡାରକୁ ମାତ୍ରାଧିକ ବନ୍ୟାଜଳ ପ୍ରବେଶ କରୁଛି। ସମ୍ବଲପୁର ଓ ହୀରାକୁଦ ଜଳଭଣ୍ଡାର ତଳି ଅଞ୍ଚଳରେ ବର୍ଷାର ପରିମାଣ ବଢ଼ି ଚାଲିଛି। ଏଭଳି ପରିସ୍ଥିତିରେ ଛତିଶଗଡ଼ ଜଳସମ୍ପଦ ଅଧିକାରୀ ହୀରାକୁଦ ଡ୍ୟାମ୍‌ର ଅଧିକ ଗେଟ୍ ଖୋଲିବା ପାଇଁ ଚାପ ପକାଉଛନ୍ତି। ଜଳଭଣ୍ଡାର ତଳି ଅଞ୍ଚଳ ଲୋକଙ୍କ ପାଇଁ ବିପଦ ରହିଛି। ଆସନ୍ତା ୨୨ ତାରିଖରେ ସିଡବ୍ଲ୍ୟୁସି ପକ୍ଷରୁ ଏକ ବୈଠକ କରିବା ପାଇଁ ପୁଣି ଉଭୟ ସରକାରଙ୍କୁ ଚିଠି କରାଯାଇଛି। ଛତିଶଗଡ଼ ସରକାରଙ୍କ ଅବହେଳା ଓ ଦାୟିତ୍ୱହୀନତା ପାଇଁ ସେଠାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ଓ ହୀରାକୁଦ ଜଳଭଣ୍ଡାର ଜଳ ପରିଚାଳନାରେ ମଧ୍ୟ ସମସ୍ୟା ସୃଷ୍ଟି ହେଉଛି। ଏବେ ଜଳଭଣ୍ଡାରରେ ୪୫ ପ୍ରତିଶତ ଖାଲି ରହିଛି।

### ଓଡ଼ିଶାର ୩ ସ୍ଥାନକୁ ...

ପ୍ରଜାତିର ପକ୍ଷୀ, ୬୧ ପ୍ରଜାତିର ମାଛ, ୨୬ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ ଦେଖାଯାଆନ୍ତି। ହ୍ରଦ ପାର୍ଶ୍ୱରେ ସବୁଜ ବାଉଁଶ ଗଛ ଏବଂ ଆମ୍ବ ଗଛ ଏହାର ସୌନ୍ଦର୍ଯ୍ୟକୁ ବଢ଼ାଇ ଦେଇଥାଏ। ସେହିପରି ସମ୍ବଲପୁରରେ ଅବସ୍ଥିତ ହୀରାକୁଦ ଜଳଭଣ୍ଡାରର ନିର୍ମାଣ କାର୍ଯ୍ୟ ୧୯୪୭ରେ ଆରମ୍ଭ ହୋଇ ୧୯୫୭ରେ ଖୋଲିଥିଲା। ୬୫,୪୦୦ ହକ୍ଟର ପରିମିତ ଏହି ଜଳଭଣ୍ଡାରରେ ୫୪ ପ୍ରଜାତିର ମାଛ ମିଳେ। ବିପଦରେ ଥିବା ଗୋଟିଏ ପ୍ରଜାତିର ମାଛ ଏବଂ ବିପଦମୁହାଁ ଥିବା ୬ ପ୍ରଜାତିର ମାଛ ଏଠାରେ ରହିଛନ୍ତି। ସେହିପରି ଅର୍ଥନୈତିକ ଗୁରୁତ୍ୱ ବହନ କରୁଥିବା ୨୧ ପ୍ରଜାତିର ମାଛ ମିଳେ। ବର୍ଷକୁ ଏଠାରୁ ୪୮୦ ମିଲିୟନ ଟନ୍ ମାଛ ଧରାହୋଇଥାଏ। ଏହା ଉପରେ ନିର୍ଭର କରି ପ୍ରାୟ ୭ ହଜାର ମତ୍ସ୍ୟଜୀବୀ ପରିବାର ଜୀବିକା ନିର୍ବାହ କରନ୍ତି। ସେହିଭଳି ବ୍ରହ୍ମପୁର ଛତ୍ରପୁରରେ ରହିଛି ତାମ୍ପରା ହ୍ରଦ। ୩୦୦ ହେକ୍ଟର ପରିମିତ ଏହି ହ୍ରଦରେ ପ୍ରାୟ ୬୦ ପ୍ରଜାତିର ପକ୍ଷୀ, ୪୬ ପ୍ରଜାତିର ମାଛ ସହ ବିଭିନ୍ନ ପ୍ରଜାତିର ଉଦ୍ଭିଦ ଦେଖାଯାଆନ୍ତି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଏଠାରେ ଲେକ୍ ଭ୍ୟୁ ପାର୍କ, ବୋଟିଂ, ୱାଟର ସ୍ପୋର୍ଟ୍ସ, ରେଷ୍ଟରୁମ୍, ରିସୋର୍ଟ ଆଦି ରହିଛି।

ରାମସର୍ ମାନ୍ୟତା ପାଇଥିବା ଦେଶର ଅନ୍ୟ ୮ଟି ସ୍ଥଳଗୁଡ଼ିକ ହେଲା ମଧ୍ୟପ୍ରଦେଶର ଯଶୱନ୍ତ ସାଗର, ତାମିଲନାଡୁର ଚିତ୍ରାଙ୍ଗୁଡ଼ି ପକ୍ଷୀ ଅଭୟାରଣ୍ୟ, ସୁଚିନ୍ଦ୍ରମ ଥେରୁର ୱେଟ୍‌ଲାଣ୍ଡ କମ୍ପ୍ଲେକ୍ସ, ବଦୁଭୂର ପକ୍ଷୀ ଅଭୟାରଣ୍ୟ ଓ କଞ୍ଜିରଙ୍କୁଲମ ପକ୍ଷୀ ଅଭୟାରଣ୍ୟ, ମହାରାଷ୍ଟ୍ରର ଥାଣେ କ୍ରିକ୍ ଏବଂ ଜମ୍ମୁ ଓ କଶ୍ମୀରର ହାଇଗମ ଆର୍ଦ୍ରଭୂମି ଓ ଶାଲବଗ ଆର୍ଦ୍ରଭୂମି। କେନ୍ଦ୍ର ଜଙ୍ଗଲ ମନ୍ତ୍ରୀ ଟୁଇଟ୍ କରି କହିଛନ୍ତି, ଏହି ନୂତନ ୧୧ ସ୍ଥାନକୁ ମିଶାଇଲେ ଦେଶରେ ରାମସର୍ ସ୍ଥଳ ସଂଖ୍ୟା ୭୫ରେ ପହଞ୍ଚିଛି। ୧୯୮୨ରୁ ୨୦୧୩ ମଧ୍ୟରେ ୨୬ଟି ରାମସର୍ ସ୍ଥଳ ରହିଥିଲା। ୨୦୨୨ରେ କେବଳ ୨୮ଟି ସ୍ଥଳକୁ ରାମସର୍ ମାନ୍ୟତା ଦିଆଯାଇଛି। ଦେଶ ଏବେ ସ୍ୱାଧୀନତାର ୭୫ ବର୍ଷ ପାଇଁ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରୁଥିବାବେଳେ କେନ୍ଦ୍ର ସରକାର ରାମସର୍ ସ୍ଥଳ ସଂଖ୍ୟା ବୃଦ୍ଧି କରିଛନ୍ତି। ନୂତନ ରାମସର୍ ସ୍ଥଳର ମୋଟ କ୍ଷେତ୍ରଫଳ ହେଉଛି ୭୬,୩୧୬ ହେକ୍ଟର। ରାମସର୍ ତାଲିକାରେ ସାମିଲ ହେବାପରେ ଏସବୁ ଆର୍ଦ୍ରଭୂମିର ସଂରକ୍ଷଣ ଓ ପରିଚାଳନା ସମେତ ସମ୍ପଦର ସୁବିନିଯୋଗ ସମ୍ଭବ ହୋଇପାରିବ। ସୂଚନାଯୋଗ୍ୟ, ଗତ ୩ ତାରିଖରେ ଦେଶରେ ୧୦ଟି ଆର୍ଦ୍ରଭୂମି ରାମସର୍ ମାନ୍ୟତା ପାଇଥିଲା। ଯେଉଁଥିରେ ଓଡ଼ିଶାର ଅନୁଗୋଳ ଜିଲାର ସାତକୋଶିଆ ଗଣ୍ଡ ସ୍ଥାନ ପାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ଏକାଦଶ ଚନ୍ଦ୍ର ପ୍ରଭାବରେ ଆଜି ଯାହା ଚାହୁଁଛନ୍ତି ତାହା ସହଜ ଓ ସୁବିଧାରେ ପାଇଯିବେ। କର୍ମ କ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଯାତ୍ରା କିମ୍ବା କଠୋର ପରିଶ୍ରମଜନିତ ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରି ପାରନ୍ତି। ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ।

**ବୃଷ**: ସ୍ୱାସ୍ଥ୍ୟ ଖରାପ ନ ଥିଲେ ମଧ୍ୟ ବିଭିନ୍ନ ଘରୋଇ ଝାମେଲା କାରଣରୁ ମନଟା ଭଲ ରହିବ ନାହିଁ। ବାଣିଜ୍ୟ, ଲେଖାପଢ଼ା, ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ବନ୍ଧୁଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ପ୍ରଦର୍ଶନ କରି ପ୍ରଶଂସିତ ହୋଇପାରନ୍ତି। ଦ୍ୱାଦଶରେ ରାହୁ ଥିବାରୁ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ।

**ମିଥୁନ**: ବହୁତ ଦିନରୁ ଅଟକି ରହିଥିବା କାମଗୁଡ଼ିକ ସୁବିଧାରେ ହୋଇଯିବ। କାମ କରିବାର ସ୍ପୃହା ଥିଲେ ମଧ୍ୟ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ସହକର୍ମୀଙ୍କ ସହଯୋଗ ପାଇ ଅସମ୍ପୂର୍ଣ୍ଣ କାର୍ଯ୍ୟ କିଛି ଅଂଶରେ ବଢ଼ିଚାଲିବ। କର୍ମଭାବରେ ଗୁରୁ ହେତୁ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ।

**କର୍କଟ**: କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ଶିଳ୍ପ, ବ୍ୟବସାୟ, ବାଣିଜ୍ୟ, ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଅର୍ଥହାନି ଓ ଅଭାବ ଅସୁବିଧା ଯୋଗୁ ଚିନ୍ତିତ ରହିବେ। ଆକସ୍ମିକ ଭାବେ କାହା ଉପରେ ରାଗି ଅନର୍ଥ ଓ ଶତ୍ରୁତା ସୃଷ୍ଟି ହୋଇପାରେ।

**ସିଂହ**: ହଠାତ୍ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂରଯାତ୍ରା କରିବାକୁ ପଡ଼ିପାରେ। ଦେହ ଭଲ ରହିବ, ମାତ୍ର କଠିନ ପରିଶ୍ରମଜନିତ କ୍ଳାନ୍ତି ବୋଧ କରିବେ। ଆଇନ, ଅଦାଲତ ଓ ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ମଙ୍ଗଳଙ୍କ ପ୍ରଭାବରୁ କାର୍ଯ୍ୟ ହାସଲରେ ସମର୍ଥ ହେବେ, କିନ୍ତୁ ପାରିବାରିକ ସ୍ଥିତି ପୂର୍ବ ଭଳି ରହିବ।

**କନ୍ୟା**: କୌଣସି ଖଳ ଲୋକଙ୍କ କଥାରେ ପଡ଼ି ଭୁଲ ମାର୍ଗର ଅନୁସରଣ କରି ହଇରାଣ ହେବାକୁ ପଡିପାରେ। ଲାଭ ଭାବରେ ଶୁକ୍ର ଥିବାରୁ ହଠାତ୍ ଜଣେ ସହକର୍ମୀଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ ହେବେ। ବିଦେଶରେ ଥିବା ସନ୍ତାନଙ୍କଠାରୁ ସୁଖର ପାଇବେ।

**ତୁଳା**: ଆଜିର ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଜିନିଷ ପାଇ ମନ ଖୁସି ହୋଇଯିବ। କର୍ମ କ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା, କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ, ସାମ୍ବାଦିକତାରେ ସାମାନ୍ୟ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ବନ୍ଧୁମାନଙ୍କ ସାହାଯ୍ୟରୁ ଅର୍ଥ ଲାଭ ଓ ବନ୍ଧୁମିଳନ ଅବଶ୍ୟ ଘଟିବ।

**ବିଛା**: ଅଭିଳାଷ ପୂରଣ ହେବା କାରଣରୁ ମନ ପ୍ରଫୁଲ୍ଲ ରହିବ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହେବା କାରଣରୁ ଅନ୍ୟ ଉପରେ ରାଗି ପାରନ୍ତି। କଳା, ସାହିତ୍ୟ, ପ୍ରକାଶନ, ସାମ୍ବାଦିକତା, ରାଜନୀତି, ସଙ୍ଗଠନ, କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ନିଜ ପରିସରରେ ବନ୍ଧୁଙ୍କ ଦ୍ୱାରା ସଭାରେ ପ୍ରଶଂସିତ ହେବେ।

**ଧନୁ**: କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ପଡ଼ୋଶୀମାନେ ଈର୍ଷାପରାୟଣ ହୋଇ ସମସ୍ୟା ସୃଷ୍ଟିରେ ସହାୟକ ହୋଇପାରନ୍ତି। ପାରସ୍ପରିକ ବୁଝାମଣା ହେତୁ ଭ୍ରାତୃ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବ। ବନ୍ଧୁଙ୍କ ପାଖରେ ବାକି ରହିଥିବା ଟଙ୍କା ପାଇବାରେ ଅସୁବିଧା ହେବ ନାହିଁ।

**ମକର**: ପାରିବାରିକ କ୍ଷେତ୍ରରେ ମାନସିକ ଅଶାନ୍ତି କ୍ରମଶଃ ବୃଦ୍ଧି ପାଇବା କାରଣରୁ ମନରେ ସରସତା ରହିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ କାମ କରନ୍ତୁ, ନଚେତ୍ ଆକସ୍ମିକ ଭାବେ କଳହର ସମ୍ମୁଖୀନ ହୋଇପାରନ୍ତି। ରପ୍ତାନି କାରବାର, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ। ଦୂର ବନ୍ଧୁ ଆଜି ଆସିପାରନ୍ତି।

**କୁମ୍ଭ**: ବହୁ ଦିନ ହେଲା ଯେଉଁ ଜିନିଷଟି ନ ପାଇ ବ୍ୟସ୍ତ ହେଉଥିଲେ, ଆଜି ତାହା ଅତି ସୁବିଧାରେ ପାଇଯିବେ। ହଠାତ୍ ଜଣେ ବନ୍ଧୁ ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିବେ। ବିବାଦୀୟ ଘଟଣା କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଆଲୋଚନା କାଳରେ ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ।

**ମୀନ**: ଆଜି ପ୍ରତ୍ୟେକ କ୍ଷେତ୍ରରେ ମନ ବୁଝିଲା ଭଳି କଥା କହି କାମ ହାସଲ କରିବେ। ଅଟକି ରହିଥିବା କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ। କିନ୍ତୁ ବନ୍ଧୁମାନଙ୍କ ନିକଟରୁ ଅର୍ଥ ଓ ସମ୍ମାନ ପାଇବାରେ କୌଣସି ଅସୁବିଧା ହେବନାହିଁ। ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ।


# classifieds

**Everyday** 0674-2580101, 2549302



MATRIMONIAL

**BRIDE WANTED**

Suitable bride require for brahmin groom for details contact: 7978409094. D-73714

**GROOM WANTED**

Wanted suitable Bengali/Odia groom for my daughter, 5'3", 38y, Assistant Professor. Contact- 8249848300. D-1253

**GROOM wanted for 26yrs goodlooking MBBS doctor Khyatriya girl from highly reputed Odia family. Goodlooking groom from well-mannered and cultured Odia family IAS/ IPS/ IFS / IFoS / Allied services / Good employed PG Doctors below 30yrs age may send details to: dulcybbsr2022@gmail.com.** D-73343

America ଫେରନ୍ତା 47 ବୟସ୍କା Widow କରଣ ଚାକିରିଆ ଝିଅଙ୍କୁ any caste ଘରଜ୍ୱାଇଁ ଆବଶ୍ୟକ। 6371298869. D-1254

**Alliance for pretty Oriya girl 27/5'4" B.Tech,MBA in TCS, BBSR. Father in PSU, Boy should be in MNC/IT Co at BBSR/ Metro. Caste no bar. Mob: 9910041122.** D-1258

real estate

**SALE**

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

3BHK 1660sqft. 4th Floor at Palm Heights opposite Sum Hospital. Call- 7205072051. D-71652

**One Multi Snacks A/C Showroom with running condition sale with all infra and stocks, Kalinga Vihar, Bhubaneswar. 7894022662 (*Approx- 9lakhs).** D-1226

Gharabari conversion plot with 30ft. internal road for sale near DN Regalia Patrapada, Bhubaneswar @ 7978801755. D-73850

**Residential gharabari plot at Brahmanjharilo, Cuttack with boundary wall, electripole, inside Temple on Bank Loan facilities near English Medium High School, 6K.M. from Phulnakhara, 11K.M. from Bhubaneswar. 7809525452.** D-73950

2BHK flat 1265sqft. 2Bath, 2Balcony, Pujaroom, very near GuruNanak Public & Venketeswar School & Saraswati Sisu Mandira at Gudiapokhari Chhaka. 9437562371. D-73713

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-1143

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381. D-73292

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-1144

Buy/Sale. Triplex 18000sqft. Pandra-6,50,00,000/-, 4BHK Duplex Jharpada-1,50,00,000/-, Balianta- 79,00,000/-, Pada Sahi-75,00,000/-.3BHK Apartment Patia-90,00,000/-. Land30000sqft. Jaanla- 6,00,00,000/, Patia-2900, Patrapada-1800, Pahala-1800. 8984071303. D-1251

**ଜାଗା କିଣି ତୁରନ୍ତ ଘର କରନ୍ତୁ। ଭୁବନେଶ୍ୱର New Railway Stationରୁ 400mtr ଦୂରତାରେ yellowzone-sqft.-650/-, ବାରଙ୍ଗ-ତ୍ରିଶୁଳିଆ NH sideରେ sqft.-1500/- (SC plot available). 9078371787.** D-73290

**ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ Sudhananda School & Collegeକୁ ଲାଗି layout approval plot (Bank finance) @9,00,000/- ଦେଇ ତୁରନ୍ତ ଘର କରନ୍ତୁ। (OD Group). 9437033320.** D-73283

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

construction

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1116

healthcare

Newly open SPA positively health benefit with expert. Contact: 7749976301. D-73854

Newly open full body massage 1099 free massage one. Mo: 9583808247. D-1164

**Relax, Refresh your body, Mind at Saikrupa Spa with best therapies. 8984068077.** D-1248

**AFFIDAVIT**

By virtue of an affidavit before Notary Public, Bhubaneswar, on 08.08.2022. I Mamata Sahoo, D/o- Jaladhara Sahoo, residing at/- Plot No-240/78, Lane No-7, Aerodrome Area, Bhubaneswar, Odisha, declare that My actual name is Mamata Sahoo. But my name has been mentioned Mamata Kumari Sahoo. So that Mamata Sahoo and Mamata Kumari Sahoo are one & same person. Hence I will be known as Mamata Sahoo for all purpose.
Sd./- Mamata Sahoo
D-61943

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ସଂକ୍ଷେପରେ**

## ମିଳିଲା ନିଖୋଜ ବ୍ୟାଙ୍କ ଅଧିକାରୀଙ୍କ ମୃତଦେହ

### ଲଛିପୁରସ୍ଥିତ ଅଙ୍ଗନଦୀ କୂଳରୁ ଠାବ

**ସୋନପୁର,୧୩।୮(ନି.ପ୍ର.):** ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ କୃଷି ଅଧିକାରୀ ଦିବ୍ୟରଞ୍ଜନ ମିଶ୍ର(୩୮)ଙ୍କ ଗଳିତ ମୃତଦେହ ଶନିବାର ସନ୍ଧ୍ୟାରେ ସୁବର୍ଣ୍ଣପୁର ଜିଲ୍ଲା ଲଛିପୁରସ୍ଥିତ ଅଙ୍ଗନଦୀ କୂଳରୁ ଜବତ କରାଯାଇଛି। ନିଖୋଜର ୬୬ଘଣ୍ଟା ପରେ ଓଡ୍ରାଫ୍ ଟିମ୍ ବ୍ୟାଙ୍କ ଅଧିକାରୀ ମିଶ୍ରଙ୍କ ମୃତଦେହ ଠାବ କରିଥିଲା। ଡୁଙ୍ଗୁରିପାଲି ଥାନାରେ ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ତେବେ କେଉଁ କାରଣରୁ ସେ ନଦୀକୁ ଡେଇଁ ଆତ୍ମହତ୍ୟା କଲେ ତଦନ୍ତ କରାଯିବ ବୋଲି ଡୁଙ୍ଗୁରିପାଲି ଥାନା ଆଇଆଇସି ସତ୍ୟନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି। ବଲାଙ୍ଗୀର ସହର ଶାନ୍ତିପଡାର ଦିବ୍ୟରଞ୍ଜନ ବରଗଡ ଜିଲ୍ଲା ବରପାଲିସ୍ଥିତ ପିଏନ୍‌ବିର କୃଷି ଅଧିକାରୀଭାବେ କାର୍ଯ୍ୟ କରୁଥିଲେ। ଗତ ବୁଧବାର ସେ ବ୍ୟାଙ୍କ କାର୍ଯ୍ୟରେ ବିନିକାକୁ ଯାଇ ସନ୍ଧ୍ୟାରେ ଘରକୁ ଫେରୁଥିବା ଫୋନରେ ସ୍ତ୍ରୀଙ୍କୁ ଜଣାଇଥିଲେ। ପରେ ରିଂଗ ହେଉଥିଲେ ବି ସେ ଫୋନ ଉଠାଉ ନ ଥିଲେ। ରାତି ୭ଟା ୪୫ ପରେ ତାଙ୍କ ମୋବାଇଲ ଫୋନ ସୁଇଚ୍ ଅଫ ହୋଇଯାଇଥିଲା।

## ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ୧.୭ ଲକ୍ଷ ମାମଲା ଫଇସଲା

କଟକ ଅଫିସ, ୧୩।୮: ରାଜ୍ୟର ୩୦ ଜିଲ୍ଲା କୋର୍ଟରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ତଥା ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ (ଓଏସ୍ଏଲ୍ଏସ୍ଏ)ର ମୁଖ୍ୟ ପୃଷ୍ଠପୋଷକ ଏସ୍. ମୁରଲୀଧର ଏବଂ ଓଏସ୍ଏଲ୍ଏସ୍ଏ ଏକ୍‌ଜିକ୍ୟୁଟିଭ ଚେୟାରମ୍ୟାନ ଜଷ୍ଟିସ୍ ଯଶୱନ୍ତ ସିଂଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଲୋକ ଅଦାଲତରେ ଜିଲ୍ଲା ତଥା ତାଲୁକସ୍ତରୀୟ ୩ ଲକ୍ଷ ୧୦ ହଜାର ୮୫୮ ମାମଲା ବିଚାର ପାଇଁ ନିଆଯାଇଥିଲା। ସେଥିରୁ ୧ ଲକ୍ଷ ୭୦ ହଜାର ୨୧୭ ମାମଲାର ଫଇସଲା କରାଯାଇଥିଲା। ସେହିପରି ଅନ୍ୟ ଟ୍ରିବ୍ୟୁନାଲର ୧୬ଟି ବିବାଦ ଫଇସଲା ହୋଇଥିଲା। ମୋଟ୍ ୧ ଲକ୍ଷ ୭୦ ହଜାର ୨୩୩ ମାମଲାର ବିଚାର କରାଯାଇ କ୍ଷତିପୂରଣ ବାବଦକୁ ୧୧୯ କୋଟି ୮୫ ଲକ୍ଷ ୪୩ ହଜାର ୭୩୩ ଟଙ୍କା ଆଦାୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ମାମଲାଗୁଡ଼ିକ ମଧ୍ୟରେ ୨୫ହଜାର ୮୧୭ ଫୌଜଦାରି, ୧୨୩୬ ଚେକ୍ ବାଉନ୍ସ, ୩୨୩୩ ବ୍ୟାଙ୍କ ଲୋନ୍, ୬୦୮ ବିବାହ ସମ୍ପର୍କିତ, ଗୋଟିଏ ଭୂମି ଅଧିଗ୍ରହଣ, ୨୫ଟି ବିଦ୍ୟୁତ୍ ଓ ପାଣି, ୧୪ ଚାକିରି ସମ୍ବନ୍ଧୀୟ, ୩୦ ଶ୍ରମ ଓ ନିଯୁକ୍ତି ବିବାଦ, ୫୧୮୫୫ ରାଜସ୍ୱ, ୧୪୨୧ଟି ଅନ୍ୟ ସିଭିଲ ମାମଲା ଆଦି ରହିଛି।



ନବୀନ ନିବାସରେ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ମିଶନ ଶକ୍ତି ସଦସ୍ୟାମାନେ।

## ୩୦ ଲକ୍ଷ ତ୍ରିରଙ୍ଗା ପ୍ରସ୍ତୁତ କଲା ମିଶନ ଶକ୍ତି

**ଭୁବନେଶ୍ୱର, ୧୩।୮ (ବ୍ୟୁରୋ)**

### ମୁଖ୍ୟମନ୍ତ୍ରୀଙ୍କୁ ଭେଟି କୃତଜ୍ଞତା

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶରେ ହର୍ ଘର୍ ତ୍ରିରଙ୍ଗା ଅଭିଯାନ ଜୋରଦାର ହେବାରେ ଲାଗିଛି। ଅଗଷ୍ଟ ୧୩ରୁ ୧୫ ମଧ୍ୟରେ ସମସ୍ତ ଘର ଏବଂ ଶିକ୍ଷାନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯାଉଛି। ଶନିବାର ମିଶନ ଶକ୍ତି ସ୍ୱୟଂ ସହାୟକ ଓ ଉତ୍ପାଦକ ଗୋଷ୍ଠୀର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ହାତ ତିଆରି ଜାତୀୟ ପତାକା ପ୍ରଦାନ କରିବା ସହ ସେମାନଙ୍କ ଉପରେ ଭରସା ରଖି ଏଭଳି ଏକ ବିଶାଳ ଦାୟିତ୍ୱ ପ୍ରଦାନ କରିଥିବାରୁ କୃତଜ୍ଞତା ଜଣାଇଛନ୍ତି। ୭୬ତମ ସ୍ୱାଧୀନତା ଦିବସ ଅବସରରେ ରାଜ୍ୟର ସମସ୍ତ ସରକାରୀ, ଘରୋଇ ଅନୁଷ୍ଠାନ, ସଂସ୍ଥା ଆଦିରେ ଜାତୀୟ ପତାକା ଉଡ଼ିବ। ମିଶନ ଶକ୍ତି ସଦସ୍ୟାମାନଙ୍କ ଦ୍ୱାରା ପ୍ରସ୍ତୁତ ଏବଂ ଯୋଗାଇ ଦିଆଯାଇଥିବା ଜାତୀୟ ପତାକା ସମ୍ପୂର୍ଣ୍ଣ ସ୍ୱତନ୍ତ୍ର। ଏଥିରେ ସେମାନଙ୍କ ନିଷ୍ଠା, ଆନ୍ତରିକତା ଏବଂ ପର୍ଯ୍ୟାପ୍ତ ଶ୍ରଦ୍ଧା ଭରିରହିଛି ବୋଲି ସଦସ୍ୟାମାନେ କହିଛନ୍ତି।

ଓଡ଼ିଶାରେ ମିଶନ ଶକ୍ତି ସଦସ୍ୟାମାନଙ୍କ ଔଦ୍ୟୋଗିକ ସାମର୍ଥ୍ୟ ଉପରେ ସମ୍ପୂର୍ଣ୍ଣ ଆସ୍ଥା ପ୍ରକଟ କରିବା ସହ ସେମାନଙ୍କ ପାଖରେ ଥିବା ସିଲାଇ ୟୁନିଟଗୁଡ଼ିକର ପୂର୍ଣ୍ଣ ଉପଯୋଗ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ୩୦ ଲକ୍ଷ ଜାତୀୟ ପତାକା ସିଲାଇ କରିବାର ଗୁରୁଦାୟିତ୍ୱ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟର ଗ୍ରାମ ଏବଂ ସହରରେ ୬ ଲକ୍ଷରୁ ଊର୍ଦ୍ଧ୍ୱ ଗୋଷ୍ଠୀ ସଂଗଠିତ ହୋଇପାରିଛନ୍ତି। ଅଗଷ୍ଟ ୧୦ ତାରିଖ ସୁଦ୍ଧା ଏହି ସଦସ୍ୟାମାନଙ୍କ ଦ୍ୱାରା ତିଆରି ହୋଇଥିବା ପତାକାଗୁଡ଼ିକ ପ୍ରତ୍ୟେକ ଜିଲ୍ଲାରୁ ସଂଗୃହୀତ ହୋଇ ବଣ୍ଟନ ଆରମ୍ଭ କରାଯାଇଥିଲା। ପତାକା ତିଆରିର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିଥିବା ବେଳେ ଏହି ତ୍ରିରଙ୍ଗାଗୁଡ଼ିକ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ବିନା ଦେୟରେ ବଣ୍ଟନ କରାଯାଇଛି।

# ୨୦୨୭ ସୁଦ୍ଧା ନୂଆ ୬ ବିମାନବନ୍ଦର

**ଯାଜପୁର ଅଫିସ, ୧୩।୮**

- **୬ ନୂତନ ରେଳପଥ ନିର୍ମାଣ ପ୍ରସ୍ତାବ**
- **ବରଗଡ଼-ନୂଆପଡ଼ା ଭାୟା ପଦ୍ମପୁର ରେଳପଥ ଆଶା ଉଜ୍ଜୀବିତ**
- **୬୩୬୭.୩୪ କୋଟି ଟଙ୍କା ବ୍ୟୟ ଅଟକଳ**

ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ରାଜ୍ୟରେ ୬ଟି ଲେଖାଏ ବିମାନବନ୍ଦର ଏବଂ ରେଳ ପ୍ରକଳ୍ପର ନୂତନ କାର୍ଯ୍ୟ କିମ୍ବା ବିକାଶ ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ଏହାବାଦ୍ ସଡ଼କ ପରିବହନ କ୍ଷେତ୍ରରେ ୬ଟି ପ୍ରକଳ୍ପ ହାତକୁ ନିଆଯାଇଛି। ଏହିସବୁ ପ୍ରକଳ୍ପ ଡ୍ରାଫ୍ଟ ମିଡିୟମ ଟର୍ମ ଷ୍ଟେଟ ଇନ୍‌ଫ୍ରାଷ୍ଟ୍ରକ୍ଚର ଏକ୍ସପେଣ୍ଡିଚର ଫ୍ରେମୱାର୍କ (ଏମ୍‌ଆଇଏଫ୍) ମାଧ୍ୟମରେ ୨୦୨୨-୨୩ରୁ ୨୦୨୬-୨୭ ମଧ୍ୟରେ କାର୍ଯ୍ୟକାରୀ ହେବ। ଏଥିପାଇଁ ୬୩୬୭.୩୪ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହି ମର୍ମରେ ବାଣିଜ୍ୟ ଓ ପରିବହନ ବିଭାଗର ସ୍ୱତନ୍ତ୍ର ସଚିବ ପ୍ରଭାତ କୁମାର ଜେନା ୮।୮।୨୦୨୨ରେ ପ୍ଲାନିଂ ଏବଂ କନଭର୍ଜେନ୍ସ ବିଭାଗର ସ୍ୱତନ୍ତ୍ର ସଚିବଙ୍କ ନିକଟରେ ଏକ କାର୍ଯ୍ୟାନ୍ୱୟନ ଯୋଜନା ଦାଖଲ କରିଛନ୍ତି। ଏହାପରେ ଦୀର୍ଘବର୍ଷ ଧରି ଦାବି କରିଆସୁଥିବା ଅଞ୍ଚଳବାସୀଙ୍କ ସ୍ୱପ୍ନ ସାକାର ହେବା ଆଶା ଉଜ୍ଜ୍ୱଳ ହୋଇଛି।

ରାଜ୍ୟରେ ବର୍ତ୍ତମାନ ୨ଟି ବିମାନବନ୍ଦର ରହିଛି। ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଏବଂ ଝାରସୁଗୁଡ଼ାସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରୁ ବିମାନ ଚଳାଚଳ ହେଉଥିବାବେଳେ ଆଉ ୬ଟି ବିମାନବନ୍ଦର କାର୍ଯ୍ୟକାରୀ କରିବାକୁ ସରକାର ଯୋଜନା କରିଛନ୍ତି। ଏହିକ୍ରମରେ କୋରାପୁଟ ଜିଲ୍ଲାର ଜୟପୁର ବିମାନବନ୍ଦରର ବିକାଶ ପାଇଁ ଆର୍‌ସିଏସ୍-ଉଡାନ ଯୋଜନାରେ ୨୩୨ କୋଟି ଟଙ୍କାର ପ୍ରସ୍ତାବ ରହିଥିଲା। ଏଥିପାଇଁ ୨୦୪ ଏକର ବେସରକାରୀ ଜମି ଅଧିଗ୍ରହଣ କରିବାକୁ ଅତିରିକ୍ତ ଭାବେ ୧୧୨ କୋଟି ଟଙ୍କା ପ୍ରସ୍ତାବ ଦିଆଯାଇଥିଲା। ଏହାପରେ ୧୮୦୦ ମିଟର ରନ୍‌ୱେ ସମ୍ପ୍ରସାରଣ କରିବାକୁ ୧୨୦ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଛି। ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ନିକଟରେ ନୂତନ ଗ୍ରୀନ ଫିଲ୍ଡ ବିମାନବନ୍ଦର ନିର୍ମାଣ କରିବାକୁ ୨୦୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ଏଥିରୁ ୧୦୦ କୋଟି ଟଙ୍କା ଜମି ଅଧିଗ୍ରହଣ, ୫୦ କୋଟି ଟଙ୍କା ରନୱେ ଓ ଗୃହ ଆଦି ନିର୍ମାଣ ଓ ୫୦ କୋଟି ଟଙ୍କାରେ ପାଚେରି ଓ ଟର୍ମିନାଲ ଗୃହ, ଏଟିସି ଟାୱାର ଆଦି ନିର୍ମାଣ ହେବ। ସେହିପରି କଳାହାଣ୍ଡି ଜିଲ୍ଲାର ଉତକେଳା ବିମାନବନ୍ଦରର ରନୱେ ସମ୍ପ୍ରସାରଣ ଓ ଅନ୍ୟାନ୍ୟ ବିକାଶ କାର୍ଯ୍ୟ ପାଇଁ ୫୫ କୋଟି ଟଙ୍କା ପ୍ରସ୍ତାବ ରହିଛି। ଢେଙ୍କାନାଳ ଜିଲ୍ଲାର ବିରସାଲ ବିମାନବନ୍ଦରର ଉନ୍ନତୀକରଣ ସହ ଅନ୍ତର୍ଜାତୀୟସ୍ତରର ପାଇଲଟ ତାଲିମ କେନ୍ଦ୍ର ନିର୍ମାଣ ଲକ୍ଷ୍ୟ ରଖି ୩୮୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ମାଲକାନଗିରିଠାରେ ଏକ ନୂତନ ବିମାନବନ୍ଦର ନିର୍ମାଣ କରିବାକୁ ୫୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ଏହାସହ ପୁରୀଠାରେ ଏକ ନୂତନ ଗ୍ରୀନ୍ ଫିଲ୍ଡ ବିମାନବନ୍ଦର ନିର୍ମାଣ କରିବାକୁ ୩୦୦ କୋଟି ଟଙ୍କାର ପ୍ରସ୍ତାବ ଯାଇଛି। ଏଥିରେ ୧୫୦ କୋଟି ଟଙ୍କା ବେସରକାରୀ ଜମି ଅଧିଗ୍ରହଣ, ୭୫ କୋଟି ଟଙ୍କା ରନ୍‌ୱେ ଓ ପାଚେରି ନିର୍ମାଣ ଏବଂ ୭୫ କୋଟି ଟଙ୍କାରେ ଟର୍ମିନାଲ ବିଲ୍ଡିଂ ଓ ଏଟିସି ଟାୱାର ନିର୍ମାଣ ହେବ।

ରେଳପଥ କ୍ଷେତ୍ରରେ ଦୀର୍ଘବର୍ଷର ଅପେକ୍ଷା ପରେ ୧୪୨ କି.ମି. ଦୈର୍ଘ୍ୟବିଶିଷ୍ଟ ବରଗଡ଼-ନୂଆପଡ଼ା ଭାୟା ପଦ୍ମପୁର ନୂତନ ରେଳଲାଇନ ପ୍ରକଳ୍ପ ନିର୍ମାଣ କରିବାକୁ ପ୍ରସ୍ତାବ ରହିଛି। ଏଥିପାଇଁ ୭୦୦ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ସମ୍ବଲପୁରଠାରୁ ରାୟପୁରର ଦୂରତା ପ୍ରାୟ ୮୦ କି.ମି. ହ୍ରାସ ପାଇବ। ସେହିପରି ବ୍ରହ୍ମପୁର-ସମ୍ବଲପୁର, ପୁରୀ-କୋଣାର୍କ ଓ ଗୁଣୁପୁର-ଥେରୁବାଲି ନୂତନ ରେଳ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ପ୍ରସ୍ତାବ ଦିଆଯାଇଛି। ତେବେ ଏଥିରୁ ଗୁଣୁପୁର-ଥେରୁବାଲି ପ୍ରକଳ୍ପ ପାଇଁ ୧୬୦୦ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଛି। ଏହାବାଦ୍ ପାରାଦୀପ-ଧାମରା (୮୦ କି.ମି.) ରେଳପ୍ରକଳ୍ପ ପାଇଁ ୧୪୭୨ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପାରାଦୀପଠାରୁ ଭଦ୍ରକ ଭାୟା କଟକ ୩୮ କି.ମି. ହ୍ରାସପାଇବ ବୋଲି ଆକ୍ସନ ପ୍ଲାନରେ ଦର୍ଶାଯାଇଛି।

ଏହାବାଦ୍ ଜାତୀୟ ଓ ରାଜ୍ୟ ରାଜପଥରେ ୨୦ଟି ଟ୍ରକ୍ ଟର୍ମିନାଲ, କ୍ୟାମେରା ସର୍ଭିଲାନ୍ସ, ଅଟୋମେଟିକ ଡ୍ରାଇଭିଂ ଟେଷ୍ଟିଂ ସିଷ୍ଟମ୍, ଇଲେକ୍ଟ୍ରି ଭେହିକଲ ପଲିସି, ବ୍ଲକସ୍ତରୀୟ ବସ୍‌ଷ୍ଟାଣ୍ଡ ନିର୍ମାଣ ଓ ବିକାଶ କରିବାକୁ ପ୍ରସ୍ତାବ ଦିଆଯାଇଛି।

## ଅମୃତ ମହୋତ୍ସବକୁ ମାଓବାଦୀଙ୍କ ବିରୋଧ

**ମାଲକାନଗିରି, ୧୩।୮ (ସ୍ୱ.ପ୍ର.)**



ମାଓବାଦୀ ସଙ୍ଗଠନର ଆନ୍ଧ୍ର-ଓଡ଼ିଶା ସୀମା ଜୋନାଲ କମିଟି ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବକୁ ବିରୋଧ କରାଯାଇଛି। ଏନେଇ ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ସେମାନେ ତେଲୁଗୁରେ ଲିଖିତ ପୋଷ୍ଟରମାନ ମାରିଛନ୍ତି। ଏହି ସ୍ୱାଧୀନତା ପୁଞ୍ଜିପତି, ମନୁବାଦୀ, ସାମ୍ରାଜ୍ୟବାଦୀଙ୍କ ସ୍ୱାଧୀନତା। ରାଜନୈତିକ ଦଳଗୁଡ଼ିକ ନିଜର ଫାଇଦା ପାଇଁ ଖଣିଜ ସମ୍ପଦ ବିଦେଶୀଙ୍କ ହାତକୁ ଟେକି ଦେଉଛନ୍ତି। ବିସ୍ଥାପିତ ଜନତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାର ନିଜ ଦାୟିତ୍ୱ ଭୁଲିଯାଇଥିବାରୁ ବିପ୍ଳବ ହିଁ ଏକ ମାତ୍ର ପନ୍ଥା ବୋଲି ଏଥିରେ ଉଲ୍ଲେଖ ରହିଛି।

## ୧୩ ଫୁଟ ଉଚ୍ଚ ଭାରତ ମାନଚିତ୍ର




ଆଇଟିଆଇ ପକ୍ଷରୁ ସ୍ଥାପିତ ହୋଇଥିବା ଭାରତ ମାନଚିତ୍ର।

**ବ୍ରହ୍ମପୁର ଅଫିସ, ୧୩।୮:** ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ବ୍ରହ୍ମପୁର ଶିଳ୍ପ ତାଲିମ ଅନୁଷ୍ଠାନ (ଆଇଟିଆଇ) ପକ୍ଷରୁ ଶନିବାର ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ପାଳନ ଅବସରରେ ୧୩ ଫୁଟ ଉଚ୍ଚତା ବିଶିଷ୍ଟ ୪୦୦ କି.ଗ୍ରା.ର ଭାରତ ମାନଚିତ୍ରକୁ କ୍ୟାମ୍ପସରେ ସ୍ଥାପନ କରାଯାଇଛି। ଏହାକୁ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଡା.କେ.ଏମ୍. ତ୍ରିପାଠୀ ଉନ୍ମୋଚନ କରିଥିଲେ। ଏହା ସର୍ବସାଧାରଣଙ୍କ ନିମନ୍ତେ ସେଲ୍‌ଫି ପଏଣ୍ଟ ଭାବେ ଉପଲବ୍ଧ ରହିବ ବୋଲି ଅଧକ୍ଷ ଡ.ରଜତ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି।

**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**

ନିମ୍ନଲିଖିତ ଟେଣ୍ଡର ଗୁଡ଼ିକ ୱେବ୍‌ସାଇଟ www.ireps.gov.in ରେ ଅପଲୋଡ୍ କରିଦିଆଯାଇଛି ।

ଇ-ଟେଣ୍ଡର ବିଜ୍ଞପ୍ତି ସଂ.Sr.DMM/SBP/Stores/ Tender Publication, ତା. 08.08.2022

କ୍ରମ ସଂ.01, ଟେଣ୍ଡର ନଂ.40225492, ଆଇଟମ ର ବିବରଣୀ : ସାଇଟ୍ ଠାରେ ଇନ୍ଷ୍ଟାଲେଶନ ପାଇଁ RMK ସହିତ ସମସ୍ତ ଯନ୍ତ୍ରପାତୀ (ACCESSORIES) ସହିତ 16 ପୋର୍ଟ ରାଉଟର (8 ସଂଖ୍ୟକ V.35 ଏବଂ 8 ସଂଖ୍ୟକ G.703 ପୋର୍ଟ) ର ଯୋଗାଣ ଏବଂ ସ୍ଥାପନା, ମେକ୍-CISCO, ମୋଡ଼େଲ- ISR_4431/KG କିମ୍ବା ଅନୁରୂପ।

ଟେଣ୍ଡର ମୂଲ୍ୟ (ଟଙ୍କାରେ) : 26,67,744/-,
EMD (ଟଙ୍କାରେ) : 53,350/-
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.05.09.2022 ରିଖ 1500 ଘଟିକାରେ ।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ, ସମ୍ବଲପୁର
PR-379/N/22-23

## ବଢୁଛି ଜଳକା, ବୈତରଣୀ

**ରୂପସା/ଭଣ୍ଡାରିପୋଖରୀ, ୧୩।୮ (ଡି.ଏନ.ଏ./ସ୍ୱ.ପ୍ର.)**



ଚାଷ ଜମିରେ ବନ୍ୟାଜଳ

ଲଗାଣବର୍ଷା ଯୋଗୁ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଦେଇ ପ୍ରବାହିତ ଜଳକା ଓ ଭଦ୍ରକ ଜିଲ୍ଲା ଦେଇ ପ୍ରବାହିତ ବୈତରଣୀ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଜଳକା ନଦୀର ମଥାନୀଠାରେ ବିପଦସଂକେତ ୫.୫ମିଟର ଥିବାବେଳେ ଶୁକ୍ରବାର ଏହା ବିପଦ ସଂକେତ ଅତିକ୍ରମ କରି ୬.୨୯ ମିଟରରେ ପହଞ୍ଚିଥିଲା। ସନ୍ଧ୍ୟାପରେ ଜଳସ୍ତର ହଠାତ୍ କମିବା ଆରମ୍ଭ ହୋଇ ଶନିବାର ପୂର୍ବାହ୍ନ ୭ଟା ସୁଦ୍ଧା ୫.୯୮ରେ ପହଞ୍ଚିଥିଲା। ପୁଣି ଦିନ ୧୦ଟାରୁ ଜଳସ୍ତର ବୃଦ୍ଧି ହୋଇ ଅପରାହ୍ନ ୬ଟାରେ ୬.୩୧ମି.ରେ ପହଞ୍ଚିଥିଲା। ସେହିପରି ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଆଖୁଆପଦା ଆନିକଟଠାରେ ବୈତରଣୀ ବିପଦ ସଙ୍କେତ ଟପିଛି। ଏଠାରେ ବିପଦ ସଙ୍କେତ ୧୭.୮୩ ମିଟର ଥିବାବେଳେ ଶନିବାର ରାତି ୯ଟା ସୁଦ୍ଧା ଜଳସ୍ତର ୧୮.୦୪ ମିଟରରେ ପହଞ୍ଚିଛି।

ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକର ମଥାନୀ, ଦୁଧହଂସା ଏବଂ ସଦର ବ୍ଲକର ରସଲପୁର ଓ ଶ୍ରୀରାମପୁର ପଞ୍ଚାୟତର ୧୫ରୁ ଊର୍ଦ୍ଧ୍ୱ ଗ୍ରାମ ପାଣିଘେରରେ ରହିଛି। ଏହାଛଡ଼ା ରାଉତପଡ଼ା, ଗଡ଼ପଦା, ବାହାର୍ଦ୍ଧା, ବାସୁଚକୁରାଇ ଆଦି ପଞ୍ଚାୟତର ଚାଷଜମି ଜଳମଗ୍ନ ରହିଛି। ଦିନତମାମ ଜଳସ୍ତର ବଢୁଥିବାରୁ ବସ୍ତାରେ ଏକ ବଡ଼ ବନ୍ୟାର ଆଶଙ୍କା କରାଯାଉଛି। ବିଭିନ୍ନ ସ୍ଥାନରେ ନଦୀବନ୍ଧ ଦୁର୍ବଳ ଥିବାରୁ ନଦୀକୂଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ନଦୀର ଉପରମୁଣ୍ଡ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ତଥା ଅନ୍ୟପଟେ ଲଗାଣ ବର୍ଷା ଯୋଗୁ ପ୍ରାୟ ୫୦ ହେକ୍ଟର ଚାଷ ଜମିରେ ବନ୍ୟାଜଳ ଜମି ରହିଛି। ବର୍ଷାଜଳ ନଦୀକୁ ନିଷ୍କାସନ ହୋଇପାରୁ ନ ଥିବାରୁ ଚାଷ ସମ୍ପୂର୍ଣ୍ଣ

### ପାଣିଘେରରେ ୧୫ ଗାଁ

କ୍ଷତି ହେବା ଆଶଙ୍କା ଦେଖାଦେଇଛି।

ଭଦ୍ରକ ଜିଲ୍ଲା ଆଖୁଆପଦା ଜଳସେଚନ ବିଭାଗ ଏସ୍‌ଡିଓ ଶଙ୍କର୍ଷଣ ବେହେରାଙ୍କ ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟାରୁ ଜଳସ୍ତର ହ୍ରାସ ପାଇଥିଲା। ଶନିବାର ସକାଳ ୫ଟା ମଧ୍ୟରେ ୧୭.୫୭ ମିଟରକୁ ଖସିଥିଲା। ଏହାପରେ ସ୍ଥିର ରହି ପୁଣି ସକାଳ ୬ଟାରୁ ବଢ଼ିବା ଆରମ୍ଭ କରିଛି। ଉପରମୁଣ୍ଡରେ ଅଧିକ ବର୍ଷା ଲାଗି ରହିଥିବାରୁ ଜଳସ୍ତର ବୃଦ୍ଧି ପାଉଛି। ବୈତରଣୀର ବନ୍ୟାଜଳ କନ୍ଷିଘାଇ ଏସ୍କେପ ଦେଇ ଭଣ୍ଡାରିପୋଖରୀ ବ୍ଲକର ମାଳଦା, ଷୋଳମପୁର, ନପଙ୍ଗ, ବାଲିପୋଖରୀ ପଞ୍ଚାୟତ ସହ କୁରିଙ୍ଗା ଓ ରହଣିଆ ପଞ୍ଚାୟତର ଆଂଶିକ ଗ୍ରାମରେ ପ୍ରବେଶ କରିବା ଆଶଙ୍କା ରହିଛି।

## ପୁଣି ଭାସିଗଲା ପୋଲ, ୪ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ

### ଫସି ରହିଛନ୍ତି କଲେଜ ଛାତ୍ରୀ

**ପାରଳାଖେମୁଣ୍ଡି, ୧୩।୮ (ଡି.ଏନ୍.ଏ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ଗଜପତି ଜିଲ୍ଲା ମୋହନା ଅଞ୍ଚଳରେ ଲଗାଣ ବର୍ଷା ଲାଗିରହିଛି। ବର୍ଷା ଯୋଗୁଁ ହରଭଙ୍ଗି ନଦୀର ଜଳସ୍ତର ବୃଦ୍ଧି ପାଇ ମୋହନା ନିକଟରେ ଥିବା ଏକ ଅସ୍ଥାୟୀ ପୋଲ ଭାସିଯାଇଛି । ଏହି ଅସ୍ଥାୟୀ ପୋଲଟି ପୂର୍ବରୁ ଭାସିଯାଇଥିଲା, କିନ୍ତୁ ଗ୍ରାମବାସୀ ସେଠାରେ ଯିବାଆସିବା ପାଇଁ ଏକ ଅସ୍ଥାୟୀ ପୋଲ ନିର୍ମାଣ କରିଥିଲେ। ଶନିବାର ଲଗାଣ ବର୍ଷା ଯୋଗୁଁ ସେହି ପୋଲଟି ପୁଣି ଥରେ ଭାସିଯାଇଛି। ଫଳରେ ମୋହନା ଠାରୁ ସଂଲଗ୍ନ କରୁଥିବା ବଢ଼େଇପୁର, ଗୁଣ୍ଡିରିଗୁଡା, ନୂଆସାହି ଓ ଧନୁପଙ୍କ ଗାଁକୁ ପୁଣି ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ସକାଳୁ କଲେଜ ଛାତ୍ରୀମାନେ କଲେଜକୁ ଯାଇ ଆଉ ଗାଁକୁ ଫେରି ନ ପାରି ଫସି ରହିଛନ୍ତି। ସେହିପରି ମୋହନା ବସଷ୍ଟାଣ୍ଡ ସାଇଡ୍‌ୱାଲ ଭାଙ୍ଗି ଯାଇଥିବା ବେଳେ ନିକଟସ୍ଥ ବାଇଲଟୁକାଙ୍କ ଗାଁରେ ଜଣକ ଘର ଭାଙ୍ଗି ଯାଇଥିବା ଜଣାପଡ଼ିଛି।

# 'ଜନ କଲ୍ୟାଣରେ ଭାଗୀଦାର ହେଉ ଏନ୍‌ଆଇଟି'

**ରାଉରକେଲା ଅଫିସ, ୧୩।୮**

### ଏନ୍‌ଆଇଟି ରାଉରକେଲାର ୧୯ତମ ସମାବର୍ତ୍ତନ ସମାରୋହ




ରାଉରକେଲା ଏନ୍‌ଆଇଟି ସମାବର୍ତ୍ତନ ଉତ୍ସବରେ ମଞ୍ଚାସୀନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟ ଅତିଥିବୃନ୍ଦ।

ରାଉରକେଲା ସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି)ର ୧୯ତମ ସମାବର୍ତ୍ତନ ଉତ୍ସବ ଶନିବାର ଭୁବନେଶ୍ୱର ବେହେରା ପ୍ରେକ୍ଷାଳୟରେ ଉଦ୍‌ଘାଟିତ ହୋଇଛି। ସମାରୋହରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏନ୍‌ଆଇଟି ବ୍ଲକ ଚେନ୍ ଆଧାରିତ ଟେକ୍ନୋଲୋଜି ସାହାଯ୍ୟରେ ସୁନ୍ଦରଗଡ଼ବାସୀଙ୍କ କଲ୍ୟାଣରେ ଭାଗୀଦାର ହେବାକୁ ଆହ୍ୱାନ ଦେଇଛନ୍ତି।

ଏନ୍‌ଆଇଟିର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରି କହିଥିଲେ, ରାଉରକେଲା ଏନ୍‌ଆଇଟି ପରି ସମ୍ମାନଜନକ ଅନୁଷ୍ଠାନ ଶିଳ୍ପ ବିପ୍ଳବ ୪.୦ରୁ ଉଭା ହେଉଥିବା ସୁଯୋଗର ସମ୍ପୂର୍ଣ୍ଣ ବ୍ୟବହାର କରି ସୁନ୍ଦରଗଡ଼ ଜିଲ୍ଲାକୁ ଏକ ଲାବରେଟୋରିରେ ପରିଣତ କରିବା ପାଇଁ ଚେଷ୍ଟା କରିବା ଆବଶ୍ୟକ। ଏହି ଏନ୍‌ଆଇଟି ବ୍ଲକ ଚେନ୍ ଆଧାରିତ ଟେକ୍ନୋଲୋଜି ସାହାଯ୍ୟରେ ସୁନ୍ଦରଗଡ଼ର ସବୁ ଲୋକଙ୍କ ସହ ସଂଯୋଗ ସ୍ଥାପନ କରିବା ଦରକାର। ଆମର ସମୃଦ୍ଧ ଭାଷାଗତ ପରମ୍ପରାକୁ ପ୍ରୋତ୍ସାହନ ଏବଂ ସଂରକ୍ଷଣ କରିବା ପାଇଁ ଆମେ ଟେକ୍ନୋଲୋଜି ବ୍ୟବହାର କରିବା ଜରୁରୀ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ ମତ ଦେଇଥିଲେ। ଏହି ଅବସରରେ ବ୍ଲକ ଚେନ୍ ଆଧାରିତ ଡିଜିଟାଲ ମାନପତ୍ର ପ୍ରଦାନ ସେବାକୁ ସେ ଉଦ୍‌ଘାଟନ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କୁ ମେଡ଼ାଲ ଓ ସ୍ନାତକ, ସ୍ନାତକୋତ୍ତର, ପିଏଚ୍‌ଡ଼ି ଡିଗ୍ରୀ ଓ ପୁରାତନ ଛାତ୍ରୀଛାତ୍ରଙ୍କୁ ବିଶିଷ୍ଟ ଆଲୁମନାସ ପୁରସ୍କାର-୨୦୨୧ ପ୍ରଦାନ କରାଯାଇଥିଲା। ସମାରୋହରେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ଓ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଉତ୍ସବରେ ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଏନ୍‌ଆଇଟିର ବରିଷ୍ଠ ପ୍ରଫେସରମାନେ ଉପସ୍ଥିତ ଥିଲେ।

**ଇଣ୍ଡିଆନଅଏଲ** IndianOil

ବିଜ୍ଞାପନ ବିଭାଗ - ଓଡ଼ିଶା ରାଜ୍ୟ କାର୍ଯ୍ୟାଳୟ

**ଇଣ୍ଡିଆନଅଏଲ ସମ୍ବଲପୁର ମଣ୍ଡଳ କାର୍ଯ୍ୟାଳୟ ପାଇଁ ସମ୍ବଲପୁରଠାରେ ଅଫିସ ଆବଶ୍ୟକତା ପାଇଁ ବିଜ୍ଞପ୍ତି**

ଏକ ରାଷ୍ଟ୍ରାୟତ ଉଦ୍ୟୋଗ ଅନ୍ତର୍ଗତ **ଇଣ୍ଡିଆନଅଏଲ କର୍ପୋରେସନ ଲିମିଟେଡ (ଏମଡି), ସମ୍ବଲପୁର ଠାରେ ଅଫିସ ପାଇଁ ଭଡ଼ା ସ୍ଥାନ** ଆବଶ୍ୟକ କରୁଛି, ମୁଖ୍ୟତଃ (କ) ଅଇଁଠାପଲ୍ଲୀ ଚୌକ ଠାରୁ ବରଗଡ଼ ଆଡ଼କୁ ଏନଏଚ-୫୩ (ପୂର୍ବରୁ ଏନଏଚ-6)ର ୩ କିମି ମଧ୍ୟରେ, (ଖ) ଅଇଁଠାପଲ୍ଲୀ ଚୌକ ଠାରୁ ଝାରସୁଗୁଡ଼ା ଆଡ଼କୁ ଏସଏଚର ୩ କିମି ମଧ୍ୟରେ, (ଗ) ଅଇଁଠାପଲ୍ଲୀ ଚୌକ ଠାରୁ ସିନ୍ଦୁରପଙ୍କ ଆଡ଼କୁ ଏନଏଚ-53 (ପୂର୍ବରୁ ଏନଏଚ-6)ର 2 କିମି ମଧ୍ୟରେ, (ଘ) ଅଇଁଠାପଲ୍ଲୀ ଚୌକ ଠାରୁ ଅଣ ଏନଏଚ/ଏସଏଚ, ମୋଟରବେଲ ରୋଡ଼ ଆଡ଼କୁ 1.5 କିମି ମଧ୍ୟରେ ।

ବିସ୍ତୃତ ବିଜ୍ଞାପନ ୱେବସାଇଟ **www.iocletenders.nic.in** ରେ ଉପଲବ୍ଧ ଅଛି ।

ଇଚ୍ଛୁକ ପକ୍ଷମାନେ ଏକ ଦୁଇଟି ନିଲାମ ପ୍ରଣାଳୀ ଅଧିନରେ ମୁଦ ଲଫାଫାରେ ଆବେଦନ କରିପାରିବେ ।

**(କ) ବୈଷୟିକ ନିଲାମ:** ମୁଦ ନିଲାମରେ ରହିବ ବିସ୍ତୃତ ଯୋଗାଯୋଗ ଠିକଣା, ଯୋଗାଯୋଗ ନଂ, ଅଫର କରୁଥିବା ଜମିର ପ୍ଲାନ ଓ ନକ୍ସା, ମାଲିକାନା ଦର୍ଶାଉଥିବା ଜମିର ନଥିପତ୍ର, ଅଫରର ଅବଧି ଇତ୍ୟାଦି ପ୍ରଦାନ କରି ଉଲ୍ଲେଖ କରି ଲଫାଫା ଉପରେ 'ବୈଷୟିକ ନିଲାମ' ଲେଖିବା ଆବଶ୍ୟକ ।

**(ଖ) ଅର୍ଥ ନିଲାମ:** ଆଉ ଏକ ବନ୍ଦ ଲଫାଫାରେ ଆଶା କରୁଥିବା ମାସିକ ଭଡ଼ା ଉଲ୍ଲେଖ କରି ଲଫାଫା ଉପରେ 'ଅର୍ଥ ନିଲାମ' ଲେଖିବା ଆବଶ୍ୟକ ।

ଉଭୟ ନିଲାମକୁ ଅନ୍ୟ ଏକ ବନ୍ଦ ଲଫାଫାରେ ଏକତ୍ର ରଖି ଏହା ଉପରେ **'ଅଫିସ ସ୍ଥାନ ପାଇଁ ଅଫର'** ଲେଖି ପଠାଇବା ଆବଶ୍ୟକ । ଅଫର ସହିତ ଏହି ଦୁଇଟି ନିଲାମ ନଥିଲେ ତାହାକୁ ଖାରଜ କରି ଦିଆଯିବ ।

ଅଫରଟି ନିମ୍ନ ଲିଖିତ ଠିକଣାରେ ତା **29.08.2022 ରିଖ 1600ଘ.** ମଧ୍ୟରେ ବା ତା'ପୂର୍ବରୁ ପହଁଚିବା ଉଚିତ : **ଡିଭିଜନାଲ ରିଟେଲ ସେଲସ ହେଡ, ସମ୍ବଲପୁର ଡିଭିଜନାଲ ଅଫିସ, କାଇଁଶିର ରୋଡ, ଅଇଁଠାପଲ୍ଲୀ, ସମ୍ବଲପୁର, ଓଡ଼ିଶା-768004 ।**

- କର୍ପୋରେସନ କୌଣସି କାରଣ ନଦର୍ଶାଇ ବା ନୋଟିସ ନଦେଇ ଏକକ ନିଷ୍ପତି ଆଧାରରେ ଏହି ବିଜ୍ଞାପନର ଧାର୍ଯ୍ୟ ତାରିଖକୁ ସଂଶୋଧନ / ବାତିଲ / ପ୍ରତ୍ୟାହାର / ବୃଦ୍ଧି କରିବାର ଅଧିକାର ବଜାୟ ରଖିଛନ୍ତି ।

ଏହି ବିଜ୍ଞାନ ସମ୍ବନ୍ଧିତ କୌଣସି ଅଧିକ ସୂଚନା ପାଇଁ ପକ୍ଷ ନିମ୍ନ ଲିଖିତ ଠିକଣାରେ ଯୋଗାଯୋଗ କରିବା ଆବଶ୍ୟକ: **ମୁଖ୍ୟ ପ୍ରବନ୍ଧକ (ଇଞ୍ଜିନିୟରିଂ), ସମ୍ବଲପୁର ଡିଭିଜନାଲ ଅଫିସ, ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ, କାଇଁଶିର ରୋଡ, ଅଇଁଠାପଲ୍ଲୀ, ସମ୍ବଲପୁର, ଓଡ଼ିଶା-768004 ।**

ଧରିତ୍ରୀ
DHARITRI
ରବିବାର, ୧୪ ଅଗଷ୍ଟ, ୨୦୨୨

> ଆଗ ତୁମେ ନିଜକୁ ପରିବର୍ତ୍ତନ କର। ତା'ପରେ ଦେଖିବ ଯେ, ପରିସ୍ଥିତି ମଧ୍ୟ ବଦଳି ଯାଇଛି। ... ଯେଉଁ ଚେତନା ତୁମ ଭିତରେ ଓ ତୁମ ଉପରେ କାର୍ଯ୍ୟ କରୁଛି– ତାହା ଆଡକୁ ନିଜକୁ ଖୋଲି ଧର। ପାରୁପର୍ଯ୍ୟନ୍ତ ସର୍ବଦା ସ୍ଥିର ଓ ପ୍ରଶାନ୍ତ ରୁହ। –ଶ୍ରୀମା



# ଅମର ଯୁଗର ଆଶ୍ୱାସନା



ଆକାର ପଟେଲ

ଜୀବନର ୪ଟି ଅବସ୍ଥା ବା ସ୍ତର ସମ୍ପର୍କରେ କିଛି ହିନ୍ଦୁ ଶାସ୍ତ୍ରରେ ଉଲ୍ଲେଖ ରହିଛି। ଏଗୁଡ଼ିକ ହେଲା ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ, ବାନପ୍ରସ୍ଥ ଓ ସନ୍ନ୍ୟାସ। ଜୀବନର ଏକ ଶତାବ୍ଦୀକୁ ୪ ଭାଗ କଲେ ପ୍ରତ୍ୟେକ ଅବସ୍ଥାର ମିଆଦ ୨୫ବର୍ଷ ବୋଲି ବିଚାର କରାଯାଏ। ଶତାବ୍ଦୀର ପ୍ରଥମ ୨୫ ବର୍ଷ ହେଉଛି ବିଦ୍ୟାର୍ଜନ, ସଂଯମ ଏବଂ ଦାରିଦ୍ର୍ୟର ସମୟ। ତେବେ ଆମ ଦେଶର ଏକ ଶତାବ୍ଦୀ ଜୀବନକାଳକୁ ବିଚାରକୁ ନେଲେ ପ୍ରାରମ୍ଭିକ ସ୍ତର ଅର୍ଥାତ୍ ୨୫ ବର୍ଷର ଅବଧି ରହିବ ୧୯୪୭ରୁ ୧୯୭୨ ପର୍ଯ୍ୟନ୍ତ। ଏହି ସମୟରେ ଆମେ ଗରିବ ଥିଲୁ ଓ ଆମ ଲାଗି ରାସ୍ତା ଖୋଜୁଥିଲୁ। ଏହା ଥିଲା ସଂଗ୍ରାମ ଓ ପରାଜୟର ସମୟ। ଏତିକିବେଳେ କିଛି ଶିକ୍ଷା କରିବାର ଆଶା ବାନ୍ଧିଥିଲୁ ଓ ଦେଶର ଜନସଂଖ୍ୟା ୩୫ କୋଟିରୁ ବୃଦ୍ଧି ପାଇ ୫୦ କୋଟିରେ ପହଞ୍ଚିଥିଲା। ଆମର ମୁଣ୍ଡପିଛା ଆୟ ପ୍ରଥମ ସ୍ତରର ୨୫ ବର୍ଷର ଆରମ୍ଭ ସମୟ (୧୯୪୭) ବେଳେ ଯାହା ଥିଲା ଶେଷବେଳକୁ ୧୯୭୨ରେ ଠିକ୍ ତାହା ରହିଥିଲା। ୧୯୭୨ରେ ହାରାହାରି ଭାରତୀୟଙ୍କ ମୁଣ୍ଡପିଛା ଆୟ ମାସକୁ ପାଖାପାଖି ୧୦୦୦ ଟଙ୍କା ଥିଲା, ଯାହା ଏକ ଛାତ୍ରବୃତ୍ତି ସହ ସମାନ। ପରେ ୧୯୭୦ ଦଶନ୍ଧିର ପ୍ରଥମାର୍ଦ୍ଧରୁ ଆରମ୍ଭ ହୁଏ ଦ୍ୱିତୀୟ ସ୍ତର। ଏହା ହେଉଛି ଉତ୍ପାଦକିତାର ସମୟ। ଏତିକିବେଳେ ଆମେ ପରିବାର ସଂଖ୍ୟା ପ୍ରସ୍ତୁତ କରିଥିଲୁ, ଯାହା ୪ଟି ସ୍ତର ମଧ୍ୟରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଆମ ଜନସଂଖ୍ୟା ୧୯୭୨ରେ ୫୦ କୋଟି ଥିଲାବେଳେ ୧୯୯୭ରେ ୧୦୦ କୋଟିରେ ପହଞ୍ଚିଥିଲା। ପରିବାର ସଂଖ୍ୟା ରେକର୍ଡ ସ୍ତରକୁ ବୃଦ୍ଧି ପାଇଥିଲା। ଦେଖାଯାଏ ଯେ, ଏହି ସମୟରେ ଦକ୍ଷିଣ କୋରିଆ, ସିଙ୍ଗାପୁର, ଜାପାନ ଓ ଚାଇନା ସମେତ କେତେକ ଦେଶ ଶୀଘ୍ର ସଫଳତା ଲାଭ କରିଥିଲେ ଓ ବିଶ୍ୱରେ ସେମାନଙ୍କ ଗୁରୁତ୍ୱ ବୃଦ୍ଧି ପାଇଥିଲା। ଭାରତ ଯେଉଁ ସମୟରେ ସ୍ୱାଧୀନତା ପାଇଥିଲା ସେହି ସମୟରେ ନୂଆ ସ୍ୱତନ୍ତ୍ରତାର ସ୍ୱାଦ ପାଇଥିବା କୋରିଆ, ଚାଇନା, ତାଇୱାନ ଏବଂ ଜାପାନ ଏବଂ ୧୯୬୫ରେ ସ୍ୱାଧୀନତା ଲାଭ କରିଥିବା ସିଙ୍ଗାପୁର କମ୍ କିମ୍ବା ବେଶି ସଫଳତା ସହିତ ଏକତ୍ର ଗାର୍ହସ୍ଥ ଅର୍ଥାତ୍ ତୃତୀୟ ସ୍ତରରେ ପ୍ରବେଶ କରିଥିଲେ। ଜାପାନର ମୁଣ୍ଡପିଛା ଆୟ ୧୯୭୨ ତୁଳନାରେ ୩୦୦୦ ଡଲାରରୁ ବୃଦ୍ଧି ପାଇ ୧୯୯୦ ଦଶନ୍ଧି ମଧ୍ୟଭାଗ ସୁଦ୍ଧା ୪୦,୦୦୦ ଡଲାରରେ ପହଞ୍ଚିଥିଲା। ସେହିଭଳି କୋରିଆର ମୁଣ୍ଡପିଛା ଆୟ ୩୦୦ ଡଲାରରୁ, ଯାହା ସେତେବେଳେ ଭାରତର ସମାନ ଏତିକି ରହିଥିଲା, ତାହା ୧୨,୦୦୦ ଡଲାର ଛୁଇଁଥିଲା। ଏହି ସମୟରେ ଲୋକମାନଙ୍କର (ମୋ ମତରେ ଦେଶଗୁଡ଼ିକର)ଗୁରୁତ୍ୱପୂର୍ଣ୍ଣ ଆର୍ଥିକ କାର୍ଯ୍ୟକଳାପ ସାମ୍ନାକୁ ଆସିଥିଲା। କିନ୍ତୁ ଦକ୍ଷିଣ ଏସିଆରେ ଆମେ ବାଂଲାଦେଶ ଓ ପାକିସ୍ତାନର ଭଉଣୀ ଭାଇମାନଙ୍କ ସାଥିରେ ରହିଗଲୁ। ମୁଣ୍ଡପିଛା ଆୟରେ ଏବେ ବାଂଲାଦେଶ ଆମଠାରୁ ସାମାନ୍ୟ ଆଗରେ ଥିବାବେଳେ ପାକିସ୍ତାନ ଅଳ୍ପ ପଛରେ ରହିଛି।

୧୯୯୭ରୁ ୨୦୨୨ ହେଉଛି ଆମର ତୃତୀୟ ତଥା ବାନପ୍ରସ୍ଥ ଅବସ୍ଥା। ଏହି ସମୟରେ ଜାପାନର ମୁଣ୍ଡପିଛା ଆୟ ଆମଠାରୁ ୨୦ଗୁଣ ରହିଥିବାବେଳେ ଚାଇନାର ୬ଗୁଣ ଓ କୋରିଆର ୧୬ଗୁଣ ରହିଛି। ଏକ ଦଶନ୍ଧି ପୂର୍ବେ ଆମ ସହିତ ଥିବା ଭିଏତ୍‌ନାମର ମୁଣ୍ଡପିଛା ଆୟ ଆମଠାରୁ ଦୁଇଗୁଣ ହୋଇଯାଇଛି। ଏହାକୁ ଲକ୍ଷ୍ୟ କଲେ ଆମ ପରପିଢ଼ିକୁ ଉଲ୍ଲେଖନୀୟ ଭାବେ ହସ୍ତାନ୍ତର କରିବା ପାଇଁ ଅର୍ଥନୈତିକ କ୍ଷେତ୍ରରେ ଆମେ ଅଧିକ କିଛି କରିଛୁ କି? ଏହି ସମୟରେ ଆମର ପରିବର୍ତ୍ତନ ହୋଇ ନ ଥିଲା ବୋଲି ଆମେ ମନା କରିପାରିବା ନାହିଁ। କେବଳ ପୁରୁଣା ରାଜନୈତିକ ଦଳ ନୂଆ ରାଜନୈତିକ ଦଳକୁ ବାଟ ଦେଖାଇଛି। ଏବେ ଆମେ ୭୫ ବୟସରେ ୪ର୍ଥ ବା ସନ୍ନ୍ୟାସ ଅବସ୍ଥାରେ ପ୍ରବେଶ କରିଛୁ। ଏହି ସ୍ତରରେ ବିଷୟକ ଲୋଭ, ଘୃଣା ଓ ଅବିଶ୍ୱାସରୁ ଆମକୁ ମୁକ୍ତ ହେବାକୁ ପଡ଼ିବ। ଏହି ଯୁଗ ଆଉ ୨୫ ବର୍ଷ ଚାଲିବ ଓ ୨୦୪୭ରେ ଶେଷ ହେବ। ତଥାପି ଆମେ ଘୃଣା ଓ ଅବିଶ୍ୱାସପୂର୍ଣ୍ଣ ସନ୍ନ୍ୟାସ ଅବସ୍ଥାରେ ପ୍ରବେଶ କରିଛୁ। ହେଲେ ସମ୍ବିଧାନରେ ନିବଦ୍ଧ ବହୁବାଦର ସଙ୍କଳ୍ପ ଏବଂ ଧର୍ମ ନିରପେକ୍ଷତାର ଅନ୍ୱେଷଣକୁ ଆମେ ତ୍ୟାଗ କରିଛୁ। ଅନ୍ୟ ଭାରତୀୟଙ୍କୁ ଦଣ୍ଡ ଦେବା ହିଁ ଆମ ମନୋଭାବ ହୋଇଯାଇଛି। ଜାତୀୟତାବାଦ ଲାଗି ଆମର ଆକାଂକ୍ଷା ଏବଂ ଉତ୍ସାହ ପଲିଷ୍ଟର ପତାକା ଏବଂ ଉତ୍ତେଜକ ଧ୍ୱନି ଭଳି ଉତ୍ସବଭିତ୍ତିକ ଘଟଣା ମାଧ୍ୟମରେ ପ୍ରକାଶ ପାଇଛି। ମୁଣ୍ଡପିଛା ଆୟରେ ନିରୁତ୍ସାହିତ ସଂଖ୍ୟା ଆମକୁ ଉଦ୍‌ବୁଦ୍ଧ ବା ଆଗ୍ରହୀ କରୁନାହିଁ। ମୁଣ୍ଡପିଛା ଆୟରେ ବାଂଲାଦେଶଠାରୁ ପଛରେ ରହିବାରେ ଆମେ ନୈରାଶ୍ୟତା ଅନୁଭବ କରୁନାହୁଁ କି ଏହା ଉପରେ ଦୁଃଖ ପ୍ରକାଶ କରୁନାହୁଁ। ଏହି ସମୟକୁ ଅମୃତ ମହୋତ୍ସବ ଭାବେ ପାଳନ କରିବାକୁ ଆମକୁ କୁହାଯାଉଛି।

ତେବେ ଆମ ପୂର୍ବ ୩ଟି ଅବସ୍ଥାରେ ହାସଲ କରିଥିବା ସଫଳତା ଉପରେ ନା ଚଳିତ ସପ୍ତାହରୁ ଆରମ୍ଭ ହେଉଥିବା ଆଗାମୀ ୨୫ବର୍ଷରେ ଆସିବାକୁ ଥିବା ସଫଳତା ଲାଗି ଏହା ପାଳନ କରିବାକୁ କୁହାଯାଇଛି ତାହା ସ୍ପଷ୍ଟ ହୋଇନାହିଁ। ଯଦି ପୂର୍ବ ବର୍ଷଗୁଡ଼ିକର ସଫଳତା ପାଇଁ ପାଳନ କରାଯାଉଛି ତା'ହେଲେ ସତ କହିବାକୁ ପଡ଼ିବ। ହେଲେ ଆମ ସଫଳତା ବିଷୟରେ ବିଶ୍ୱକୁ ଦେଖାଇବା ଭଳି ଆମ ପାଖରେ କିଛି ନାହିଁ। ଯଦି ଆଗାମୀ ଅବସ୍ଥା ଲାଗି ଉତ୍ସବ ପାଳନ କରୁଛେ, ତେବେ ଅତୀତ ତୁଳନାରେ କ୍ଷତି କରିବାକୁ ନା ପରିବର୍ତ୍ତନ ଆଣିବାକୁ କ'ଣ କରୁଛେ ସେ ବିଷୟରେ ଆମକୁ କିଛି କୁହାଯାଇନାହିଁ। ଆମକୁ କେବଳ ପାଳନ କରିବାକୁ କୁହାଯାଇଛି ଏବଂ ୨୦୪୭ ପର୍ଯ୍ୟନ୍ତ ଆସିବାକୁ ଥିବା ବର୍ଷଗୁଡ଼ିକ ଭାରତର ଅମର ଯୁଗ ହେବ ବୋଲି ଆଶ୍ୱାସନା ଦିଆଯାଉଛି। ଆମେ ଏହାକୁ ଭିତ୍ତିକରି ଉତ୍ସବ ପାଳନ କରୁଛୁ। ଆମ ବ୍ରହ୍ମଚର୍ଯ୍ୟ ଅବସ୍ଥାରେ ଯଦି ଆମେ ଯୁବସ୍ୱଭାବ ପ୍ରଦର୍ଶନ କରିଥାଆନ୍ତେ ତେବେ ଆମ ଅବସର ବା ସନ୍ନ୍ୟାସ ଅବସ୍ଥାରେ ଆମେ ଏମିତି ଏକ ଅନାସକ୍ତ ଭାବ ପ୍ରଦର୍ଶନ କରୁ ନ ଥାନ୍ତେ। ଏହା ଜଣେ ଅଭିଜ୍ଞ ବ୍ୟକ୍ତିଙ୍କର ପ୍ରବୃତ୍ତି ନୁହେଁ କି ବୟସ୍କଙ୍କ ଜ୍ଞାନର ପରିପ୍ରକାଶ ନୁହେଁ। ୧୯୪୭ରୁ ରହିଥିବା ରେକର୍ଡ, ନିକଟ ଅତୀତକୁ ଏବଂ ଆଗାମୀ ୨୫ ବର୍ଷ ଭାରତ ପାଇଁ କ'ଣ ସାଇତି ରଖିଛି ତାହାକୁ ଦେଖିଲେ ଜଣେ ଆଶ୍ଚର୍ଯ୍ୟ ହେବ। ଆମେ ଆଉ ଏକ ସ୍ୱାଧୀନତା ଦିବସ ପାଳନ କରୁଥିବାରୁ ଆମକୁ କିଛି ପ୍ରସଙ୍ଗ ଉପରେ ବିଚାର କରିବାକୁ ହେବ।

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | 4 | | | | | |
| | | | 1 | | 8 | | | 4 |
| | | | | | 9 | | | |
| | | 9 | 6 | 4 | 5 | | | |
| | | 7 | | | | | | |
| | 4 | 3 | 2 | | | | 6 | 1 |
| | | 1 | | | | | | 7 |
| | 2 | 4 | | | | 6 | | |
| 7 | | | | | | 5 | | 9 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 8 | 6 | 1 | 4 | 5 | 9 | 7 | 3 |
| 5 | 3 | 1 | 6 | 9 | 7 | 4 | 2 | 8 |
| 9 | 4 | 7 | 2 | 8 | 3 | 6 | 1 | 5 |
| 1 | 5 | 4 | 3 | 6 | 2 | 7 | 8 | 9 |
| 3 | 7 | 2 | 9 | 1 | 8 | 5 | 6 | 4 |
| 8 | 6 | 9 | 5 | 7 | 4 | 2 | 3 | 1 |
| 4 | 2 | 3 | 8 | 5 | 6 | 1 | 9 | 7 |
| 6 | 9 | 5 | 7 | 3 | 1 | 8 | 4 | 2 |
| 7 | 1 | 8 | 4 | 2 | 9 | 3 | 5 | 6 |

ଗତ କାଲିର ଉତ୍ତର

# 'ରାବିଡ଼ି' ଓ ଖୁସି



ତତ୍ତ୍ୱ ଓ ତର୍କ

ବିମଳ ପାଣ୍ଡିଆ

ଦେଶର ପ୍ରଧାନମନ୍ତ୍ରୀ ଯେତେବେଳେ 'ବର୍ତ୍ତମାନ ଆମ ଦେଶରେ ମାଗଣା ରାବିଡ଼ି ବାଣ୍ଟି ଭୋଟ ହାତେଇବାର ସଭ୍ୟତା ବଢ଼ିଚାଲିଛି; ଏହି ରାବିଡ଼ି ସଭ୍ୟତା ଦେଶର ପ୍ରଗତି ପାଇଁ ବହୁତ ଘାତକ' ବୋଲି କହିବେ, ତେବେ ତାହାକୁ ସହଜରେ ଏଡ଼ାଇ ଦେଇ ହେବ ନାହିଁ। ପ୍ରଧାନମନ୍ତ୍ରୀ କାହାକୁ 'ରାବିଡ଼ି' ବୋଲି ମନେକରୁଛନ୍ତି ଓ ତାହା କିଏ ବାଣ୍ଟୁଛନ୍ତି ସ୍ପଷ୍ଟ କରିନାହାନ୍ତି। ତେବେ, ଯେହେତୁ ସେ ଭୋଟ ସହିତ ମାଗଣା ରାବିଡ଼ିକୁ ଯୋଡ଼ିଛନ୍ତି, ସେଥିରୁ ବୁଝାଯାଉଛି ଯେ ଲୋକଙ୍କୁ ବିଭିନ୍ନ ସରକାର ଦେଉଥିବା ଭିନ୍ନ ଭିନ୍ନ ରିହାତିକୁ ସେ 'ରାବିଡ଼ି' ମନେକରୁଛନ୍ତି। ତେବେ ଆଜିର ଆଲେଖ୍ୟରେ ଆମେ ଏହାର ରାଜନୈତିକ ଦିଗକୁ ଆଦୌ ଯିବା ନାହିଁ ବା ପ୍ରଧାନମନ୍ତ୍ରୀ ପ୍ରକୃତରେ ରାବିଡ଼ିର କ'ଣ ଧାରଣା ରଖିଛନ୍ତି ତାହାର ଚର୍ଚ୍ଚା କରିବା ନାହିଁ। ଆମେ କେବଳ 'ସୁଖ ସୂଚକାଙ୍କ'ରେ ସର୍ବାଗ୍ରେ ଥିବା କିଛି ରାଷ୍ଟ୍ରର ଉଦାହରଣ ନେଇ ସେଠାରେ 'ରାବିଡ଼ି'ର କିଛି ଭୂମିକା ଅଛି ନା ନାହିଁ ଦେଖିବାର ଚେଷ୍ଟା କରିବା।

ପ୍ରଗତି ମାପିବାର ପ୍ରକୃତ ମାପକ କ'ଣ ହେବା ଦରକାର– ଅନେକ ବର୍ଷ ହେଲାଣି ଏହାରି ଉପରେ ଚର୍ଚ୍ଚା ହୋଇଆସିଛି। ବିଶ୍ୱର ଅଧିକାଂଶ ରାଷ୍ଟ୍ରରେ 'ଜିଡିପି' ବା ସମୁଦାୟ କେତେ ଉତ୍ପାଦନ ହେଉଛି, ତାହା ପ୍ରଗତିର ମାପକାଠି ହୋଇ ରହିଛି। ତେବେ ଏଥିରେ ପରିବର୍ତ୍ତନ ଆଣିବାର ଆବଶ୍ୟକତା ଉପଲବ୍ଧି କରି ୨୦୧୧ରେ ମିଳିତ ଜାତିସଂଘର ସାଧାରଣ ପରିଷଦରେ 'ସୁଖ-ପ୍ରଗତିର ଏକ ସାମଗ୍ରିକ ପରିଭାଷା' ଶୀର୍ଷକ ପ୍ରସ୍ତାବ ପାରିତ ହେଲା। ସେଥିରେ କୁହାଯାଇଥିଲା ଯେ, ଲୋକଙ୍କ ସୁଖ ଓ ଖୁସି ହିଁ ଉନ୍ନତି ଓ ପ୍ରଗତିର ପ୍ରକୃତ ପରିଭାଷା। ଏହି କ୍ରମରେ ଏପ୍ରିଲ ୨୦୧୨ରେ ପ୍ରଥମ 'World Happiness Report' ବା ବିଶ୍ୱ ସୁଖୀ ରିପୋର୍ଟ ଆସିଲା। ସେହି ବର୍ଷଠାରୁ ପ୍ରତିବର୍ଷ ସେହି ରିପୋର୍ଟ ପ୍ରସ୍ତୁତ ହେଉଛି। ସେଥିରେ ବିଶ୍ୱର କେଉଁ ରାଷ୍ଟ୍ରର ଲୋକେ କେତେ ସୁଖୀ ତାହା ମାପିବାର ପ୍ରୟାସ କରାଯାଉଛି। ମୋଟ ଘରୋଇ ଉତ୍ପାଦ, ସାମାଜିକ ସହାୟତା, ଜନ୍ମ ସମୟରେ ସୁସ୍ଥ ଆୟୁ ସମ୍ଭାବନା, ନିଜ ପସନ୍ଦର ଜୀବନ ଜିଇବାର ସୁଯୋଗ, ଉଦାରତା ଓ ଦୁର୍ନୀତିର ଅନୁଭବକୁ କାରକ ଭାବରେ ନେଇ 'ସୁଖ ସୂଚକାଙ୍କ' ପ୍ରସ୍ତୁତ କରାଯାଉଛି। ଏହାକୁ ନେଇ ଆଉ ଦ୍ୱିମତ ନାହିଁ ଯେ, ଖୁସି ଆଣିବାରେ ଆୟ ତ ଏକ ବଡ଼ ମାପକ ନିଶ୍ଚୟ ହେବ, କିନ୍ତୁ ତାହା ଆଦୌ ଏକମାତ୍ର ବା ପ୍ରମୁଖ ମାପକ ନୁହେଁ। ନିଜକୁ କେତେ ସୌଭାଗ୍ୟଶାଳୀ ମନେକରୁଛନ୍ତି, ନିଜକୁ କେତେ ସୁଯୋଗ ମିଳୁଛି ବୋଲି ବିବେଚନା କରୁଛନ୍ତି, ଆପଦ ବିପଦରେ ନିଜକୁ କେତେ ସୁରକ୍ଷିତ ମନେକରୁଛନ୍ତି ଇତ୍ୟାଦି ମଧ୍ୟ ଖୁସି ବା ସନ୍ତୁଷ୍ଟି ଆଣିବାରେ ବା ହୃଦୟଙ୍ଗମ କରିବାରେ ପ୍ରମୁଖ କାରକ। ସୁଖୀ ଦେଶଗୁଡ଼ିକର ସନ୍ତୁଷ୍ଟିର କାରଣ ଖୋଜିବା ଆଦୌ କଷ୍ଟପ୍ରଦ ନୁହେଁ। ସେହି ଦେଶର ଲୋକେ ବିଚାର କରନ୍ତି ଯେ, ତାଙ୍କୁ ଚାହୁଁଥିବା ସୁଯୋଗ ମିଳୁଛି, ତାଙ୍କୁ ସାମାଜିକ ସହାୟତା ମିଳୁଛି, ତାଙ୍କ ଦେଶରେ ବିଭେଦ ନାହିଁ, ତାଙ୍କ ସରକାରରେ ଦୁର୍ନୀତି ନାହିଁ। ସେମାନେ ଆହୁରି ବିଚାର କରନ୍ତି ଯେ, ସେମାନେ ସରକାରକୁ ଦେଉଥିବା କର ଅପଚୟ ହେଉନାହିଁ।



ବିଶ୍ୱର ସବୁଠାରୁ ଧନୀ ଓ ବଳୀୟାନ୍ ରାଷ୍ଟ୍ର ଆମେରିକା। କିନ୍ତୁ ଖୁସିରେ ସର୍ବାଗ୍ରେ ଥିବା ରାଷ୍ଟ୍ରଙ୍କ ତାଲିକାରେ ତା' ନାଁ ନାହିଁ। ଫିନ୍‌ଲାଣ୍ଡ, ଡେନ୍‌ମାର୍କ, ନରୱେ ଆଦି ରାଷ୍ଟ୍ର ସେହି ସୂଚୀରେ କ୍ରମାଗତ ଭାବରେ ଶୀର୍ଷରେ ରହି ଆସିଛନ୍ତି। ଲୋକଙ୍କୁ ସମାନ ସୁଯୋଗ ଦେଇ ପ୍ରଗତି ପଥରେ ଆଗେଇ ନେବା ପାଇଁ ସେହି ଦେଶର ସରକାରମାନେ 'ରାବିଡ଼ି' ବାଣ୍ଟିବାରେ ଆଦୌ କାର୍ପଣ୍ୟ କରନ୍ତି ନାହିଁ। ସୁଖ ସୂଚୀରେ ସର୍ବାଗ୍ରେ ରହୁଥିବା ଏଇ ରାଷ୍ଟ୍ରଗୁଡ଼ିକରେ ଶିକ୍ଷା ବ୍ୟବସ୍ଥା ଉନ୍ନତ ଓ ବିଭେଦ ରହିତ। ସେଠାରେ ବିଦ୍ୟାଳୟରେ ପଢ଼ିବା ପାଇଁ ଫିଜ୍ ଦରକାର ପଡ଼େନାହିଁ। ତେଣୁ ଧନୀ ଯେଉଁଠି ପଢ଼ିବ, ଗରିବଟେ ବି ସେଇଠି ପଢ଼ିବାର ସମାନ ସୁଯୋଗ ରହିଛି। ଏହି ମାଗଣା ଶିକ୍ଷା ବ୍ୟବସ୍ଥା ଖାଲି ପ୍ରାଥମିକ ସ୍ତରରେ ନାହିଁ, ଉଚ୍ଚ ଶିକ୍ଷା ସ୍ତରରେ ମଧ୍ୟ ଅଛି। ଅଧ୍ୟୟନ ପାଇଁ ଆର୍ଥିକ ସ୍ୱଚ୍ଛଳତା ଆଦୌ ଏକ କାରକ ନୁହେଁ ସେହିସବୁ ରାଷ୍ଟ୍ରରେ। ସ୍ୱାସ୍ଥ୍ୟସେବା ସେଇଠି ସମସ୍ତଙ୍କ ପାଇଁ ସମାନ। ଧନୀ ପାଇଁ ଯେଉଁ ଡାକ୍ତରଖାନା, ଗରିବ ପାଇଁ ବି ସେୟା। ସବୁ ମାଗଣା। ସେହି ସବୁ ରାଷ୍ଟ୍ରରେ 'ସାମାଜିକ ସୁରକ୍ଷା'କୁ ନାଗରିକର 'ଅଧିକାର' ବୋଲି ବିବେଚନା କରାଯାଏ। ସବୁ ବ୍ୟକ୍ତିଙ୍କୁ ଉପଯୁକ୍ତ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ମିଳିବା, ବ୍ୟକ୍ତିର ଆୟ ନ ଥିଲେ ବା ବେକାର ଥିଲେ ରୋଜଗାରର ବିକଳ୍ପ ସାଧନ ବା ଭତ୍ତା ରହିବା, ବ୍ୟକ୍ତି ବେମାର ବା କାମ କରି ନ ପାରିଲେ ସେବା ଓ ଆୟର ଚିନ୍ତା ନ ଥିବା, ଶିଶୁ ଓ ବୟସ୍କଙ୍କ ପାଇଁ ଉନ୍ନତ ସେବା ବ୍ୟବସ୍ଥା ଥିବା, ବୈଷମ୍ୟ ନ ଥିବା ଇତ୍ୟାଦି ହେଲା 'ସାମାଜିକ ସୁରକ୍ଷା'। ଜଣେ ବ୍ୟକ୍ତି ନିଜକୁ ଚିନ୍ତାମୁକ୍ତ ମନେକରିବା ହେଲା 'ସାମାଜିକ ସୁରକ୍ଷା'ର ମାପକାଠି। ସେହି ଦେଶର ସରକାରମାନେ ଭୋଟ ପାଇଁ ସେଭଳି ବ୍ୟବସ୍ଥା ରଖିନାହାନ୍ତି। ସେମାନେ ବୁଝିଛନ୍ତି ଯେ, ତାହା ହିଁ ଶାସକ ଓ ଶାସନର କର୍ତ୍ତବ୍ୟ। ସୁଖର ସୂଚୀରେ ଆଗରେ ଥିବା ବହୁ ରାଷ୍ଟ୍ର ଆହୁରି ଅନେକ ପ୍ରକାରର 'ରାବିଡ଼ି' ବାଣ୍ଟନ୍ତି। ଲକ୍ସମବର୍ଗ, ଜର୍ମାନୀ ଆଦି ଦେଶରେ ସାର୍ବଜନୀନ ଗମନାଗମନ ବ୍ୟବସ୍ଥା ପ୍ରାୟ ମାଗଣା। ସବୁଠି ବେକାରି, ବରିଷ୍ଠ ନାଗରିକ, ଅନ୍ୟ ଭାବରେ ଦୁର୍ବଳ ଲୋକଙ୍କ ପାଇଁ ସରକାରମାନେ ରାବିଡ଼ିର ବ୍ୟବସ୍ଥା ରଖିଛନ୍ତି। ହଁ, ଗୋଟିଏ ଯୁକ୍ତି ଆସିପାରେ ଯେ ସେହି ଦେଶଗୁଡ଼ିକରେ ସରକାର ଅଧିକ ଆୟକର ନିଅନ୍ତି। ହଁ, ଫିନ୍‌ଲାଣ୍ଡ ଓ ଡେନ୍‌ମାର୍କରେ ତ ଲୋକେ ୫୭% ଯାଏ ଆୟକର ଦିଅନ୍ତି। ସେତିକି କର ଦେଇକି ବି ସେହି ଦେଶର ଲୋକେ ପ୍ରବଳ ଖୁସି। କାରଣ ସେମାନେ ଚାହୁଁଥିବା ସେବା, ସୁଯୋଗ ଓ ବାତାବରଣ ତାଙ୍କୁ ତାଙ୍କ ସରକାର ପ୍ରଦାନ କରନ୍ତି। ଆଉ ସେମାନେ ମନେକରନ୍ତି ଯେ ସେମାନେ ଦେଉଥିବା କରର ସଠିକ ଉପଯୋଗ ହେଉଛି।

୨୦୨୨ର ହାପିନେସ୍ ରିପୋର୍ଟରେ ୧୪୬ଟି ରାଷ୍ଟ୍ରର ସୂଚୀରେ ଭାରତ ଦୟନୀୟ ୧୩୬ତମ ସ୍ଥାନରେ ରହିଛି। ୧୩୫ଟି ରାଷ୍ଟ୍ରର ଲୋକ ଭାରତର ଲୋକଙ୍କଠାରୁ ଅଧିକ ସୁଖୀ ଅଛନ୍ତି। ଯେଉଁ ପ୍ରଗତି ସୁଖ ଆଣେ ନାହିଁ, ତାହା କେତେବେଳେ ବି ପ୍ରଗତି ନୁହଁ। ରାବିଡ଼ି ବାଣ୍ଟିବା ପ୍ରଗତିର ସାଧକ ନା ବାଧକ ତାହାକୁ ନେଇ ଦ୍ୱନ୍ଦ୍ୱ ଥାଇପାରେ, କିନ୍ତୁ ସୁଖ ଯେ ପ୍ରଗତିର ପ୍ରମୁଖ ମାପକାଠି ତାହାକୁ ନେଇ ଆଦୌ କିଛି ଦ୍ୱନ୍ଦ୍ୱ ରହିବା ଉଚିତ ନୁହେଁ। ଆମ ଦେଶରେ ସରକାରୀ ବିଦ୍ୟାଳୟରେ ପଢୁଥିବା ଓ ପୁଳାପୁଳା ଧନ ଦେଇ ଧନୀ ପିଲା ପଢୁଥିବା ବିଦ୍ୟାଳୟ ମଧ୍ୟରେ ଥିବା ବୈଷମ୍ୟକୁ ଆମେ ସମସ୍ତେ ଊଣାଅଧିକେ ଭୋଗିଛେ। କେବଳ ଧନୀ ଘରର ହୋଇଥିବାରୁ ନିଜଠାରୁ ଭଲ ସ୍କୁଲ କଲେଜରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ଦେଖି ଆମ ଭିତରେ ନିଶ୍ଚୟ ହୀନମନ୍ୟତା ଜାଗ୍ରତ ହୋଇଥିବ ଆଉ ଆମଠୁ ଗରିବ ହୋଇଥିବା କାରଣରୁ ନ୍ୟୂନ ସ୍କୁଲ କଲେଜରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ଦେଖି ତାଙ୍କ ପ୍ରତି ତାଚ୍ଛଲ୍ୟ ବା ଦୟା ଭାବ ଆସିଥିବ। ଆମ ବ୍ୟବସ୍ଥା ମୌଳିକ କ୍ଷେତ୍ରରେ ବି ବୈଷମ୍ୟର ମଞ୍ଜି ବାଲ୍ୟକାଳରୁ ବୁଣି ଚାଲିଛି। ଶୈଶବରୁ ହିଁ ପିଲା ଭିତରେ ହୀନମନ୍ୟତା ଭର୍ତ୍ତି ହେବାର ସମସ୍ତ ବ୍ୟବସ୍ଥା ଆମର ଏଠି ଅଛି। ଖାଲି ଶୈଶବ ନୁହେଁ, ଜନ୍ମଠାରୁ ମରିବା ପର୍ଯ୍ୟନ୍ତ ପ୍ରାୟ ସବୁ କ୍ଷେତ୍ରରେ ବିଭେଦ ଓ ବୈଷମ୍ୟ ଠୁଙ୍କିଠୁଙ୍କି ଭରି ରହିଛି। ସୁଖ ଆସିବ କୋଉଠି? ଭାରତୀୟ ସଭ୍ୟତା ସବୁବେଳେ ସମସ୍ତଙ୍କର ଖୁସି ହିଁ କାମନା କରିଛି। ଭାରତ ତାହାର ଲୋକଙ୍କୁ ଖୁସି କରିବାରେ ବି ଅଗ୍ରଣୀ ହେଉ, ଏହି କାମନା ତ ନିଶ୍ଚୟ ରଖିବା ଉଚିତ।

Email: bimalpandia@gmail.com

# ସିଏସ୍‌ଆଇଆର୍ ମୁଖ୍ୟ

ବ୍ୟକ୍ତିତ୍ୱ



ଏନ୍. କାଲାଇସେଲ୍‌ଭି

ବିଜ୍ଞାନ ଓ ଗବେଷଣା କ୍ଷେତ୍ରରେ ଦେଶର ଅନ୍ୟତମ ସର୍ବୋଚ୍ଚ ସଂସ୍ଥା ଭାବେ କାଉନ୍‌ସିଲ୍ ଅଫ୍ ସାଇଣ୍ଟିଫିକ୍ ଆଣ୍ଡ୍ ଇଣ୍ଡଷ୍ଟ୍ରିଆଲ୍ ରିସର୍ଚ୍ଚ (ସିଏସ୍‌ଆଇଆର୍) ପରିଚିତ। ସର୍ବଭାରତୀୟ ସ୍ତରରେ ଏହାର ଅତ୍ୟାଧୁନିକ ୩୭ ଜାତୀୟ ଗବେଷଣାଗାର, ୩ ଆଉଟ୍‌ରିଚ୍ ସେଣ୍ଟର, ୩ ଇନୋଭେଶନ୍ କମ୍ପ୍ଲେକ୍ସ ଓ ୫ ୟୁନିଟ୍ ରହିଛି। ଜୁନ୍ ୨୦୨୧ ସୁଦ୍ଧା କରାଯାଇଥିବା ହିସାବରୁ ଜଣାପଡ଼ିଛି, ଏହାର ୩,୪୬୦ ବୈଜ୍ଞାନିକ ଅଛନ୍ତି ଏବଂ ଏମାନଙ୍କୁ ସହାୟତା ଦେବା ସକାଶେ ୪,୩୫୦ ବିଜ୍ଞାନଭିତ୍ତିକ ଓ ବୈଷୟିକ ଦୃଷ୍ଟିରୁ ଦକ୍ଷ ବ୍ୟକ୍ତି କାର୍ଯ୍ୟ କରୁଛନ୍ତି। ଓସେନୋଗ୍ରାଫି (ମହାସାଗର ସମ୍ବନ୍ଧୀୟ ବୈଜ୍ଞାନିକ ଅଧ୍ୟୟନ)ଠାରୁ ଆରମ୍ଭ କରି ଇନ୍‌ଫର୍ମେଶନ ଟେକ୍ନୋଲୋଜି (ସୂଚନା ପ୍ରଯୁକ୍ତି) ଯାଏ ବିଜ୍ଞାନର ବହୁବିଧ କ୍ଷେତ୍ରରେ ସିଏସ୍‌ଆଇଆର୍ କାର୍ଯ୍ୟ କରୁଥିବାରୁ ଏହାର ଗୁରୁତ୍ୱ ଯଥେଷ୍ଟ ରହିଛି। ବିଶ୍ୱବିଦ୍ୟାଳୟରେ ଗବେଷଣା କରୁଥିବା ବିଦ୍ୟାର୍ଥୀ ହୁଅନ୍ତୁ ବା ଉଦୀୟମାନ ବୈଜ୍ଞାନିକ, ଏହି ସଂସ୍ଥା ସହ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଜଡ଼ିତ ହୋଇ ନିଜ ପ୍ରୋଫାଇଲ୍‌କୁ ଆକର୍ଷଣୀୟ କରିବାର ଇଚ୍ଛା ସମସ୍ତଙ୍କର ଥାଏ। କିନ୍ତୁ ଯିଏ ଏହି ସର୍ବୋଚ୍ଚ ସଂସ୍ଥାର ଶିଖରରେ ପହଞ୍ଚିବାରେ ସଫଳ ହୋଇଥାଆନ୍ତି, ତାଙ୍କୁ ଯୁବପିଢ଼ି ଆଦର୍ଶ ଭାବେ ଗ୍ରହଣ କରିଥାଆନ୍ତି। ୭ ଅଗଷ୍ଟ ୨୦୨୨ରେ ଏନ୍. କାଲାଇସେଲ୍‌ଭି ସିଏସ୍‌ଆଇଆର୍‌ର ପ୍ରଥମ ମହିଳା ମହାନିର୍ଦ୍ଦେଶକ (ଡିଜି) ଭାବେ ନିଯୁକ୍ତ ହେବାର ଗୌରବ ଅର୍ଜନ କରିଥିବାରୁ ତାଙ୍କ ବୃତ୍ତିଗତ ଯାତ୍ରା ଯୁବ ବୈଜ୍ଞାନିକଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି।

କାଲାଇସେଲ୍‌ଭି ତାମିଲନାଡୁର ତିରୁନେଲ୍‌ଭେଲି ଜିଲାର ଅମ୍ବାସମୁଦ୍ରମ୍‌ଠାରେ ଜନ୍ମ ଗ୍ରହଣ କରିଥିଲେ। ପିତା ସ୍କୁଲ ଶିକ୍ଷକ। ତାଙ୍କର ସମଗ୍ର ଶିକ୍ଷା ତାମିଲନାଡୁର ସରକାରୀ ସ୍କୁଲ ଓ କଲେଜରେ ହୋଇଛି। ବିଜ୍ଞାନ ଭଳି ଜଟିଳ ବିଷୟ ସହଜରେ ବୁଝିବାରେ ତାମିଲ ଭାଷା ତାଙ୍କୁ ଯଥେଷ୍ଟ ସାହାଯ୍ୟ କରିଛି ବୋଲି କହିଥାଆନ୍ତି। ଏବେ ଦେଶବ୍ୟାପୀ ଇଂଲିଶ ମାଧ୍ୟମ ବିଦ୍ୟାଳୟରେ ପଢ଼ିବା ଲାଗି ପିଲାଙ୍କ ଆଗ୍ରହ ବଢୁଥିବାବେଳେ କାଲାଇସେଲ୍‌ଭି ନିଜ ମାତୃଭାଷାରେ ଉତ୍କର୍ଷ ଲଭିଥିବା ବିଷୟ ସାଧାରଣରେ ପ୍ରକାଶ କରିବା ସରକାରୀ ସ୍କୁଲର ଛାତ୍ରୀଛାତ୍ରଙ୍କ ପାଇଁ ନିଶ୍ଚିତ ଉତ୍ସାହପ୍ରଦ। କୁଡାଲୋର ଜିଲାର ଚିଦାମ୍ବରମ୍ ସହରରେ ଥିବା ଆନ୍ନାମାଲାଇ ବିଶ୍ୱବିଦ୍ୟାଳୟରୁ ସେ ପିଏଚ୍‌ଡି ଡିଗ୍ରୀ ଅର୍ଜନ କରିଥିଲେ। ତାଙ୍କ ଉପରେ ଦୁଇ ବଡ଼ ଭାଇ ରହିଥିଲେ ହେଁ ପିତା ତାଙ୍କୁ କେବେ ଝିଅ ଭାବି ଅଣଦେଖା କରି ନ ଥିଲେ। ଏକ ଦୃଢ଼ ଅଙ୍ଗୀକାରବଦ୍ଧତା ଦର୍ଶାଇବାର ଚିନ୍ତନ ରଖି କାଲାଇସେଲ୍‌ଭି ମଧ୍ୟ ସ୍କୁଲ ବେଳେ ପୁଅ ପିଲାଙ୍କ ଖେଳ ଖେଳୁଥିଲେ ବୋଲି ସାକ୍ଷାତ୍‌କାରରେ କହିଛନ୍ତି।

କାଲାଇସେଲ୍‌ଭିଙ୍କ ଚାକିରି ଜୀବନ ପିଏଚ୍‌ଡି ଶେଷ ପରେ ଆରମ୍ଭ ହୋଇଥିଲା। ଏକ ଘରୋଇ କଲେଜରେ ସେ ଅର୍ଗାନିକ୍ କେମିଷ୍ଟ୍ରି ତିନି ବର୍ଷ ପଢ଼ାଇବା ପରେ ୧୯୯୭ରେ ତାମିଲନାଡୁର ସିକାଲାକୋଟାଇସ୍ଥିତ ସିଏସ୍‌ଆଇଆର୍-ସେଣ୍ଟ୍ରାଲ ଇଲେକ୍ଟ୍ରୋ କେମିକାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ (ସିଇସିଆର୍‌ଆଇ)ରେ କନିଷ୍ଠ ବୈଜ୍ଞାନିକ ଭାବେ ଯୋଗଦେଇଥିଲେ। ତାହା ହିଁ ତାଙ୍କ ଜୀବନର ମୋଡ଼ ବଦଳାଇ ଦେଇଥିଲା। ସିଏସ୍‌ଆଇଆର୍‌ରେ କାର୍ଯ୍ୟ କରିବା ଲାଗି ସୁଯୋଗ ପାଇବା ପରେ ସେ ଲିଥିୟମ୍ ଆଇରନ୍ ବ୍ୟାଟେରି କ୍ଷେତ୍ରରେ ଅଭିନବତ୍ୱ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଲିଥିୟମ୍ ଆଇରନ୍ ବ୍ୟାଟେରିର ଭଣ୍ଡାରଣ କ୍ଷମତା (ଷ୍ଟୋରେଜ୍ କାପାସିଟି) ବଢ଼ାଇବା ଲାଗି ବ୍ୟବହୃତ ଇଲେକ୍ଟ୍ରୋଡ୍‌ସ ପାଇଁ ନୂଆ ବସ୍ତୁ ଉଦ୍ଭାବନ କରି ସେ ସମସ୍ତ ବୈଜ୍ଞାନିକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଡିସେମ୍ବର ୨୦୦୦ରେ କାଲାଇସେଲ୍‌ଭି ସିଙ୍ଗାପୁର ଓ ମାଲେସିଆରେ ଅନୁଷ୍ଠିତ ୮-ଏସିଏସ୍‌ଏସ୍‌ଆଇ କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ଗବେଷଣାର ଉତ୍କର୍ଷ ବିଷୟରେ ଜଣାଇଥିଲେ। ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ବିଜ୍ଞାନଭିତ୍ତିକ ସଂସ୍ଥାରେ କାଲାଇସେଲ୍‌ଭି ମେମ୍ବର ଅଫ୍ ଷ୍ଟଡିଜ୍ ଭାବେ ଦାୟିତ୍ୱ ତୁଲାଇଥିଲେ। ତାମିଲନାଡୁର ଗ୍ରାମାଞ୍ଚଳ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଜ୍ଞାନକୁ ଲୋକପ୍ରିୟ କରିବା ଲାଗି ପ୍ରକାଶ ପାଉଥିବା ମାସିକ ବିଜ୍ଞାନ ପତ୍ରିକା 'ଏରିଗା ଏରିଭିୟାଲ'ର ସମ୍ପାଦକ ଭାବେ ତାଙ୍କୁ ନିଯୁକ୍ତ କରାଯାଇଥିଲା। ୨୦୧୨ରେ ତାଙ୍କୁ ମଲ୍ଟିଫଙ୍କ୍ସନାଲ ଇଲେକ୍ଟ୍ରୋଡ୍ସ ଆଣ୍ଡ୍ ଇଲେକ୍ଟ୍ରୋଲାଇଟ୍‌ସ ଫର୍ ଫିଉଚରିଷ୍ଟିକ୍ ଟେକ୍ନୋଲୋଜିଜ୍(ମଲ୍‌ଟିଫେନ୍)ର ନୋଡାଲ ବୈଜ୍ଞାନିକ ରୂପେ ନିଯୁକ୍ତି ମିଳିଥିଲା। ସେ ସେଥିରେ ୨୦୧୭ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ତେବେ ୨୦୧୩ରେ କାଲାଇସେଲ୍‌ଭିଙ୍କ ତତ୍ତ୍ୱାବଧାନରେ ନ୍ୟାଶନାଲ ମିଶନ୍ ଫର୍ ଇଲେକ୍ଟ୍ରିକ୍ ମୋବିଲିଟି ଆରମ୍ଭ କରାଯାଇଥିଲା। ଏହିଭଳି ଭାବେ ତାଙ୍କ କ୍ୟାରିୟର ଊର୍ଦ୍ଧ୍ୱଗାମୀ ହୋଇଥିଲା ଓ ସେ ୨୦୧୯ରେ ଏହି ମିଶନ୍‌ର ମଧ୍ୟ ନିର୍ଦ୍ଦେଶକ ହୋଇଥିଲେ। ଏଥିସହିତ ସେ ସିଏସ୍‌ଆଇଆର୍‌ର ରିନିଏବଲ୍ ଆଣ୍ଡ୍ ନନ୍-ରିନିଏବଲ୍ ଏନର୍ଜୀ ଆଣ୍ଡ୍ ଡିଭାଇସେସ୍‌ର ଥିମ୍ ଡାଇରେକ୍ଟର ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରିଥିଲେ। ୨୦୧୯ ନଭେମ୍ବରରେ ଜର୍ମାନୀରେ ସିଏସ୍‌ଆଇଆର୍-ଡିଏଏଡି ଏକ୍ସଚେଞ୍ଜ ପ୍ରୋଗ୍ରାମ୍‌ର ଏକ ଅଂଶ ପାଲଟି ସୁନାମ ଅର୍ଜନ କରିଥିଲେ। ଉଦ୍ଭାବନ, ଗବେଷଣା ଓ ନେତୃତ୍ୱ ନେବାର ଦକ୍ଷତା ତାଙ୍କୁ ଶେଷରେ ସିଏସ୍‌ଆଇଆର୍ ମହାନିର୍ଦ୍ଦେଶକ ପଦବୀରେ ବସାଇବା ସହ ଅତିରିକ୍ତ ଭାବେ ସାଇଣ୍ଟିଫିକ୍ ଆଣ୍ଡ୍ ରିସର୍ଚ୍ଚ ବିଭାଗର ସଚିବ ଦାୟିତ୍ୱ ମଧ୍ୟ ଅର୍ପଣ କରିଛି।

କାଲାଇସେଲ୍‌ଭି କେତେକ ଅନ୍ତର୍ଜାତୀୟ ବିଜ୍ଞାନ ପତ୍ରିକାର ସମ୍ପାଦନାମଣ୍ଡଳୀରେ ସ୍ଥାନ ପାଇଛନ୍ତି। ଯୁବ ବୈଜ୍ଞାନିକ ସମ୍ମାନଠାରୁ ସେ ଦେଶବିଦେଶର ବହୁ ପୁରସ୍କାରରେ ମଧ୍ୟ ଭୂଷିତ ହୋଇଛନ୍ତି। ଗବେଷଣା ସହିତ ତାଙ୍କ ବ୍ୟକ୍ତିତ୍ୱକୁ ଆହୁରି ଉଜ୍ଜ୍ୱଳ କରିଛି ତାଙ୍କ ବକ୍ତୃତା ଦେବାର ଶୈଳୀ। ଆକାଶବାଣୀରେ ଟକ୍ ଦେବା ସହ ଅନେକ ମଞ୍ଚରେ ସେ ଭାଷଣ ଦେଇ ନିଜର ଏକ ପ୍ରଶଂସକ ମହଲ ସୃଷ୍ଟି କରିପାରିଛନ୍ତି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଅନେକ ସମୟରେ ଜିଲାପାଳମାନଙ୍କର କିଛି ନିଆରା କାର୍ଯ୍ୟ ସାମ୍ନାକୁ ଆସିଥାଏ, ଯାହା ଦେଖିବାକୁ ମିଳିଛି ମଧ୍ୟପ୍ରଦେଶ ଛତରପୁରର ଜିଲାପାଳ ସନ୍ଦୀପ ଜି ଆର୍‌ଙ୍କ କ୍ଷେତ୍ରରେ। ସେ ବିଭିନ୍ନ ସ୍ଥାନକୁ ଗାଡ଼ି ବଦଳରେ ସାଇକେଲରେ ଯାଉଛନ୍ତି। ବାହାରର ବାସ୍ତବତା ଜାଣିବା ଓ ତୃଣମୂଳସ୍ତରରେ ଲୋକମାନଙ୍କ ଅଭିଯୋଗ ଶୁଣିବା ଲାଗି ସେ ସାଇକେଲରେ ଯାଇ ତାହାକୁ ସମାଧାନ କରୁଛନ୍ତି। ଏହା ପୂର୍ବରୁ ସେ ଜବଲପୁରର ମ୍ୟୁନିସିପାଲ କର୍ପୋରେଶନର କମିଶନର ରହିଥିଲେ। ସରକାରଙ୍କ ଯୋଜନା ବାଦ୍ ଖାଦ୍ୟ ସୁରକ୍ଷାକୁ ନିଶ୍ଚିତ କରିବାକୁ ଯାଇ ସେ ଫଳ ବଗିଚା ଆରମ୍ଭ କରି ଏଥିରୁ ଉତ୍ପାଦିତ ଫଳକୁ ସେ ଅସହାୟଙ୍କୁ ବାଣ୍ଟୁଛନ୍ତି। ଜିଲାପାଳ ଗତ ବର୍ଷ ଅକ୍ଟୋବର ସୁଦ୍ଧା ଜବଲପୁରରେ ୩୦ ହଜାର ଫଳଗଛ ଲଗାଇ ସାରିଥିଲେ। ଏହି ବଗିଚାରୁ ଏବେ କଦଳୀ, ଲେମ୍ବୁ, ଆମ୍ବ, ସପୁରି ଆଦି ଫଳ ଉତ୍ପାଦନ ହେଉଛି। ଏହା ଉତ୍ପାଦନଠାରୁ ଆରମ୍ଭ କରି ବଣ୍ଟନ ବ୍ୟବସ୍ଥାଯାଏ ସବୁ କିଛି ପରିବେଶ ଉପଯୋଗୀ ତଥା ସହନୀୟ ଉପାୟରେ କରାଯାଉଛି। ତେବେ ଛତରପୁର ଜିଲାପାଳ ଭାବେ ନିଯୁକ୍ତ ହେବାର ଇତିମଧ୍ୟରେ ୭ ମାସ ବିତିଗଲାଣି। ସେ ମଧ୍ୟ ଛତରପୁରରେ ୧୧ ଏକରରେ ୪୦ ହଜାର ଗଛ ଲଗାଇବା କାର୍ଯ୍ୟ ଜାରି ରଖିଛନ୍ତି। ଅଫିସ ଭିତରେ ଗୋଟିଏ ଓ ବାହାରେ ଆଉ ଗୋଟିଏ ବିଶ୍ୱ ରହିଛି ଏବଂ ଦୁଇଟିକୁ ସମାନ ଭାବରେ ଦେଖୁଛନ୍ତି ବୋଲି କୁହନ୍ତି ଜିଲାପାଳ ସନ୍ଦୀପ ଜିଆର୍।

## ୨୫ ବର୍ଷ ତଳର ଧରିତ୍ରୀ

୧୪ ଅଗଷ୍ଟ ୧୯୯୭

- ଆଲଜିଅର୍ସଠାରୁ ୧୨୦ କି.ମି. ଦକ୍ଷିଣ-ପଶ୍ଚିମ ହେରାଲଆ ଗ୍ରାମରେ ସନ୍ଦିଗ୍ଧ ଉଗ୍ରବାଦୀମାନେ ଆକ୍ରମଣ କରି ୧୯ ଜଣଙ୍କୁ ହତ୍ୟା କରିଛନ୍ତି।
- ଆମେରିକା ଇତିହାସରେ ବିଲ୍ କ୍ଲିଣ୍ଟନଙ୍କୁ ଦେଶର ପ୍ରଥମ ରାଷ୍ଟ୍ରପତି ଭାବେ ସ୍ୱତନ୍ତ୍ର ଲାଇନ୍ ଆଇଟମ ଭେଟୋ କ୍ଷମତା ପ୍ରୟୋଗ କରିବାକୁ କ୍ଷମତା ପ୍ରଦାନ।
- ବୋଡୋ ସମସ୍ୟାର ସମାଧାନ ଲାଗି ଆସାମ ସରକାରଙ୍କର ଇଚ୍ଛାଶକ୍ତିର ଅଭାବ ଥିବାର ଅଭିଯୋଗ କରି ବୋଡୋ ଉଗ୍ରପନ୍ଥୀମାନଙ୍କ 'ଅସ୍ତ୍ରବିରତି' ଘୋଷଣା ପ୍ରତ୍ୟାହାର।

## ପାଠକ ଶ୍ରେଷ୍ଠ ବିଚାରକ

### ପରିବାରରୁ ଜଣଙ୍କୁ ନିଯୁକ୍ତି ମିଳୁ

ମହାଶୟ,

ବର୍ତ୍ତମାନ ଆମ ରାଜ୍ୟରେ ପ୍ରାୟ ଲକ୍ଷାଧିକ ସରକାରୀ ପଦବୀ ଖାଲି ପଡ଼ିଛି। ସେହିପରି ଭାରତ ସରକାରଙ୍କ ବିଭିନ୍ନ ବିଭାଗରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ପଦବୀ ଖାଲି ପଡ଼ିଛି। ଦେଶର ଅନ୍ୟାନ୍ୟ ରାଜ୍ୟରେ ମଧ୍ୟ ଅନୁରୂପ ଅବସ୍ଥା। ଦେଶରେ କୋଟି କୋଟି ଶିକ୍ଷିତ ବେକାର ରହିଥିବା ବେଳେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସମୂହ ଅବସରପ୍ରାପ୍ତଙ୍କୁ ପୁନଃ ନିଯୁକ୍ତି ଦେଉଛନ୍ତି; ଅଥଚ ଉଚ୍ଚଶିକ୍ଷିତ ଗରିବ ବେକାରଙ୍କୁ ନୁହେଁ। ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସମୂହ ସବୁଦିନ କ୍ଷମତାରେ ରହିବା ପାଇଁ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ ଲକ୍ଷ ଲକ୍ଷ ଅଯୋଗ୍ୟ ହିତାଧିକାରୀଙ୍କୁ ପ୍ରତିବର୍ଷ ଲକ୍ଷ ଲକ୍ଷ କୋଟି ଟଙ୍କା ଦେଉଛନ୍ତି, ଅଥଚ ଗରିବ ପରିବାରର ଶିକ୍ଷିତ ବେକାରଙ୍କୁ ନିଯୁକ୍ତି ଦେଉନାହାନ୍ତି। ସରକାର ବୁଝିବା ଉଚିତ କି ଯଦି ଚାକିରି ପାଇ ନ ଥିବା ପରିବାରରୁ ଜଣକୁ ନିଯୁକ୍ତି ପ୍ରଦାନ କରାଯାଏ, ତେବେ ଦାରିଦ୍ର୍ୟ ଦୂର ହୋଇପାରିବ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସମୂହ ଏହି ସମୟକୁ ଉପଲବ୍ଧି କରିବା ଉଚିତ। ସତରେ ଚାକିରି ପାଇ ନ ଥିବା ପରିବାରର ଏହା ହେଉଛି ଏକ ମୌଳିକ ଅଧିକାର। ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ସଂସଦ ଓ ରାଜ୍ୟ ବିଧାନ ସଭାରେ ଏସଂକ୍ରାନ୍ତ ବିଧେୟକ ପାରିତ କରାନ୍ତୁ।

– ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବହିଯାଏ ଧୀରେ ନୟନର ନୀରେ ବାରତା କିବା
ତାହାରି ଧିଆନେ ଉଜଳି ଉଠେ ମୋ ରଜନୀ ଦିବା।
ନ ଚାହିଁ କେଣିକି ସେ ଏଣୀ-ନୟନା ନଚାଇ ବେଣୀ
ଲୁଚାଇ ଚାଲଇ ଓଠ ତଳେ କେତେ ବାସନା ଶ୍ରେଣୀ।
(ସେହି ମୁଁ ନିଜେ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣା: ଭାଇ ମୃତ,ଭଉଣୀ ଗୁରୁତର

ଡେରାବିଶ,୧୩।୮(ସ୍ୱ.ପ୍ର.): କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ କଟକ-ଚାନ୍ଦବାଲି ରାସ୍ତାର ଚାନ୍ଦୋଳଠାରେ ଶୁକ୍ରବାର ରାତିରେ ଏକ ଆକ୍ଟିଭା ଓ କାର ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ଭଉଣୀ ଗୁରୁତର ହୋଇଛନ୍ତି ।

ସୂଚନା ଅନୁଯାୟୀ, ଡେରାବିଶ ବ୍ଲକ ରତାଦିଆ ଖଣ୍ଡସାହି ପଞ୍ଚାୟତ ଅନୁଆପଡ଼ା ଗ୍ରାମର ମୂଳ ବାସିନ୍ଦା ରଞ୍ଜନ କୁମାର ଭଦ୍ରଙ୍କ ପରିବାର କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ କେରିଲୋ ପଞ୍ଚାୟତ କେରିଲୋ ଗ୍ରାମରେ ଶ୍ୱଶୁର ଘରେ ରୁହନ୍ତି। ଶୁକ୍ରବାର ତାଙ୍କ ପୁଅ ବିଭୁପ୍ରସାଦ (୨୨) ଓ ଝିଅ ହରପ୍ରିୟା (୨୦) ଆକ୍ଟିଭାରେ କେନ୍ଦ୍ରାପଡ଼ା ଶ୍ରୀବଳଦେବଜୀଉଙ୍କ ମନ୍ଦିରକୁ ଝୁଲଣ ଯାତ୍ରା ଦେଖିବାକୁ ଯାଇ ରାତିରେ ଫେରୁଥିଲେ। ଚାନ୍ଦୋଳ ନିକଟରେ ବିପରିତ ଦିଗରୁ ଆସୁଥିବା ଏକ କାରର ଆଗଚକ ଟିଉବ୍ ହଠାତ୍ ଫାଟିଯିବାରୁ ଡ୍ରାଇଭର ଭାରସାମ୍ୟ ହରାଇ ବସିଥିଲେ । ଫଳରେ କାରଟି ଆକ୍ଟିଭାକୁ ମୁହାଁମୁହିଁ ଧକ୍କା ଦେଇଥିଲା । ଏହି ଦୁର୍ଘଟଣାରେ ବିଭୁ ପ୍ରସାଦ ଓ ହରପ୍ରିୟା ଗୁରୁତର ହୋଇଥିଲେ । ପୋଲିସ ଓ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଡାକ୍ତରଖାନାକୁ ପଠାଇଥିଲେ। ହେଲେ ଡାକ୍ତର ବିଭୁପ୍ରସାଦଙ୍କୁ ମୃତ ଘୋଷଣ କରିଥିଲେ । ପରେ ହରପ୍ରିୟାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଥିଲା । ବିଭୁପ୍ରସାଦ ଇଞ୍ଜିନିୟରିଂ ପାଠ ଶେଷ କରି ଚାକିରୀ ଅନ୍ୱେଷଣରେ ଥିଲେ । ହରପ୍ରିୟା ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ ଅଛନ୍ତି। ଏ ସମ୍ପର୍କରେ ସଦର ଥାନାରେ ଏକ ମାମଲା(ନଂ.୩୫୯/୨୨) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି ।

### ରାଜ୍ୟ ସମବାୟ ବ୍ୟାଙ୍କର ପୂର୍ବତନ ଅଧିକାରୀଙ୍କ ପରଲୋକ

ଡେରାବିଶ, ୧୩।୮(ସ୍ୱ.ପ୍ର.)-ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଦାନପୁର ଗ୍ରାମ ନିବାସୀ ତଥା ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ପୂର୍ବତନ ଡେପୁଟି ଜେନେରାଲ ମ୍ୟାନେଜର ବୈଷ୍ଣବ ଚରଣ ପଣ୍ଡା (୮୧)ଙ୍କ ଶୁକ୍ରବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି । ସେ ଗତକାଲି ଘରେ ବସିଥିବା ବେଳେ ଅସୁସ୍ଥ ଅନୁଭବ କରିଥିଲେ । ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ନିଆଯାଇଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା । ଏହି ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଦାନପୁର ବାସଭବନରେ ପହଞ୍ଚି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସୂଚନାଯୋଗ୍ୟ, ସ୍ୱର୍ଗତ ପଣ୍ଡା ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ଡେପୁଟି ଜେନେରାଲ୍ ମ୍ୟାନେଜର ପଦବୀରେ ଦକ୍ଷତାର ସହ କାର୍ଯ୍ୟକରି ୨୦୦୨ରେ ଅବସର ଗ୍ରହଣ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ବଡ଼ପୁଅ ତଥା ଦାନପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଭୁଦେନ୍ଦୁ ପଣ୍ଡା ମୁଖାଗ୍ନି ଦେଇଥିଲେ । ସ୍ୱର୍ଗତ ପଣ୍ଡା ବହୁ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ । ଚାନ୍ଦୋଳସ୍ଥିତ ପୁର୍ନନର୍ବା ସାହିତ୍ୟ ସଂସଦର ପ୍ରତିଷ୍ଠାତା ସଦସ୍ୟ ଥିଲେ । ତାଙ୍କ ପରଲୋକରେ ସଂସଦର ସମ୍ପାଦକ ଡକ୍ଟର ପ୍ରକାଶ କୁମାର ପରିଡ଼ା ଶୋକବ୍ୟକ୍ତ କରିଛନ୍ତି ।

# ଯୁକ୍ତ ୩ ପରୀକ୍ଷାଫଳ ପ୍ରକାଶିତ



ଯୁକ୍ତ ୩ ପରୀକ୍ଷା ଫଳ ପୁସ୍ତକକୁ କଲେଜ ଅଧ୍ୟକ୍ଷ ଓ ଅନ୍ୟମାନେ ଉନ୍ମୋଚନ କରୁଛନ୍ତି ।

**କେନ୍ଦ୍ରାପଡ଼ା କଲେଜ**
- ପାସ୍ ହାର ୯୨.୮୭ ପ୍ରତିଶତ
- ବିଭୁପ୍ରସାଦ, ସୁପ୍ରଭା ଓ ଶକ୍ତିମୟୀ ଟପ୍ପର

କେନ୍ଦ୍ରାପଡ଼ା ଅଫିସ, ୧୩।୮

କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି । ଏଥର ଛାତ୍ରଙ୍କ ଅପେକ୍ଷା ଛାତ୍ରୀମାନେ ଭଲ ନମ୍ବର ରଖିଛନ୍ତି । ବିଜ୍ଞାନ ବିଭାଗ ଜୁଲୋଜି ଅନର୍ସର ଛାତ୍ର ବିଭୁପ୍ରସାଦ ଶତପଥୀ ସର୍ବୋଚ୍ଚ ୨୪୧୧ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। ସେହିପରି କଳା ବିଭାଗ ଏଜୁକେଶନ ଅନର୍ସ ଛାତ୍ରୀ ସୁପ୍ରଭା ପାତ୍ର ୨୩୪୭ ଓ ବାଣିଜ୍ୟ ବିଭାଗ ଛାତ୍ରୀ ଶକ୍ତିମୟୀ ପ୍ରଧାନ ୨୨୫୪ ନମ୍ବର ରଖି ବିଭାଗୀୟ ଟପ୍ପର ହୋଇଛନ୍ତି । ପୂର୍ବାହ୍ନରେ ଅଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା, କଣ୍ଟ୍ରୋଲର ଅଶୋକ କୁମାର ଦାସ, ଡେପୁଟି କଣ୍ଟ୍ରୋଲର ଡ. ଗୌରପ୍ରସାଦ ଷଡ଼ଙ୍ଗୀ, ପ୍ରାଧ୍ୟାପକ ରମାନାଥ ମହାନ୍ତି, ପ୍ରାଧ୍ୟାପକ ସୁରେଶ ଦାସ, ଡ. ଜ୍ଞାନିନ୍ଦ୍ର ଦାସ, ମେଜର ମନୋରଞ୍ଜନ ମହାନ୍ତି, ଡ. ପ୍ରଭାକର ମଲ୍ଲିକ, ଡ. ରତ୍ନମଞ୍ଜରୀ ଦାସ, ଡ. ରେବତୀ କର, ପ୍ରାଧ୍ୟାପକ ରଣଜିତ୍ କୁମାର ଦାସ, ଡ. ସେକ୍ ହବିବ୍ ପରୀକ୍ଷା ଫଳ ପୁସ୍ତକ ଉନ୍ମୋଚନ କରିଥିଲେ। ଏହିଅବସରରେ ଅଧ୍ୟକ୍ଷ ବେହେରା ଗତବର୍ଷ ପାସ୍‌ହାର ୯୮.୫ ପ୍ରତିଶତ ଥିବା ବେଳେ ଚଳିତ ବର୍ଷ ୯୨.୮୭ ପ୍ରତିଶତ ରହିଛି। ମୋଟ୍ ୧୦୧୨ ଶିକ୍ଷାର୍ଥୀଙ୍କ ମଧ୍ୟରୁ ୯୩୭ ଜଣ ପାସ୍ କରିଛନ୍ତି । କଳା ବିଭାଗରେ ୮୯.୨ ପ୍ରତିଶତ, ବାଣିଜ୍ୟରେ ୯୦ ପ୍ରତିଶତ ଓ ବିଜ୍ଞାନ ବିଭାଗରେ ୯୩.୧ ପ୍ରତିଶତ ପାସ୍‌ହାର ରହିଛି ।

**ବିଭିନ୍ନ ବିଷୟରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ର**

| ନ. | ବିଷୟ | ନାମ | ନମ୍ବର |
|---|---|---|---|
| ୧ | ବଟାନି | ଇଭା ରାଜନନ୍ଦିନୀ | ୨୩୫୯ |
| ୨ | କେମେଷ୍ଟ୍ରି | ସତ୍ୟନାରାୟଣ କର | ୨୩୮୨ |
| ୩. | କମର୍ସ | ଶକ୍ତିମୟୀ ପ୍ରଧାନ | ୨୩୫୯ |
| ୪ | କମ୍ପ୍ୟୁଟର ସାଇନ୍ସ | ଲିପ୍‌ସା ଦାସ | ୨୨୭୦ |
| ୫ | ଇକୋନୋମିକ୍ସ | ଆୟେସା ବେଗମ୍ | ୨୩୧୬ |
| ୬ | ଏଜୁକେଶନ | ସୁପ୍ରଭା ପାତ୍ର | ୨୩୪୭ |
| ୭ | ଇଂଲିଶ | ଅଙ୍କିତା କର | ୨୧୨୧ |
| ୮ | ଜିଓଲୋଜି | ଅବିନାଶ ମିଶ୍ର | ୨୩୨୪ |
| ୯ | ହିନ୍ଦୀ | ମହିମା ମାହେଶ୍ୱରୀ ନାୟକ | ୨୨୦୭ |
| ୧୦ | ଇତିହାସ | ପ୍ରଭାସିନୀ ମହାରଣା | ୨୧୦୮ |
| ୧୧ | ଇଣ୍ଡଷ୍ଟ୍ରିଆଲ ସୋସିଓଲୋଜି | ତାପସ କୁମାର ସାହ | ୨୦୨୦ |
| ୧୨ | ଗଣିତ | ମଧୁସ୍ମିତା ସାହୁ | ୨୩୮୬ |
| ୧୩ | ଜିଓଗ୍ରାଫି | ରଶ୍ମିତା ବେହେରା | ୨୧୫୫ |
| ୧୪ | ଓଡ଼ିଆ | ଲିଚିଲ ରାଣୀ ମଲ୍ଲିକ | ୨୧୮୮ |
| ୧୫ | ଫିଲୋଶଫି | ରୋନାଲି ସ୍ୱାଇଁ | ୧୯୬୮ |
| ୧୬ | ଫିଜିକ୍ସ | ଭୀଷ୍ମରଞ୍ଜନ ନାୟକ | ୨୩୮୪ |
| ୧୭ | ରାଜନୀତି ବିଜ୍ଞାନ | ହରପ୍ରିୟା ମିଶ୍ର | ୨୨୬୦ |
| ୧୮ | ସାଇକୋଲୋଜି | ପ୍ରତିଭା ବେହେରା | ୨୧୦୦ |
| ୧୯ | ସଂସ୍କୃତ | ଦିଧିତି ମାଳିନୀ ଦାସ | ୨୧୬୮ |
| ୨୦ | ସୋସିଓଲୋଜି | ଜୟଶ୍ରୀ ମଣ୍ଡଳ | ୨୧୫୦ |
| ୨୧ | ଷ୍ଟାଟିଷ୍ଟିକ୍ସ | ପ୍ରଜ୍ଞା ପ୍ରିୟଦର୍ଶନୀ ସାହୁ | ୨୨୬୨ |
| ୨୨ | ଜୁଲୋଜି | ବିଭୁ ପ୍ରସାଦ ଶତପଥୀ | ୨୪୧୧ |

**ଟପ୍ପରଙ୍କ ମୁହଁରୁ...**



କଲେଜ ଟପ୍ପର ବିଭୁପ୍ରସାଦ ଶତପଥୀ କହିଛନ୍ତି, ବାପା ପ୍ରଫୁଲ୍ଲ ଚନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରନ୍ତି । ମା' ଚନ୍ଦନା ଜଣେ ଗୃହିଣୀ । ହେଲେ ସେ ସଦାସର୍ବଦା ପାଠପଢ଼ାକୁ ଗୁରୁତ୍ୱ ଦେଇଥାନ୍ତି। ପରୀକ୍ଷା ଫଳକୁ ନେଇ ମୁଁ ଖୁସି ଅଛି । ଗବେଷଣା ସହିତ ଜଣେ ବୈଜ୍ଞାନିକ ହେବାକୁ ଲକ୍ଷ୍ୟ ରଖିଛି ।



କଳା ବିଭାଗର ଟପ୍ପର ସୁପ୍ରଭା ପାତ୍ର କୁହନ୍ତି, ପିଜି ପାଇଁ ମୁଁ ପ୍ରସ୍ତୁତିରେ ଅଛି । ଶିକ୍ଷକତା ମୋର ପ୍ରାଥମିକ ଲକ୍ଷ୍ୟ ରହିଛି । ଶିକ୍ଷା ମାଧ୍ୟମରେ ନାରୀ ଶକ୍ତିର ନିଶ୍ଚିତ ଜାଗରଣ ଆସିବ ବୋଲି ମୁଁ ସର୍ବଦା ଭାବେ। ବାପା ନିର୍ମଳ ପାତ୍ର ଓ ମା' କୁନି ପାତ୍ରଙ୍କ ଝିଅ ସୁପ୍ରଭା ନିଜ ପରିବାରର ଆର୍ଥିକ ପରିସ୍ଥିତିକୁ ସୁଧାରିବାକୁ ଅଣ୍ଟା ଭିଡ଼ିଛନ୍ତି। ବାପା ଜଣେ କୃଷକ, ମା' ଗୃହିଣୀ । ଏପରି ସ୍ଥିତିରେ ମୋର ପାଠପଢ଼ା ପ୍ରତି ସେମାନେ ଗୁରୁତ୍ୱ ଦେଇଥାନ୍ତି ବୋଲି ସୁପ୍ରଭା କହିଛନ୍ତି ।



ବାଣିଜ୍ୟ ବିଭାଗ ଟପ୍ପର ଶକ୍ତିମୟୀ ପ୍ରଧାନଙ୍କ ଆଗାମୀ ଲକ୍ଷ୍ୟ ଚାର୍ଟାର୍ଡ କାଉଣ୍ଟାଣ୍ଟ । ବାପା କାହ୍ନୁଚରଣ ପ୍ରଧାନ ଶିକ୍ଷକତା କରନ୍ତି । ମା' ସୂର୍ଯ୍ୟକାନ୍ତି ଜଣେ ଗୃହିଣୀ । ଶକ୍ତିମୟୀଙ୍କ ଆଉ ୨ ଭଉଣୀ ଅଛନ୍ତି । ସ୍ୱଳ୍ପଆୟ ଯୋଗୁ ଅଧିକ ପାଠପଢ଼ା ସମ୍ପର୍କରେ ବେଶି କିଛି ଚିନ୍ତା କରିନାହିଁ ବୋଲି ସେ କହିଛନ୍ତି ।

## ତଟବନ୍ଧ,ପାନୀୟ ଜଳ ପ୍ରକଳ୍ପ ପାଇଁ ଖର୍ଚ୍ଚ ହେବ ୬୨୨ କୋଟି



ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ,ବିଧାୟକ ଶଶିଭୂଷଣ ବେହେରା, ଧ୍ରୁବଚରଣ ସାହୁ ଓ ଅନ୍ୟମାନେ ।

କେନ୍ଦ୍ରାପଡ଼ା ଅଫିସ, ୧୩।୮

ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଓ ପାନୀୟ ଜଳ ସଙ୍କଟ କେନ୍ଦ୍ରାପଡ଼ା ଜିଲାବାସୀଙ୍କୁ ସର୍ବଦା ଆଶଙ୍କାରେ ପକାଇଛି । ତେବେ ଏହାର ସମାଧାନ ପାଇଁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରୟାସ ଜାରି ରଖିଛନ୍ତି । ଶୁକ୍ରବାର ରାଜ୍ୟ କ୍ୟାବିନେଟ ବୈଠକରେ କେନ୍ଦ୍ରାପଡ଼ା ଜିଲାର ୩ ପାନୀୟ ଜଳ ପ୍ରକଳ୍ପ ଓ ୬ ଲୁଣା ବନ୍ଧ ନିର୍ମାଣ ପାଇଁ ଅର୍ଥ ମଞ୍ଜୁରୀ ହୋଇଛି । ଏହି ମର୍ମରେ କେନ୍ଦ୍ରାପଡ଼ା ଜିଲା ବିଜେଡି ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି । ଜିଲା ସଭାପତି ଉତ୍କଳ କେଶରୀ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଖାଦ୍ୟ ଯୋଗାଣ ଓ ସମବାୟ ମନ୍ତ୍ରୀ ତଥା ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ, କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ରାଜନଗର ବିଧାୟକ ଧ୍ରୁବଚରଣ ସାହୁ ଓ ପାଟକୁରା ବିଧାୟିକାଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲ ଯୋଗ ଦେଇଥିଲେ । ସେମାନେ କହିଥିଲେ, ରାଜନଗର ବ୍ଲକ ଅଧୀନ ୨୯ ପଞ୍ଚାୟତର ୨୪୯ ଗ୍ରାମ, ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ୨୯ ପଞ୍ଚାୟତର ୧୩୮ ଗ୍ରାମର ଅଧିବାସୀଙ୍କ ପାଇଁ ସଂସାରଫଳ ଓ ବାଛରାଠାରେ ଦୁଇଟି ପାନୀୟ ଜଳ ପ୍ରକଳ୍ପ ହେବ । ଏହି ଅଞ୍ଚଳରେ ୩,୨୪,୦୪୬ ଜଣ ଏଥିରେ ଉପକୃତ ହେବାକୁ ଥିବା ବେଳେ ବ୍ରାହ୍ମଣୀ ନଦୀରୁ ପାଣି ଉଠାଯିବ । ସେହିପରି ଗରଦପୁର ବ୍ଲକ ଅଧୀନରେ ଥିବା ବାଛରାଠାରେ ଚିତ୍ରୋତ୍ପଳା ନଦୀରୁ ପାଣି ଉତ୍ତୋଳନ କରାଯାଇ ୧୮ ପଞ୍ଚାୟତର ୧୩୫ ଗ୍ରାମକୁ ପାନୀୟ ଜଳ ଯୋଗାଣ ହେବ । ଆସନ୍ତା ୨ ବର୍ଷ ମଧ୍ୟରେ ଏହି ୩ ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଛି । ବନ୍ୟା, ସାମୁଦ୍ରିକ ଝଡ଼ ଓ ସୁନାମି ପରି ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇଁ ତଟବନ୍ଧ ନିର୍ମାଣକୁ ଗୁରୁତ୍ୱ ଦିଆଯାଇଛି । ମହାକାଳପଡ଼ା ବ୍ଲକ ବତୀଘରଠାରେ ୧୦ କିଲୋମିଟର ଲୁଣା ତଟବନ୍ଧକୁ ୬ ମିଟର ଉଚ୍ଚା କରାଯିବ । ଏଥିସହ ଏହି ବ୍ଲକର ଖରିନାସୀ ତଟବନ୍ଧ, ଜମ୍ବୁ ବଉଳକଣୀ ତଟବନ୍ଧ, ବଗଗହଣ ତରପଦାଘାଟ, ରାଢ଼ିଆ କଂସାର ଓ ନଳିତାପାଟିଆ ଲୁଣା ତଟବନ୍ଧ ପାଇଁ ମୋଟ ୨୦,୫୬୨.୪୯ ଲକ୍ଷ ଟଙ୍କା ଖର୍ଚ୍ଚ ହେବ । ଏହି ସମ୍ମିଳନୀରେ ଜିଲା ବିଜେଡିର ବହୁ ପଦାଧିକାରୀ ଓ ଜନ ପ୍ରତିନିଧି ଉପସ୍ଥିତ ଥିଲେ ।

## ୨ ଆତ୍ମହତ୍ୟା

ବାହାନଗା, ୧୩।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ନୂଆପୁର ଗ୍ରାମର ଜଣେ ନାବାଳିକା (୧୭) ଶୁକ୍ରବାର ରାତିରେ ନିଜ ଶୋଇବା ଘରେ ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକେ ସଙ୍ଗେ ସଙ୍ଗେ ଗୋପାଳପୁର ଫାଣ୍ଡି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସେହିପରି ନୂଆପୁର ଗ୍ରାମର ଶରତ ସାହୁ(୪୮) ବିବାହ ପରେ ବାଲେଶ୍ୱରସ୍ଥିତ ଶ୍ୱଶୁର ଘରେ ରହି ଏକ କମ୍ପାନୀରେ କାମ କରୁଥିଲେ। ଶନିବାର ସକାଳେ ବଜାରକୁ ପରିବା ଆଣିବାକୁ ଯାଇ ଘରକୁ ଫେରିବା ପରେ ନିଜ ଶ୍ୱଶୁର ଘର ପଛପଟେ ଏକ ଗଛରେ ବେକରେ ଦଉଡି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ବାଲେଶ୍ୱର ପୋଲିସ୍ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ କରିଛି।

## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା

ଆଳି,୧୩।୮(ଡି.ଏନ୍.ଏ.)

ଆଳିରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି । ପତ୍ରପୁର ମଣ୍ଡଳ ଭାଜପା ସଭାପତି ତଥା ସିଙ୍ଗିରି ପଞ୍ଚାୟତର ସରପଞ୍ଚ ଅକ୍ଷୟ ଦାସଙ୍କ ନେତୃତ୍ୱରେ ଏକ ତ୍ରିରଙ୍ଗା ଶୋଭାଯାତ୍ରା ପତ୍ରପୁର ପୋଲଠାରୁ ଆରମ୍ଭ ହୋଇ ଜୋନର ସମସ୍ତ ଅଞ୍ଚଳ ପରିକ୍ରମା କରିବା ପରେ ସିଙ୍ଗିରିରେ ଶେଷ ହୋଇଛି । ଏହି କାର୍ଯ୍ୟକ୍ରମରେ ଭାଜପା ଜିଲା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ବରିଷ୍ଠ ନେତା ବ୍ରଜସୁନ୍ଦର ଭୂୟାଁ,ଜିଲା ସାଧାରଣ ସମ୍ପାଦକ ତଥା ନିର୍ବାଚନ କ୍ଷେତ୍ର ପ୍ରଭାରୀ ଅଭିମନ୍ୟୁ ଗୋଛାୟତ,ଜିଲା ସାଧାରଣ ସମ୍ପାଦକ ଶଶାଙ୍କ ଶେଖର ସେଠୀ, ଓବିସି ମୋର୍ଚ୍ଚା ଜିଲା ଉପସଭାପତି ଅରୁଣ କୁମାର ରାଉତ ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

ସେହିପରି ଆଜାଦୀ କୀ ଅମୃତ ମହୋତ୍ସବ ସମିତି, ଆଳି ଖଣ୍ଡ ତରଫରୁ ଏକ ତ୍ରିରଙ୍ଗା ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା । ଏହି ଶୋଭାଯାତ୍ରା ଚଣ୍ଡିଆଗଡ଼ି ସରସ୍ୱତୀ ଶିଶୁମନ୍ଦିରରୁ ଆରମ୍ଭ ହୋଇ ୧୫ ଗାଁ ପରିକ୍ରମା କରି ଆଳି ନୂଆବଜାର ଓ ଦେମାଳ ଦେଇ ସରସ୍ୱତୀ ଶିଶୁ ମନ୍ଦିର, ଆଳି ଠାରେ ପହଞ୍ଚିଥିଲା । ପ୍ରତିକୂଳ ପାଗ ସତ୍ତ୍ୱେ ଏହି ଶୋଭାଯାତ୍ରାରେ ୪୦ରୁ ଊର୍ଦ୍ଧ୍ୱ ମୋଟରସାଇକେଲରେ ଶତାଧିକ ରାଷ୍ଟ୍ରଭକ୍ତ ଭାଗ ନେଇଥିଲେ। ଆଳି ଶିଶୁମନ୍ଦିରରେ ଏକ ବୌଦ୍ଧିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସମିତିର ସଂଯୋଜକ ପ୍ରିୟରଞ୍ଜନ ଦାଶ ଅଗଷ୍ଟ -୧ରୁ ଆଜି ପର୍ଯ୍ୟନ୍ତ ଆଳି ବ୍ଲକରେ ସମିତି ତରଫରୁ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମର ସୂଚନା ଦେଇଥିଲେ ।



ଆଳିରେ ବାହାରିଥିବା ତ୍ରିରଙ୍ଗା ଶୋଭାଯାତ୍ରା ।

## ଲୁଣାନଦୀ ମାଟି ବନ୍ଧରେ ଫାଟ

- ମହାନଦୀ, ପାଇକା, ଲୁଣା ନଦୀବନ୍ଧ ଦୁର୍ବଳ
- ତଳିଆ ଅଞ୍ଚଳ ପାଇଁ ବନ୍ୟା ଭୟ
- ଖରିଫ୍ ଧାନ ଫସଲ ଉଜୁଡ଼ିବ

ମହାକାଳପଡ଼ା,୧୩।୮(ଡି.ଏନ୍.ଏ.)

ଲଘୁଚାପଜନିତ ଲଗାଣ ବର୍ଷା ଲାଗିରହିଛି । ଏଥିସହିତ ହୀରାକୁଦ ଉପର ମୁଣ୍ଡରେ ବର୍ଷା ଯୋଗୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ରାତି ୭ଟା ସୁଦ୍ଧା ୩୪ ଗେଟ୍ ଦେଇ ହୀରାକୁଦ୍ ଡ୍ୟାମ୍‌ରୁ ଜଳ ନିଷ୍କାସନ କରାଯାଉଥିବାରୁ ମହାନଦୀରେ ବନ୍ୟାଜଳ ବୃଦ୍ଧି ପାଇବାରେ ଲାଗିଛି । ଅପରପକ୍ଷେ ଗତ ଜୁନ୍‌ରେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକର ଲୁଣାନଦୀ ଉତ୍ତର ପାର୍ଶ୍ୱ(ତେରଗାଁ ଘାଟ ସନ୍ନିକଟ)ରେ ଏକ ନୂତନ ବନ୍ଧ ନିର୍ମାଣ ସରିଛି । ହେଲେ ସେହି ବନ୍ଧ କାର୍ଯ୍ୟରେ ଛୋଟ ଛୋଟ ପଥର ବ୍ୟବହାର କରାଯାଇଥିବାରୁ ସ୍ଥାନୀୟ ଗ୍ରାମବାସୀ ଏହାକୁ ନେଇ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଏହି ବନ୍ଧକୁ ନଦୀ ତଟବନ୍ଧ ବିଭାଗ ଆଳି ଡିଭିଜନ ପକ୍ଷରୁ ଟେଣ୍ଡର କରାଯାଇ ନିର୍ମାଣ କରାଯାଇଛି । ଉକ୍ତ ବନ୍ଧ ନିର୍ମାଣ ବେଳେ ଉପରଭାଗ ବନ୍ଧରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା । ପ୍ରବଳ ବନ୍ୟାରେ ଏହି ମାଟିବନ୍ଧ ପ୍ରଭାବିତ ହେବା ଆଶଙ୍କା ରହିଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ମହାନଦୀ ଶାଖା ଗୁପ୍ତଗିରି ନଦୀରେ ବନ୍ୟାଜଳ ପ୍ରବେଶ କଲେ ସେହି ଅଞ୍ଚଳର ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଜମିରେ ହୋଇଥିବା ଖରିଫ ଧାନ ଫସଲ ନଷ୍ଟ ହେବାର ଆଶଙ୍କା ରହିଛି ବୋଲି ପ୍ରାକ୍ତନ ସରପଞ୍ଚ ନାଥ କୁମାର ଭୋଳ କହିଛନ୍ତି । ସେହିପରି ଉକ୍ତ ବ୍ଲକ ଦେଇ ପ୍ରବାହିତ ହୋଇଥିବା ମହାନଦୀ, ଲୁଣା, ପାଇକା ଆଦି ନଦୀର ବନ୍ଧ ଦୁର୍ବଳ ରହିଛି । ଏଥିପ୍ରତି ବିଭାଗ ସତର୍କଦୃଷ୍ଟି ଦେବା ପାଇଁ ବୁଦ୍ଧିଜୀବୀ ସୁବାସ ଚନ୍ଦ୍ର ସ୍ୱାଇଁ ଦାବି କରିଛନ୍ତି । ଏ ସମ୍ପର୍କରେ ଆଜି ନଦୀ ତଟବନ୍ଧ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୁବ୍ରତ କୁମାର ଦାଶଙ୍କୁ ପଚାରିବାରୁ ଦୁର୍ବଳ ବନ୍ଧ ଓ ବନ୍ୟା ପ୍ରତି ବିଭାଗର ସତର୍କ ଦୃଷ୍ଟି ରହିଛି ବୋଲି କହିଛନ୍ତି ।



ମହାକାଳପଡ଼ା ବ୍ଲକ ଅଧୀନ ଲୁଣାନଦୀ ମାଟିବନ୍ଧର ନିର୍ମାଣ ସମୟରେ ସୃଷ୍ଟି ହୋଇଥିବା ଫାଟ ।

## ଅନୁପ୍ରବେଶ ରୋକିବାକୁ ହାଇଆଲର୍ଟ

- ସ୍ୱାଧୀନତା ଦିବସ ପୂର୍ବରୁ ସତର୍କତା
- ଉପକୂଳ ଅଞ୍ଚଳରେ ଆତଙ୍କବାଦୀ ଭୟ
- ପୂର୍ବରୁ ଜିଲା ଲିଙ୍କ୍‌ରେ ଥିବା ଆତଙ୍କବାଦୀ ଗିରଫ ହୋଇଛନ୍ତି
- ୧୬୭୭ ଜଣ ଅନୁପ୍ରବେଶକାରୀ ଚିହ୍ନଟ ହୋଇଥିଲେ

କେନ୍ଦ୍ରାପଡ଼ା ଅଫିସ, ୧୩।୮

ସୋମବାର ସ୍ୱାଧୀନତା ଦିବସ । ୭୫ତମ ସ୍ୱାଧୀନତା ଦିବସ ପୂର୍ତ୍ତି ପାଇଁ ଦେଶ ଆଜାଦୀ କୀ ଅମୃତ ମହୋତ୍ସବ ପାଳନ କରୁଛି । ଏହି ସମୟରେ ଦେଶରେ ଆତଙ୍କବାଦୀଙ୍କ କାର୍ଯ୍ୟକଳାପ ବୃଦ୍ଧି ସମ୍ଭାବନା ଥିବାରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ହାଇ ଆଲର୍ଟ ଜାରି କରାଯାଇଛି । ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଜିଲା ପୋଲିସ ବି ସଜାଗ ରହିଛି। ସମୁଦ୍ରପଥ ଦେଇ ଅନୁପ୍ରବେଶ ଭୟ ଥିବାରୁ କେନ୍ଦ୍ରାପଡା ଜିଲାରେ ଗତ ୮ ଦିନ ହେବ ଜିଲା ପୋଲିସ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି ।

ଆତଙ୍କବାଦୀଙ୍କ ଅନୁପ୍ରବେଶ ଓ ଲିଙ୍କ୍ ରହିବା ସମୁଦ୍ର ତଟବର୍ତ୍ତୀ ଏହି ଜିଲାରେ ନୂଆ ନୁହେଁ। ୨୦୧୮ ଅଗଷ୍ଟ ୬ରେ ଏହି ଜିଲାର ପାଟକୁରା ଥାନା ଅନ୍ତର୍ଗତ ତେଣ୍ଡାକୁଡା ପଞ୍ଚାୟତସ୍ଥିତ ମୀରମହଲା ଗ୍ରାମର ହବିବୁର ରହମନଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ଦିଲ୍ଲୀ ଏୟାରପୋର୍ଟରୁ ଗିରଫ କରିଥିଲା । ସେ ଲସ୍କର- ଇ -ତୋଇବାର ଜଣେ ସନ୍ଦିଗ୍ଧ ଆତଙ୍କବାଦୀ ଥିଲେ ବୋଲି ସେତେବେଳେ ଏନ୍ଆଇଏ ପକ୍ଷରୁ କୁହାଯାଇଥିଲା । ଏହା ପୂର୍ବରୁ ୨୦୦୭ରେ ଆତଙ୍କବାଦୀ ସନ୍ଦେହରେ କେନ୍ଦ୍ରାପଡ଼ା ଟାଉନ ଥାନା ଅନ୍ତର୍ଗତ ରଣପଡା ଗ୍ରାମର ମହମ୍ମଦ ଜାଭେଦଙ୍କୁ ଭାରତ- ପାକିସ୍ତାନ ସୀମାରେଖାରୁ ଗିରଫ କରାଯାଇଥିଲା । ୨୦୧୦ରେ ସେ ଜେଲରୁ ମୁକୁଳିବା ପରେ ଅଦ୍ୟାବଧି ତାଙ୍କ ପତ୍ତା ମିଳି ପାରିନାହିଁ । ସେହିପରି ୨୦୧୬ରେ ସନ୍ଦିଗ୍ଧ ଅଲ୍‌କାଏଦା ଆତଙ୍କବାଦୀ ଅବଦୁଲ ରହମନ ଗିରଫ ହେବା ପରେ ଜିଲାର କେତୋଟି ମଦ୍ରାସା ଓ ସ୍ଥାନୀୟ ବ୍ୟକ୍ତିଙ୍କ ସହ ସମ୍ପର୍କ ରଖିଥିବା ନେଇ ଆଲୋଚନା ହୋଇଥିଲା । ଏହି ସହରର ଗୌଡଗୋପ ଅଞ୍ଚଳର ଏକ ମଦ୍ରାସାରେ ସେ ୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ପାଠ ପଢ଼ିଥିବା ଜଣାପଡିଥିଲା । ଅପରପକ୍ଷେ ଜିଲାର ରାଜନଗର, ମହାକାଳପଡା ଅଞ୍ଚଳରେ ଥିବା ଜାତୀୟ ଉଦ୍ୟାନ ଭିତରକନିକାରେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବଢୁଥିବା ନେଇ ଆଲୋଚନା ହେଉଛି ।

ଏ ସମ୍ପର୍କରେ ବୁଦ୍ଧିଜୀବୀ ଇଚ୍ଛାପୁରସ୍ଥ ଚିତ୍ତରଞ୍ଜନ ସାହୁ କହିଛନ୍ତି, ୨୦୦୫ରେ କେନ୍ଦ୍ରାପଡ଼ା ଜିଲାରେ ଅନୁପ୍ରବେଶକାରୀଙ୍କ ଚିହ୍ନଟ ହୋଇଥିଲା । ଏହି ସମୟରେ ମହାକାଳପଡ଼ାରେ ୧୫୫୧, ରାଜନଗରରେ ୯୦ ଓ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ୩୬ ଜଣ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇ ଦେଶାନ୍ତର ନୋଟିସ ଦିଆଯାଇଥିଲା। ୧୯୬୨ରୁ ଅଦ୍ୟାବଧି ଭିତରକନିକା ସଂରକ୍ଷିତ ଅଞ୍ଚଳରେ ୪୩ ନୂତନ ରାଜସ୍ୱ ଗ୍ରାମ ସୃଷ୍ଟି ହୋଇଛି । ଏବେ ଜିଲାରେ ୧୬ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି । ଏଥିମଧ୍ୟରୁ ପ୍ରାୟ ୧ ଲକ୍ଷ ୬୦ ହଜାର ବଙ୍ଗଭାଷୀ ଅଛନ୍ତି । ସେମାନଙ୍କ ମଧ୍ୟରେ ପ୍ରାୟ ୩୨ ହଜାର ବାଂଲାଦେଶୀ ବୋଲି ଏକ ବେସରକାରୀ ସଂସ୍ଥାର ଆକଳନରୁ ସୂଚନା ମିଳୁଛି। ଏହିଅନୁପ୍ରବେଶକାରୀ ରାଜନଗର ଓ ମହାକାଳପଡ଼ା ସମୁଦ୍ର ତଟ, ସୁନ୍ଦରଗଡ଼ ଜିଲା ଓ କଲିକତା ବାଟ ଦେଇ ଆସୁଛନ୍ତି। ସାମାଜିକ କର୍ମୀ ପ୍ରତାପ କୁମାର ମହାନ୍ତି କହିଛନ୍ତି, ଅନୁପ୍ରବେଶକାରୀ ସ୍ଥାନୀୟ ଶିକ୍ଷାନୁଷ୍ଠାନରୁ ପାଠ ପଢ଼ିବା ନେଇ ପ୍ରମାଣପତ୍ର ହାସଲ କରୁଛନ୍ତି । ଏହାକୁ ଦେଖାଇ ରାଜସ୍ୱ ନିରୀକ୍ଷକଙ୍କୁ ହାତ କରି ଜଙ୍ଗଲଜମିକୁ ଲିଜ୍‌ରେ ନେଉଛନ୍ତି । କେନ୍ଦ୍ର ସରକାରଙ୍କ ବିଦେଶୀ ନାଗରିକ ଆଇନ ୧୯୪୭ ଧାରା ୩ ଅନୁସାରେ ଏଠାରେ ଦେଶାନ୍ତର ନୋଟିସ ହେବା କଥା । ମାତ୍ର ଭୋଟ ବ୍ୟାଙ୍କ ରାଜନୀତି ଏମାନଙ୍କୁ ସୁରକ୍ଷା ଯୋଗାଉଛି । ମାନବାଧିକାର କର୍ମୀ ପ୍ରତାପ କୁମାର ପାଢ଼ୀ କହିଛନ୍ତି, ଅନୁପ୍ରବେଶକାରୀଙ୍କ ପାଇଁ ଜିଲା ଅଶାନ୍ତ ହେବା ସହ ଦେଶ ସୁରକ୍ଷା ବିପନ୍ନ ହେଉଛି । ୨୦୧୧ ଜନଗଣନା ସମୟରେ ୭୮ ହଜାରରୁ ଅଧିକ ବଙ୍ଗଭାଷୀଙ୍କ ମଧ୍ୟରୁ ୩୯ ହଜାରଙ୍କ ଭୋଟ ପରିଚୟ ପତ୍ର, ରାଶନ କାର୍ଡଠାରୁ ଆରମ୍ଭ କରି ସରକାରୀ ଯୋଜନାରେ ସାମିଲ ହୋଇଛନ୍ତି । ଜିଲାରେ ୩ ସାମୁଦ୍ରିକ ଥାନା ସହିତ ୧୫ ଥାନା ଥିଲେ ମଧ୍ୟ ଅନୁପ୍ରବେଶ ରୋକିବାକୁ କୌଣସି ପ୍ରୟାସ ନାହିଁ । ହାଇଆଲର୍ଟ ସମ୍ପର୍କରେ ଏସ୍‌ଡିପିଓ ରାଜୀବଲୋଚନ ପଣ୍ଡା କହିଛନ୍ତି, ୨୦୧୯ଅଗଷ୍ଟ ୫ରେ ଜମ୍ମୁ କଶ୍ମୀରରେ ସମ୍ବିଧାନର ଧାରା ୩୭୦ ଓ ୩୫ ଏ ହଟିବା ପରେ ଆତଙ୍କବାଦ ଆଶଙ୍କା ବୃଦ୍ଧି ପାଇଛି । ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ହାଇ ଆଲର୍ଟ ଜାରି କରାଯାଇ ବିଭିନ୍ନ କାର୍ଯ୍ୟକ୍ରମ ହେଉଛି ।

## ସଂକ୍ଷେପରେ

### ୧୫ରୁ ଆଜାଦୀ କା ଅମୃତ ମହୋତ୍ସବର ସ୍ୱତନ୍ତ୍ର ଅଭିଯାନ

ଜଗତ୍‌ସିଂହପୁର ଅଫିସ୍,୧୩।୮: ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଜିଲାରେ ହର୍ ଘର୍ ତ୍ରିରଙ୍ଗା ଓ ଆଜାଦୀ କା ଅମୃତ ମହୋତ୍ସବ ପାଳନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପାରୁଲ୍ ପଟୱାରୀ ଏଥିରେ ପୌରୋହିତ୍ୟ କରିଥିଲେ। ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟ, ସ୍କୁଲ୍, କଲେଜ, ପଞ୍ଚାୟତ କାର୍ଯ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ରରେ ଜାତୀୟ ପତାକା ଉଡ଼ାଇବା ପାଇଁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ଏହାବାଦ୍ ରାଜ୍ୟ ସରକାର ଅଗଷ୍ଟ ୧୫ରୁ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ୪୫ ଦିନ ବ୍ୟାପୀ ଆଜାଦୀ କା ଅମୃତ ମହୋତ୍ସବ ପାଳନ ନିମନ୍ତେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛନ୍ତି। ଏନେଇ ସ୍ୱାଧୀନତା ଆନ୍ଦୋଳନ, ଖ୍ୟାତିସମ୍ପନ୍ନ ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀ, ସ୍ୱାଧୀନତା ଆନ୍ଦୋଳନ ସମୟରେ ଗୁରୁତ୍ୱ ବହନ କରିଥିବା ସ୍ଥାନ ଆଦି ସମ୍ପର୍କରେ ଅଗଷ୍ଟ ୧୫ରୁ ସଚେତନା ରଥ ମାଧ୍ୟମରେ ଅଭିଯାନ ଆରମ୍ଭ ହେବ। ଏହାକୁ ମୁଖ୍ୟମନ୍ତ୍ରୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ। ଅକ୍ଟୋବର ୨ ପର୍ଯ୍ୟନ୍ତ ଏହି ରଥ ବିଭିନ୍ନ ଜିଲା ପରିକ୍ରମା କରିବ। ଜଗତ୍‌ସିଂହପୁର ଜିଲାରେ ସେପ୍ଟେମ୍ବର ୨୫, ୨୬ ଓ ୨୭ ତିନିଦିନ ଧରି ଏହା ପରିକ୍ରମା କରିବ ବୋଲି ବୈଠକରେ କୁହାଯାଇଥିଲା। ଏହି ଅବସରରେ ବିଭିନ୍ନ ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ବିଦ୍ୟାଳୟସ୍ତରରେ କଳା, ଚିତ୍ରାଙ୍କନ, ଫକ୍ ଡ୍ୟାନ୍ସ ଆଦି ପ୍ରତିଯୋଗିତା ଆୟୋଜନ କରାଯିବ। ବିଭିନ୍ନ ବ୍ଲକରେ ହେବାକୁ ଥିବା କାର୍ଯ୍ୟକ୍ରମକୁ ଜିଲାର ବରିଷ୍ଠ ଅଧିକାରୀମାନେ ତଦାରଖ କରିବେ। ଏହି ସବୁ କାର୍ଯ୍ୟକ୍ରମରେ ପଞ୍ଚାୟତ ପ୍ରତିନିଧି, ସ୍ୱାଧୀନତା ସଂଗ୍ରାମୀ, ଛାତ୍ରଛାତ୍ରୀ, ଗଣମାଧ୍ୟମ ପ୍ରତିନିଧି ଓ ଜନସାଧାରଣ ପ୍ରମୁଖ ଉପସ୍ଥିତ ରହିବାକୁ ବୈଠକରେ ସ୍ଥିର ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରୁଦ୍ର ନାରାୟଣ ଦାଶ, ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ବିଡିଓ, ତହସିଲଦାର ଏବଂ ସିଡିପିଓମାନେ ଉପସ୍ଥିତ ଥିଲେ।

### ଜାତିଭିତ୍ତିକ ଜନଗଣନା କରିବ ଯାଦବ ମହାସଭା

ରାଜନଗର,୧୩।୮(ଡି.ଏନ.ଏ.): ରାଜନଗର ବ୍ଲକ କେରେଡାଗଡସ୍ଥିତ ଶ୍ରୀମଦ୍ ବାୟାବାବା ମଠ ପରିସରରେ ରାଜନଗର ବ୍ଲକ ଯାଦବ ମହାସଭାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜନଗର ଯାଦବ ମହାସଭାର ସଭାପତି ମୋହନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲା ଯାଦବ ମହାସଭାର ସମ୍ପାଦକ ପ୍ରଭାକର ପଲେଇ, ଜୋନ ସଭାପତି ମନୋଜ ପରିଡା, ପଟ୍ଟାମୁଣ୍ଡାଇ ବ୍ଲକର ଯଦୁନାଥ ନାୟକ ପ୍ରମୁଖ ଯୋଗଦେଇ ଅନ୍ୟ ରାଜ୍ୟରେ ଯାଦବମାନଙ୍କୁ ଜାତିଭିତ୍ତିକ ଜନଗଣନାରେ ସାମିଲ କରାଯାଉଥିଲେ ମଧ୍ୟ ଓଡିଶାରେ କରାଯାଇନାହିଁ। ତେଣୁ ଉତ୍କଳ ଯାଦବ ମହାସଭା ନିର୍ଦ୍ଦେଶରେ ଓଡିଶାରେ ଜିଲାସ୍ତରୀୟ କର୍ମକର୍ତ୍ତାମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକ ସ୍ତରରେ ନିଜସ୍ୱ କର୍ମକର୍ତ୍ତା ବା ସଭ୍ୟମାନଙ୍କୁ ନେଇ ଜାତିଭିତ୍ତିକ ଜନଗଣନା ଆସନ୍ତା ୧୪ରୁ ଆରମ୍ଭ ହେବ। ଏହି ଜନଗଣନା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଚାଲିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

## ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ

# ଯୁକ୍ତ ୩ରେ ପାସ୍ ହାର ୯୧%

### ପ୍ରଜ୍ଞାପାରମିତା ଶ୍ରେଷ୍ଠ ସ୍ନାତକ, କଳାରେ ସୁପ୍ରଭା, ବାଣିଜ୍ୟରେ ଜ୍ୟୋତିରଞ୍ଜନ ଟପ୍ପର

ଜଗତ୍‌ସିଂହପୁର ଅଫିସ, ୧୩।୮



ଯୁକ୍ତ ୩ ପରୀକ୍ଷା ଫଳ ଘୋଷଣା ଅବସରରେ କଲେଜ ଅଧ୍ୟକ୍ଷ ଡ. ନିରଞ୍ଜନ ବିଶ୍ୱାଳଙ୍କ ସହ ଅଧ୍ୟାପିକା ଓ ଅଧ୍ୟାପକମାନେ।

ଜଗତ୍‌ସିଂହପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ସ୍ମାରକୀ (ଏସ୍‌ଭିଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ୩ ବିଜ୍ଞାନ, କଳା, ବାଣିଜ୍ୟ, ବିବିଏ ଓ ବିସିଏ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ଚଳିତବର୍ଷ ମହାବିଦ୍ୟାଳୟରେ ଶ୍ରେଷ୍ଠ ସ୍ନାତକ ହୋଇଛନ୍ତି ପ୍ରାଣୀ ବିଜ୍ଞାନ (ଜୁଲୋଜି) ତଥା ବିଜ୍ଞାନ ଟପ୍ପର ପ୍ରଜ୍ଞାପାରମିତା ନାୟକ। ସେହିପରି କଳାରେ ସୁପ୍ରଭା ସେନାପତି ଓ ବାଣିଜ୍ୟରେ ଜ୍ୟୋତିରଞ୍ଜନ ପରମାଣିକ ଟପ୍ପର ହେବାର ଗୌରବ ହାସଲ କରିଛନ୍ତି। ଅନ୍ୟପକ୍ଷରେ ବିବିଏରେ ଅନ୍ନଦା ପ୍ରସାଦ ରାଉତ ଓ ବିସିଏରେ ଅପର୍ଣ୍ଣା ବିଶ୍ୱାଳ ଟପ୍ପର ହୋଇଛନ୍ତି। ମହାବିଦ୍ୟାଳୟର ମୋଟ୍ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୧% ପାସ୍ କରିଛନ୍ତି। ଏନେଇ ମହାବିଦ୍ୟାଳୟ ପରିସରରେ ବିଧିବଦ୍ଧ ଭାବେ ଫଳ ଘୋଷଣା କରାଯାଇଛି। ଏହି ସମୟରେ ଅଧ୍ୟକ୍ଷ ଡ. ନିରଞ୍ଜନ ବିଶ୍ୱାଳ, ପରୀକ୍ଷା ନିୟନ୍ତ୍ରକ ଡ. ମନୋଜା ମଞ୍ଜରୀ ସ୍ୱାଇଁ, ଉପ ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ବେହେରାଙ୍କ ସମେତ ପରୀକ୍ଷା ଦାୟିତ୍ୱରେ ଥିବା ଅଧ୍ୟାପିକା ଓ ଅଧ୍ୟାପକମାନେ ଉପସ୍ଥିତ ଥିଲେ।

ମହାବିଦ୍ୟାଳୟର ୨୦ଟି ବିଭାଗର ପରୀକ୍ଷା ଫଳ ପ୍ରକାଶ ପାଇଛି। ବିଜ୍ଞାନରେ ମୋଟ୍ ୨୨୯ ଜଣ ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୨୨୫ ଜଣ ଅର୍ଥାତ୍ ୯୮.୩% ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି। ୧୪୭ ଜଣ ଡିଷ୍ଟିଙ୍କସନ୍ ପାଇଥିବାବେଳେ ମାତ୍ର ୪ ଜଣ ଫେଲ୍ ହୋଇଛନ୍ତି। ସେଥିମଧ୍ୟରୁ ପ୍ରାଣୀ ବିଜ୍ଞାନରେ ୯୬.୫% ଛାତ୍ରୀଛାତ୍ର ପାସ୍ କରିଛନ୍ତି। ଏହି ସମ୍ମାନ ଛାତ୍ରୀ ତଥା କୁଜଙ୍ଗ ବ୍ଲକ ଚଟୁଆ ନିକଟ ପାଟପୁର ଗ୍ରାମର ନବଘନ ନାୟକ ଓ ଝୁନୁବାଳା ମହାନ୍ତିଙ୍କ ଝିଅ ପ୍ରଜ୍ଞାପାରମିତା ୯.୫୫ ସିଜିପିଏ (କ୍ୟୁମୋଲେଟିଭ୍ ଗ୍ରେଡ୍ ପଏଣ୍ଟ ଆଭରେଜ୍) ରଖି ମହାବିଦ୍ୟାଳୟ ଶ୍ରେଷ୍ଠ ସ୍ନାତକ ହେବାର ଗୌରବ ହାସଲ କରିଛନ୍ତି। ସେହିପରି ଉଦ୍ଭିଦ ବିଜ୍ଞାନ (ବଟାନୀ) ସମ୍ମାନରେ ୯୬.୫% ଛାତ୍ରୀଛାତ୍ର ପାସ୍ କରିଥିବାବେଳେ ଦୀପ୍ତିମୟୀ ପତି ୯.୨୮ ସିଜିପିଏ ରଖି ଟପ୍ପର ହୋଇଛନ୍ତି। ରସାୟନ ବିଜ୍ଞାନ (କେମିଷ୍ଟ୍ରି) ସମ୍ମାନରେ ଶତ ପ୍ରତିଶତ ପିଲା ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ଜ୍ଞାନରଞ୍ଜନ ବାରିକ ୯.୩୨ ସିଜିପିଏ ରଖି ଟପ୍ପର ହୋଇଛନ୍ତି। ଗଣିତ ସମ୍ମାନରେ ମଧ୍ୟ ଶତ ପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ରୁତୁପର୍ଣ୍ଣା ସ୍ୱାଇଁ ୯.୫୧ ସିଜିପିଏ ରଖି ଟପ୍ପର ହୋଇଛନ୍ତି। ପଦାର୍ଥ ବିଜ୍ଞାନ (ଫିଜିକ୍ସ) ସମ୍ମାନରେ ଶତ ପ୍ରତିଶତ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ତୁଷାରକାନ୍ତ ଖଟୁଆ ୯.୧୬ ସିଜିପିଏ ରଖି ଟପ୍ପର ହୋଇପାରିଛନ୍ତି।

କଳା (ଆର୍ଟସ୍) ଷ୍ଟ୍ରିମ୍‌ରେ ୨୩୯ ପରୀକ୍ଷା ଦେଇଥିବାବେଳେ ୨୦୩ ଜଣ ଅର୍ଥାତ୍ ୮୪.୯% ଛାତ୍ରୀଛାତ୍ର ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧୯୧ ପ୍ରଥମ ଶ୍ରେଣୀରେ, ୧୨ ଦ୍ୱିତୀୟ ଶ୍ରେଣୀ ଓ ୧୩୬ ଜଣ ଡିଷ୍ଟିଙ୍କସନ୍ ପାଇଛନ୍ତି। ୩୬ ଜଣ ଫେଲ୍ ହୋଇଛନ୍ତି। ଶିକ୍ଷା (ଏଜୁକେଶନ) ସମ୍ମାନ ଛାତ୍ରୀ ତଥା ବାଲିକୁଦା ବ୍ଲକ ଅନ୍ତର୍ଗତ ବୋରିକିନା ଦରଡ଼ା ଗ୍ରାମର ସରୋଜ କୁମାର ସେନାପତି ଓ ରଞ୍ଜିତା ସେନାପତିଙ୍କ କନ୍ୟା ସୁପ୍ରଭା ସେନାପତି ୯.୧୮ ସିଜିପିଏ ରଖି କଳା ଟପ୍ପର ହେବାର ସୌଭାଗ୍ୟ ଲାଭ କରିଛନ୍ତି। ଶିକ୍ଷା ସମ୍ମାନରେ ମଧ୍ୟ ୯୬.୬% ଛାତ୍ରୀଛାତ୍ର ପାସ୍ କରିଛନ୍ତି। ସେହିପରି ଅର୍ଥଶାସ୍ତ୍ର (ଇକୋନୋମିକ୍ସ) ସମ୍ମାନରେ ୯୬.୮% ଛାତ୍ରୀଛାତ୍ର ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ବି.ଏମ୍. ଶାଶ୍ୱତୀ ୮.୧୪ ସିଜିପିଏ ପାଇ ବିଭାଗୀୟ ଟପ୍ପର ହୋଇଛନ୍ତି। ଇଂଲିଶ୍ ସମ୍ମାନରେ ୯୩.୫% ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ଅବିନାଶ କୁମାର ଜେନା ୮.୫୮ ସିଜିପିଏ ନମ୍ବର ରଖି ବିଭାଗୀୟ ଟପ୍ପର ହୋଇଛନ୍ତି। ଇତିହାସ ସମ୍ମାନରେ ୫୮.୬% କୃତକାର୍ଯ୍ୟ ହୋଇଛନ୍ତି। ସ୍ମୃତିକନ୍ୟା ପରିଡ଼ା ୮.୨୮ ସିଜିପିଏ ପାଇ ବିଭାଗୀୟ ଟପ୍ପର ହୋଇଛନ୍ତି। ଓଡ଼ିଆ ସମ୍ମାନରେ ୯୩.୩% ଛାତ୍ରୀଛାତ୍ର ପାସ୍ କରିଥିବାବେଳେ ୮.୯୬ ସିଜିପିଏ ପାଇ ଲିପିନା ସ୍ୱାଇଁ ଟପ୍ପର ହୋଇପାରିଛନ୍ତି। ଫିଲୋଶଫି ସମ୍ମାନରେ ୭୦% ଛାତ୍ରୀଛାତ୍ର ପାସ୍ କରିଥିବାବେଳେ ସ୍ମିତାରାଣୀ ବାରିକ ୮.୭ ସିଜିପିଏ ରଖି ଟପ୍ପର ହୋଇଛନ୍ତି। ରାଜନୀତି ବିଜ୍ଞାନ ସମ୍ମାନରେ ୮୭.୧% ପାସ୍ କରିଥିବାବେଳେ ଶିବ ପ୍ରସାଦ ସେଠୀ ୮.୮୬ ସିଜିପିଏ ପାଇ ଟପ୍ପର ହୋଇଛନ୍ତି। ସଂସ୍କୃତ ସମ୍ମାନରେ ୮୨.୧% ପାସ୍ କରିଥିବାବେଳେ ଶିବ ପ୍ରସାଦ ଦାସ ୮.୪୬ ସିଜିପିଏ ରଖି ଟପ୍ପର ହୋଇଛନ୍ତି।

ବାଣିଜ୍ୟ ଷ୍ଟ୍ରିମ୍‌ରେ ମଧ୍ୟ ଭଲ ଫଳ ହୋଇଛି। ମୋଟ ୨୫୫ ଜଣ ପରୀକ୍ଷା ଦେଇଥିବାବେଳେ ୨୩୪ ଜଣ ଅର୍ଥାତ୍ ୯୧.୮% ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୨୩୦, ଦ୍ୱିତୀୟ ୪ ଓ ଡିଷ୍ଟିଙ୍ଗସନ୍ ୧୩୨ ଜଣ ପାଇଛନ୍ତି। ୨୧ ଜଣ ଫେଲ୍ ହୋଇଛନ୍ତି। ବିରିଡ଼ି ଅଣଖିଆ ବୁଦ୍ଧପଡ଼ା ଗ୍ରାମର ଅଲେଖ ପରମାଣିକ ଓ ଅନସୂୟା ପରମାଣିକଙ୍କ ପୁଅ ଜ୍ୟୋତିରଞ୍ଜନ ୯.୧୨ ସିଜିପିଏ ରଖି ଟପ୍ପର ହେବାର ଗୌରବ ଲାଭ କରିଛନ୍ତି।

ସେଲ୍ଫ ଫାଇନାନ୍ସିଂ (ବିବିଏ ଓ ବିସିଏ) କୋର୍ସରେ ମଧ୍ୟ ୯୫.୭% ସଫଳତା ମିଳିଛି। ବିବିଏରେ ଶତ ପ୍ରତିଶତ ଏବଂ ବିସିଏରେ ୯୪.୪% ସଫଳତା ରହିଛି। ସୂଚନା ମୁତାବକ, ବିବିଏ ଓ ବିସିଏରେ ମୋଟ୍ ୪୭ ଜଣ ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୨ ଜଣ ଫେଲ୍ ହୋଇଛନ୍ତି। ଅବଶିଷ୍ଟ ୪୫ ଜଣ ପ୍ରଥମ ଶ୍ରେଣୀରେ ପାସ୍ କରଛନ୍ତି। ୪୨ ଜଣ ଡିଷ୍ଟିଙ୍ଗସନ୍ ପାଇଛନ୍ତି। ବିବିଏରେ ଅନ୍ନଦା ପ୍ରସାଦ ରାଉତ ୯.୧୩ ସିଜିପିଏ ରଖି ଟପ୍ପର ହୋଇଛନ୍ତି। ବିସିଏରେ ଅପର୍ଣ୍ଣା ବିଶ୍ୱାଳ ୯.୪୧ ସିଜିପିଏ ରଖି ଟପ୍ପର ହୋଇଥିବା ଜଣାପଡ଼ିଛି।

### ଟପ୍ପରଙ୍କ ମୁହଁରୁ...

#### ଆୟକର ଅଧିକାରୀ ହେବାକୁ ଚେଷ୍ଟା କରିବି



ମୋତେ ଯାହା ନମ୍ବର ମିଳିଛି ସେଥିରେ ମୁଁ ବହୁତ ଖୁସି। ଏନେଇ ମା’, ବାପା, ଗାଇଡ୍ ଦିଲୀପ କୁମାର ଜେନାଙ୍କ ସମେତ ମହାବିଦ୍ୟାଳୟ ଓ ଜୁଲୋଜି ବିଭାଗକୁ ଶ୍ରେୟ ଦେବି। ମାଟ୍ରିକ୍‌ରେ ୮୫% ଓ ଯୁକ୍ତ୨ରେ ଦେହ ଖରାପ କାରଣରୁ ୬୬% ନମ୍ବର ରଖିଥିଲି। ଆଗକୁ ସ୍ନାତକୋତ୍ତର (ପିଜି) ନ କରି ଆୟକର ଅଧିକାରୀ (ଇନ୍‌କମ୍ ଟ୍ୟାକ୍ସ ଅଫିସର) ହେବାକୁ ଚେଷ୍ଟା କରିବି। କିନ୍ତୁ ଏନେଇ ଷ୍ଟାଫ୍ ସିଲେକ୍ସନ୍ କମିଶନଙ୍କ ପକ୍ଷରୁ କରାଯାଉଥିବା ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହେବାକୁ ପଡ଼ିବ। ତେଣୁ ଅନ୍‌ଲାଇନ୍‌ରେ କୋଚିଂ ନେବି।

-ପ୍ରଜ୍ଞାପାରମିତା ନାୟକ, ବିଜ୍ଞାନ ଟପ୍ପର ତଥା ଶ୍ରେଷ୍ଠ ସ୍ନାତକ

#### ଅଧ୍ୟାପିକା ହେବାକୁ ଇଚ୍ଛା



ମାଟ୍ରିକ୍‌ରେ ୭୬% ଓ ଯୁକ୍ତ ୨ରେ ୭୫% ନମ୍ବର ରଖିଥିଲି। ଯୁକ୍ତ ୩ ଫଳ ପ୍ରକାଶ ପରେ ମୁଁ ବହୁତ ଖୁସି। ଏହି ସଫଳତା ପାଇଁ ମା’, ବାପା, ମହାବିଦ୍ୟାଳୟ ଅଧ୍ୟାପିକା, ଅଧ୍ୟାପକ, ଗୁରୁଜନମାନଙ୍କୁ ଶ୍ରେୟ ଦେବି। ଅଧ୍ୟାପିକା ହେବାକୁ ମୋର ଇଚ୍ଛା ଅଛି। ତେଣୁ ସ୍ନାତକୋତ୍ତର ରେଭେନ୍ସା କିମ୍ବା ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଶିକ୍ଷାଲାଭ କରିବି। ତା’ପରେ ପିଏଚ୍‌ଡି କରିବି।

-ସୁପ୍ରଭା ସେନାପତି, କଳା ଟପ୍ପର

#### କଷ୍ଟ ଆକାଉଣ୍ଟାଣ୍ଟ ହେବାକୁ ଲକ୍ଷ୍ୟ



ମାଟ୍ରିକରେ ୭୮%, ଯୁକ୍ତ ୨ରେ ୮୦% ମାର୍କ ଥିଲା। ଯୁକ୍ତ ୩ରେ ୮୬% ନମ୍ବର ରହିଥିବାରୁ ଅତ୍ୟନ୍ତ ଖୁସି। ମୋର ଏହି ସଫଳତାର ଶ୍ରେୟ ପରିବାର, କୋଚିଂ ସେଣ୍ଟର ଓ ମହାବିଦ୍ୟାଳୟ ଅଧ୍ୟାପକମାନଙ୍କୁ ଦେବି। ଆଗକୁ କଷ୍ଟ ଆକାଉଣ୍ଟାଣ୍ଟ ହେବାକୁ ଲକ୍ଷ୍ୟ। ତେଣୁ ଏବେଠାରୁ କଟକର ଏକ ଅନୁଷ୍ଠାନରେ ସିଏମ୍‌ଏ (କଷ୍ଟ ଆଣ୍ଡ ମ୍ୟାନେଜ୍‌ମେଣ୍ଟ ଆକାଉଣ୍ଟିଂ) କରୁଛି।

-ଜ୍ୟୋତିରଞ୍ଜନ ପରମାଣିକ, ବାଣିଜ୍ୟ ଟପ୍ପର

## ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

# ୩୩୪୬ ମାମଲା ଫଇସଲା, ୨ କୋଟି ଆଦାୟ

ଜଗତ୍‌ସିଂହପୁର ଅଫିସ, ୧୩।୮





ରାଷ୍ଟ୍ରୀୟ ଲୋକ ଅଦାଲତରେ ଯୋଗଦେଇଥିବା ବିଚାରପତି ଓ ଅନ୍ୟମାନେ।

ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଶନିବାର ଜଗତ୍‌ସିଂହପୁର ଜିଲା କୋର୍ଟ ପରିସରରେ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଓ ଦୌରାଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ଅନୁପ କୁମାର ଚନ୍ଦନ ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାଜଜ୍ ରାଜଶ୍ରୀ ମହାପାତ୍ର, ସିଜେଏମ୍ ପ୍ରିୟରଞ୍ଜନ ମିଶ୍ର, ପ୍ରାଧିକରଣ ସଚିବ ସୁନନ୍ଦା ପାଢ଼ୀ, ସବ୍‌ଜଜ୍ ସୁଦୀପ୍ତ ଦେହୁରୀ, ମହିଳା କୋର୍ଟ ବିଚାରପତି ରଶ୍ମିତା ସାହୁ, ସିଭିଲ କୋର୍ଟ ରେଜିଷ୍ଟ୍ରାର ସୁଦୀପା ପାତ୍ର, ସବ୍‌ଜଜ୍ (ଏଲ୍‌ଆର୍) ଅଜୟ କୁମାର ଦାସ, ଏସ୍‌ଡିଜେଏମ୍ ବିଷ୍ଣୁ ପ୍ରସାଦ ଦେବତା, ମୁନ୍‌ସିଫ୍ ନିରଞ୍ଜନ ଦାସ, ଜେଏମ୍‌ଏଫ୍‌ସି ଝିଲିଲିନା ନାୟକ ଓ ଜେଏମ୍‌ଏସ୍‌ସି ମଲ୍ଲିକା ଗୋଏଙ୍କା ପ୍ରମୁଖ ଯୋଗଦେଇ ମାମଲାଗୁଡ଼ିକ ପରିଚାଳନା କରିଥିଲେ। ଦୁର୍ଘଟଣାଜନିତ ମକଦ୍ଦମାର ବିଚାର ପାଇଁ ଉଦ୍ଦିଷ୍ଟ ବେଞ୍ଚରେ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଭଜହରି କର, ସରକାରୀ ଓକିଲ ସଲିଲ ଘୋଷ, ଆଇନଜୀବୀ ଧିରେନ୍ଦ୍ରନାଥ ଆଚାର୍ଯ୍ୟ, ଶଲ୍ୟ ବିଭାଗ ଡାକ୍ତର ସତ୍ୟବ୍ରତ ଭୂୟାଁ, ସାମାଜିକ କର୍ମୀ ସୁଷମା ପ୍ରଧାନ ଯୋଗଦେଇ ମାମଲା ପରିଚାଳନା କରିଥିଲେ। ଏହି ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଯଥା ଫୌଜଦାରି (ସାଲିସ୍‌ଯୋଗ୍ୟ), ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବୈବାହିକ ବିବାଦ, ରାଜସ୍ୱ ଓ ଅନ୍ୟାନ୍ୟ ଦେୱାନି ସହ ଜିଲାରେ ଥିବା ବ୍ୟାଙ୍କ ସମ୍ବନ୍ଧୀୟ ପ୍ରାକ୍ ମକଦ୍ଦମାଗୁଡ଼ିକର ଫଇସଲା ହୋଇଥିଲା। ଏହି ଅବସରରେ ଜିଲାର ୪୪୪୩ ମାମଲା ମଧ୍ୟରୁ ୩୨୩୨ଟି ଫଇସଲା କରାଯାଇ ୧,୮୫,୪୭,୩୬୩ ଟଙ୍କା ଆଦାୟ କରାଯାଇଥିଲା। ସେହିପରି ବ୍ୟାଙ୍କ ସମ୍ବନ୍ଧୀୟ ୪୨୬୮ଟି ମାମଲା ମଧ୍ୟରୁ ୧୧୪ଟିର ସଫଳ ଫଇସଲା ହୋଇଥିଲା। ଏ ବାବାଦକୁ ୧୯,୫୫,୩୦୦ ଟଙ୍କା ଋଣ ଆଦାୟ କରାଯାଇଥିଲା। କେବଳ ଜିଲା କୋର୍ଟ ନୁହେଁ କୁଜଙ୍ଗ, ତିର୍ତ୍ତୋଲ, ରଘୁନାଥପୁର ଓ ଏରସମା କୋର୍ଟ ପ୍ରାଙ୍ଗଣରେ ମଧ୍ୟ ଲୋକ ଅଦାଲତ ଆୟୋଜନ କରାଯାଇ ମକଦ୍ଦମାଗୁଡ଼ିକର ଫଇସଲା କରାଯାଇଛି। ଏଥିସହ ଜରିମାନା ଆଦାୟ କରାଯାଇଛି।

### ବାଇକ୍‌କୁ ଧକ୍କା ଦେଲା ଟ୍ରକ୍: ଯୁବକ ମୃତ

ପାରାଦୀପ,୧୩।୮(ସ୍ୱ.ପ୍ର.)

ପାରାଦୀପ ଲକ୍ ଥାନା ଅନ୍ତର୍ଗତ ଜାତୀୟ ରାଜପଥର ଦୋଛକିଠାରେ ଶନିବାର ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଲକ୍ ଥାନା ଅନ୍ତର୍ଗତ ସୁନାଡିଆ କନ୍ଧାର ହରିଶ୍ଚନ୍ଦ୍ର ଲେଙ୍କା (୪୪)। ସେ ଅପରାହ୍ନରେ ବାଇକ୍ ଯୋଗେ ପାରାଦୀପରୁ ସୁନାଡିଆ କନ୍ଧା ଅଭିମୁଖେ ଯାଉଥିବା ବେଳେ ପଛପଟୁ ଏକ ଟ୍ରକ୍ ଆସି ତାଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ଲେଙ୍କାଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏଥିସହ ସମ୍ପୃକ୍ତ ଟ୍ରକ୍‌କୁ ଜବତ କରିଛି। ମାତ୍ର ଟ୍ରକ୍ ଚାଳକ ଫେରାର ହୋଇଯାଇଛନ୍ତି। ଏ ନେଇ ଥାନାରେ ମାମଲା (ନଂ.୨୪୫/୨୨)ରୁଜୁ ହୋଇଛି। ସୂଚନାଯୋଗ୍ୟ, ଅଠରବାଙ୍କୀ ଦୋଛକି ରାସ୍ତାରେ ଭାରିଯାନ ପାର୍କିଂ, ଜବରଦଖଲ ଯୋଗୁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ଏଥିପାଇଁ ଅନେକ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ ଓ ପ୍ରତିବାଦ ଆଦି କରାଯିବା ସତ୍ତ୍ୱେ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନ ଥିବା ସାଧାରଣରେ ଅଭିଯୋଗ ହୋଇଛି।

### ବଳଦେବଜୀଉଙ୍କ ୱେବ୍ ତଥ୍ୟକୁ ନେଇ ଅସନ୍ତୋଷ

କେନ୍ଦ୍ରାପଡ଼ା ଅଫିସ, ୧୩।୮





କେନ୍ଦ୍ରାପଡ଼ାର ଆରାଧ୍ୟଦେବ ତୁଳସୀ କ୍ଷେତ୍ରାଧିପତି ଶ୍ରୀ ବଳଦେବଜୀଉଙ୍କ ଅବସ୍ଥିତି ଓ ଅନ୍ୟ ତଥ୍ୟ ଟେମ୍ପଲପୁରୋହିତ ଡଟ କମ୍ ନାମକ ଏକ ୱେବ୍‌ସାଇଟରେ ଉଲ୍ଲେଖ ହୋଇଛି। ତେବେ ଏଥିରେ ଥିବା ଭୁଲ ତଥ୍ୟ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷର କାରଣ ହୋଇଛି। ଏହି ସାଇଟ୍‌ରେ ଶ୍ରୀଜୀଉଙ୍କ ଫଟୋ ଅପ୍‌ଲୋଡ ହୋଇଛି। ତେବେ ମନ୍ଦିରର ଅବସ୍ଥିତି ଇଚ୍ଛାପୁର ବଦଳରେ କେନ୍ଦ୍ରାପଡା ଜିଲା ପଶ୍ଚିମବଙ୍ଗ ରାଜ୍ୟରେ ବୋଲି ଉଲ୍ଲେଖ ରହିଛି। ସେହିପରି ସ୍ଥାନୀୟ ଅଞ୍ଚଳର ଭାଷା ଓଡ଼ିଆ ହୋଇଥିଲେ ମଧ୍ୟ ବଙ୍ଗଳା ଓ ଇଂଲିଶ ବୋଲି ଦର୍ଶାଯାଇଛି। ଏପରି ଘଟଣା ନଜରକୁ ଆସିବା ପରେ ଶ୍ରୀ ବଳଦେବଜୀଉ ନାମକ ଏକ ସାମାଜିକ ଗଣମାଧ୍ୟମ ପେଜରେ ଏହାକୁ ପ୍ରବଳ ବିରୋଧ କରାଯାଇଛି। ଏହି ଘଟଣାକୁ ଜିଲା ପ୍ରଶାସନ ଓ ରାଜ୍ୟ ସଂସ୍କୃତି ବିଭାଗ, ପର୍ଯ୍ୟଟନ ବିଭାଗ ଗୁରୁତ୍ୱ ଦେଇ ପୁରୋହିତ ଡଟ କମ୍‌ରୁ ଉପରୋକ୍ତ ଭ୍ରମାତ୍ମକ ତଥ୍ୟ ହଟାଇବାକୁ ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି।

# କଂଗ୍ରେସର ଗୌରବମୟ ପଦଯାତ୍ରା

ବାଲିଆ, ୧୩।୮(ସ୍ୱ.ପ୍ର.):

ପ୍ରବଳ ବର୍ଷା ଓ ପ୍ରତିକୂଳ ପାଗ ସତ୍ତ୍ୱେ ବିରିଡି ବ୍ଲକ କଂଗ୍ରେସ ପକ୍ଷରୁ ସ୍ୱାଧୀନତାର ଗୌରବମୟ ପଦଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ହିମାଂଶୁ ଭୂଷଣ ମଲ୍ଲିକଙ୍କ ନିର୍ଦ୍ଦେଶରେ ବିରିଡି ବ୍ଲକ କଂଗ୍ରେସ କମିଟି ସଭାପତି ଯୁବନେତା ପ୍ରିୟବ୍ରତ ମିଶ୍ର ଏହି ପଦଯାତ୍ରାର ନେତୃତ୍ୱ ନେଇଥିଲେ। ଭାରତ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଦଳ ତରଫରୁ ଦିଆଯାଇଥିବା ଭାରତ ଯୋଡ଼ ଡାକରା ପରିପ୍ରେକ୍ଷୀରେ ଏହି ପଦଯାତ୍ରା ଆୟୋଜନ କରାଯାଇଥିଲା। ଏଥିରେ ବରିଷ୍ଠ କଂଗ୍ରେସ ନେତା ଭାଗ୍ୟଧର ଜେନା, ବସନ୍ତ ପାତ୍ର, ବଳରାମ ମଲିକ, ଆର୍ତ୍ତତ୍ରାଣ ସାହୁ, ପୂର୍ବତନ ସରପଞ୍ଚ ବିମଳ ସେଠୀ, ସମୀର ଖୁଣ୍ଟିଆ, ପବିତ୍ର ପ୍ରଧାନ, ସୁଶୀଲ ଦାଶ, କିଶୋର ପଟ୍ଟନାୟକ, ସତ୍ୟଜିତ ମହାନ୍ତି ଓ ଲକି ସ୍ୱାଇଁ ପ୍ରମୁଖ ସାମିଲ ଥିଲେ। ଏହି ଅବସରରେ କଂଗ୍ରେସ କର୍ମୀମାନେ ତ୍ରିରଙ୍ଗା ପତାକା ଧରି ବିରିଡ଼ି ଛକରୁ ବାହାରି ହାଜିପୁର ପର୍ଯ୍ୟନ୍ତ ଯାଇଥିଲେ।





ଭାରତ ଯୋଡ଼ ପଦଯାତ୍ରାରେ ସାମିଲ ହୋଇଥିବା କଂଗ୍ରେସ କର୍ମୀ।

# ଜଳ ନିଷ୍କାସନ ହେଉନି: ଚିନ୍ତାରେ ପଞ୍ଚାୟତବାସୀ

**ଲଘୁଚାପଜନିତ ଲଗାଣ ବର୍ଷା**

- ତଳି ଘେରା ବୁଡ଼ି ନଷ୍ଟ ହେବା ଆଶଙ୍କା
- ୧୦ ବର୍ଷ ହେବ କ୍ଷତିସହୁଛନ୍ତି ଲୋକେ

ରଘୁନାଥପୁର,୧୩।୮(ଡି.ଏନ୍.ଏ.)

ଲଘୁଚାପଜନିତ ଲଗାଣ ବର୍ଷା ଫଳରେ ରଘୁନାଥପୁର ବ୍ଲକ ରାଢ଼ଙ୍ଗ ପଞ୍ଚାୟତବାସୀଙ୍କ ଚିନ୍ତା ବଢ଼ିଯାଇଛି। ଜଳ ନିଷ୍କାସନରେ ସମସ୍ୟା ଯୋଗୁ ଉପରମୁଣ୍ଡରୁ ବର୍ଷାପାଣି ଗଡ଼ି ଏହି ସ୍ଥାନରେ ଜମାହୋଇ ରହୁଛି। ଫଳରେ ରାଢ଼ଙ୍ଗ ଓ ଜିରା ଗ୍ରାମର ଚାଷଜମିରେ ପଡ଼ିଥିବା ତଳିଘେରା ବୁଡ଼ିବା ଆରମ୍ଭ କରିଛି। ସେହିପରି ପୂଜା, କଳିଙ୍ଗା ଓ କରିମୂଳ ଆଦି ଗ୍ରାମର ଚାଷଜମି ମଧ୍ୟ କେତେକାଂଶରେ ବୁଡ଼ିରହିଛି। ଆସନ୍ତା ଦୁଇଦିନ ମଧ୍ୟରେ ଉଦ୍‌ବୃତ୍ତ ବର୍ଷାପାଣି ସମ୍ପୂର୍ଣ୍ଣ ତଳି ଘେରାକୁ ବୁଡାଇ ନଷ୍ଟ କରିଦେବା ନେଇ ଆଶଙ୍କା ସୃଷ୍ଟି ହୋଇଛି ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି।



ଚାଷ ଜମିରେ ବର୍ଷା ପାଣି ଜମି ରହିଛି।

ଜଗତ୍‌ସିଂହପୁର ଗାନ୍ଧୀଛକଠାରୁ ବାହାରିଥିବା ମାଧପୁର ସଫେଇ ଓ କନ୍ଦରପୁରଠାରୁ ଆସୁଥିବା ବର୍ଷାପାଣି ଏହି ପଞ୍ଚାୟତର ଚାଷଜମି ଦେଇ ନାଳିବାରସ୍ଥିତ ହଂସୁଆ ସଫେଇକୁ ନିଷ୍କାସିତ ହୋଇଥାଏ। ଏହା ଖାଲୁଆ ଅଞ୍ଚଳ ହୋଇଥିବାବେଳେ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା ନ ଥିବାରୁ ପ୍ରତିବର୍ଷ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି।

ଏହି ସମସ୍ୟାର ସମାଧାନ ପାଇଁ ଗତ ଦଶବର୍ଷ ଧରି ପଞ୍ଚାୟତବାସୀଙ୍କ ପକ୍ଷରୁ ବିଭିନ୍ନ ସମୟରେ ଆନ୍ଦୋଳନ ଓ ଅନଶନ କରାଯାଉଥିଲେ ବି ଜଳସେଚନ ଓ ଡ୍ରେନେଜ୍ ବିଭାଗ ପକ୍ଷରୁ ସେପରି ପଦକ୍ଷେପ ନିଆଯାଉନାହିଁ ବୋଲି ନବନିର୍ମାଣ କୃଷକ ସଙ୍ଗଠନ ରାଜ୍ୟ କର୍ମକର୍ତ୍ତା ଦେବୀପ୍ରସାଦ ମହାରଣା କ୍ଷୋଭର ସହ ପ୍ରକାଶ କରିଛନ୍ତି। ଶନିବାର ଅପରାହ୍ନରେ ଚାଷୀମାନେ ମିଳିତ ହୋଇ ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ତୁରନ୍ତ ଏନେଇ ପଦକ୍ଷେପ ନେବାକୁ ବିପିନ ପାଳ, ବିପିନ ମୁଦୁଲି, ଅତିଥି ସ୍ୱାଇଁ, ରାକେଶ ଜେନା, ଚନ୍ଦ୍ରଶେଖର ରାଉତ, ଭାସ୍କର ପାଳ, ଉଲ୍ଲାସ ପାଳ, କିଶୋର ରାଉତ, ଶିଶିର ପାଳ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗର ସହକାରୀ ଯନ୍ତ୍ରୀ ପ୍ରସନ୍ନ ପଣ୍ଡା କୁହନ୍ତିଯେ, ଉକ୍ତ ପଞ୍ଚାୟତ ଦେଇ ଯାଇଥିବା ଜଳସେଚିତ କେନାଲରେ ଜଳପ୍ରବାହ ବନ୍ଦ କରିଦିଆଯାଇଛି। ତୁରନ୍ତ ଉକ୍ତ ବାଟ ଦେଇ ବର୍ଷା ପାଣି ନିଷ୍କାସନ ହେବାରେ କୌଣସି ସମସ୍ୟା ରହିବ ନାହିଁ।

**ଭଲ ଲାଭ ଦେଉଛି ପତାକା କାରବାର**

ନୂଆଦିଲ୍ଲୀ: ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ୧୩ରୁ ୧୫ ଅଗଷ୍ଟ ପର୍ଯ୍ୟନ୍ତ ହରଘର ତ୍ରିରଙ୍ଗା ଅଭିଯାନରେ ଜାତୀୟ ପତାକା ଉଡାଇବାକୁ ଆହ୍ୱାନ କରିଛନ୍ତି। ସରକାରଙ୍କ ଆହ୍ୱାନ ଓ ଦେଶବାସୀଙ୍କ ଆଗ୍ରହ ଯୋଗୁ ଚଳିତ ବର୍ଷ ପତାକା କାରବାର ଆଶାତିତ ଭାବେ ବଢି ଯାଇଛି। ଏପରିକି ପୂର୍ବ ବର୍ଷ ଠାରୁ ୩୦୦% ପତାକା ବିକ୍ରି ହେଉଛି ଯାହାର ସିଧା ଲାଭ ପତାକା ନିର୍ମାଣକାରୀ ସଂସ୍ଥା ଓ ଗୋଷ୍ଠୀଙ୍କୁ ମିଳିଛି। ସରକାରଙ୍କ ଆହ୍ୱାନ ଯୋଗୁ ଦେଶରେ ୨୫ ରୁ ୩୦ କୋଟି ପତାକା ବିକ୍ରି ହୋଇପାରେ ବୋଲି ଆକଳନ କରାଯାଉଛି।

# ଏସ୍‌ବିଆଇର ହର୍ ଘର୍ ତିରଙ୍ଗା ଅଭିଯାନ



ଭୁବନେଶ୍ୱର,୧୩।୮

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶ 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ କରୁଛି। ଏହି ମହୋତ୍ସବ ଅନ୍ତର୍ଗତ ହର୍ ଘର୍ ତିରଙ୍ଗା ଅଭିଯାନରେ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)ର ଭୁବନେଶ୍ୱର ମଣ୍ଡଳ ମଧ୍ୟ ସାମିଲ ହୋଇଛି। ଏହି ପରିପ୍ରେକ୍ଷୀରେ ଶନିବାର ବ୍ୟାଙ୍କ ପକ୍ଷରୁ ଜାତୀୟ ପତାକା ବଣ୍ଟନ ସହ ପ୍ରଭାତ ଫେରି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଶର୍ମାଙ୍କ ନେତୃତ୍ୱରେ ସକାଳ ୬ ଟା ୪୫ରେ ବ୍ୟାଙ୍କର ପ୍ରଧାନ କାର୍ଯ୍ୟାଳୟରୁ ଉକ୍ତ ଶୋଭାଯାତ୍ରାର ଶୁଭାରମ୍ଭ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ବିଆଇର ମହାପ୍ରବନ୍ଧକ ଉତ୍ତମ କୁମାର ହାଜରା ଚୌଧୁରୀ, ମଣ୍ଡଳ ବିକାଶ ଅଧିକାରୀ ମନୋଜ କୁମାର ସିଂ ଏବଂ ଅନ୍ୟ ବରିଷ୍ଠ ମହାପ୍ରବନ୍ଧକମାନଙ୍କ ସହ ୩୦୦ରୁ ଉର୍ଦ୍ଧ୍ୱ ଅଧିକାରୀ ଓ କର୍ମଚାରୀ ଉକ୍ତ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ସେହିଭଳି ବ୍ୟାଙ୍କ ପକ୍ଷରୁ ୧୨ଦିନିଆ ଗ୍ରାହକ ସମ୍ପର୍କ ଅଭିଯାନ ସହ ଜାତୀୟ ପତାକା ବଣ୍ଟନ କାର୍ଯ୍ୟକ୍ରମ ରହିଛି। ପତାକାଗୁଡିକୁ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ଅନ୍ତର୍ଗତ ଏସ୍‌ଏଚ୍‌ଜିଙ୍କଠାରୁ କ୍ରୟ କରାଯାଇଛି।

# 'ୱ୦୩୧ ସୁଦ୍ଧା ବିଶ୍ୱର ୨ୟ ସର୍ବବୃହତ୍ ଅର୍ଥନୀତି ହେବ ଭାରତ'

ନୂଆଦିଲ୍ଲୀ,୧୩।୮

ଭାରତ ୨୦୩୧ ସୁଦ୍ଧା ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ଅର୍ଥନୀତି ହେବାର କ୍ଷମତା ରଖିଛି। ଏପରିକି ୨୦୬୦ ସୁଦ୍ଧା ଚାଇନାକୁ ଟପି ଭାରତ ବିଶ୍ୱର ସର୍ବବୃହତ୍ ଅର୍ଥନୀତି ହେବା ସମ୍ଭାବନା ରହିଛି ବୋଲି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ)ର ଡେପୁଟି ଗଭର୍ନର ଡ. ମାଇକେଲ ଦେବବ୍ରତ ପାତ୍ର ମତବ୍ୟକ୍ତ କରିଛନ୍ତି। ଶନିବାର ରିଜର୍ଭ ବ୍ୟାଙ୍କ ପକ୍ଷରୁ ଆୟୋଜିତ ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପାତ୍ର କହିଛନ୍ତି, ୨୦୪୦ରୁ ୫୦ ମସିହା ମଧ୍ୟରେ ଦେଶର ଅଭିବୃଦ୍ଧି ୪ରୁ ୫%କୁ ହ୍ରାସ ପାଇଲେ ମଧ୍ୟ ୨୦୬୦ ସୁଦ୍ଧା ଭାରତ ବିଶ୍ୱର ବୃହତ୍ତମ ଅର୍ଥନୀତି ହେବା ସମ୍ଭାବନା ରହିଛି। ଭାରତ ବର୍ତ୍ତମାନ ବିଶ୍ୱର ୬ଷ୍ଠ ବୃହତ୍ ଅର୍ଥନୀତି। କିନ୍ତୁ କ୍ରୟ ଶକ୍ତି ସମତା (ପିପିପି) ଆଧାରରେ ଚାଇନା ଓ ଆମେରିକା ପରେ ବିଶ୍ୱ ଜିଡିପିର ୭% ଅଂଶୀଦାର ସହ ଭାରତ ବର୍ତ୍ତମାନ ବିଶ୍ୱର ୩ୟ ବୃହତ୍ ଅର୍ଥନୀତି ହୋଇପାରିଛି। ସେହିପରି ଭାରତ ୨୦୨୭ରେ ୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ ହେବ। ୨୦୨୦-୨୧ ଆର୍ଥିକ ବର୍ଷରେ କୋଭିଡ୍ ମହାମାରୀ ଯୋଗୁ ଜିଡିପି ୬.୬% କୁ ହ୍ରାସ ପାଇଥିବାବେଳେ ୨୦୨୧-୨୨ ଆର୍ଥିକ ବର୍ଷରେ ଏହା ୮.୭% କୁ ଫେରିଛି। ଜିଡିପିର ପୂର୍ବ ମହାମାରୀ ସ୍ତରଠାରୁ ୧.୫% ଅଧିକ ରହିଛି ବୋଲି ସେ କହିଥିଲେ। ଚଳିତ ଆର୍ଥିକ ବର୍ଷ ପାଇଁ ଜିଡିପି ୭.୨% ବୃଦ୍ଧି ପାଇବ ବୋଲି ଆର୍‌ବିଆଇ ପକ୍ଷରୁ ଆକଳନ କରାଯାଇଥିବା ପାତ୍ର କହିଛନ୍ତି।

ଅପରପକ୍ଷରେ ଓଇସିଡି ଆକଳନ ଅନୁସାରେ ୨୦୪୮ ସୁଦ୍ଧା ଭାରତ ଆମେରିକା ଅର୍ଥନୀତିକୁ ଟପିପାରେ ବୋଲି ଆକଳନ କରାଯାଇଛି। ଏପରିକି ଚାଇନା ପରେ ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ ଅର୍ଥନୀତି ହେବ। ଭାରତ ନିଜର ଡେମୋଗ୍ରାଫିକ ଡିଭିଡେଣ୍ଡ, ମାନୁଫାକ୍ଚରିଂ, ରପ୍ତାନି ଓ ଆନ୍ତର୍ଜାତିକୀକରଣ ଜରିଆରେ ଏହି ଲକ୍ଷ୍ୟ ହାସଲ କରିପାରିବ। ତେବେ ଏହି ଲକ୍ଷ୍ୟ ହାସଲରେ ଅନେକ ପ୍ରତିବନ୍ଧକ ଏବେ ମଧ୍ୟ ରହିଛି। ମହାମାରୀର ମାନ୍ଦାବସ୍ଥା ଯୋଗୁ ଲୋକଙ୍କ ଜୀବନ ଜୀବିକା ଓ ଉତ୍ପାଦନ ବ୍ୟାପକ ପ୍ରଭାବିତ ହୋଇଛି। ସେସବୁରେ ସୁଧାର ସାଙ୍ଗକୁ ଅର୍ଥନୀତିର ପୂର୍ବ ସ୍ଥିତିକୁ ଫେରିବାକୁ ଭାରତ ପ୍ରାୟ ୧୦ବର୍ଷ ଲାଗିଯିବ। ସେହିଭଳି ଭିତ୍ତିଭୂମି ନିବେଶରେ ଭାରତ ବିଶ୍ୱରେ ବହୁ ପଛରେ ରହିଛି। ଏପରିକି ଭାରତୀୟ ଶ୍ରମବଳର କେବଳ ୪୬.୨% ନିଯୁକ୍ତିକ୍ଷମ, ଯାହାକି ଅର୍ଥନୀତି ବିକାଶରେ ଏହା ଏକ ବଡ ପ୍ରତିବନ୍ଧକ। ଆର୍‌ବିଆଇ ପକ୍ଷରୁ ଆକଳନ କରାଯାଇଛି ଯେ ଭାରତ ଏ ସବୁ ଚ୍ୟାଲେଞ୍ଜକୁ ମୁକାବିଲା କରିପାରିବ। ତେବେ ଆଗାମୀ ଦଶନ୍ଧିରେ ୧୧% ହାରରେ ବିକାଶ କରିପାରିଲେ ଭାରତ ୨୦୪୮ ନୁହେଁ ବଂର ୨୦୩୧ରେ ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ଅର୍ଥନୀତିରେ ପରିଣତ ହେବ ଏବଂ ୨୦୬୦ ସୁଦ୍ଧା ବିଶ୍ୱର ସର୍ବବୃହତ୍ ଅର୍ଥନୀତି ହେବା ଯଥେଷ୍ଟ ସମ୍ଭାବନା ରହିଛି।


ଡ. ମାଇକେଲ ଦେବବ୍ରତ ପାତ୍ର


**୭୬ତମ ଜନ୍ମଦିନ ଶୁଭେଚ୍ଛା**



**ଶ୍ରୀଯୁକ୍ତ ରାମଚନ୍ଦ୍ର ଦାସ**
୧୦୧୮, ଶ୍ରୀରାମ ନଗର, ଓଲ୍ଡ ଟାଉନ, ଭୁବନେଶ୍ୱର
ଆଜି ୭୬ତମ ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀଲିଙ୍ଗରାଜଙ୍କ ନିକଟରେ ଆପଣଙ୍କ ଦୀର୍ଘ ନିରାମୟ ଜୀବନର କାମନା କରୁଛୁ।
ଶୁଭେଚ୍ଛା ସହ: ଦାସ ପରିବାର, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଜୟ ମାତାଦୀ।
ଧ-୭୩୩୪୫


# ଋଣ ଓ ଜମା କ୍ଷେତ୍ରରେ ବିଓଏମ୍ ଶୀର୍ଷ

ଭୁବନେଶ୍ୱର,୧୩।୮

ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଋଣ ଓ ଜମା କ୍ଷେତ୍ରରେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍) ଶୀର୍ଷ ସ୍ଥାନ ଲାଭ କରିଛି। ବ୍ୟାଙ୍କର ପୁଣେ ମୁଖ୍ୟ କାର୍ଯ୍ୟାଳୟର ରେକର୍ଡ ଅନୁଯାୟୀ ଚଳିତ ବର୍ଷ ଜୁନ୍ ଶେଷ ସୁଦ୍ଧା ୨୭.୧୦ % ଅଭିବୃଦ୍ଧି ହାରରେ ବ୍ୟାଙ୍କର ଗ୍ରସ୍ ଋଣ ୧,୪୦,୫୬୧କୋଟି ଟଙ୍କାରେ ପହଞ୍ଚିଛି। ସେହିଭଳି ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ଓ ବ୍ୟାଙ୍କ ଅଫ୍ ବରୋଦାର ଋଣ ଯଥାକ୍ରମେ ୧୬.୪୩ ଓ ୧୫.୭୩ % ରହିଛି। ସେହିପରି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ୧୩.୬୬% ଅଭିବୃଦ୍ଧି ହାରରେ ଚତୁର୍ଥ ସ୍ଥାନରେ ରହିଛି। ଜମା କ୍ଷେତ୍ରରେ ବିଓଏମ୍ ଜୁନ୍ ଶେଷ ସୁଦ୍ଧା ୧୨.୩୫% ବୃଦ୍ଧି ହାରରେ ୧,୯୫,୯୦୯କୋଟି ଟଙ୍କାରେ ପହଞ୍ଚିଛି। ୯.୪୨% ବୃଦ୍ଧି ହାରରେ ୟୁନିୟନ୍ ବ୍ୟାଙ୍କ ୨ୟ ସ୍ଥାନରେ ରହିଥିବା ବେଳେ ବ୍ୟାଙ୍କ ଅଫ୍ ବରୋଦାର ବୃଦ୍ଧି ହାର ୮.୫୧% ରହିଛି। ଜୁନ୍ ମାସରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ଅନାଦେୟ ଋଣର କ୍ରମାଗତ ହ୍ରାସ ଯୋଗୁ ବ୍ୟାଙ୍କଗୁଡିକ ଅଧିକ ଲାଭାନ୍ୱିତ ହୋଇଛନ୍ତି। ଏହା ଆଗାମୀ କ୍ୱାର୍ଟରରେ ବ୍ୟାଙ୍କର ବାଲାନ୍ସସିଟ୍‌ରେ ସକାରାତ୍ମକ ପ୍ରଭାବ ପକାଇବ।

# ଫେଡେରାଲ ବ୍ୟାଙ୍କ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



ଭୁବନେଶ୍ୱର,୧୩।୮

ଫେଡେରାଲ ବ୍ୟାଙ୍କର ପାରାଦୀପ ଶାଖା ପକ୍ଷରୁ ନିକଟରେ ଏକ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା। ଏହି ଅବସରରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ ମନୋଜ କୁମାର ମହାପାତ୍ର, ଶାଖା ପ୍ରବନ୍ଧକ କୁମରଜିତ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କକୁ ଆସୁଥିବା ସମସ୍ତ ଗ୍ରାହକଙ୍କର ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ସାଙ୍ଗକୁ ପରୀକ୍ଷା ମଧ୍ୟ କରାଯାଇଥିଲା। ଉକ୍ତ ଶିବିର ଜରିଆରେ ପ୍ରାୟ ୧୫୦ଜଣ ଗ୍ରାହକ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଅପରପକ୍ଷରେ ଭୁବନେଶ୍ୱର କେୟାର ହସ୍ପିଟାଲର କାର୍ଡିଓଲୋଜି, ଇଏନ୍‌ଟି, ଡେଣ୍ଟାଲ ଏବଂ ଅନ୍ୟ ବିଭାଗର ବିଶେଷଜ୍ଞମାନଙ୍କ ସହଯୋଗରେ ଉକ୍ତ ଶିବିରକୁ ସଫଳ ଭାବେ ଆୟୋଜନ କରାଯାଇପାରିଥିଲା।

# ସାମ୍‌ସଙ୍ଗ୍‌ର ନୂତନ ଉତ୍ପାଦ ଉନ୍ମୋଚିତ

ନୂଆଦିଲ୍ଲୀ,୧୩।୮

ଦେଶର ପ୍ରମୁଖ ମୋବାଇଲ ନିର୍ମାତା ସାମ୍‌ସଙ୍ଗ୍ ତା'ର ନୂତନ ଉତ୍ପାଦଗୁଡିକୁ ନିକଟରେ ସର୍ବଭାରତୀୟସ୍ତରରେ ଉନ୍ମୋଚନ କରିଛି। ବିଶେଷକରି ଏହାର ଗ୍ୟାଲାକ୍ସି ଜେଡ୍ ଫ୍ଲିପ୍‌୪ ଓ ଗ୍ୟାଲାକ୍ସି ଜେଡ୍ ଫୋଲ୍ଡ୪ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ସାମ୍‌ସଙ୍ଗ ଇଲେକ୍‌ଟ୍ରୋନିକସ୍‌ର ମୋବାଇଲ ଏକ୍ସପେରିଏନ୍ସ ବିଜ୍‌ନେସ୍‌ର ଅଧ୍ୟକ୍ଷ ଓ ମୁଖ୍ୟ ଡ. ଟି. ଏମ୍. ରୋ କହିଛନ୍ତି, ପରବର୍ତ୍ତୀ ଫୋଲ୍ଡେବୁଲ ଡିଭାଇସ୍‌ଗୁଡିକ ଅତୁଳନୀୟ ମୋବାଇଲ ଅଭିଜ୍ଞତା ପ୍ରଦାନ କରୁଛନ୍ତି। ଏହା ଆମର ଡାଇନାମିକ୍ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରୁଛି।

# ଆଜି ଷ୍ଟାର୍ କିରଣରେ ଦେଶାତ୍ମବୋଧ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୩।୮

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରୁଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ପ୍ରମୁଖ ଓଡ଼ିଆ ମନୋରଞ୍ଜନଭିତ୍ତିକ ଟିଭି ଚ୍ୟାନେଲ 'ଷ୍ଟାର୍ କିରଣ'ରେ ରବିବାର ଦିନତମାମ ବିଭିନ୍ନ ପ୍ରକାର ଦେଶାତ୍ମବୋଧ କାର୍ଯ୍ୟକ୍ରମ ପ୍ରସାରଣ ହେବ। ରବିବାର ସକାଳ ୧୦ ଟାରେ ଛୋଟ ପିଲାମାନଙ୍କ ପାଇଁ ଚଳଚ୍ଚିତ୍ର 'ବୀର ଯୋଦ୍ଧା ପୃଥ୍ୱୀରାଜ ଚୌହାନ' ପ୍ରସାରଣ ହେବ ଏବଂ ଦିନ ୧୨ଟା ୩୦ରେ 'ଶହୀଦ ରଘୁ ସର୍ଦ୍ଦାର'ର ୱାର୍ଲଡ୍ ଟିଭି ପ୍ରିମିୟର ମଧ୍ୟ ହେବ ବୋଲି ଜଣାପଡ଼ିଛି। ଉକ୍ତ ଚଳଚ୍ଚିତ୍ର ସ୍ୱାଧୀନତା ସଂଗ୍ରାମୀ ରଘୁନାଥ ପଟ୍ଟନାୟକଙ୍କ ଜୀବନୀ ଉପରେ ଆଧାରିତ ବୋଲି ଚ୍ୟାନେଲ ପକ୍ଷରୁ କୁହାଯାଇଛି। ସେହିପରି ସନ୍ଧ୍ୟା ୬ଟାରେ 'ଉଡ଼େ ତ୍ରିରଙ୍ଗା' ନାମରେ ଏକ ଭିନ୍ନ କାର୍ଯ୍ୟକ୍ରମ ପ୍ରସାରଣ କରାଯିବ। ଏଥିରେ ଦେଶର ବୀର ଯବାନ ଓ ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନକୁ ସମ୍ମାନ ପ୍ରଦାନ କରିବା ଲାଗି ପ୍ରୟାସ କରାଯାଇଛି। ଅପରପକ୍ଷରେ ସ୍ୱରସମ୍ରାଜ୍ଞୀ ଲତା ମଙ୍ଗେସ୍‌କରଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବ। ପରିଶେଷରେ ଓଡ଼ିଆ ସିନେ କଳାକାର, ଗାୟକ ଓ ନୃତ୍ୟଶିଳ୍ପୀମାନେ ନିଜର ନିପୁଣ କଳାର ପ୍ରଦର୍ଶନ କରିବେ। ପାଇକନୃତ୍ୟ ଓ ମାଲଖମ୍ବର ପ୍ରଦର୍ଶନ ହେବା ସହ ବାଲୁକାଶିଳ୍ପୀ ସୁଚିତ୍ରା ମହେଶ୍ୱତା ନିଜର କଳା ପ୍ରଦର୍ଶନ କରିବେ। ଲିପ୍ସା ମିଶ୍ର, ଆକାଶ ଦାସନାୟକ ଓ କୁନା ତ୍ରିପାଠୀ ଉକ୍ତ କାର୍ଯ୍ୟକ୍ରମର ପରିଚାଳନା ଭାର ସମ୍ଭାଳୁ ଥିବାବେଳେ ଭୂମିକା ଦାଶ, ଶିବାନୀ ସଙ୍ଗୀତା, ଜ୍ୟୋତିରଞ୍ଜନ ନାୟକ, ସୂର୍ଯ୍ୟମୟୀ ମହାପାତ୍ର, ଶୈଳେନ୍ଦ୍ର ସାମନ୍ତରାୟ, ସ୍ୱରାଜ ବାରିକ, ରାକେଶ ଦେଓ, ଶଶାଙ୍କ ଶେଖର, ସ୍ୱୟମ୍ ପାଢୀ, ଅନ୍ତରା ଚକ୍ରବର୍ତ୍ତୀ, ସୋହିନୀ ମିଶ୍ର ଓ କୁଲଦୀପ ପଟ୍ଟନାୟକ ପ୍ରମୁଖ ନାଚ,ଗୀତ ଓ ଅଭିନୟ ମାଧ୍ୟମରେ ଦର୍ଶକଙ୍କ ମନୋରଞ୍ଜନ କରିବେ ବୋଲି ଷ୍ଟାର ପକ୍ଷରୁ କୁହାଯାଇଛି।




## ଫୁରସତ୍

# ଜୈବ ବିବିଧତା ରକ୍ଷାରେ ସରୀସୃପଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଜୀ**ବ ଜଗତରେ ବିଭିନ୍ନ ପ୍ରଜାତିର ପ୍ରାଣୀ ବାସକରନ୍ତି। ସେମାନଙ୍କ ମଧ୍ୟରୁ ଲିଜାର୍ଡ ବା ଝିଟିପିଟି ପ୍ରଜାତିର ଅନେକ ସରୀସୃପ ଦେଖାଯାନ୍ତି। ଜୈବ ବିବିଧତା ପାଇଁ ପ୍ରତ୍ୟେକ ଜୀବ ଗୁରୁତ୍ୱ ବହନ କରୁଥିବାବେଳେ ସରୀସୃପଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗୋଧି, ଏଣ୍ଡୁଅ, ଝିଟିପିଟି ଭଳି ଅନେକ (ଲିଜାର୍ଡ) ସରୀସୃପ ପ୍ରଜାତି ଜୀବ ପରିବେଶ ସହ ଖାପଖୁଆଇ ରହିଥାନ୍ତି। ଶତ୍ରୁଠାରୁ ନିଜକୁ ରକ୍ଷା କରିବା ଲାଗି ନିଜ ରଙ୍ଗ ବଦଳାଇବାର ସ୍ୱତନ୍ତ୍ର ଗୁଣ ସେମାନଙ୍କ ପାଖରେ ରହିଛି। ସେହିଭଳି ଝିଟିପିଟିର ଲାଞ୍ଜ ଅଲଗା ହୋଇ ସେଠାରୁ ପୁଣି ଏକ ନୂଆ ଲାଞ୍ଜ ସୃଷ୍ଟି ହୋଇଥାଏ। ନୂଆ ଲାଞ୍ଜ ସୃଷ୍ଟି ଆଧୁନିକ ଚିକିତ୍ସା ବିଜ୍ଞାନୀଙ୍କୁ ଗବେଷଣା ପାଇଁ ପ୍ରୋତ୍ସାହିତ କରିଛି। ଛାତିରେ ଭରାଦେଇ ଏଭଳି ପ୍ରାଣୀ ଚଳପ୍ରଚଳ ହୋଇଥାନ୍ତି। ଏମାନେ ଶୀତଳ ରକ୍ତ(କୋଲ୍ଡ ବ୍ଲଡେଡ୍) ପ୍ରଜାତିର। ଅର୍ଥାତ୍ ପରିବେଶର ତାପମାତ୍ରା ଅନୁସାରେ ସେମାନଙ୍କ ଶରୀରର ତାପମାତ୍ରାରେ ପରିବର୍ତ୍ତନ ହୋଇଥାଏ। ଲିଜାର୍ଡଙ୍କ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଅଗଷ୍ଟ ୧୪ରେ ୱାର୍ଲ୍ଡ ଲିଜାର୍ଡ ଡେ'ପାଳନ କରାଯାଏ।

ସମ୍ପ୍ରତି ପୃଥିବୀରେ ପ୍ରାୟ ୫୬୦୦ ପ୍ରକାର ଲିଜାର୍ଡ ଅଛନ୍ତି। ସେମାନଙ୍କ ମଧ୍ୟରୁ ବହୁ ପ୍ରଜାତି ବିପଦରେ ପଡ଼ିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ସେମାନଙ୍କ ବଂଶ ଲୋପ ପାଇବାରେ ଲାଗିଛି। ଲିଜାର୍ଡ ଡେ' ଏହି ବିଶେଷ ପ୍ରକାର ସରୀସୃପଙ୍କ ସଂରକ୍ଷଣ ଓ ସଚେତନତା ସୃଷ୍ଟି କରିବା ଲାଗି ପାଳନ କରାଯାଇଥାଏ।

ରଙ୍ଗ ବଦଳାଇବାଠାରୁ ଆରମ୍ଭ କରି ଶରୀରରୁ ଲାଞ୍ଜକୁ ଅଲଗା କରିବା ଭଳି ଭିନ୍ନ ଭିନ୍ନ କୌତୂହଳପୂର୍ଣ୍ଣ ତଥ୍ୟ ରହିଛି। ଊନବିଂଶ ଶତାବ୍ଦୀରେ ଲିଜାର୍ଡ ପ୍ରଜାତିର ଜୀବଙ୍କୁ ଆମ୍ଫିବିଆନ ଅର୍ଥାତ୍ ଉଭୟଚର ପ୍ରାଣୀଙ୍କଠାରୁ ପୃଥକ୍ କରାଯାଇଥିଲା। ଲିଜାର୍ଡଙ୍କ ସଂଖ୍ୟା କମିବା ଏକ ଉଦ୍‌ବେଗଜନକ ସ୍ଥିତି। ଏହା ପଛର ମୁଖ୍ୟ କାରଣ ହେଉଛି ଜଙ୍ଗଲ ନଷ୍ଟ, ସରୀସୃପଙ୍କ ପ୍ରତି ଗୁରୁତ୍ୱର ଅଭାବ ଏବଂ ଚର୍ମ ବ୍ୟବସାୟ ଇତ୍ୟାଦି। ଚର୍ମ ବ୍ୟବସାୟର ଚୋରା କାରବାର ଏକବିଂଶ ଶତାବ୍ଦୀରୁ ବୃଦ୍ଧି ପାଇବାରେ ଲାଗିଛି। ସମସ୍ତ ସରୀସୃପ ହେଉଛନ୍ତି ବାୟୁରୁ ନିଃଶ୍ୱାସ ନେଉଥିବା ମେରୁଦଣ୍ଡୀ ପ୍ରଜାତି। ସେମାନଙ୍କ ଶରୀର କାତିରେ ଆବୃତ।

ସରୀସୃପ ପ୍ରଜାତି ମଧ୍ୟରେ ସାପ, କଇଁଛ, କୁମ୍ଭୀର, ଏଣ୍ଡୁଅ, ଝିଟିପିଟି, ଗୋଧି ପ୍ରମୁଖ ସ୍ଥାନ ଗ୍ରହଣ କରିଥାନ୍ତି। ସେଥିମଧ୍ୟରେ ଜନବସତି ବୃଦ୍ଧି, ରୋଗ ସଂକ୍ରମଣ, ଜଳବାୟୁ ପରିବର୍ତ୍ତନ ଯୋଗୁ ସେମାନଙ୍କର ପ୍ରାକୃତିକ ବାସସ୍ଥାନ ନଷ୍ଟ ହେବାରେ ଲାଗିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଚର୍ମ ବ୍ୟବସାୟ ପାଇଁ ସେମାନଙ୍କ ଶିକାରରେ ବୃଦ୍ଧି ଘଟିଛି। ପୃଥିବୀର ଜୈବବିବିଧତା ପାଇଁ ସରୀସୃପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ସେମାନେ ବିଭିନ୍ନ କୀଟପତଙ୍ଗଙ୍କୁ ଖାଦ୍ୟ ଭାବେ ଗ୍ରହଣ କରି ସନ୍ତୁଳନ ରକ୍ଷା କରିବାରେ ସାହାଯ୍ୟ କରିଥାନ୍ତି। ସରୀସୃପ ପ୍ରାୟତଃ ଘାସ ଏବଂ ପତ୍ରଯୁକ୍ତ ଉଦ୍ଭିଦ, ପୋକଯୋକ ଏବଂ ଛୋଟ କୀଟପତଙ୍ଗ ଖାଇଥାନ୍ତି। ଚିରସ୍ଥାୟୀ ଆବାସିକ ଅଞ୍ଚଳଠାରୁ ଆରମ୍ଭ କରି ଆମାଜନର ରେନ୍ ଫରେଷ୍ଟରେ ନାନା ପ୍ରଜାତିର ସରୀସୃପ ଦେଖାଯାନ୍ତି। ଆଣ୍ଟାର୍କଟିକାର ପ୍ରବଳ ଥଣ୍ଡାରେ ଜୀବନଧାରଣ କରିବାକୁ ସକ୍ଷମ ହେଉ ନ ଥିବାରୁ ଏହି ଅଞ୍ଚଳରେ ଏହା ଦୃଷ୍ଟିଗୋଚର ହୋଇ ନ ଥାନ୍ତି।

ଅଧିକାଂଶ ପ୍ରଜାତିର ସରୀସୃପ ସେମାନଙ୍କ ଖାଦ୍ୟରୁ ଜଳ ଗ୍ରହଣ କରନ୍ତି। ବିଶେଷ ଭାବେ ସେମାନେ ସକାଳର ସୂର୍ଯ୍ୟ କିରଣରେ ରହିବାକୁ ଭଲ ପାଆନ୍ତି। ଏହାଦ୍ୱାରା ସେମାନଙ୍କ ଶରୀରର ଆଭ୍ୟନ୍ତରୀଣ ତାପମାତ୍ରା ବଢ଼ିବା ସହିତ ମାଂସପେଶୀ, ଅଙ୍ଗପ୍ରତ୍ୟଙ୍ଗ ସୁଦୃଢ଼ ହୋଇଥାଏ। ସରୀସୃପଙ୍କ ଆକାର ୨ ଇଞ୍ଚରୁ ଆରମ୍ଭ କରି ୧୧ ଫୁଟ ବା ଏହାଠାରୁ ଅଧିକ ହୋଇଥାଏ। ସେହିପରି ଓଜନ ମଧ୍ୟ ୩୦୦ ପାଉଣ୍ଡ ପର୍ଯ୍ୟନ୍ତ ହୋଇଥାଏ। ପୃଥିବୀର କେତେକ ଅଞ୍ଚଳରେ ଲୋକେ ସରୀସୃପଙ୍କୁ ଘରେ ପୋଷା ଭାବେ ପାଳିଥାନ୍ତି। ଆମେରିକାରେ ୯ ନିୟୁତରୁ ଅଧିକ ଲୋକ ଘରେ ସରୀସୃପ ପାଳିଛନ୍ତି।


ଲିଜାର୍ଡ ଡେ'

# ଅପପ୍ରଚାର କରନାହିଁ: କରୀନା



**ମୁମ୍ବାଇ:** ଆମିର ଖାନ୍ ଓ କରୀନା କପୁର ଖାନ୍ ଅଭିନୀତ 'ଲାଲ୍ ସିଂ ଚଡ୍ଢା'କୁ ନେଇ ବିବାଦ ଥମୁ ନ ଥିବାବେଳେ ଫିଲ୍ମଟି ପ୍ରେକ୍ଷାଳୟକୁ ଓହ୍ଲାଇଛି। ଲାଲ ସିଂ ଚଡ୍ଢା ପାଇଁ ସିନେପ୍ରେମୀଙ୍କ ମିଶ୍ରିତ ପ୍ରତିକ୍ରିୟା ମିଳିଛି। ଟୁଇଟରରେ ଟ୍ରେଣ୍ଡ ପାଲଟିଥିବା ବୟକଟ୍ ଲାଲ୍ ସିଂ ଚଡ୍ଢାକୁ ନେଇ ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି ଅଭିନେତ୍ରୀ କରୀନା। ଫିଲ୍ମକୁ ବୟକଟ୍ ନ କରିବା ପାଇଁ ସେ ଦର୍ଶକଙ୍କୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି, ଫିଲ୍ମ ବାବଦରେ ଅପପ୍ରଚାର କରାନଯାଉ। ଲାଲ୍ ସିଂ ଚଡ୍ଢା ଖୁବ୍ ସୁନ୍ଦର ଫିଲ୍ମ। ଏହାକୁ ତିଆରି କରିବା ପାଇଁ ପାଖାପାଖି ୩ ବର୍ଷ ଲାଗିଛି। ୨୫୦ରୁ ଅଧିକ ଲୋକ ଏହା ସହ ଜଡ଼ିତ। ତେଣୁ ଏହାକୁ ବଏକଟ୍ ନ କରି ହଲ୍‌ରେ ଫିଲ୍ମକୁ ଦେଖିବାକୁ କରୀନା ଅନୁରୋଧ କରିଛନ୍ତି। କେତେଜଣ ଲୋକ ଫିଲ୍ମ ଓ କଳାକାରଙ୍କ ବିରୋଧରେ ଅପପ୍ରଚାର କରୁଥିବା ସେ କହିଛନ୍ତି। ବିଶେଷକରି ସୋସିଆଲ ମିଡିଆ ଜରିଆରେ ଫିଲ୍ମ ସମ୍ପର୍କରେ ବହୁ ମିଛ ତଥ୍ୟ ପ୍ରଘଟ ହେଉଥିବାବେଳେ ଏହା ରୋକାଯିବା ନିହାତି ଜରୁରୀ ବୋଲି କରୀନା କହିଛନ୍ତି। ଦେଶର ବିଭିନ୍ନ ପ୍ରାନ୍ତରେ ଫିଲ୍ମକୁ ନେଇ ପ୍ରତିବାଦ ଜାରି ରହିଛି। ପ୍ରଥମ ଦିନରେ ଏହା ୧୦ରୁ ୧୧ କୋଟିର ବ୍ୟବସାୟ କରିଥିବା ଖବର ପ୍ରକାଶ ପାଇଛି। ଗତ ଗୁରୁବାର ଲାଲ୍ ସିଂ ଚଡ୍ଢା ସାଙ୍ଗକୁ ଅକ୍ଷୟ କୁମାର ଅଭିନୀତ ରକ୍ଷା ବନ୍ଧନ ରିଲିଜ୍ ହୋଇଥିଲା। ବିବାଦ ଭିତରେ ମଧ୍ୟ 'ଲାଲ୍ ସିଂ ଚଡ୍ଢା' ଆଗରେ ରହିଛି।

# ଠକ ପ୍ରେମିକଙ୍କ ପାଇଁ ଖବରକାଗଜରେ ବିଜ୍ଞାପନ

**କାନ୍‌ବେରା:** ଅଷ୍ଟ୍ରେଲିଆର ଜେରୀ ନାମରେ ଜଣେ ଯୁବତୀ ତାଙ୍କ ପୂର୍ବତନ ପ୍ରେମିକଙ୍କ ପାଇଁ ଖବରକାଗଜରେ ଏକ ବିଜ୍ଞାପନ ଛାପିଛନ୍ତି। 'ପ୍ରିୟର ଷ୍ଟିଭ୍, ଆଶା କରେ ତୁମେ ତାଙ୍କ ସହ ଭଲରେ ଥିବ। ବର୍ତ୍ତମାନ ସାରା ସହର ଜାଣିଯିବ ତୁମେ କେତେବଡ଼ ଠକ। ଫ୍ରାମ୍ ଜେରୀ' ଅଷ୍ଟ୍ରେଲିଆର ଦୈନିକ ଖବରକାଗଜ ମାକେ ଏବଂ ହ୍ୱିଟସଣ୍ଡେରେ ଏହି ବିଜ୍ଞାପନ ଛପାଯାଇଛି। ତେବେ ବିଜ୍ଞାପନ ପାଇଁ ଜେରୀଙ୍କୁ ଦେବାକୁ ପଡ଼ିଥିବା ସମସ୍ତ ଦେୟ ସେ ପୂର୍ବତନ ପ୍ରେମିକ ଷ୍ଟିଭ୍‌ଙ୍କ କ୍ରେଡିଟ୍ କାର୍ଡ଼ରୁ ପୈଠ କରିଥିବା ଉକ୍ତ ବିଜ୍ଞାପନରେ ଲେଖିଛନ୍ତି।


DEAR STEVE,
I HOPE YOU'RE HAPPY WITH HER
NOW THE WHOLE TOWN WILL KNOW WHAT A FILTHY CHEATER YOU ARE
FROM JENNY
PS. I BOUGHT THIS AD USING YOUR CREDIT CARD

TIMELINE UPDATED
OBSTETRICS AND GYNAECO
INVESTIGATION

# ମହାକାଶରୁ ଶୁଭେଚ୍ଛା ବାର୍ତ୍ତା



**ନୂଆଦିଲ୍ଲୀ:** ୭୫ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଭାରତ ସରକାର ଏକାଧିକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରିଛନ୍ତି। ଏଭଳିସ୍ଥଳେ ଇଟାଲୀର ଜଣେ ମହାକାଶଚାରୀ ସ୍ପେସ୍‌ରୁ ଭାରତକୁ ଶୁଭେଚ୍ଛା ବାର୍ତ୍ତା ପଠାଇଛନ୍ତି। ଏ ନେଇ ସାମନ୍ଥା କ୍ରିଷ୍ଟୋଫୋରେଟ୍ଟି ଏକ ଭିଡିଓ ଜାରି କରିଛନ୍ତି। ଇଣ୍ଡିଆନ୍ ସ୍ପେସ୍ ରିସର୍ଚ୍ଚ ଅର୍ଗାନାଇଜେଶନ୍ (ଇସ୍ରୋ) ୨୦୨୩ରେ କରିବାକୁ ଥିବା 'ଗଗନାୟନ' (ହ୍ୟୁମାନ୍ ସ୍ପେସ୍ ମିଶନ) ପାଇଁ ମଧ୍ୟ ସେ ଶୁଭେଚ୍ଛା ଜଣାଇଛନ୍ତି। ଇସ୍ରୋ ଦିନକୁ ଦିନ ମହାକାଶ ଯାତ୍ରା ନେଇ ବିଭିନ୍ନ ପ୍ରକାର ଯୋଜନା ପ୍ରସ୍ତୁତ କରିବାରେ ଲାଗିଛି, ଯାହା ଭବିଷ୍ୟତରେ ଭାରତକୁ ସଫଳ କରିବ ବୋଲି ସେ ଭିଡିଓରେ କହିଛନ୍ତି। ଏଥିସହ ଆଗାମୀ ଦିନରେ ଇସ୍ରୋ ସହିତ ମିଳିତ ଭାବେ ବିଭିନ୍ନ ପ୍ରକାର ମିଶନରେ କାର୍ଯ୍ୟ କରିବା ନେଇ ସାମନ୍ଥା ଆଗ୍ରହ ପ୍ରକାଶ କରିଛନ୍ତି। ଜାରି ଭିଡିଓକୁ ଭାରତୀୟ ରାଷ୍ଟ୍ରଦୂତ ତରନଜିତ ସିଂ ସନ୍ଧୁ ଶେୟାର କରିଛନ୍ତି। ୧ ମିନିଟ ୧୩ ସେକେଣ୍ଡର ଭିଡିଓରେ ଇସ୍ରୋ ଓ ନାସା ସହଭାଗିତାରେ ହେବାକୁ ଥିବା ଆର୍ଥ ଅବ୍‌ଜରଭିଂ ମିଶନ ବିଷୟରେ ସେ ଉଲ୍ଲେଖ କରିଛନ୍ତି।


# ମନେ ପଡ଼ନ୍ତି

**ଅଷ୍ଟାଦଶ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**୰ଚୈତନ୍ୟ ପ୍ରଧାନ**
ପୂର୍ବତନ ବିଧାୟକ, କଂଟାବାଂଜି-୧୯୮୫-୯୦
ଆବିର୍ଭାବ- ତା.୨୭।୦୮।୧୯୫୪
ତିରୋଧାନ- ତା.୧୪।୦୮।୨୦୦୪
ଚାହୁଁ ଚାହୁଁ ଅଠର ବର୍ଷ ବିତିଗଲା। ଆପଣଙ୍କ ଏ ଅଷ୍ଟାଦଶ ସାମ୍ବତ୍ସରିକ ଶ୍ରାଦ୍ଧ ଦିବସ ଅବସରରେ ପରଲୋକରେ ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନାରତ ସପରିବାରଙ୍କ ବିନମ୍ର ପ୍ରଣତି। ପ୍ରତ୍ୟେକ ମୁହୂର୍ତ୍ତରେ ଆପଣଙ୍କ ଅନୁପସ୍ଥିତି ଆମ୍ଭେମାନେ ଅନୁଭବ କରୁଛୁ। ଆପଣଙ୍କ ଜୀବନ ଦର୍ଶନ, ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ଦାନଧର୍ମ, ପରୋପକାର ଆମର ପାଥେୟ ହେଉ। ମାଁ ଦ୍ୱାରଶେନିଙ୍କଠାରେ ନତମସ୍ତକ।
ଶ୍ରଦ୍ଧାଞ୍ଜଳି- ସହଧର୍ମିଣୀ: ସାବିତ୍ରୀ ପ୍ରଧାନ (ପୂର୍ବତନ ନଗରପାଳ, ଏନ୍.ଏ. ସି. କଂଟାବାଂଜି) ଓ ପରିବାର ସଙ୍ଗୀତା- ରାଜେନ୍ଦ୍ର, ସୁନିତା- ବିରଂଚି, ମିତା- ଆଲୋକ, ପ୍ରକାଶ- ପୂଜାରାଣୀ, ବେବୀ, ସୁବ୍ରତ, ଗୁଂଜନ, ଶୁଭମ, ସୁଜ୍ଞାନ, ଆଦ୍ୟାଶା, ରାଜ, ପରୀ ଓ ପ୍ରଧାନ ପରିବାର।
ଧ-୧୨୪୫

**ଦଶାହ ଉପଲକ୍ଷେ**



**୰ନବଘନ ପଣ୍ଡା**
ଜିଡିକାର ସୁଆଁଲୋ, ବାଲିଅନ୍ତା, ଖୋର୍ଦ୍ଧା
ଆବିର୍ଭାବ: ୧୬।୧୦।୧୯୪୦
ତିରୋଧାନ: ୦୫।୦୮।୨୦୨୨
ଚାହୁଁ ଚାହୁଁ ଦଶଦିନ ବିତିଗଲା। ଆପଣଙ୍କ ଅନୁପସ୍ଥିତି ସମସ୍ତଙ୍କ ନିକଟରେ ବିରାଟ ଶୂନ୍ୟତା ଭରି ଦେଇଛି। ଆପଣଙ୍କ ଆତ୍ମାର ସଦ୍‌ଗତି ପ୍ରାପ୍ତି ନିମନ୍ତେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବ।
ଧ-୭୩୨୯୪



ପୁରୀ ବେଳାଭୂମିରେ 'ଚାରୁ ନର୍ତ୍ତନ' ଅନୁଷ୍ଠାନ ପକ୍ଷରୁ ତ୍ରିରଙ୍ଗା ପ୍ରଦର୍ଶନ।

# ଆଜାଦୀର ମହୋତ୍ସବ

**ଆସନ୍ତାକାଲି ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ପାଳନ ହେବ ଆଜାଦୀର ଅମୃତ ମହୋତ୍ସବ। ଦେଶର ପ୍ରତିଟି ଘରେ ଫରଫର ହୋଇ ଉଡ଼ିବ ତ୍ରିରଙ୍ଗା । ତେବେ ଏହି ବିଶେଷ ଦିବସକୁ ସ୍ମରଣୀୟ କରିବା ଲାଗି ଭାରତବର୍ଷର ବିଭିନ୍ନ ସ୍ଥାନରେ ହୋଇଛି ସ୍ୱତନ୍ତ୍ର ବ୍ୟବସ୍ଥା...**

**ସ୍ୱା**ଧୀନ ଭାରତର ନାଗରିକ ଭାବେ ଆମେ ସମସ୍ତେ ଗର୍ବିତ। ଏହି ଆନନ୍ଦର ମୁହୂର୍ତ୍ତକୁ ଆସନ୍ତାକାଲି ପୂରୁଛି ୭୫ବର୍ଷ, ଯାହାକୁ ଧୁମ୍‌ଧାମ୍‌ରେ ପାଳନ କରିବାକୁ ସାରା ଦେଶ ଏବେ ଉତ୍ସବମୁଖର । ତେବେ ଏହି ଅବସରକୁ ସ୍ମରଣୀୟ କରିବାକୁ କ'ଣ ରହିଛି ଯୁବପିଢ଼ିଙ୍କ ପ୍ଲାନିଂ, ସେ ସମ୍ପର୍କରେ ବିଶେଷ ଉପସ୍ଥାପନା...

### ସମୂହ ରାଷ୍ଟ୍ରଗାନ ସହ ଜାଳିବୁ ଦୀପ

**ଲୋହିତ ମହାପାତ୍ର** (ଗୋଡ଼ିପଡ଼ା, ଖୋର୍ଦ୍ଧା)- ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଆମ ଗ୍ରାମର ଯୁବକ ସଂଘ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘର୍ ଘର୍ ତ୍ରିରଙ୍ଗା ଅଭିଯାନର ବାର୍ତ୍ତା ଦେଇଛନ୍ତି। ଏହି ଅଭିଯାନରେ ସାମିଲ ହେବା ଲାଗି ଆମ ସଂଘ ପକ୍ଷରୁ ଗ୍ରାମରେ ପ୍ରତି ଘରେ ଘରେ ତ୍ରିରଙ୍ଗା ଉଡ଼ାଇବା ପାଇଁ ସଚେତନ କରାଯାଇଛି। ସ୍ୱାଧୀନତା ଦିବସରେ ଅମର ଶହୀଦଙ୍କ ଉଦ୍ଦେଶ୍ୟରେ ନିଜ ଠାକୁର ଘରେ ଦୀପ ଜାଳିବାକୁ ଆହ୍ୱାନ ଦିଆଯାଇଛି। ଚଳିତବର୍ଷ ସ୍ୱାଧୀନତା ଦିବସକୁ ସ୍ମରଣୀୟ କରିବା ଲାଗି ବହୁ ଯୋଜନା ହାତକୁ ନିଆଯାଇଛି। ଗ୍ରାମବାସୀଙ୍କ ଦ୍ୱାରା ସମୂହ ରାଷ୍ଟ୍ରଗାନ କରାଯିବା ସହ ସନ୍ଧ୍ୟାରେ ମନ୍ଦିରରେ ୭୫ ପ୍ରଦୀପ ପ୍ରଜ୍ୱଳନ କରାଯିବ।

### ସାମୂହିକ ତ୍ରିରଙ୍ଗା ଶୋଭାଯାତ୍ରା କରୁଛୁ

**ତାରା ପ୍ରସାଦ ଦାଶ** (ପୁରୀ)- ଆଜି ଆମେ ସ୍ୱାଧୀନ ଭାରତର ନାଗରିକ ବୋଲି ଆନନ୍ଦିତ। ତେଣୁ ଆମ ଗର୍ବ ଆଉ ଗୌରବର ପ୍ରତୀକ ତ୍ରିରଙ୍ଗାକୁ ସ୍ୱତନ୍ତ୍ରତାର ଅମୃତ ମହୋତ୍ସବ ଅବସରରେ ପୁରୀରେ ତିନିଦିନ ଧରି ସାମୂହିକ ଶୋଭାଯାତ୍ରା ଆୟୋଜନ କରିଥିଲୁ। ସୋମବାର ୭୬ତମ ସ୍ୱାଧୀନତା ଦିବସ ଅବସରରେ ପତାକା ଉତ୍ତୋଳନ ପରେ ମିଷ୍ଟାନ୍ନ ବଣ୍ଟନ, ଭୋଜିଭାତ ସହ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରିଛି। ସର୍ବୋପରି ବ୍ୟାପକ ଚାରାରୋପଣ ଓ ଭାରତ ମାତାର ପୂଜନ ଉତ୍ସବ ଆୟୋଜନ କରିଛୁ।

### ସ୍ୱାଧୀନତା ଦିବସରେ କରିବୁ ବୃକ୍ଷରୋପଣ

**ଆଶିଷ ବିଭୁରେନ୍ଦ୍ର ଛୋଟରାୟ** (ଭାଲିଆବାଡ଼ି, ଖୋର୍ଦ୍ଧା)- ପ୍ରତିବର୍ଷ ସ୍ୱାଧୀନତା ଦିବସକୁ ଆଡ଼ମ୍ବର ସହକାରେ ପାଳନ କରୁ। କୋଭିଡ୍ କଟକଣା ଯୋଗୁ ଦୁଇ ବର୍ଷ ଫିକା ପଡ଼ିଥିଲା। ଚଳିତବର୍ଷ ଆଜାଦୀ କା ଅମୃତ ମହୋତ୍ସବକୁ ଧୁମ୍‌ଧାମରେ ପାଳନ କରିବା ପାଇଁ ଗ୍ରାମର ସମସ୍ତ ଯୁବକ ମିଶି ଅନେକ ଯୋଜନା କରିଛୁ। ଘର୍ ଘର୍ ତ୍ରିରଙ୍ଗା ଅଭିଯାନରେ ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ସହ ସମୂହ ରାଷ୍ଟ୍ରଗାନ ଆୟୋଜନ କରାଉଛୁ। ୭୬ତମ ସ୍ୱାଧୀନତା ଦିବସ ଅବସରରେ ୭୫ଟି ଦୀପ ଜାଳି ଜାତୀୟ ପତାକା ଉତ୍ତୋଳନ କରିବୁ। ପରିବେଶ ସୁରକ୍ଷା ନିମନ୍ତେ ଚାରାରୋପଣ କରାଯିବାର ବିଶେଷ ଯୋଜନା ରଖିଛୁ। ଏହା ବ୍ୟତୀତ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଯୋଜନା ରହିଛି।



କାହ୍ନା ଚାରିଟେବୁଲ ଟ୍ରଷ୍ଟର ସଦସ୍ୟମାନେ।



ଲୋହିତ



ଆଶିଷ



ତାରା ପ୍ରସାଦ



ରୋଜାଲିନ୍



ଆଦିତ୍ୟ

### ସ୍ୱାଧୀନତା ଦିବସରେ ଅସହାୟଙ୍କୁ ଖାଦ୍ୟ ବଣ୍ଟନ

**ସ**ମଗ୍ର ଦେଶରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରାଯାଉଛି। ଏହି ଅବସରରେ ସ୍କୁଲ, କଲେଜଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସଭିଏଁ ପ୍ରସ୍ତୁତ। କିନ୍ତୁ ଏଭଳି କିଛି ସଙ୍ଗଠନ ରହିଛନ୍ତି, ଯେଉଁମାନେ ସ୍ୱାଧୀନତା ଦିବସକୁ ଅଭିନବ ଢଙ୍ଗରେ ପାଳନ କରୁଛନ୍ତି। ଏଥିରୁ ବାଦ୍‌ପଡ଼ିନି ବ୍ରହ୍ମପୁର ସହରର କାହ୍ନା ଚାରିଟେବୁଲ ଟ୍ରଷ୍ଟ। ଏହି ସଂଘ ପ୍ରତି ସ୍ୱାଧୀନତା ଦିବସକୁ ନିଆରା ଢଙ୍ଗରେ ପାଳନ କରିଥାଏ। ଚଳିତ ଥର ଟ୍ରଷ୍ଟ ପକ୍ଷରୁ ପ୍ରାୟ ୫୦୦ ଜଣ ଅସହାୟଙ୍କୁ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ରହିଥିବା ଟ୍ରଷ୍ଟର ସଭାପତି ରଞ୍ଜନା ମିଶ୍ର କହିଛନ୍ତି। ଏହି ଦିନ ସ୍ୱାଧୀନତା ଦିବସ ପତାକା ଉତ୍ତୋଳନ ସହ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଉଥିବା ସେ କହିଛନ୍ତି। ପ୍ରତି ବର୍ଷ ଭଳି ଏଥର ବି ଟ୍ରଷ୍ଟ ପକ୍ଷରୁ ସ୍ୱାଧୀନତା ଦିବସ ଅବସରରେ ବସ୍ତ୍ର ବଣ୍ଟନ ସହ ବୟସ୍କ ଲୋକଙ୍କୁ ମଧ୍ୟ ସହାୟତା ପ୍ରଦାନ କରାଯିବ ବୋଲି ସଭାପତି କହିଛନ୍ତି।

### ବୀର ଶହୀଦମାନଙ୍କ ପାଇଁ ଦୀପ ପ୍ରଜ୍ୱଳନ କରିବୁ

**ରୋଜାଲିନ୍ ପଣ୍ଡା** (ପୁରୀ)- ଆମର ଜନ୍ମ ଏହି ସ୍ୱାଧୀନ ଭାରତରେ ହୋଇଥିବାରୁ ଆମେ ଭାଗ୍ୟବାନ୍। ପ୍ରତିବର୍ଷ ଆମେ ଏହି ଦିନକୁ ପାଳନ କରିଆସୁଛୁ ସତ, ହେଲେ ଏଥର ସେଲିବ୍ରେଶନ୍ କେବଳ ସ୍କୁଲ, କଲେଜ କିମ୍ବା କୌଣସି ଅନୁଷ୍ଠାନରେ ସୀମିତ ନାହିଁ। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଭାରତର ପ୍ରତିଟି ଘରେ ଏହା ପାଳନ ହେବ। ଆମେ ବି ଘରେ ୩ଦିନ ତ୍ରିରଙ୍ଗା ଉଡ଼ାଉଛୁ। କାଲି ସପରିବାର, ବନ୍ଧୁବର୍ଗ ଓ ସମ୍ପର୍କୀୟ ମିଶି ଛାତ ଉପରେ ପତାକା ଉତ୍ତୋଳନ କରି ପ୍ରଥମ ଥର ପାଇଁ ଏକାଠି ଜାତୀୟ ସଂଗୀତ ଗାନକରିବୁ। ଦେଶ ପାଇଁ ବଳିଦାନ ଦେଇ ଆମକୁ ସ୍ୱତନ୍ତ୍ରତାର ସ୍ୱାଦ ଚଖାଇଥିବା ବୀର ଶହୀଦମାନଙ୍କ ପାଇଁ ଦୀପ ପ୍ରଜ୍ୱଳନ କରିବୁ। ସଂଧ୍ୟାରେ ସାହିପଡ଼ିଶା ପିଲାମାନଙ୍କୁ ନେଇ ନୃତ୍ୟସଂଗୀତ କାର୍ଯ୍ୟକ୍ରମ କରିବୁ।

### ସୋସିଆଲ ମିଡିଆରେ ଦେବୁ ଶହୀଦଙ୍କ ଡକ୍ୟୁମେଣ୍ଟାରି

**ଆଦିତ୍ୟ ମହାରଣା** (ଗୁରୁଜଙ୍ଗ, ଖୋର୍ଦ୍ଧା)- ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ୨୦ରୁ ଊର୍ଦ୍ଧ୍ୱ ଯୁବକଙ୍କୁ ନେଇ ଅମୃତ ମହୋତ୍ସବ ସମିତି ଗଠନ କରାଯାଇଛି। ଏହା ମାଧ୍ୟମରେ ବହୁ କାର୍ଯ୍ୟକ୍ରମ ଜାରି ରହିଛି। ଘର୍ ଘର୍ ତ୍ରିରଙ୍ଗା ଅଭିଯାନରେ ସାମିଲ ହେବା ଲାଗି ଆହ୍ୱାନ କରାଯାଉଛି। ଏହିଦିନ ପାଇଁ ଆମର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରହିଛି, ଯେଉଁଥିରେ ଆମେ ଅମର ଶହୀଦଙ୍କ ସମ୍ପର୍କରେ ଡକ୍ୟୁମେଣ୍ଟାରି ପ୍ରସ୍ତୁତ କରି ସୋସିଆଲ ମିଡିଆରେ ପ୍ରସାର ପ୍ରଚାର କରିବୁ। ଏହି ବିଶେଷ ଦିନରେ ଚାରାରୋପଣ ସହ ଭାରତ ମାତା ପୂଜନ ଉତ୍ସବ ବି କରାଯିବ।



## ଏ ସପ୍ତାହର ପ୍ରଶ୍ନ

୧- ବୁଣାକାରଙ୍କ ପାଇଁ ନେଥାନ୍ନା ବୀମା ଆରମ୍ଭ କରିଥିବା ରାଜ୍ୟ.......... ?
୨- ୱାର୍ଲ୍ଡ ବାୟୋ- ଫୁଏଲ୍ ଡେ' .......... ତାରିଖରେ ପାଳନ କରାଯାଏ ?
୩- ସେକେଣ୍ଡ ଜେନେରେଶନ୍ (୨ଜି) ଏଥାନଲ୍ ପ୍ଲାଣ୍ଟ .......... କମ୍ପାନୀ ପକ୍ଷରୁ ଆରମ୍ଭ କରାଯାଇଛି ?
୪- 'ନ୍ୟୁ ଦିଲ୍ଲୀ ଇଣ୍ଟରନ୍ୟାଶନାଲ୍ ଅର୍ବିଟ୍ରେଶନ୍ ସେଣ୍ଟର'ର ନୂଆ ନାମ .......... ?
୫- ପୃଥିବୀର ଉଚ୍ଚତମ ରେଲୱେ ବ୍ରିଜ୍ ............. ଠାରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ଜୁଲାଇ ୧
୨ ଯଶପ୍ରୀତ୍ ବୁମ୍‌ରା
୩ ଡିହାନ୍
୪ ହଣ୍ଡୁରାସ୍
୫ ଉଗାଣ୍ଡା

## ଉତ୍ତରଦାତା



ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ବାଲେଶ୍ୱର



ନରେଶ କୁମାର କର, ତେଲଙ୍ଗାନା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ଧନୀ ମନ୍ଦିର

୧- ଗୁରୁଭାୟୁରାପ୍ପାନ ମନ୍ଦିର........................ ଗୁରୁଭାୟୁର୍, କେରଳ
୨- ଶିରିଡ଼ି ସାଇବାବା ମନ୍ଦିର........................ ମହାରାଷ୍ଟ୍ର
୩- ଶବରିମାଲା ଶ୍ରୀଧର୍ମ ଶସ୍ତା ମନ୍ଦିର.............. କେରଳ
୪- ସୋମନାଥ ମନ୍ଦିର.............................. ଗୁଜରାଟ
୫- ପଦ୍ମନାଭସ୍ୱାମୀ ମନ୍ଦିର........................ କେରଳ
୬- ଶ୍ରୀମନ୍ଦିର..................................... ପୁରୀ, ଓଡ଼ିଶା
୭- କାଶୀ ବିଶ୍ୱନାଥ ମନ୍ଦିର........................ ବାରାଣସୀ, ଉତ୍ତରପ୍ରଦେଶ
୮- ବୈଷ୍ଣୋଦେବୀ ମନ୍ଦିର.......................... କାର୍ତା, ଜମ୍ମୁ-କଶ୍ମୀର
୯- ପ୍ରେମ ମନ୍ଦିର.................................. ଉତ୍ତରପ୍ରଦେଶ
୧୦- ଭେଙ୍କଟେଶ୍ୱର ମନ୍ଦିର........................ ଆନ୍ଧ୍ରପ୍ରଦେଶ

## ଜାଣନ୍ତୁ ଦୁନିଆ

# ନରୱେ



**ୟୁରୋପ ମହାଦେଶର ଉତ୍ତର ଭାଗରେ ଥିବା ଏକ ଦେଶ ହେଉଛି ନରୱେ। ଜାଣିବା ଏହି ଦେଶ ସମ୍ପର୍କରେ କିଛି ରୋଚକ ତଥ୍ୟ...**

- ଏହି ଦେଶର ଉତ୍ତର ଭାଗରେ ଶୀତଋତୁରେ ଆଦୌ ସୂର୍ଯ୍ୟୋଦୟ ହେଉ ନ ଥିବା ବେଳେ ଗ୍ରୀଷ୍ମଋତୁରେ ସୂର୍ଯ୍ୟାସ୍ତ ହୋଇ ନ ଥାଏ। ଏହି କାରଣରୁ ନରୱେକୁ 'ମଧ୍ୟରାତ୍ରିର ସୂର୍ଯ୍ୟ' ବୋଲି କୁହାଯାଏ।
- ରୋରୋସ୍ ହେଉଛି ଏହି ଦେଶର ସବୁଠୁ ଥଣ୍ଡା ସ୍ଥାନ, ଯେଉଁଠାରେ ତାପମାତ୍ରା -୫୦° ସେଲ୍‌ସିଅସ୍।
- ଏହି ଦେଶରେ ପୁରୁଷମାନେ ଦୁଇଟି ନାମକୁ ସର୍ବାଧିକ ପସନ୍ଦ କରନ୍ତି, ତାହା ହେଉଛି ଅଡ୍ ଏବଂ ଇଭେନ୍।
- ଏହି ଦେଶରେ ହେଲ୍ ବା ନର୍କ ନାମକ ଏକ ସହର ରହିଛି।
- ନରୱେର ରାଜଧାନୀ ଓସ୍‌ଲୋଠାରେ ପ୍ରତିବର୍ଷ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ ସମାରୋହ ଆୟୋଜନ କରାଯାଇଥାଏ।
- ସେଠାକାର ବାସିନ୍ଦାମାନଙ୍କ ଇନ୍‌କମ୍ ରେକର୍ଡ ପବ୍ଲିକରେ ଜଣାଯାଇଥାଏ।
- ଏହି ଦେଶରେ ଘରେ ଟିଭି ରଖିବା ଲାଗି ଲାଇସେନ୍ସ କରିବାକୁ ପଡ଼ିଥାଏ। ଆଉ ଏ ବାବଦରେ ୪୮୦.୬୬ ଡଲାର ବାର୍ଷିକ ଶୁଳ୍କ ମଧ୍ୟ ପଇଠ କରିବାକୁ ହୋଇଥାଏ।
- ପୃଥିବୀର ସବୁଠୁ ଲମ୍ବା ଟନେଲ୍ ଲାଏଡ୍ରାଲ୍ ଏହି ଦେଶରେ ରହିଛି। ୧୫ ମାଇଲ ବିଶିଷ୍ଟ ଏହି ଟନେଲ୍ ନିର୍ମାଣ କରିବା ଲାଗି ପ୍ରାୟ ୧ ବିଲିଅନ୍ ବା ୧୧୦ ମିଲିନ୍ ଡଲାର ଖର୍ଚ୍ଚ ହୋଇଛି।
- ଏହି ଦେଶରେ ୫୦,୦୦୦ରୁ ଅଧିକ ସଂଖ୍ୟକ ଦ୍ୱୀପ ଦେଖିବାକୁ ମିଳେ।
- ଏଫ୍‌ଏମ୍ ରେଡିଓ ସେବା ବନ୍ଦ କରିବାରେ ନରୱେ ହେଉଛି ପୃଥିବୀର ପ୍ରଥମ ସହର। ଏଠାରେ ଏଫ୍‌ଏମ୍ ବଦଳରେ ଡିଜିଟାଲ୍ ଅଡିଓ ବ୍ରଡକାଷ୍ଟିଂ (ଡିଏବି) ବ୍ୟବହାର କରାଯାଉଛି।
- ଏହି ଦେଶରେ ୧୨ ବର୍ଷରୁ କମ୍ ପିଲାଙ୍କୁ ବିଜ୍ଞାପନରେ ନେବା ବେଆଇନ।



## ୟୁଥ୍ ଆଲର୍ଟ

# ଶପିଂ କରୁଥିଲେ

**ବର୍ତ୍ତମାନ ସମସ୍ତ ଦୋକାନ ବଜାର ଖୋଲା। ନା ଅଛି କରୋନା କଟକଣା, ନା ଅଛି ସନ୍ଧ୍ୟା ପୂର୍ବରୁ ଦୋକାନ ବନ୍ଦ ହୋଇଯିବାର ଟେନ୍‌ସନ୍। ତେଣୁ ସବୁଠି ଗ୍ରାହକଙ୍କ ଭିଡ଼ ଜମୁଛି। ହେଲେ ଏବେ ବି କରୋନା ସଙ୍କଟ ସମ୍ପୂର୍ଣ୍ଣ ଦୂର ହୋଇ ନାହିଁ। ତେଣୁ ଶପିଂ ଲାଗି ବାହାରକୁ ଯାଉଥିଲେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ସତର୍କ ରହିବାକୁ ଭୁଲନ୍ତୁ ନାହିଁ...**

- ଶପିଂ ପାଇଁ ଯିବା ବେଳେ ପର୍ସନାଲ ଗାଡ଼ି ବ୍ୟବହାର କରନ୍ତୁ। କାରଣ ଅଟୋରିକ୍ସା, କାର୍ ଏବଂ ବସ୍ ଭଳି ପବ୍ଲିକ୍ ଟ୍ରାନ୍ସପୋର୍ଟ ବ୍ୟବହାର କରୁଥିଲେ ସଂକ୍ରମଣର ଆଶଙ୍କା ବେଶି।
- ଶପିଂ ଲାଗି ବାହାରକୁ ଯିବା ବେଳେ ମାସ୍କ ନିଶ୍ଚୟ ପିନ୍ଧନ୍ତୁ। କାରଣ କେବଳ କରୋନା ନୁହେଁ, ବର୍ତ୍ତମାନ ପ୍ରବଳ ବର୍ଷା ଯୋଗୁ ଅନେକଙ୍କଠାରେ ଥଣ୍ଡା, କାଶ ଏବଂ ଭାଇରାଲ୍ ଫିଭର୍ ଦେଖିବାକୁ ମିଳୁଛି, ଯାହାକି ଖୁବ୍‌ଶୀଘ୍ର ଅନ୍ୟକୁ ସଂକ୍ରମିତ ହୋଇଥାଏ। ନିହାତି ଆବଶ୍ୟକ ନ ଥିଲେ ବାହାରେ କାହା ସହ କଥା ହୁଅନ୍ତୁ ନାହିଁ। ଯଦିଓ କଥା ହେବାକୁ ଦରକାର ପଡ଼େ, ତେବେ ଦୂରତ୍ୱ ରକ୍ଷା କରନ୍ତୁ। ଶପିଂ ସାରିବାମାତ୍ରେ ତୁରନ୍ତ ହାତକୁ ସାନିଟାଇଜ୍ କରନ୍ତୁ। ଶପିଂ କରିଥିବା ସାମଗ୍ରୀକୁ ମଧ୍ୟ ସାନିଟାଇଜ୍ ନ କରି ବ୍ୟବହାର କରନ୍ତୁ ନାହିଁ।



- ସଂକ୍ରମଣ ରୋକିବା ଲାଗି ସୋସିଆଲ୍ ଡିଷ୍ଟାନ୍ସିଂ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ତେଣୁ ସୁରକ୍ଷା ଦୃଷ୍ଟିରୁ କୌଣସି ଗହଳି ଥିବା ମାର୍କେଟ୍ ବା ଦୋକାନକୁ ଆଦୌ ଯାଆନ୍ତୁ ନାହିଁ। ଶପିଂ ମଲ୍ ଯାଉଥିଲେ ଅନ୍ୟ ଗ୍ରାହକ ଏବଂ ସେଲ୍ସ ପର୍ସନଙ୍କଠାରୁ ଦୂରତା ରକ୍ଷା କରନ୍ତୁ।
- ବର୍ତ୍ତମାନ ଶପିଂ କରିବା ସମୟରେ ବିଭିନ୍ନ ଦିଗକୁ ଆଖିଆଗରେ ରଖି କ୍ୟାଶ୍‌ଲେସ୍ ବ୍ୟବସ୍ଥା ଆପଣେଇବା ସବୁଠୁ ଭଲ। ପ୍ରଥମ କଥା ହେଉଛି, କୌଣସି ଟଙ୍କା କେତେ କାହା ହାତ ଦେଇ ଆପଣଙ୍କ ପାଖକୁ ଆସିଛି ତାହା କହିବା କଷ୍ଟକର। ତେଣୁ ତାହା ରୋଗ ସଂକ୍ରମଣର ମାଧ୍ୟମ ବି ସାଜିପାରେ। ଏମିତିରେ କ୍ୟାଶ୍‌ଲେସ୍ ବ୍ୟବସ୍ଥା ନିରାପଦ।





# ‘ଭାରତୀୟ କ୍ରୀଡ଼ାର ସ୍ୱର୍ଣ୍ଣିମ ସମୟ ନିକଟତର’



ସମ୍ବର୍ଦ୍ଧିତ କରିବା ଅବସରରେ ରେସ୍‌ଲିଂ ଦଳ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଏବଂ ରାଷ୍ଟ୍ରମନ୍ତ୍ରୀ ନୀତୀଶ ପ୍ରମାଣିକ।



ପ୍ରଧାନମନ୍ତ୍ରୀଙ୍କ ସହ ଓଡ଼ିଶାର ଷ୍ଟାର୍ ଷ୍ପ୍ରିଣ୍ଟର ଦୂତୀ ଚାନ୍ଦ।

## ରାଜ୍ୟଗୋଷ୍ଠୀ ଦଳକୁ ସମ୍ବର୍ଦ୍ଧିତ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୩।୮(ପି.ଟି)

ଭାରତୀୟ ଆଥ୍‌ଲେଟିକ୍ସ ଜଗତରେ ସ୍ୱର୍ଣ୍ଣିମ ସମୟ ନିକଟତର ହୋଇଛି ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ୬୧ ପଦକ ସହିତ ପ୍ରତ୍ୟାବର୍ତ୍ତନ କରିଥିବା ରାଜ୍ୟଗୋଷ୍ଠୀ କ୍ରୀଡା ଦଳକୁ ଶନିବାର ଭେଟିବା ସମୟରେ ଏଭଳି ମନ୍ତବ୍ୟ ଦେଇଛନ୍ତି ମୋଦି। ୬୧ ପଦକ ମଧ୍ୟରେ ୨୨ଟି ସ୍ୱର୍ଣ୍ଣ, ୧୬ଟି ରୌପ୍ୟ ଓ ୨୩ଟି ବ୍ରୋଞ୍ଜ ରହିଛି। ଏହି ପଦକ ସଂଖ୍ୟା ସହିତ ଆଥ୍‌ଲେଟଙ୍କ ପ୍ରଦର୍ଶନକୁ ତୁଳନା କରାଯାଇପାରିବ ନାହିଁ। ଆମର ଆଥ୍‌ଲେଟମାନେ ଅନ୍ୟ ଦେଶର ଖେଳାଳିଙ୍କ ସହିତ କଡା ମୁକାବିଲା କରିଥିଲେ। ଗୋଟିଏ ସେକେଣ୍ଡ ବା ଗୋଟିଏ ସେମିର ଫରକ ରହିଥିଲେ ହେଁ ମୁଁ ଖେଳାଳିଙ୍କ ପ୍ରଦର୍ଶନକୁ ନେଇ ଅତ୍ୟନ୍ତ ଆଶାବାଦୀ ବୋଲି ସେ ନିଜ ଅଭିଭାଷଣରେ କହିଥିଲେ। ଭାରତୀୟ କ୍ରୀଡାର ସ୍ୱର୍ଣ୍ଣିମ ଯୁଗର ଏହା ଅୟମାରମ୍ଭ ଏବଂ ବର୍ତ୍ତମାନ ଆମେ ନୀରବରେ ବସିବା ଅନୁଚିତ। ଆମକୁ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ କ୍ରୀଡା ବ୍ୟବସ୍ଥା ଆରମ୍ଭ କରିବାକୁ ହେବ। କୌଣସି ବି ପ୍ରତିଭା ଯେମିତି ନଷ୍ଟ ନ ହୁଏ ତା ଉପରେ ବିଶେଷ ଧ୍ୟାନ ଦେବାକୁ ପଡିବ ବୋଲି ମଧ୍ୟ ସେ କହିଛନ୍ତି। ବ୍ୟାଡ୍‌ମିଣ୍ଟନ, ରେସଲିଂ ଓ ଭାରୋତ୍ତୋଳନରେ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନ ବେଶ୍ ଚମତ୍କାର ରହିଥିବା ବେଳେ ପ୍ରଥମ ଥର ପାଇଁ ଆଥ୍‌ଲେଟିକ୍ସରେ ମଧ୍ୟ ଭଲ ପ୍ରଦର୍ଶନ ରହିଥିଲା। ଏହା ବ୍ୟତୀତ ଜୁଡୋ ଓ ଲନ୍ ବୋଲ୍‌ସ ପରି ଖେଳରେ ମଧ୍ୟ ଭାରତ ପ୍ରଥମ ଥର ପାଇଁ ପଦକ ହାସଲ କରିଛି। ଯେଉଁ ଖେଳରେ ଆମେ ଶକ୍ତିଶାଳୀ ତା ବ୍ୟତିରେକେ ଅନ୍ୟ ଖେଳରେ ସଫଳତା ହାସଲ କରିବା ଆମ ପାଇଁ ଏକ ସ୍ୱତନ୍ତ୍ର ଉପଲବ୍ଧି ବୋଲି ମୋଦି କହିଛନ୍ତି। ନୂତନ ଖେଳରେ ଭାରତ ଦୃଢ ଭାବରେ ନିଜ ପାଦ ରଖୁଥିବା ବେଳେ ହକିରେ ନିଜର ପୁରାତନ ଆତ୍ମଗୌରବ ଫେରସ୍ତ ପାଇବା ରାସ୍ତାରେ ରହିଛି।

ବିଗତ ସଂସ୍କରଣ ତୁଳନାରେ ଆମେ ୪ଟି ନୂତନ ବର୍ଗରେ ପଦକ ହାସଲ କରିଛେ। ଲନ୍ ବୋଲସ୍ ଏବଂ ଆଥଲେଟିକ୍ସରେ ଆମର ପ୍ରଦର୍ଶନ ଅତ୍ୟନ୍ତ ଚମତ୍କାର ରହିଛି। ଏପରି ପ୍ରଦର୍ଶନ ବିଭିନ୍ନ ନୂତନ କ୍ରୀଡା ଆଡକୁ ଯୁବପିଢିଙ୍କୁ ଆକୃଷ୍ଟ କରିବ। ପ୍ରଥମ ଥର ପାଇଁ ମହିଳା କ୍ରିକେଟକୁ ସାମିଲ କରାଯାଇଥିବା ବେଳେ ଅଳ୍ପକେ ଟାଇଟଲ ହାସଲରୁ ବଞ୍ଚିତ ହୋଇଥିଲା ହରମନପ୍ରୀତ କୌରଙ୍କ ଭାରତ। ସମସ୍ତ ଖେଳାଳି ଭଲ ପ୍ରଦର୍ଶନ କରିଥିବା ବେଳେ ରେଣୁକା ସିଂଙ୍କ ପେସ୍ ବୋଲିଂର ଜବାବ କାହା ପାଖରେ ନ ଥିଲା। ସର୍ବାଧିକ ଉଇକେଟ ହାସଲକାରୀ ରେଣୁକାଙ୍କ ସ୍ୱିଙ୍ଗର ଆଣ୍ଟିଡୋଟ କାହା ପାଖରେ ବି ନ ଥିଲା ବୋଲି ମୋଦି କହିଛନ୍ତି। ବିଶ୍ୱର ଅଗ୍ରଣୀ ଖେଳାଳିଙ୍କ ମଧ୍ୟରେ ଏଭଳି ସଫଳତା ବିରଳ ବୋଲି ମୋଦି କହିଥିଲେ। ଏହା ସହିତ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଆଥ୍‌ଲେଟମାନଙ୍କର ଏହି ସଫଳତା ବେଶ୍ ସ୍ୱତନ୍ତ୍ର ବୋଲି ସେ କହିଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ରାଜ୍ୟଗୋଷ୍ଠୀ କ୍ରୀଡାରୁ ପ୍ରତ୍ୟାବର୍ତ୍ତନ କରିଥିବା ସମସ୍ତ ଆଥଲେଟ ସାମିଲ ଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡାର ଆଥ୍‌ଲେଟମାନଙ୍କ ସହିତ ଚେନ୍ନାଇରେ ଅନୁଷ୍ଠିତ ଚେସ୍ ଅଲିମ୍ପିଆଡର ଖେଳାଳିମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

# ପଦକ ବିଜେତାଙ୍କୁ ପୁରସ୍କୃତ କଲା ଆଇଓଏ

**ନୂଆଦିଲ୍ଲୀ,୧୩।୮(ପି.ଟି.):** ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୨ର ପଦକ ବିଜେତା ଭାରତୀୟ ଦଳକୁ ପୁରସ୍କୃତ କରାଯାଇଛି। ଶନିବାର ଭାରତୀୟ ଅଲିମ୍ପିକ୍ସ ସଂଘ(ଆଇଓଏ) ପକ୍ଷରୁ ସମସ୍ତ ପଦକ ବିଜେତାଙ୍କୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। ସ୍ୱର୍ଣ୍ଣ ବିଜେତାଙ୍କୁ ୨୦ ଲକ୍ଷ, ରୌପ୍ୟ ବିଜେତାଙ୍କୁ ୧୦ ଲକ୍ଷ ଓ ବ୍ରୋଞ୍ଜ୍ ପଦକ ବିଜେତାଙ୍କୁ ୭.୫ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଆଇଓଏର କାର୍ଯ୍ୟକାରୀ ସଭାପତି ଅନିଲ ଖାନ୍ନା, ସାଧାରଣ ସମ୍ପାଦକ ରାଜୀବ ମେହେଟ୍ଟା, କୋଷାଧ୍ୟକ୍ଷ ଆନନ୍ଦେଶ୍ୱର ପାଣ୍ଡେ ଏବଂ ଭାରତର ଚିଫ୍ ଡି’ ମିଶନ ରାଜେଶ ଭଣ୍ଡାରୀ ଉପସ୍ଥିତ ରହିଥିଲେ। ଶୁଟିଂ ଇଭେଣ୍ଟ ବିନା ଭାରତୀୟ ଆଥ୍‌ଲେଟମାନେ ମୋଟ ୬୧ ପଦକ ଜିତିବା ପ୍ରଶଂସନୀୟ। ଭାରତ ଏହି ସଂସ୍କରଣରେ ୨୨ ସ୍ୱର୍ଣ୍ଣ, ୧୬ ରୌପ୍ୟ ଓ ୨୩ଟି ବ୍ରୋଞ୍ଜ ପଦକ ହାସଲ କରିବାରେ ସମର୍ଥ ହୋଇଛି।

# ପୂଜାରାଙ୍କ ଦ୍ରୁତ ଶତକ

**ନୂଆଦିଲ୍ଲୀ,୧୩।୮(ପିଟି):** ଭାରତୀୟ ଟେଷ୍ଟ କ୍ରିକେଟର ଚେତେଶ୍ୱର ପୂଜାରା ମାତ୍ର ୭୩ ବଲରେ ଶତକ ହାସଲ କରିଛନ୍ତି। ଧିମା ଓ ରକ୍ଷଣାତ୍ମକ ବ୍ୟାଟିଂ ପାଇଁ ପ୍ରସିଦ୍ଧ ପୂଜାରା। ସେ ଶୁକ୍ରବାର ରୟାଲ ଲଣ୍ଡନ କପ୍‌ରେ ଏକ ଦମ୍‌ଦାର ଶତକ ହାସଲ କରି ସମସ୍ତଙ୍କୁ ଚମତ୍କୃତ କରିଛନ୍ତି। ୭୩ ବଲରେ ଶତକ ସହିତ ୭୯ ବଲରେ ୧୦୭ ରନ କରି ଆଉଟ ହୋଇଥିବା ବେଳେ ତାଙ୍କ ଦଳ ବିଜୟରୁ ୩ ରନ ପଛୁଆ ରହି ଯାଇଥିଲା। ୱାରୱିକଶାୟାର ବିପକ୍ଷରେ ୩୧୧ ରନର ପିଛା କରୁଥିବା ସସେକ୍ସ ପକ୍ଷରୁ ଦ୍ରୁତ ବ୍ୟାଟିଂ କରିଥିଲେ। ଏପରି କି ୪୫ତମ ଓଭରରେ ସେ ଲିଆମ ନରୱେଲଙ୍କ ଓଭରରେ ୨୨ ରନ୍ ସଂଗ୍ରହ କରିଥିଲେ। ୪୯ତମ ଓଭରର ପ୍ରଥମ ବଲରେ ଅଲିଭର ହାନନ ଡାଲବି ପୂଜାରାଙ୍କୁ ଆଉଟ କରିଥିଲେ। ଏହି ଇନିଂସରେ ମୋଟ ୭ ଚୌକା ଓ ୨ ଛକା ସାମିଲ ଥିଲା। ସ୍ପିନ ବୋଲିଂ ଅଲରାଉଣ୍ଡର କୃଣାଲ ପାଣ୍ଡ୍ୟା ୩ଟି ଉଇକେଟ ଅକ୍ତିଆର କରିଛନ୍ତି। ବ୍ୟାଟିଂରେ ଖାତା ଖୋଲି ପାରିନଥିଲେ ହେଁ ବୋଲିଂରେ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଅଲି ଓର(୮୧), ଟମ୍ କ୍ଲାର୍କ(୩୦) ଓ ଡେରଲି ରଲିଂସ(୧୧)ଙ୍କୁ ଆଉଟ କରିଥିଲେ ପୂଜାରା।




# ଆଇରନ ମ୍ୟାନ ପ୍ରତିଯୋଗିତାରେ ଦୁଇ ଓଡ଼ିଆ




ଭୁବନେଶ୍ୱର,୧୩।୮(ସ୍ପୋର୍ଟ୍ସ ବ୍ୟୁରୋ)

ଆଇରନ ମ୍ୟାନ ପ୍ରତିଯୋଗିତା ପାଇଁ ଦୁଇ ଓଡ଼ିଆ ସୌଭାଗ୍ୟ କୁମାର ରଥ(୩୩) ଏବଂ ବିଜୟ କୁମାର ଦାସ(୪୮) କାଜାଖସ୍ତାନରେ ପହଞ୍ଚିଛନ୍ତି। ସୌଭାଗ୍ୟଙ୍କର ଏହା ଦ୍ୱିତୀୟ ଆଇରନ ମ୍ୟାନ ପ୍ରତିଯୋଗିତା ହେବାକୁ ଥିବା ବେଳେ ବିଜୟ ପ୍ରଥମ ଥର ପାଇଁ ଅଂଶଗ୍ରହଣ କରିବେ। ଆଇରନ ମ୍ୟାନରେ ୩.୮ କିମି ସନ୍ତରଣ, ୧୮୦କିମି ସାଇକେଲ ଚାଳନା ଏବଂ ୪୨.୨ କିମି ଦୌଡ଼ ପ୍ରତିଯୋଗିତାକୁ ୧୬ ଘଣ୍ଟା ୩୦ ମିନିଟ ମଧ୍ୟରେ ସାରିବାକୁ ହେବ।

ଅଗଷ୍ଟ ୧୪ରେ କାଜାଖସ୍ତାନ ରାଜଧାନୀ ଅସ୍ତାନା (ନୁର୍ ସୁଲତାନ)ଠାରେ ଆଇରନ ମ୍ୟାନ ଟ୍ରାଇଥଲନ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ବିଭିନ୍ନ ଦେଶରୁ ୧୭୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏହା ମଧ୍ୟରୁ ୧୦୦୦ ଜଣ ହାଫ୍ ଆଇରନ ମ୍ୟାନ ଏବଂ ୭୦୦ ଜଣ ଫୁଲ୍ ଆଇରନ ମ୍ୟାନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ଭାରତରୁ ସମୁଦାୟ ୩୦୦ ଖେଳାଳି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

# ସିନ୍‌ସିନାଟିରୁ ଓହରିଲେ ଜୋକୋଭିଚ୍

ସିନ୍‌ସିନାଟି,୧୩।୮(ଏପି)

**ଭ୍ୟାକ୍ସିନ ପ୍ରସଙ୍ଗ**

ଆସନ୍ତା ସପ୍ତାହରେ ହେବାକୁଥିବା ସିନ୍‌ସିନାଟି ହାର୍ଡକୋର୍ଟ ଟୁର୍ନାମେଣ୍ଟରୁ ଓହରିଯିବା ଲାଗି ବାଧ୍ୟ ହୋଇଛନ୍ତି ଷ୍ଟାର ଟେନିସ ଖେଳାଳି ନୋଭାକ୍ ଜୋକୋଭିଚ୍। କୋଭିଡ୍ ଭ୍ୟାକ୍ସିନ ନେଇ ନ ଥିବାରୁ ସେ ଯୁକ୍ତରାଷ୍ଟ୍ର ଆମେରିକା ଗସ୍ତ କରିପାରିବେ ନାହିଁ। ଫଳତଃ ଅଗଷ୍ଟ ୨୯ରେ ନ୍ୟୁୟର୍କରେ ଆରମ୍ଭ ହେବାକୁଥିବା ବର୍ଷର ଶେଷ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନରେ ତାଙ୍କୁ ଭାଗ ନେବାଲାଗି ଅନୁମତି ନ ମିଳିପାରେ ବୋଲି ମନେକରାଯାଉଛି। ସର୍ବିଆର ୩୫ ବର୍ଷୀୟ ଜୋକୋଭିଚ୍ ଇତିମଧ୍ୟରେ ୨୧ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି।

# ଟେଲରଙ୍କୁ ଚାପୁଡ଼ା ମାରିଥିଲେ ରାଜସ୍ଥାନ ମାଲିକ

**ନୂଆଦିଲ୍ଲୀ,୧୩।୮(ପିଟି):** ନ୍ୟୁଜିଲାଣ୍ଡର ରସ୍ ଟେଲରଙ୍କ ବହିକୁ ନେଇ ଗୋଟିଏ ପରେ ଗୋଟିଏ ନୂଆ ବିବାଦ ଦେଖିବାକୁ ମିଳୁଛି। ପ୍ରଥମେ ନ୍ୟୁଜିଲାଣ୍ଡ କ୍ରିକେଟରେ ବର୍ଣ୍ଣବୈଷମ୍ୟବାଦ ନେଇ ନିଜ ଆତ୍ମଜୀବନୀରେ ଉଲ୍ଲେଖ କରିଥିବାବେଳେ ବର୍ତ୍ତମାନ ଆଉ ଏକ ବିବାଦ ସୃଷ୍ଟି କରିଛନ୍ତି। ୨୦୧୧ରେ ରାଜସ୍ଥାନ ରୟାଲ୍ସ ପକ୍ଷରୁ ଖେଳୁଥିବା ସମୟରେ କିଙ୍ଗ୍ସ ଇଲେଭେନ୍ ପଞ୍ଜାବ ବିପକ୍ଷରେ ‘୦’ରେ ଆଉଟ ହୋଇଥିଲେ। ଏହାପରେ ଫ୍ରାଞ୍ଚାଇଜ୍‌ର ଜଣେ ମାଲିକ ତାଙ୍କୁ ୩-୪ ଚାପୁଡ଼ା ମାରିଥିବା ସେ ନିଜ ବହିରେ ଲେଖିଛନ୍ତି। ଶୂନରେ ଆଉଟ ହେବା ପାଇଁ କ’ଣ କୋଟି କୋଟି ଟଙ୍କା ନେଉଛ ବୋଲି ମାଲିକ ଜଣଙ୍କ କହିଥିଲେ ବୋଲି ସେ ଉଲ୍ଲେଖ କରିଛନ୍ତି। ମୋହାଲିରେ ଏହି ମ୍ୟାଚ୍ ହୋଇଥିବା ବେଳେ ଚାପୁଡ଼ା ଘଟଣାଟି ଏକ ବାର୍‌ରେ ଘଟିଥିଲା। ସପୋର୍ଟ ଷ୍ଟାଫ୍‌ଙ୍କ ସହିତ ଶେନ୍ ୱର୍ଣ୍ଣ ଓ ଲିଜ୍ ହର୍ଲି ମଧ୍ୟ ପାଖରେ ଉପସ୍ଥିତ ଥିଲେ। ଚାପୁଡ଼ାଟି ଆଘାତ ଦେଇ ନ ଥିଲେ ହେଁ ପ୍ରଫେସନାଲ ଖେଳରେ ଏମିତି ଘଟଣା ଘଟିବା ନିହାତି ଭାବରେ ଦୁର୍ଭାଗ୍ୟଜନକ ବୋଲି ସେ ନିଜ ବହିରେ ଲେଖିଛନ୍ତି।

# ହାଲେପ୍ ସେମିଫାଇନାଲରେ

**ଟରଣ୍ଟୋ, ୧୩।୮(ଏପି):** ଦୁଇଥର ଚାମ୍ପିୟନ ସିମୋନା ହାଲେପ୍ ୬-୪, ୭-୬ (୨)ରେ କୋକୋ ଗଫ୍‌ଙ୍କୁ ପରାସ୍ତ କରି ନ୍ୟାଶନାଲ ବ୍ୟାଙ୍କ୍ ଓପନ ଟେନିସ୍ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ରୋମାନିଆର ୩୦ ବର୍ଷୀୟା ହାଲେପ୍ ୨୦୧୬ ଓ ୨୦୧୮ରେ ମଣ୍ଟ୍ରିଲରେ ଏହି ଇଭେଣ୍ଟ ଜିତିଥିଲେ।




# ନ୍ୟୁଜିଲାଣ୍ଡ ସିରିଜ ବିଜୟୀ

କିଙ୍ଗ୍‌ଷ୍ଟନ୍,୧୩।୮(ପି.ଟି.)

ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟି୨୦ ସିରିଜ୍‌କୁ ଆଗୁଆ ଜିତିନେଇଛି ନ୍ୟୁଜିଲାଣ୍ଡ। ଗ୍ଲେନ୍ ଫିଲିପ୍ସଙ୍କ ଅର୍ଦ୍ଧଶତକ ଓ ଡାରିଲ ମିଚେଲଙ୍କ ଉପଯୋଗୀ ବ୍ୟାଟିଂ ବଳରେ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ୍‌କୁ ୨-୦ରେ ଆଗୁଆ ଜିତିନେଇଛି। ପଞ୍ଚମ ଟି୨୦ ଅର୍ଦ୍ଧଶତକ ହାସଲ କରିଥିବା ଫିଲିପ୍ସ ୪୦ ବଲରୁ ୭୬ ରନ୍ କରିଥିବା ବେଳେ ଡାରିଲ ମିଚେଲ ୨୦ ବଲରୁ ୪୮ ରନ୍ କରିଥିଲେ। ଏହାବ୍ୟତୀତ ଡେଭନ୍ କନୱେ ୪୨ ରନ୍ କରିଥିଲେ। ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ହରାଇ ୨୧୫ ରନ୍ କରିଥିବା ବେଳେ ଘରୋଇ ଦଳ ମାତ୍ର ୧୨୫/୯ରେ ସୀମିତ ରହିଥିଲା।



୮୩ ରନର ପାର୍ଟନରଶିପ୍ ଅବସରରେ ନ୍ୟୁଜିଲାଣ୍ଡର ଗ୍ଲେନ୍ ଫିଲିପ୍ସ ଓ ଡେରିଲ ମିଚେଲ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ରେକର୍ଡ ୨୧୫ ରନ୍ କରିଥିଲା। ଭ୍ରମଣକାରୀ ଦଳଗୁଡ଼ିକ ମଧ୍ୟରେ ଏହା କାରିବିଆନ୍ ମାଟିରେ ସର୍ବାଧିକ ସ୍କୋର। ମାତ୍ର ୩୬ ରନ୍‌ରେ ମାର୍ଟିନ୍ ଗୁପ୍ଟିଲ(୨୦) ଓ କେନ୍ ୱିଲିୟମ୍‌ସନ୍ (୪)ଙ୍କ ଉଇକେଟ ହରାଇଥିଲା ଦଳ। ତେବେ ତୃତୀୟ ଉଇକେଟରେ କନ୍‌ୱେ(୪୨)ଙ୍କ ସହିତ ଫିଲିପ୍ସ ଯୋଡ଼ିଥିଲେ ୭୧ ରନ୍। କନ୍‌ୱେଙ୍କ ୩୪ ବଲର ଇନିଂସ୍‌ରେ ୨ ଚୌକା ଓ ୩ ଛକା ସାମିଲ ଥିଲା। ୪୧ ବଲରୁ ୭୬ ରନ୍ କରିଥିବା ଫିଲିପ୍ସଙ୍କ ଇନିଂସ୍‌ରେ ସାମିଲ ଥିଲା ୪ ଚୌକା ଓ ୬ ଛକା। ଶେଷଆଡ଼କୁ ଡାରିଲ ମିଚେଲ ୨୦ ବଲରୁ ଦ୍ରୁତ ୪୮ ରନ୍ କରିବା ସହିତ ଦଳ ୨୦୦ ରନ୍ ପାର କରିଥିଲା। ଓବେଡ ମ୍ୟାକୟ ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ ରୋମାରିଓ ଶେଫର୍ଡ ଏବଂ ଓଡିନ୍ ସ୍ମିଥ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୨୧୬ ରନ୍ ଲକ୍ଷ୍ୟର ପିଛା କରୁଥିବା ୱେଷ୍ଟଇଣ୍ଡିଜ ମାତ୍ର ୧୨୫ ରନ୍‌ରେ ସୀମିତ ରହିବା ସହିତ ୯୦ ରନ୍‌ରେ ପରାଜିତ ହୋଇଥିଲା। ୧୧ ନମ୍ବରରେ ବ୍ୟାଟିଂ କରୁଥିବା ଓବେଡ ସର୍ବାଧିକ ୨୩ ରନ୍ କରିବାରୁ ଦଳ ୧୦୦ ରନ୍ ପାର୍ କରିଥିଲା। ୪୦ ରନ୍‌ରେ ୬ ଉଇକେଟ ହରାଇଥିବା ବେଳେ ରୋଭ୍‌ମାନ ପାୱେଲ(୨୧) ଓ ରୋମାରିଓ ଶେଫର୍ଡ (୧୮)ଙ୍କ ମଧ୍ୟରେ ୩୫ ରନ୍‌ର ଭାଗୀଦାରି ହୋଇଥିଲା। ମିଚେଲ ସାଣ୍ଟନର ଓ ମାଇକେଲ ବ୍ରେସୱେଲଙ୍କୁ ୩ଟି ଲେଖାଏ ଉଇକେଟ ସଫଳତା ମିଳିଥିଲା।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଜାତୀୟ ଶିକ୍ଷାନୀତି ରଦ୍ଦ ଦାବିରେ ଦେଶବ୍ୟାପୀ ଆନ୍ଦୋଳନ

ଭୁବନେଶ୍ୱର, ୧୩।୮(ବ୍ୟୁରୋ) : ଜାତୀୟ ଶିକ୍ଷାନୀତି ରଦ୍ଦ, ଶିକ୍ଷକ କର୍ମଚାରୀଙ୍କ ପାଇଁ ସମ୍ମାନଜନକ ଚାକିରି ସର୍ତ୍ତାବଳୀ, ପୁରୁଣା ପେନ୍‌ଶନ ସ୍କିମ୍ ପୁନର୍ବାର ଲାଗୁ କରିବା ଆଦି ବିଭିନ୍ନ ଦାବି ନେଇ ଅଖିଳ ଭାରତ ବିଶ୍ୱବିଦ୍ୟାଳୟ ଓ କଲେଜ ଶିକ୍ଷକ ମହାସଂଘ ଏବଂ ରାଷ୍ଟ୍ରୀୟ ମିଳିତ ଶିକ୍ଷା ଆନ୍ଦୋଳନ ମିଳିତ ମଞ୍ଚ ସେପ୍ଟେମ୍ବର ୫ ଗୁରୁଦିବସଠାରୁ ଦେଶବ୍ୟାପୀ ଜନ ସଚେତନତା ଏବଂ ଗଣ ଆନ୍ଦୋଳନ କରିବ। ଏଥିସହ ଦାବି ସମ୍ପର୍କରେ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ। ଏହାକୁ ଓଡ଼ିଶାର ଶିକ୍ଷକ ସଂଘ ସମର୍ଥନ ଦେବ। ଆଇଫୋକ୍ଟୋ ଏବଂ ଜେଏଫ୍‌ଏମ୍‌ଇ ଏହାକୁ ସମର୍ଥନ ଦେବ। ଏ ସମ୍ପର୍କରେ ଆଇଫୋକ୍ଟୋ ସାଧାରଣ ସମ୍ପାଦକ ପ୍ରଫେସର ଡ. ଅରୁଣ କୁମାର ମହାନ୍ତି, ଜେଏଫ୍‌ଏମ୍‌ଇ ଜାତୀୟ ଆବାହକ ଡ. ଅମୀୟ ମହାନ୍ତି ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି।

### ଶ୍ରୀମୟୀ ମିଶ୍ରଙ୍କ ନାଁରେ ନକଲି ହ୍ୱାଟ୍ସଆପ୍

ଭୁବନେଶ୍ୱର,(ବ୍ୟୁରୋ)୧୩।୮: ପୂର୍ବତନ ଓଟିଡିସି ଅଧକ୍ଷା ଶ୍ରୀମୟୀ ମିଶ୍ରଙ୍କ ନାଁରେ ନକଲି ହ୍ୱାଟ୍ସଆପ୍ ଆକାଉଣ୍ଟ ଖୋଲି ଟଙ୍କା ମାଗୁଛନ୍ତି ସାଇବର ଠକ। ଏହା ଜଣାପଡିବା ପରେ ଶ୍ରୀମୟୀ ସାଇବର ଥାନାରେ ଫେରାଦ୍ ହୋଇଛନ୍ତି। ଏଥିସହ ଉକ୍ତ ନମ୍ବରରୁ ମେସେଜ ରିସିଭ୍ ନ କରିବାକୁ ସମସ୍ତଙ୍କୁ ନିବେଦନ କରିଛନ୍ତି । ଅଭିଯୋଗ ଅନୁସାରେ, ସାଇବର ଠକ ଫେକ୍ ଆକାଉଣ୍ଟ ଖୋଲି ଶ୍ରୀମୟୀଙ୍କ ଫଟୋକୁ ଡିପି ଭାବେ ବ୍ୟବହାର କରିଛନ୍ତି। ପାନ୍ଥନିବାସ ମ୍ୟାନେଜରମାନଙ୍କ ସହ ଉକ୍ତ ହ୍ୱାଟ୍ସଆପ୍ ନମ୍ବରରୁ ପ୍ରଥମେ ଚ୍ୟାଟିଂ କରିଥିଲେ ସାଇବର ଠକ। ଏହାପରେ ଧୀରେ ଧୀରେ ଟଙ୍କା ମାଗିବାରୁ ସେମାନଙ୍କର ସନ୍ଦେହ ଉପୁଜିଥିଲା। ପରେ ଜଣେ ମ୍ୟାନେଜର ଶ୍ରୀମୟୀଙ୍କୁ କଲ୍ କରି ପଚାରିବୁଝିବାରୁ ଘଟଣାର ପ୍ରକୃତ ସତ୍ୟ ପଦାକୁ ଆସିଥିଲା। ଅପରପକ୍ଷରେ ଶ୍ରୀମୟୀ ସାଇବର ଠକଙ୍କ ଚାଟିଂକୁ ସୋସିଆଲ ମିଡିଆରେ ସେୟାର କରି ଲେଖିଛନ୍ତି ଯେ, ତାଙ୍କ ଫଟୋକୁ ହ୍ୱାଟ୍ସଆପରେ ଲଗାଯାଇଛି। ତେଣୁ ଯଦି କେହି ଏଭଳି ଉପାୟରେ ଟଙ୍କା ମାଗୁଥାନ୍ତି, ତେବେ ଏଥିରୁ ନିବୃତ୍ତ ରହିବାକୁ ସେ ଜଣାଇଛନ୍ତି।

### ସଡ଼କ ଦୁର୍ଘଟଣା: ଭାଇ ମୃତ,ଭଉଣୀ ଗୁରୁତର

ଡେରାବିଶ,୧୪।୮(ସ୍ୱ.ପ୍ର.): କଟକ-ଚାନ୍ଦବାଲି ରାସ୍ତାର ଚାନ୍ଦୋଳଠାରେ ଶୁକ୍ରବାର ରାତିରେ ଏକ ଆକ୍ଟିଭା ଓ କାର ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ତାଙ୍କ ଭଉଣୀ ଗୁରୁତର ହୋଇଛନ୍ତି । ଡେରାବିଶ ବ୍ଲକ ରତାଦିଆ ଖଣ୍ଡସାହି ପଞ୍ଚାୟତ ଅନୁଆପଡ଼ା ଗ୍ରାମର ରଞ୍ଜନ ଭଦ୍ରଙ୍କ ପରିବାର କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ କେରିଲୋ ପଞ୍ଚାୟତ କେରିଲୋ ଗ୍ରାମରେ ଶ୍ୱଶୁର ଘରେ ରୁହନ୍ତି। ଶୁକ୍ରବାର ତାଙ୍କ ପୁଅ ବିଭୁପ୍ରସାଦ ଓ ଝିଅ ହରପ୍ରିୟା ଆକ୍ଟିଭାରେ ଶ୍ରୀବଳଦେବଜୀଉଙ୍କ ଝୁଲଣ ଯାତ୍ରା ଦେଖିବାକୁ ଯାଇ ଫେରୁଥିଲେ। ଚାନ୍ଦୋଳ ନିକଟରେ ବିପରୀତ ଦିଗରୁ ଆସୁଥିବା କାରର ଚକ ଫାଟିଯିବାରୁ ଡ୍ରାଇଭର ଭାରସାମ୍ୟ ହରାଇ ଆକ୍ଟିଭାକୁ ଧକ୍କା ଦେଇଥିଲା । ଫଳରେ ବିଭୁ ପ୍ରସାଦ ଓ ହରପ୍ରିୟା ଗୁରୁତର ହୋଇଥିଲେ । ସେମାନଙ୍କୁ ନିଶ୍ଚିନ୍ତକୋଇଲି ଡାକ୍ତରଖାନାକୁ ପଠାଇଥିଲେ। ହେଲେ ଡାକ୍ତର ବିଭୁପ୍ରସାଦଙ୍କୁ ମୃତ ଘୋଷଣ କରିଥିଲେ ।

# ଯାଜପୁର ଜିଲାରେ ବନ୍ୟା ଆଶଙ୍କା

ଯାଜପୁର ଅଫିସ,୧୩।୮

ଯାଜପୁର ଜିଲା ଦେଇ ପ୍ରବାହିତ ବୈତରଣୀ, ଖରସ୍ରୋତା ନଦୀ ଫୁଲିବାରେ ଲାଗିଛି। ବୈତରଣୀର ଉପରମୁଣ୍ଡ କେନ୍ଦୁଝରଠାରେ ଶନିବାର ପ୍ରାୟ ୨୯ ମି.ମି. ବର୍ଷା ହୋଇଛି । ଫଳରେ ସନ୍ଧ୍ୟା ସୁଦ୍ଧା ବୈତରଣୀର ଆଖୁଆପଦାଠାରେ ଜଳପତ୍ତନ ବିପଦ ସଙ୍କେତ ଅତିକ୍ରମ କରିଛି। ୧୪ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବାକୁ ଥିବାରୁ ଦଶରଥପୁର, ଯାଜପୁର, କୋରେଇ ବ୍ଲକରେ ବନ୍ୟା ଆଶଙ୍କା ସୃଷ୍ଟି କରିଛି। ଏହାସହ ଖରସ୍ରୋତା ନଦୀର ବିଞ୍ଝାରପୁର, ସିଂହପୁରଠାରେ ଜଳପତ୍ତନ ବୃଦ୍ଧି ହେଉଛି। ଏହାଦ୍ୱାରା ଖରସ୍ରୋତା ଓ ବୈତରଣୀ ତଟବାସୀ ଆତଙ୍କିତ ହୋଇ ପଡ଼ିଛନ୍ତି।

ଜଳସେଚନ ବିଭାଗ ଯଦିଓ ବୈତରଣୀରେ ମଧ୍ୟମ ଧରଣର ବନ୍ୟା ହେବା ଆଶଙ୍କା ରହିଛି ବୋଲି ଆକଳନ କରିଛି, ତଥାପି ସ୍ଥିତି ଉପରେ ଜିଲା ପ୍ରଶାସନ କଡ଼ା ନଜର ରଖିଛି। ଜରୁରିକାଳୀନ ବିଭାଗରୁ ମିଳିଥିବା ତଥ୍ୟ ଅନୁସାରେ ଶନିବାର ସନ୍ଧ୍ୟା ସୁଦ୍ଧା ବୈତରଣୀର ଆନନ୍ଦପୁରଠାରେ ଜଳପତ୍ତନ ୩୬.୪୨ ମିଟର ଥିବାବେଳେ ସେଠାରେ ବିପଦସଙ୍କେତ ୩୮.୩୬ ମିଟର ରହିଛି । ଆଖୁଆପଦାର ବିପଦସଙ୍କେତ ୧୭.୮୩ ମିଟରକୁ ଅତିକ୍ରମ କରି ୧୮.୦୪ ମିଟର ପର୍ଯ୍ୟନ୍ତ ପହଞ୍ଚିଛି । ଯାଜପୁର ବଲ୍ଲଭିଘାଟର ବିପଦସଙ୍କେତ ୧୩.୩୪ ମିଟର ରହିଥିବାବେଳେ ସେଠାରେ ୧୧.୯୫ ମିଟର ପର୍ଯ୍ୟନ୍ତ ଜଳପତନ ପହଞ୍ଚିଛି। ଦଶରଥପୁରରେ ବିପଦସଙ୍କେତ ୯.୫୨ ମିଟର। ସେଠାରେ ଜଳପତନ ୯.୪୦ ମିଟରକୁ ବୃଦ୍ଧି ଘଟିଛି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ବର୍ଷା ହେଲେ ବନ୍ୟା ପରିସ୍ଥିତି ଭୟଙ୍କର ହେବ ବୋଲି ଅନୁମାନ କରାଯାଉଛି। ସମ୍ଭାବ୍ୟ ବନ୍ୟା ପ୍ରଭାବିତ ଅଞ୍ଚଳର ସ୍କୁଲଗୁଡ଼ିକରେ ଯେପରି ଉଦ୍ଧାର ହେଉଥିବା ବା କ୍ଷତିଗ୍ରସ୍ତ ଲୋକ ଆଶ୍ରୟ ନେଇପାରିବେ ସେଥିପାଇଁ ପଦକ୍ଷେପ ସ୍ୱରୂପ ସମ୍ପୃକ୍ତ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ହୋଇଛି। ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଅଗ୍ନିଶମ ବିଭାଗ ଓ ଓଡ୍ରାଫ ଟିମ୍‌କୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି । ଦେଶୀ ଡଙ୍ଗା, ପାୱାର ବୋଟ୍, ଗଛକଟା ମେଶିନ, ଆସ୍କା ଲାଇଟ, ଟର୍ଚ୍ଚ, ଲାଇଫ୍ ଜ୍ୟାକେଟ୍ ଇତ୍ୟାଦି ପ୍ରସ୍ତୁତ ରଖିବାକୁ ଜିଲାପାଳ ପରାମର୍ଶ ଦେଇଥିବା ସୂଚନା ମିଳିଛି।


ବୈତରଣୀ ନଦୀରେ ବନ୍ୟାଜଳ ପ୍ରବାହିତ ହେଉଛି।

## ରେଲ୍‌ୱେ ପ୍ଲଟରୁ ଲୁହା ପଥର ଚୋରି, ଟିପ୍ପର ଜବତ

କଳିଙ୍ଗନଗର,୧୩।୮(ଡି.ଏନ.ଏ.)

ଦୈତାରୀ ଲୌହ ଖଣିର ବଳିପର୍ବତ ବୋଝେଇ ପ୍ଲଟରୁ ଟମକା ରେଲ୍‌ୱେ ପ୍ଲଟକୁ ରେଲୱେ ୱାଗନ ପରିବହନ ପାଇଁ ଆସୁଥିବା ଲୁହାପଥରକୁ ଲୁଟ କରାଯାଉଥିବା ବେଳେ ଏକ ଟିପ୍ପରକୁ ଜବତ କରାଯାଇ ପୋଲିସ ଜିମା ଦିଆଯାଇଛି। ଶ୍ରୀୟା ଲଜିଷ୍ଟିକ ନାମକ ପରିବହନ ଠିକା ସଂସ୍ଥା ତରଫରୁ ତାଙ୍କ କର୍ମଚାରୀ ଯାଜପୁର ରୋଡ ଥାନା ଉମାପଦା ଅଞ୍ଚଳର ନିତ୍ୟାନନ୍ଦ କରଣ ଖଣିଜ ଦ୍ରବ୍ୟ ଚୋରି ସମ୍ପର୍କରେ ଟମକା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ, ଗତ ୧୧ ତାରିଖରେ ବଳିପର୍ବତ ଲୌହ ଖଣି ପ୍ଲଟରୁ ଟମକା ରେଲବାଇ ସାଇଡିଂକୁ ଏକ ଟିପ୍ପର (ଓଆର-୦୯-ଜେ-୫୧୯୫) ସାମଗ୍ରୀ ବୋଝେଇ କରି ଆଣିଥିଲା। ସମ୍ପୃକ୍ତ ଗାଡ଼ିଟି ପ୍ଲଟ ସାଇଡ୍‌ରେ ଚାଲାଣ ଜିମା କରି ସାରିବା ପରେ ଲୁହାପଥର ଖଲାସ ନ କରି ସେଠାରୁ ପଳାଇ ଯାଇଥିଲା। ପରେ ଶ୍ରିୟା ସଂସ୍ଥା ପକ୍ଷରୁ ନିଜ ଆଡୁ ଶଗଡ଼ଗୁଳା ନିକଟରେ ଚଢ଼ାଉ କରାଯାଇ ସମ୍ପୃକ୍ତ ଗାଡ଼ିକୁ ଅଟକ ରଖାଯାଇ ଟମକା ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ଗାଡ଼ିକୁ ଅଟକ ରଖିଛି। ଚାଳକ ଓ ମାଲିକ ଫେରାର ହୋଇ ଯାଇଛନ୍ତି। ଏନେଇ ଥାନାରେ ନଂ.୯୭/୨୨ରେ ଏକ ମାମଲା ରୁଜୁ ହୋଇଛି।

## ଅନ୍ତର୍ଜାତୀୟ ଯୁବ ଦିବସ ପାଳିତ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

ଯାଜପୁର ସଦର,୧୩।୮(ଡି.ଏନ୍.ଏ.)

ଯାଜପୁର ରାମବାଗସ୍ଥିତ ରିଜିଓନାଲ ମହାବିଦ୍ୟାଳୟ ପରିସରରେ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆନ୍ତର୍ଜାତିକ ଯୁବ ଦିବସ ପାଳିତ ହୋଇଯାଇଛି। ଡିଗ୍ରୀ କଲେଜ ଅଧକ୍ଷ ପ୍ରମୋଦ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଡ. ବିଜୟ ସୁନ୍ଦର ରାୟ, ସମ୍ମାନିତ ଅତିଥି ଭାବେ ପ୍ରଫେସର ଅବଦୁଲ ଅଲ୍ଲୀ ଖାଁ, ରିଜିଓନାଲ ଜୁନିୟର କଲେଜର ଅଧକ୍ଷ ଅନିଲ କୁମାର ମହାନ୍ତି, ସ୍ୱାତି ପ୍ରିୟଦର୍ଶିନୀ ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଆଜାଦୀ କା ଅମୃତ ମହୋତ୍ସବ, ସ୍କିଲ୍ ଡେଭ୍‌ଲପମେଣ୍ଟ ଓ ମୋ କଲେଜ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପିଲାମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ପ୍ରତିଯୋଗିତା ଯଥା; ଝୋଟି, ମୁରୁଜ, ବକ୍ତୃତା, ଗୀତ, ନାଚ, ପ୍ରବନ୍ଧ ଆଦି ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଦିଆଯାଇଥିଲା।

ଅନ୍ୟମାନଙ୍କ ମଧ୍ୟରେ ଅଧାପକ ରଞ୍ଜିତ ସିଂ, ଜଗନ୍ନାଥ ପରିଡ଼ା, ସରୋଜ କୁମାର ଜେନା, ଶୁଭେନ୍ଦୁ ମହାପାତ୍ର, ଡ. ଶଶଧର ଦାସ, ବିଜୟ ଦାସ, ପ୍ରିୟରଞ୍ଜନ ପରିଡ଼ା, ଗୌରାଙ୍ଗ ଚରଣ ବେହେରା, ସୌମ୍ୟରଞ୍ଜନ ପଲାଇ, ଅଧାପିକା ବିଜୟିନୀ ପାକିଜା ସାମଲ, ବିଶ୍ୱାମିତ୍ର ଦାସ, ନିବେଦିତା ବେହୁରିଆ, ଅନ୍ନପୂର୍ଣ୍ଣା ଦାସ, ସଂଗୀତା ପତି, କ୍ଷୀରବ୍ଧୀ ସେଣ୍ଠ, ଝାନ୍ସୀ ରାଣୀ ମଲ୍ଲିକ, କୃଷ୍ଣପ୍ରିୟା ସାହୁ, ଶ୍ରଦ୍ଧାଞ୍ଜଳି ରାଉତ, ଅନିତା ପଣ୍ଡା, ମୁକ୍ତିପ୍ରଭା ସାମଲ, ସ୍ମିତାରାଣୀ ସାମଲ, ସତ୍ୟକାମ ମହାନ୍ତି, ସ୍ମୃତିରଞ୍ଜନ ସ୍ୱାଇଁ, ପ୍ରଶାନ୍ତ କୁମାର ସ୍ୱାଇଁ, ହିମାଂଶୁ ରାଉତ, ସନ୍ତୋଷ ଦାସ, ହିମାଂଶୁ ସାହୁ, ବିରଞ୍ଚି ନାରାୟଣ ମହାନ୍ତି, ଅମର କୁମାର ବେହେରା, ଶ୍ୟାମସୁନ୍ଦର ମିଶ୍ର, ଶମ୍ଭୁନାଥ ଦାସ ଓ ଚନ୍ଦନ ଦାସ ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ।

## ଅର୍ଥନୈତିକ ପରିଚାଳନା, କୋଭିଡ୍ ୧୯ ଶୀର୍ଷକ ଆଲୋଚନାଚକ୍ର

ବରୀ,୧୩।୮(ଡି.ଏନ.ଏ.)

ବରୀ ବ୍ଲକ ଅଧୀନ ବାଲିଆସ୍ଥିତ ଅଭିମନ୍ୟୁ ସାମନ୍ତ ସିଂହାର ଡିଗ୍ରୀ ମହାବିଦ୍ୟାଳୟରେ ଅର୍ଥନୈତିକ ପରିଚାଳନା ଓ କୋଭିଡ୍ ୧୯ ଶୀର୍ଷକ ଏକ ଜାତୀୟ ଆଲୋଚନାଚକ୍ର ବି ସ୍କୁଲ୍ ଫୋରମ, ଏୱକ ଇଣ୍ଡିଆ ନଲେଜ ସେଲର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ସୁଧୀର କୁମାର ରାଉତଙ୍କ ଅଧକ୍ଷତାରେ ସୁଶ୍ରୀ ତୃପ୍ତିପ୍ରଦୀପ କାପାଡ଼ିଆ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଦେଶର ଅର୍ଥନୈତିକ ପରିଚାଳନାକୁ ଆଜିର ଛାତ୍ର ସମାଜ ଅନୁଭବ କରି ତାହାକୁ ବାସ୍ତବ କ୍ଷେତ୍ରରେ ପ୍ରୟୋଗ କରିବା ଆବଶ୍ୟକ। ଏହା ହେଲେ ବିଶ୍ୱର ମହାସଂକଟ ସମୟରେ ଭାରତ ତା'ର ଭବିଷ୍ୟତର ମାର୍ଗକୁ ଅର୍ଥନୈତିକ ଦୃଷ୍ଟି କୋଣରୁ ସୁଧାରି ପାରିବ। ଏହି ଜାତୀୟ ଅର୍ଥନୈତିକ ମାନଦଣ୍ଡ ଆଜି ଅବକ୍ଷୟ ଘଟୁଛି। ସେଥି ନିମନ୍ତେ କୋଭିଡ ବହୁ ପରିମାଣରେ ଦାୟୀ। ସତର୍କତା ଓ ସ୍ୱଚ୍ଛତା ଏହି ମହା ବିପଦରୁ ଦେଶ ଏବଂ ଜାତିକୁ ରକ୍ଷା କରିପାରିବ ବୋଲି ସୁଶ୍ରୀ କାପାଡ଼ିଆ ମତ ପୋଷଣ କରିଥିଲେ।

କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ଅଧାପକ ଦାମୋଦର ସାହୁ ସଂଯୋଜନା କରିଥିଲେ। ଅନନ୍ତ ଲକ୍ଷ୍ମୀ ଜେନା, ପ୍ରୀତିରଞ୍ଜନ ସାହୁ, ବିଶ୍ୱଜିତ ରାୟ, ଦେବାଶିଷ ସିଂ, ସୁନିତା କର, ସ୍ମୃତି ସୁହାନୀ ଜେନା, ଶୁଭଲକ୍ଷ୍ମୀ ଜେନା, ସ୍ୱରୂପା ମହାପାତ୍ର, ଦେବାଶିଷ ସିଂ, ଦିବ୍ୟଜ୍ୟୋତି ଜେନା ପ୍ରମୁଖ ବହୁ ଛାତ୍ରୀଛାତ୍ର ଓ ଅନୁଷ୍ଠାନର ସମସ୍ତ ଅଧାପିକାଅଧାପକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶେଷରେ ରାଜନୀତି ବିଭାଗ ମୁଖ୍ୟ ଅଧାପକ ପ୍ରଭାକର ଜେନା ଧନ୍ୟବାଦ ଦେଇଥିଲେ।

## ସ୍ୱାଧୀନତାର ଅମୃତ ମୂଲ୍ୟବୋଧକୁ ଉପଲବ୍ଧି ପାଇଁ ପରାମର୍ଶ


ଛାତ୍ରୀଛାତ୍ର ଅମୃତ ମହୋତ୍ସବ ନେଇ ସଚେତନତା ସୃଷ୍ଟି କରୁଛନ୍ତି।

ଧର୍ମଶାଳା,୧୩।୮(ଡି.ଏନ.ଏ.)

ଧର୍ମଶାଳା ମହିଳା ଡିଗ୍ରୀ କଲେଜ, ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ୟୁନିଟ୍, ମୋ କଲେଜ ଓ ରେଡ୍‌କ୍ରସ୍ ୟୁନିଟ୍ ଆନୁକୂଲ୍ୟରେ ଆଜାଦୀ କା ଅମୃତ ମହୋତ୍ସବ ଶନିବାର ପାଳିତ ହୋଇଯାଇଛି। କଲେଜ ଅଧକ୍ଷା ଡ. ଇନ୍ଦୁପ୍ରଭା ସାମଲଙ୍କ ସଭାପତିତ୍ୱରେ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ. ସୁନାକର ଦାସ, ମୋ କଲେଜ ଅଭିଯାନର ସଂଯୋଜକ ଡ. ରାଜକିଶୋର ଜେନା, ଅଧାପକ ସଚ୍ଚିଦାନନ୍ଦ ପ୍ରଧାନଙ୍କ ସମେତ ସମସ୍ତ ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରୀ ଉପସ୍ଥିତ ଥିଲେ। ବର୍ତ୍ତମାନର ଯୁବପିଢ଼ି ସ୍ୱାଧୀନତାର ଅମୃତ ମୂଲ୍ୟବୋଧକୁ ଉପଲବ୍ଧି କରିବାକୁ ବକ୍ତାମାନେ ପରାମର୍ଶ ଦେଇଥିଲେ।

ଛାତ୍ରୀ ଲକ୍ଷ୍ମୀପ୍ରିୟା ରାଉତ, ସ୍ୱାଗତିକା ଗେଡ଼ି ଦେଶାତ୍ମବୋଧକ ସଙ୍ଗୀତରେ ନୃତ୍ୟ ପରିବେଷଣ କରିଥିବାବେଳେ ପ୍ରିୟଙ୍କା ବାରିକ, ଅନିତା ସାହୁ, ପ୍ରିୟଦର୍ଶିନୀ ସାହୁ, ସୁନିତା ପାଳ ଦେଶାତ୍ମବୋଧ ସଂଗୀତ ପରିବେଷଣ କରିଥିଲେ। ଛାତ୍ରୀମାନେ ଜାତୀୟ ପତାକା ଧରି ପଦଯାତ୍ରାରେ ଯାଇ ସ୍ଥାନୀୟ ଅଞ୍ଚଳରେ ସଚେତନତା ସୃଷ୍ଟି କରିଥିଲେ। ସେହିପରି ଗଙ୍ଗାଧରପୁରସ୍ଥିତ ପତିତପାବନ ହାଇସ୍କୁଲ ଓ ଅନନ୍ତ ଗୋପାଳ ନୋଡାଲ ସ୍କୁଲ ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରାଯାଇଛି। ଏଥିରେ ହାଇସ୍କୁଲ୍ ପ୍ରଧାନଶିକ୍ଷୟିତ୍ରୀ ଇନ୍ଦିରା ଗାଗରାଇ, ଶିକ୍ଷୟିତ୍ରୀ ଭଞ୍ଜନା ସାହୁ, ତପସ୍ୱିନୀ ନାୟକ, ସୁପ୍ରଭା ଜେନା, ଶିକ୍ଷକ ନାରାୟଣ ନନ୍ଦ ଓ ଅକ୍ଷୟ ଦାସ ପ୍ରମୁଖ ଛାତ୍ରୀଛାତ୍ରଙ୍କ ଗହଣରେ ଜାତୀୟ ପତାକା ଧରି ଗଙ୍ଗାଧରପୁର ଗ୍ରାମ ପରିକ୍ରମା କରିବା ସହିତ ୨ ଶହ ଜାତୀୟ ପତାକା ବଣ୍ଟନ କରିଥିଲେ। ପରେ ସଚେତନତା ସୃଷ୍ଟି କରିଥିଲେ।

## ନାବାଳିକା ଅପହରଣ ମାମଲାରେ ଯୁବକ ଗିରଫ

ପାଣିକୋଇଲି,୧୩।୮(ଡି.ଏନ.ଏ.)

ନାବାଳିକା ଅପହରଣ ମାମଲାରେ ଦୀର୍ଘ ୧ ବର୍ଷ ପରେ ପାଣିକୋଇଲି ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଭଦ୍ରକ ଜିଲା ଭଣ୍ଡାରୀ ପୋଖରୀ ଥାନା ଅନ୍ତର୍ଗତ ଆଖୁଆପଦା ଗ୍ରାମର କାଲୁଆ ଓରଫ୍ ପ୍ରଶାନ୍ତ ମଲିକ(୨୦)। ୨୦୨୧ ଫେବୃଆରୀ ୬ରେ ପାଣିକୋଇଲି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିଲା। ପ୍ରଶାନ୍ତ ଏହି ଅପହରଣ କରିଥିବା ନାବାଳିକାଙ୍କ ବାପା ଥାନାରେ ଦେଇଥିବା ଅଭିଯୋଗରେ ଦର୍ଶାଇଥିଲେ। ପୋଲିସ ଏକ ମାମଲା ନଂ.୪୫/୨୧ ରୁଜୁ କରି ତଦନ୍ତ ଜାରି ରଖିଥିଲା। ମାତ୍ର ଅଭିଯୁକ୍ତଙ୍କ କୌଣସି ପତ୍ତା ମିଳି ନ ଥିଲା।

## ଆଜାଦୀ କା ଅମୃତ ମହୋତ୍ସବ


କୋରେଇ ବ୍ଲକ ଅନ୍ତର୍ଗତ ଅମୃତିଆ ସରସ୍ୱତୀ ବିଦ୍ୟା ମନ୍ଦିରରେ ଅମୃତ ମହୋତ୍ସବ ପାଳନ କରାଯାଉଛି।


ବିଞ୍ଝାରପୁର ବ୍ଲକ ସିଂହପୁରସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପକ୍ଷରୁ ଅମୃତ ମହୋତ୍ସବ।


ଯାଜପୁର ଭାଜପା ପକ୍ଷରୁ ଶୋଭାଯାତ୍ରା କରାଯାଇ ତ୍ରିରଙ୍ଗା ଉଡ଼ାଇବାକୁ ଆହ୍ୱାନ କରାଯାଉଛି।


ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ତ୍ରିରଙ୍ଗା ଯାତ୍ରା କରାଯାଉଛି।


ଦଶରଥପୁର ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସଚେତନତା ଶୋଭାଯାତ୍ରା।


ବି.ଏନ୍. ମହାନ୍ତି ଆଣ୍ଡ ଆସୋସିଏଟ୍ ତରଫରୁ ବ୍ୟାସନଗର କଲେଜରୋଡ୍‌ସ୍ଥିତ ହରେକୃଷ୍ଣ ଭବନଠାରେ ଶନିବାର ଆୟୋଜିତ ଆଜାଦୀ କା ଅମୃତ ମହୋତ୍ସବ ଏବଂ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ।

## ସଂକ୍ଷେପରେ

### ବୋମାମାଡ଼ ଘଟଣା, ଅନ୍ୟତମ ଅଭିଯୁକ୍ତ ଗିରଫ

**ଖଣ୍ଡପଡ଼ା,୧୩।୮(ସ୍ୱ.ପ୍ର.):** ଖଣ୍ଡପଡ଼ା ଥାନା ଅଧୀନ ବଡ଼ବୋଦସା ଗ୍ରାମରେ ରାଜନୈତିକ ହିଂସାକାଣ୍ଡ ଘଟି ବୋମା ମାଡ଼ରେ ପ୍ରଶାନ୍ତ କୁମାର ତାରେଣିଆ(୩୩)ଙ୍କ ମୃତ୍ୟୁ ହୋଇଥିଲା । ଏହି ହତ୍ୟା ଘଟଣାରେ ସଂପୃକ୍ତ ଥିବା ଅଭିଯୋଗରେ ପୋଲିସ ସ୍ଥାନୀୟ ଅଞ୍ଚଳର ଶ୍ରୀକ୍ଷେତ୍ର ପଢିଆରୀଙ୍କୁ ଶୁକ୍ରବାର ରାତିରେ ଭୁବନେଶ୍ୱରରୁ ଗିରଫ କରିଥିଲା। ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ଖଣ୍ଡପଡା ଉପକାରାଗାରକୁ ପଠାଇ ଦିଆଯାଇଛି ।

### ତ୍ରିରଙ୍ଗାମୟ ହେଲା ଖଣ୍ଡପଡ଼ା ସହର



**ଖଣ୍ଡପଡା,୧୩।୮(ସ୍ୱ.ପ୍ର.):**ଆଜାଦୀ କି ଅମୃତ ମହୋତ୍ସବ ପାଳନ ଅବସରରେ ଶନିବାର ଓଡିଶା ଆଦର୍ଶ ବିଦ୍ୟାଳୟ, ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ତ୍ରିରଙ୍ଗା ଶୋଭାଯାତ୍ରାରେ ବିଦ୍ୟାଳୟରୁ ବାହାରି ଖଣ୍ଡପଡା ସହର ପରିକ୍ରମା କରିଥିଲେ । ଛାତ୍ରଛାତ୍ରୀମାନେ ଦେଶାତ୍ମବୋଧକ ସଙ୍ଗୀତ ଗାନ କରି ହାତରେ ଜାତୀୟ ପତାକା ଓ ମହାପୁରୁଷମାନଙ୍କ ଫଟୋ ଧରି ସହର ପରିକ୍ରମା କରିଥିଲେ । ସେହିପରି ଖଣ୍ଡପଡା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଭାରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ଜୟନ୍ତୀ ସାହୁ ଓ କର୍ମଚାରୀଙ୍କ ଉପସ୍ଥିତିରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ସେହିପରି ଖଣ୍ଡପଡା ବିକାଶ ମଞ୍ଚର ଆବାହକ ଅଭିଲାଷ ପଣ୍ଡାଙ୍କ ନେତୃତ୍ୱରେ ଏକ ତ୍ରିରଙ୍ଗା ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଏକ ୭୫ ଫୁଟ ଲମ୍ବା ବିଶିଷ୍ଟ ତ୍ରିରଙ୍ଗା ପତାକାକୁ ପ୍ରଦର୍ଶନ କରାଯାଇଥିଲା । ଖଣ୍ଡପଡା ଅଞ୍ଚଳର ଶତାଧିକ ମହିଳା, ପୁରୁଷ ଓ କଲେଜ ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ । ଏହି ଶୋଭାଯାତ୍ରା ସ୍ଥାନୀୟ ବାପୁଜୀ ନଗର ଗାନ୍ଧୀପାର୍କଠାରୁ ଆରମ୍ଭ କରାଯାଇ ନୀଳମାଧବ ଜୀଉଙ୍କ ସିଂହଦ୍ୱାର ନିକଟରେ ପହଞ୍ଚି ଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ଭାଜପା ଜିଲା ଉପସଭାପତି ପ୍ରଦୀପ ପଟ୍ଟନାୟକ,ଡ. ହରିହର ଦାଶ,ଭରତ ବିଶ୍ୱାଳ, ମାନସ ଷଡଙ୍ଗୀ, ସରୋଜିନୀ ଦାଶ, ଦିବେଶ ବେହେରା, ଗୌରାଙ୍ଗ ଖଟୁଆ ପ୍ରମୁଖ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ ।

# ବ୍ୟବସାୟୀଙ୍କ ଜବରଦଖଲରେ ରାସ୍ତା



ରାସ୍ତ ଅବରୋଧ କରାଯାଇ ଖୋଲିଥିବା ଦୋକାନ । ରାସ୍ତା ଉପରେ ରଖାଯାଇଥିବା ବାଇକ୍ ।

■ ଉଚ୍ଛେଦ ପରେ ବି ହଟୁନି ଜବରଦଖଲ

■ ପୌର ପ୍ରଶାସନର କାର୍ଯ୍ୟାନୁଷ୍ଠାନ ପ୍ରହସନ

**ନୟାଗଡ଼ ଅଫିସ,୧୩।୮**

ଜିଲା ସଦର ମହକୁମାର ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ ହେଉ କିମ୍ବା ରାଜ୍ୟ ରାଜପଥ ସବୁଠି ବ୍ୟବସାୟୀଙ୍କ ଜବରଦଖଲ। ଜିଲା ସଡ଼କ ପଥରେ ବି ଏକା ଅବସ୍ଥା। ଅଧିକାଂଶ ସମୟରେ ପୌର ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି। ହେଲେ ଏହାର କିଛିଦିନ ପରେ ପୁଣି ବ୍ୟବସାୟୀଙ୍କ କବ୍‌ଜାକୁ ଚାଲି ଯାଉଛି ସେହି ରାସ୍ତା । ଏଣୁ ପୌର ପ୍ରାଶସନର ଜବରଦଖଲ ପ୍ରହସନ ପାଲଟିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

ଅଭିଯୋଗ ଅନୁଯାୟୀ, ନୟାଗଡ଼ ଜିଲା ସଦର ମହକୁମାର ରାସ୍ତା ଅଣ ଓସାରିଆ ହୋଇ ରହିଛି । ଜବରଦଖଲ ଯୋଗୁ ଏପରି ହୋଇଥିଲେ ମଧ୍ୟ ରାସ୍ତା ପ୍ରସସ୍ତୀକରଣ ସମୟରେ ଏହା କୁ ଠିକ୍ କରାଗଲା ନାହିଁ । ଡ୍ରେନ ଓ ରାସ୍ତାକୁ ଅଙ୍କା ବଙ୍କା କରି ନିଆଗଲା । ଏହା ପରେ ବି ବ୍ୟବସାୟୀଙ୍କ କବ୍‌ଜାରେ ଅଧିକାଂଶ ରାସ୍ତା ରହିଛି । ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ଟ୍ରାଫିକ ଛକଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ପୌର ପ୍ରଶାସନ ଜବରଦଖଲ ଉଚ୍ଛେଦ କରୁଛି । ହେଲେ ବ୍ୟବସାୟୀମାନେ ଟାଣିଥିବା ଅସ୍ଥାୟୀ ପାଲ, ଟିଣକୁ ହଟାଇ ନେଉଛନ୍ତି । କିଛି ଦିନ ପରେ ପୁଣି ପୂର୍ବପରି ଜବର ଦଖଲ କରୁଛନ୍ତି । ଓଡ଼ଗାଁ ଶରଣକୁଳ ରାସ୍ତାରେ ଡ୍ରେନ ପାଖରେ ଜିଆଇ ବାରିକେଡ଼ ପୋତାଗଲା । ତଥାପି ରାସ୍ତାକୁ ଅସ୍ଥାୟୀ ଦୋକାନୀମାନେ କବ୍‌ଜା କରି ନେଉଛନ୍ତି । ପୁଣି ରାସ୍ତା ଉପରେ ବାଇକ୍ ରହିବା ଯୋଗୁ ଦୁର୍ଘଟଣା ବଢୁଛି । ଖଣ୍ଡପଡ଼ା ରାସ୍ତାକୁ କେତେଜଣ ବ୍ୟବସାୟୀ ଜବରଦଖଲ କରି ରଖିଛନ୍ତି । ଏନେଇ ଆଇନଜିବୀ ରଣଜିତ୍ ଦାଶ କୁହନ୍ତି, ଜବରଦଖଲକାରୀଙ୍କୁ ସାବାଡ କରିବାକୁ ହେଲେ ସେମାନଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେବାକୁ ପଡିବ । ସହରକୁ ସରସ ସୁନ୍ଦର କରିବାକୁ ହେଲେ ଜବରଦଖଲକାରୀଙ୍କ ପ୍ରତି ଅନୁକମ୍ପା ଦେଖାଇଲେ ସୁଫଳ ମିଳିବନି । ପୌର ପ୍ରଶାସନ ଜବରଦଖଲ ଉଚ୍ଛେଦ ପରେ ଆଉ ସମ୍ପୃକ୍ତ ସ୍ଥାନର ସ୍ଥିତି ସମ୍ପର୍କରେ ନଜର ରଖୁନି । ଏଣୁ ଜବରଦଖଲ ହଟାଇଲେ ମଧ୍ୟ ସୁଫଳ ମିଳୁନି । ଯୁବ ନେତା ସନ୍ତୋଷ ପ୍ରଧାନ କୁହନ୍ତି, ଜବରଦଖଲ ଯୋଗୁ ସବୁବେଳେ ସହରରେ ଟ୍ରାଫିକ ସମସ୍ୟା ହେଉଛି । ବ୍ୟବସାୟୀମାନେ ନିଜର ସୁବିଧା ପାଇଁ ରାସ୍ତାକୁ କବଜା କରି ନେବା ଠିକ୍ ନୁହେଁ। ହେଲେ ସେମାନଙ୍କର ଏହି ବେଆଇନ କାର୍ଯ୍ୟକୁ ପ୍ରଶାସନ ଅବହେଳା କରିବା ଠିକ୍ ନୁହେଁ । ନାମକୁ ମାତ୍ର କେଇଥର ଜବରଦଖଲ ଉଚ୍ଛେଦ କରିଦେଲେ ଏହାର ସମାଧାନ ମିଳିମନି । ଯେଉଁମାନେ ଜବରଦଖଲ ପରେ ପୁଣି ଜବରଦଖଲ କରୁଛନ୍ତି ସଂପୃକ୍ତ ବ୍ୟବସାୟୀଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର । ମ୍ୟୁନିସିପାଲିଟି ପକ୍ଷରୁ କଡା ପଦକ୍ଷେପ ନିଆନଗଲେ ଜବରଦଖଲକୁ ହଟାଇବା ସମ୍ଭବ ନୁହେଁ ବୋଲି କହିଛନ୍ତି ।

### ଅମାନିଆଙ୍କ ଉପରେ ଲାଗିବ ଲଗାମ

ନୟାଗଡ଼ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ର କହିଛନ୍ତି, ରାସ୍ତାରୁ ଜବରଦଖଲ ହଟାଇବା ପାଇଁ ବାରମ୍ବାର ପଦକ୍ଷେପ ନିଆଯାଇଛି । ଏନେଇ ବ୍ୟବସାୟୀମାନଙ୍କୁ ସଚେତନ କରାଯାଉଛି । ଆଗୁଆ ସୂଚନା ଦିଆଯାଇ ଜବରଦଖଲ ଉଚ୍ଛେଦ କରାଯାଉଛି। ବାରମ୍ବାର ସଚେତନତା ଓ ଜବରଦଖଲ ଉଚ୍ଛେଦ ପରେ ବି ଅଧିକାଂଶ ବ୍ୟବସାୟୀ ରାସ୍ତାକୁ ଜବରଦଖଲ କରି ବ୍ୟବସାୟ କରୁଛନ୍ତି । ଖୋର୍ଦ୍ଧା ରୋଡ, ଓଡ଼ଗାଁ ରୋଡ, ଖଣ୍ଡପଡା ରୋଡ ଓ ଦଶପଲ୍ଲା ରୋଡରେ ଏପରି ଅବ୍ୟବସ୍ଥା ଚାଲିଛି । ବ୍ୟସାୟୀଙ୍କ ରାସ୍ତା ଜବରଦଖଲ ଯୋଗୁ ସହରରେ ଟ୍ରାଫିକ ସେବା ବିପର୍ଯ୍ୟସ୍ତ ହୋଇ ପଡୁଛି । ଅଗଷ୍ଟ ୧୫ ଓ ସ୍ୱାୟତ୍ତ ଶାସନ ଦିବସ ଯୋଗୁ କାର୍ଯ୍ୟାନୁଷ୍ଠାନ ହୋଇ ପାରିନି । ତେବେ ପୁଣି ସଚେନତା କରାଯିବ । ଏହା ପରେ ଅମାନିଆଙ୍କ ଦୋକାନ ସିଲ୍ କରାଯିବ ଓ ଫାଇନ କରାଯିବ । ଜବରଦଖଲକାରୀଙ୍କୁ ହଟାଇବା ପାଇଁ ମ୍ୟୁନିସିପାଲିଟି ପକ୍ଷରୁ କଡା କାର୍ଯ୍ୟାନୁଷ୍ଠାନ ହେବ ।

### ଜାଲରେ ପଡ଼ିଲା ଅଜଗର



**ଭାପୁର,୧୩।୮(ଡି.ଏନ.ଏ.)**

ଫତେଗଡ଼ ପଞ୍ଚାୟତ ଅଧୀନ ମଣିପୁର ରାସ୍ତା କାଳିଗିରି ନାଳରେ ଓ ବିଲରେ ଜାଲ ବିଛାଇ ସ୍ଥାନୀୟ ଲୋକମାନେ ମାଛ ଧରି ଥାଆନ୍ତି । ଶନିବାର ସକାଳୁ ବିଛାଯାଇଥିବା ଜାଲରେ ଏକ ଅଜଗର ସାପ ପଡିଥିଲା । ମାଛ ଧରାଳିମାନେ ଜାଲରୁ ବହୁ ପରିଶ୍ରମ କରି ସାପକୁ ବାହାର କରିବା ପରେ ଭାପୁର ଫରେଷ୍ଟରଙ୍କୁ ଜଣାଇଥିଲେ । ସେହି ୧୨ ଫୁଟ ଲମ୍ବ ଅଜଗରକୁ ଦେଖିବା ପାଇଁ ଫତେଗଡ଼-ମଣିପୁର ରାସ୍ତାରେ ଭିଡ଼ ଜମିଥିଲା । ଭାପୁର ବନପାଳ ମନୋଜ କୁମାର ସେଠୀ ଓ ୩ ଫରେଷ୍ଟଗାର୍ଡ ପହଞ୍ଚି ସାପକୁ ଉଦ୍ଧାର କରିଥିଲେ । ବନପାଳ ସେଠୀ କହିଛନ୍ତି, ସାପକୁ ଆଣିବା ବାଟରେ ମୃତ୍ୟୁ ଘଟିଥିଲା । ରାତି ସାରା ଜାଲରେ ପଡି ରହିବା ଓ ତା'ର ମୁଣ୍ଡରେ ଆଘାତ ଲାଗିଥିବାରୁ ସାପଟି ମୃତ୍ୟୁ ଘଟିଥିଲା । ମୃତ ଅଜଗରକୁ ପୋତି ଦିଆଯାଇଛି ।

# ମହାନଦୀ, ଉପନଦୀରେ ବନ୍ୟା

**ଖଣ୍ଡପଡା,୧୩।୮(ସ୍ୱ.ପ୍ର.)**

ଲଘୁଚାପ ଜନିତ ବର୍ଷା ସହିତ ଉପର ମୁଣ୍ଡରେ ବର୍ଷା ଫଳରେ ହୀରାକୁଦର ୩୪ଟି ଗେଟ ଖୋଲାଯାଇଛି । ଫଳରେ ମହାନଦୀ ଓ ଏହାର ଉପନଦୀ କମେଇ, କୁଆଁରିଆ, କାଳିଗିରି ଓ କୁସୁମି ନଦୀଗୁଡିକରେ ବନ୍ୟା ପରିସ୍ଥିତି ଦେଖା ଦେଇଛି । କଣ୍ଟିଲୋଠାରେ ମହାନଦୀର ବିପଦ ସଂକେତ ୪୭.୯୮ ମିଟର ଥିବା ବେଳେ ଶନିବାର ସନ୍ଧ୍ୟା ସୁଦ୍ଧା ଏହାର ଜଳ ପତ୍ତନ ୪୫.୮୦ ମିଟର ଥିବା ଜଳ ସଂପଦ ବିଭାଗ ସୁତ୍ରରୁ ସୂଚନା ମିଳିଛି । ତେବେ ସଂପୃକ୍ତ ନଦୀର ଜଳପତ୍ତନ ବୃଦ୍ଧି ପାଉଥିବା ବେଳେ ନଦୀ କୂଳବର୍ତ୍ତୀ ଅଞ୍ଚଳବାସୀଙ୍କ ମନରେ ଆଶଙ୍କା ବଦଳରେ ଆନନ୍ଦର ଲହରୀ ଖେଳି ଯାଇଛି । ବନ୍ୟାଜଳରେ ଭାସି ଆସୁଥିବା କାଠ,ବାଉଁଶକୁ ସଂଗ୍ରହ କରିବାରେ ସେମାନେ ଲାଗିଛନ୍ତି। ଶନିବାର ଅପରାହ୍ନରେ କାଠଡଙ୍ଗା ଯୋଗେ କଣ୍ଟିଲୋର କୃଷ୍ଣଚନ୍ଦ୍ର ମହାରଣା ଓ ତାଙ୍କ ସାଥୀ ମାଛ ଧରିବାକୁ ଯାଇଥିଲେ। ପ୍ରବଳ ସ୍ରୋତରେ ଡଙ୍ଗାଟି ଓଲଟି ପଡ଼ି ବୁଡି ଯାଇଥିଲା । ହେଲେ କୃଷ୍ଣଚନ୍ଦ୍ର ଓ ତାଙ୍କ ସାଙ୍ଗ ନଦୀ କୂଳକୁ ପହଁରି ଚାଲିଆସିଥିଲେ । ସେହିପରି ନିକଟସ୍ଥ ପଥରଚକଡା ଗ୍ରାମର ଧନୀ ଗୋଚ୍ଛିଙ୍କ ଏକ ବଳଦ ନଦୀ କୂଳରେ ଚରୁଥିବା ବେଳେ ନଦୀ ସ୍ରୋତରେ ଭାସିଯାଇଛି । ବଳଦକୁ ଉଦ୍ଧାର ପାଇଁ ଭାପୁର ଦମକଳ କର୍ମଚାରୀମାନେ ଉଦ୍ୟମ ଜାରି ରଖିଥିଲେ ମଧ୍ୟ ସଫଳତା ପାଇ ନାହାନ୍ତି ।

### ଡଙ୍ଗା ବୁଡ଼ିଲା, ରକ୍ଷା ପାଇଲେ ମତ୍ସ୍ୟଜୀବୀ



ଅଗ୍ନିଶମ କର୍ମଚାରୀମାନେ ଭାସିଯାଇଥିବା ବଳଦକୁ ଖୋଜୁଛନ୍ତି ।

### ସାନଭାଇଙ୍କୁ ହତ୍ୟା ଉଦ୍ୟମ କରି ବଡ଼ ଗିରଫ

**ବ୍ରହ୍ମପୁର ଅଫିସ,୧୩।୮**

ସାନ ଭାଇଙ୍କୁ ହତ୍ୟା ଉଦ୍ୟମ ମାମଲାରେ ବ୍ରହ୍ମପୁର ସଦର ଥାନା ପୋଲିସ ତାଙ୍କ ବଡ ଭାଇଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ମସିହାଖାଲି ଗ୍ରାମର ଏମ୍. ବୁଲୁ ପାତ୍ର(୪୨) ।ଶନିବାର ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେହିପରି ଘଟଣା ବେଳେ ବ୍ୟବହୃତ ଏକ ବ୍ଲେଡ୍ ବୁଲୁଙ୍କଠାରୁ ଜବତ କରାଯାଇଛି। ମସିହାଖାଲି ଗ୍ରାମରେ ରହୁଥିବା ଏମ୍. ବୁଲୁ ପାତ୍ର ଓ ତାଙ୍କ ସାନ ଭାଇ ଏମ୍.ଧୋବା ପାତ୍ରଙ୍କ ମଧ୍ୟରେ କୌଣସି ଏକ ଘରୋଇ ଅଶାନ୍ତିକୁ କେନ୍ଦ୍ରକରି କଳହ ଲାଗି ରହିଥିଲା। ଗତ ୧୧ ତାରିଖ ରାତିରେ ଏମ୍. ଧୋବା ପାତ୍ର ଘର ସମ୍ମୁଖରେ ଠିଆ ହୋଇଥିବା ବେଳେ ବୁଲୁ ସେଠାରେ ପହଞ୍ଚିଥିଲେ। ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ବୁଲୁ ତାଙ୍କ ସାନ ଭାଇ ଧୋବାଙ୍କ ବେକରେ ଏକ ବ୍ଲେଡ୍ ଲଗାଇ ଦେଇଥିଲେ। ଫଳରେ ଧୋବା ଗୁରୁତର ହୋଇଥିଲେ। ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା।

### ବାଇକ୍ ଆଗକୁ ଷଣ୍ଢ ପଶି ଆସିବାରୁ ମହିଳା ଗୁରୁତର

**ଭାପୁର,୧୩।୮(ଡି.ଏନ.ଏ.)**

ଫତେଗଡ଼ ଥାନା ଅନ୍ତର୍ଗତ ବାଉଁଶବାଟି ପଞ୍ଚାୟତ ଅଧୀନ ବାଉଁଶବାଟି ରାସ୍ତାରେ ବାଇକ୍ ଆଗକୁ ଏକ ଷଣ୍ଢ ପଶି ଆସିବାରୁ ଜଣେ ମହିଳା ଗୁରୁତର ହୋଇଛନ୍ତି । ତାଙ୍କ ଜଂଘ ହାଡ ଭାଙ୍ଗି ଯାଇଛି । ରୁକ୍ମଣୀ ଜେନା (୩୪)ନାମ୍ନୀ ଏହି ମହିଳା ବାପଘର ବାଉଁଶବାଟିକୁ ଆସିଥିଲେ । ଶନିବାର ଅପରାହ୍ନରେ ଶାଶୁଘର ମଧୁପୁରକୁ ପୁଅ ସାଥିରେ ବାଇକ୍‌ରେ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା । ରୁକ୍ମଣୀଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି ।

### ବର୍ଷାବିପନ୍ନଙ୍କୁ ଭେଟିଲେ ବ୍ଲକ୍ ଉପାଧ୍ୟକ୍ଷ



ବନ୍ୟା ବିପନ୍ନଙ୍କ ସହ ବ୍ଲକ୍ ଉପାଧ୍ୟକ୍ଷ ଆଲୋଚନା କରୁଛନ୍ତି ।

**ଭାପୁର,୧୩।୮(ଡି.ଏନ.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକରେ ଲଗାଣ ବର୍ଷା ଫଳରେ ବହୁ ଲୋକଙ୍କ ଚାଳଛପର ଘର ଭାଙ୍ଗି ପଡିଛି । କଇଁଫୁଲିଆ ପଞ୍ଚାୟତ ଦୁଆଡିଆ ଗ୍ରାମରେ ୬ଜଣ କ୍ଷତିଗ୍ରସ୍ତ ହୋଇଛନ୍ତି । ଏ ସଂକ୍ରାନ୍ତରେ ଶନିବାର ଧରିତ୍ରୀରେ ପ୍ରକାଶ ପାଇବା ପରେ ଶନିବାର ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ବର୍ଷା ବିପନ୍ନଙ୍କୁ ଭେଟିବା ସହ ସରକାରୀ ସହାୟତା ପାଇଁ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି ଅବସରରେ ସେ କଇଁଫୁଲିଆ ବିଦ୍ୟାଳୟ ପରିସରରେ ଏକ ମଣ୍ଡପକୁ ଉଦ୍‌ଘାଟନ କରିଛନ୍ତି । ଏହି ମଣ୍ଡପରେ ବିଦ୍ୟାଳୟର ବିଭିନ୍ନ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇପାରିବ ବୋଲି ସେ କହିଛନ୍ତି ।

# ଭୋଟର ପଞ୍ଜୀକରଣ ପାଇଁ ସଚେତନତା ରଥ

**ନୟାଗଡ଼ ଅଫିସ,୧୩।୮**

ଭୋଟର ତାଲିକା ସଂଶୋଧନ, ନୂତନ ଭୋଟର ପଞ୍ଜୀକରଣ ଏବଂ ଆଧାର ସଂଯୋଗୀକରଣର ଜନସଚେତନତା ପାଇଁ ଏକ ସଚେତନତା ରଥ ଶନିବାରଠାରୁ ଜିଲା ପରିକ୍ରମା ଆରମ୍ଭ କରିଛି । ଏହି ରଥକୁ ପତାକା ହଲାଇ ଇଲେକ୍‌ଟୋରାଲ ରେଜିଷ୍ଟ୍ରେଶନ ଅଧିକାରୀ ତଥା ଉପଜିଲାପାଳ ଲଗ୍ନଜିତ ରାଉତ ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହ ଶୁଭାରମ୍ଭ କରିଛନ୍ତି । ଏହି ରଥ ୮ଦିନ ଜିଲାର ସମସ୍ତ ବ୍ଲକ ଏବଂ ସହରାଞ୍ଚଳ ପରିକ୍ରମା କରିବ । ଭୋଟର ତାଲିକାରେ ତ୍ରୁଟି ସଂଶୋଧନ ସହ ନିର୍ବାଚନ ମଣ୍ଡଳୀ ମଧ୍ୟରେ କିମ୍ବା ବାହାରକୁ ବାସସ୍ଥାନ ସ୍ଥାନାନ୍ତରଣ, ଭୋଟର ପରିଚୟ ପତ୍ର ବଦଳ, ଦିବ୍ୟାଙ୍ଗ ଭୋଟରଙ୍କ ଚିହ୍ନଟ, ମତଦାନ କେନ୍ଦ୍ରର ନିର୍ଦ୍ଧାରଣ ଓ ପରିବର୍ତ୍ତନ, ଭୋଟର ତାଲିକାର ଅସଙ୍ଗତି ଦୂରୀକରଣ, ଭୋଟରମାନଙ୍କ ଉନ୍ନତମାନର ଫଟୋ ସଂଗ୍ରହ ଓ ଆଧାର ସଂଯୋଗୀକରଣ ଇତ୍ୟାଦି ଉପରେ ସଂପୃକ୍ତ ରଥ ଜନସଚେତନତା ସୃଷ୍ଟି କରିବ । ଏହା ସହିତ ବର୍ଷକୁ ୪ଥର ଜାନୁୟାରୀ ୧, ଏପ୍ରିଲ ୧, ଜୁଲାଇ ୧ ଏବଂ ଅକ୍ଟୋବର ୧ ରେ ନୂତନ ଭୋଟର ପଞ୍ଜୀକରଣ ସୁଯୋଗ ଉପରେ ଜନସାଧାରଣଙ୍କୁ ସଚେତନ କରାଇବ । ଏହି କାର୍ଯ୍ୟକ୍ରମ ନଭେମ୍ବର ୯ରୁ ଆରମ୍ଭ କରାଯିବ । ନଭେମ୍ବର ୯ରୁ ଡିସେମ୍ବର ୮ ଭିତରେ ଭୋଟରମାନେ ସ୍ୱେଚ୍ଛାକୃତ ଭାବେ ସେମାନଙ୍କର ଫର୍ମ ପୂରଣ କରି ଦାଖଲ କରିପାରିବେ ବୋଲି କୁହାଯାଇଛି ।

# ତ୍ରିରଙ୍ଗା ଶୋଭାଯାତ୍ରା, ବର୍ଷାରେ ଭିଜିଲେ ଛାତ୍ରୀଛାତ୍ର



ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ସାମିଲ ହୋଇଥିବା ଛାତ୍ରୀଛାତ୍ର ।

**ନୂଆଗାଁ,୧୩।୮ (ଡି.ଏନ.ଏ.)**

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶରେ ଆଜାଦୀ କା ଅମୃତ ମହୋତ୍ସବ ପାଳିତ ହେଉଛି । ଏହି ଅବସରରେ ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁଠାରେ ଶନିବାର ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ୨ ଦିନ ହେଲା ବର୍ଷା ଲାଗି ରହିଥିଲେ ମଧ୍ୟ ତାହାକୁ ଖାତିର ନ କରି ନୂଆଗାଁର ଛାତ୍ରୀଛାତ୍ରମାନେ ବର୍ଷାରେ ଭିଜି ଦେଶ ପ୍ରେମରେ ନିଜକୁ ସାମିଲ କରିଥିଲେ। ନୟାଗଡ଼ ସେବା ଉତ୍ସବ ସମିତି ଆନୁକୁଲ୍ୟରେ ଆୟୋଜିତ ଏହି ତ୍ରିରଙ୍ଗା ଶୋଭାଯାତ୍ରାରେ ପ୍ରାୟ ୫୦୦ ଫୁଟ ଲମ୍ବର ଏକ ଜାତୀୟ ପତାକାକୁ ଧରି ନୂଆଗାଁ ହାଇସ୍କୁଲର ସ୍କାଉଟ ଛାତ୍ର, ନୂଆଗାଁ ଯୁକ୍ତ ୨ ମହାବିଦ୍ୟାଳୟ ଓ ନୂଆଗାଁ ଯୁକ୍ତ ୩ ଡିଗ୍ରୀ କଲେଜର ଛାତ୍ରୀଛାତ୍ର ନୂଆଗାଁ କଲେଜଠାରୁ ଶୋଭାଯାତ୍ରାରେ ବାହାରିଥିଲେ । ନୂଆଗାଁ ବ୍ଲକ, ଉଠାଣିସାହି, ଗଦାଧରପୁର, ନୂଆସାହି ଏବଂ ନୂଆଗାଁ ବଜାର ପରିକ୍ରମା କରି ଶହୀଦ କଷ୍ଟି ଡାକୁଆଙ୍କ ସ୍ମୃତି ପୀଠରେ ପହଞ୍ଚି ଥିଲେ । ସେବା ଉତ୍ସବ ସମିତିର ଅଧ୍ୟକ୍ଷ ଶିବରାମ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାରତୀୟ ସେନାର ଅବସରପ୍ରାପ୍ତ ଅଧିକାରୀ ଉମେଶ କୁମାର ଚଇନି, ଆଦର୍ଶ କୃଷକ ପ୍ରକାଶ କୁମାର ସାହୁ ଓ ଅରୁଣ କୁମାର ଗୋଛାୟତଙ୍କୁ ନୂଆଗାଁ ତହସିଲଦାର ପ୍ରଜ୍ଞାନନ୍ଦ ଶତପଥୀ, ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକ ସମ୍ବର୍ଦ୍ଧିତ କରିଥିଲେ ।

# ବଢୁଛି ମହାନଦୀ, ଆଶଙ୍କାରେ ନଦୀକୂଳିଆ ଗ୍ରାମବାସୀ

**ଗଣିଆ,୧୩।୮(ଡି.ଏନ.ଏ.)**

ଗତ କିଛିଦିନ ଧରି ମହାନଦୀର ଉପରମୁଣ୍ଡରେ ଲଘୁଚାପଜନିତ ଲଗାଣ ବର୍ଷା ଲାଗି ରହିଛି । ହୀରାକୁଦ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସିତ ହେଉଛି । ଫଳରେ ମହାନଦୀର ଜଳସ୍ତର ବୃଦ୍ଧି ପାଉଛି । ଶନିବାର ସକାଳ ୯ଟା ସୁଦ୍ଧା ମହାନଦୀର ବଡମୂଳ ମାଳିସାହି ଗେଜ୍‌ପଏଣ୍ଟଠାରେ ଜଳସ୍ତର ୨୪ଫୁଟ ଥିଲା । ମଧ୍ୟାହ୍ନ ୧୨ରେ ୨୬ଫୁଟ ବନ୍ୟାଜଳ ପ୍ରବାହିତ ହେଉଥିଲା। ରାତି ୮ଟା ସୁଦ୍ଧା ମହାନଦୀର ଜଳସ୍ତର ୩୦ଫୁଟରେ ପହଞ୍ଚିଛି । ପ୍ରତି ୩ ଘଣ୍ଟାରେ ପ୍ରାୟ ୨ଫୁଟ୍ ଜଳସ୍ତର ବୃଦ୍ଧି ପାଉଛି । ଏପରି ପରିସ୍ଥିତିରେ ଯଦି ଲଗାଣ ବର୍ଷା ଲାଗି ରୁହେ ନୟାଗଡ଼ ଜିଲା ଗଣିଆ ବ୍ଲକର ଛାମୁଣ୍ଡିଆ, ରାସଙ୍ଗ, ବେଲପଡ଼ାପାଟଣା ଓ କିଶୋରପ୍ରସାଦ ପଞ୍ଚାୟତରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବ । ବ୍ୟାପକ ଧାନ ଫସଲ ନଷ୍ଟ ହେବାର ଆଶଙ୍କା କରାଯାଉଛି ।

ଏ ନେଇ ଗଣିଆ ବିଡିଓ ଓ ତହସିଲଦାର ସଜାଗ ରହିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ନଦୀକୂଳିଆ ଗ୍ରାମବାସୀଙ୍କ ସତର୍କ ରହିବାକୁ ଜିଲାପାଳ ଅନୁରୋଧ କରିଛନ୍ତି। ତେବେ ସାମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ମୁକାବିଲା ପାଇଁ ବ୍ଲକ ପ୍ରଶାସନ ତରଫରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ଗଣିଆ ବିଡିଓ ସିରିଆଲ ଶୁଭ୍ର ପଟେଲ କହିଛନ୍ତି ।



ବଡ଼ମୂଳଠାରେ ମହାନଦୀରେ ପ୍ରବାହିତ ବନ୍ୟାଜଳ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୪ ଅଗଷ୍ଟ, ୨୦୨୨



## ସଂକ୍ଷେପରେ

### ବୈତରଣୀରେ ଆସୁଛି ବନ୍ୟା ବିପଦରେ ଦଶରଥପୁରବାସୀ

**ଝୁମ୍ପୁରୀ,୧୩।୮ (ଡି.ଏନ.ଏ.):** ଉପର ମୁଣ୍ଡରେ ପ୍ରବଳ ବର୍ଷା ପରେ ବୈତରଣୀ ନଦୀରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ପ୍ରବେଶ କରିଛି। ଏହା କ୍ରମଶଃ ବୃଦ୍ଧି ପାଉଥିବାରୁ ନଦୀର ତଳମୁଣ୍ଡରେ ଥିବା ଦଶରଥପୁର ବ୍ଲକ୍ ଅଞ୍ଚଳ ପାଇଁ ବିପଦ ଦେଖାଦେଇଛି। ଆଗକୁ ଆହୁରି ଏକ ଲଘୁଚାପ ଆସୁଥିବାରୁ ଏହାର ପ୍ରଭାବରେ ପୁଣି ଯଦି ପ୍ରବଳ ବର୍ଷା ହୁଏ ତେବେ ନଦୀର ଜଳସ୍ତର ଭୟଙ୍କର ଆକାର ଧାରଣ କରିବା ସମ୍ଭାବନା ରହିଛି। ଏବେ ଦଶରଥପୁର ନିକଟରେ ନଦୀର ଜଳସ୍ତର ବିପଦ ସଙ୍କେତ ଛୁଇଁବାକୁ ଯାଉଛି। ଫଳରେ ବ୍ଲକ୍‌ର କସପା, ମଲ୍ଲିକାପୁର, ଦୁଦୁରାଅଣ୍ଟା, ତରପଦା, ଦଉପୁର, କଯ୍ୟାଁ, କମାରଡ଼ିହ, ଖାନନଗର, ନିଜାମପୁର ଆଦି ପଞ୍ଚାୟତ ପାଇଁ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ବୈତରଣୀର ଦକ୍ଷିଣପାର୍ଶ୍ୱ ବ୍ରହ୍ମଚାରୀପାଟଣାଠାରୁ କଯ୍ୟାଁ ପର୍ଯ୍ୟନ୍ତ ଥିବା ନଦୀବନ୍ଧ ପାଇଁ ଏହି ବନ୍ୟା ବଢ଼ିଲେ ବିପଦ ଅଛି। କେତକ ସ୍ଥାନରେ ବନ୍ଧ ଦୁର୍ବଳ ଥିବାରୁ ତାହା ଅଞ୍ଚଳବାସୀଙ୍କ ପାଇଁ ବିପଦର କାରଣ ପାଲଟିଛି। ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ଜଳ ସମ୍ପଦ ବିଭାଗ ପକ୍ଷରୁ ଦୁର୍ବଳ ନଦୀବନ୍ଧଗୁଡ଼ିକ ଉପରେ ସତର୍କ ଦୃଷ୍ଟି ରଖାଯାଇଛି ବୋଲି ଦଶରଥପୁର ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଅରୁଣ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

### ଆଉ ୨ ଅଭିଯୁକ୍ତଙ୍କୁ ଗିରଫ କଲା ସଦର ପୋଲିସ

ବ୍ରାହ୍ମଣବାଛପୁର ଗ୍ରାମରେ ପୋଲିସକୁ ଆକ୍ରମଣ ମାମଲା



**ଯାଜପୁର ଟାଉନ,୧୩।୮ (ଡି.ଏନ.ଏ.):** ଯାଜପୁର ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣବାଛପୁର ଗ୍ରାମରେ ବୈରୀ ପୋଲିସକୁ ଆକ୍ରମଣ ମାମଲାରେ ପ୍ରଥମେ ୭ଜଣ ମହିଳା ଓ ପରେ ଅନ୍ୟ ୫ଜଣଙ୍କୁ କୋର୍ଟଚାଲାଣ କରାଯାଇଥିବାବେଳେ ଶନିବାର ସେହି ଗ୍ରାମର ଆଉ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ସଞ୍ଜୟ ବାରିକ ଓ ସୁରେଶ ବାରିକ। ଗତ ମାସ ୨୮ ତାରିଖ ରାତିରେ ବୈରୀ ପୋଲିସ ଏକ ଚୋରି କେଶରେ ବ୍ରାହ୍ମଣବାଛପୁର ଗ୍ରାମକୁ ତଦନ୍ତ ପାଇଁ ଆସି ସେହି ଗ୍ରାମର ଶାମସୁନ୍ଦର ବାରିକଙ୍କ ଘରେ ଚଢ଼ାଉ କରିଥିଲା। ଶ୍ୟାମସୁନ୍ଦର ତାଙ୍କ ଘର ସାମ୍ନାରେ ଥିବା ଜଗବନ୍ଧୁ ଦାସଙ୍କ ଘରେ ରହିଥିବା ଜାଣି ପୋଲିସ ସେଠାରେ ଚଢ଼ାଉ କରିଥିଲା। ଏହି ସମୟରେ ଗ୍ରାମର ୨୫/୩୦ ପୁରୁଷ ଓ ମହିଳା ପୋଲିସ ଉପରେ ଆକ୍ରମଣ କରିଥିଲେ। ଏଥିସହିତ ଗାଡ଼ି ମଧ ଭଙ୍ଗାରୁଜୁ କରିଥିଲେ। ଏନେଇ ବୈରୀ ଥାନା ଏସ୍‌ଆଇ ଜହର ଆବେଦିନ୍ ଯାଜପୁର ସଦର ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ଯାଜପୁର ସଦର ପୋଲିସ ନଂ.୨୦୩/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ଏପର୍ଯ୍ୟନ୍ତ ମୋଟ୍ ୧୪ଜଣଙ୍କୁ ଗିରଫ କରାଯାଇ ସାରିଲାଣି। ମାମଲାରେ ଜଡ଼ିତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସଦର ଥାନା ଅଧିକାରୀ ମାନସ ରଞ୍ଜନ ଚକ୍ର ସୂଚନା ଦେଇଛନ୍ତି।

# କାର୍ଯ୍ୟକାରୀ ହେଉନି ବିଭାଗୀୟ ନିର୍ଦ୍ଦେଶ

**ପାଇପ ଜଳଯୋଗାଣ ପ୍ରକଳ୍ପରେ ଅନିୟମିତତା ପ୍ରସଙ୍ଗ**

- ତଦନ୍ତ ରିପୋର୍ଟ ଦାଖଲ ପାଇଁ ୪ ଥର ପତ୍ର ଲେଖିଛନ୍ତି ସର୍ବୋଚ୍ଚ ଯନ୍ତ୍ରୀ
- ସ୍ୱଚ୍ଛ ପାଣି ପାଇଁ ଡହଳବିକଳ ଜିଲାବାସୀ

**ଯାଜପୁର ଅଫିସ,୧୩।୮**

ଯାଜପୁର ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ (ଆର୍‌ଡବ୍ଲ୍ୟୁଏସ୍‌ଏସ୍)ରେ ବସୁଧା ଏବଂ ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ଓ ଟେଣ୍ଡର ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏଥିରେ ବିପୁଳ ସରକାରୀ ଅର୍ଥ ଆତ୍ମସାତ କରାଯାଇଛି। ଏହିକ୍ରମରେ ଲୋକାୟୁକ୍ତ ଟିମ୍ ଏବଂ ଅନୁଗୋଳ ଅଧୀକ୍ଷଣ ଯନ୍ତ୍ରୀ ବୁଧବାରଠାରୁ ତଦନ୍ତ ଆରମ୍ଭ କରିଛନ୍ତି। ଅଥଚ ଏହି ଅନିୟମିତତା ଉପରେ ପୂର୍ବରୁ ହୋଇଥିବା ବିଭାଗୀୟ ନିର୍ଦ୍ଦେଶ ଅନୁଯାୟୀ ତଦନ୍ତ ରିପୋର୍ଟ ଦାଖଲ କରିବାରେ ଅଧିକାରୀମାନେ ଜାଣିଶୁଣି ଅବହେଳା କରି ଆସୁଛନ୍ତି। ଏହିମର୍ମରେ ଆରଡବ୍ଲ୍ୟୁଏସ୍‌ଏସ୍ ସର୍ବୋଚ୍ଚ ଯନ୍ତ୍ରୀ ହାଡିବନ୍ଧୁ ବେହେରା ଉଦ୍‌ବେଗ ପ୍ରକାଶ କରିବା ସହ ଆସନ୍ତା ୨୦ ତାରିଖ ସୁଦ୍ଧା ନିଶ୍ଚିତ ରୂପେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ଆର୍‌ଡବ୍ଲ୍ୟୁଏସଏସ୍ କଟକ ସର୍କଲର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ବସନ୍ତ କୁମାର ରାଉତଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି।

ଯାଜପୁର ଜିଲା ଆର୍‌ଡବ୍ଲ୍ୟୁଏସ୍‌ଏସ୍ ପକ୍ଷରୁ ପ୍ରାୟ ୩୫୦ ଗ୍ରାମ୍ୟ ପାଇପ ଜଳଯୋଗାଣ ପ୍ରକଳ୍ପ(ପିଡବ୍ଲ୍ୟୁଏସ୍) କାର୍ଯ୍ୟକ୍ଷମ ହେଉଛି ବୋଲି ଦାବି କରୁଥିବାବେଳେ ବାସ୍ତବତା ଭିନ୍ନ। ପ୍ରକଳ୍ପଗୁଡିକ ପୂର୍ଣ୍ଣାଙ୍ଗ ହୋଇଥିବା ବିଭାଗୀୟ ରିପୋର୍ଟରେ ଦର୍ଶାଯାଉଥିଲେ ବି ବର୍ଷ ବର୍ଷ ଧରି ସମ୍ପୃକ୍ତ ଅଞ୍ଚଳବାସୀ ସ୍ୱଚ୍ଛ ପାଣି ପାଇ ପାରୁନାହାନ୍ତି। ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗେଙ୍ଗୁଟିଆ ଓ ଭରତପୁର ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ ଦ୍ୱୟକୁ ଏଠାରେ ଉଦାହରଣ ଭାବେ ନିଆଯାଇପାରେ। ୧୩୬ ଲକ୍ଷ ଟଙ୍କାର ଏହି ଦୁଇ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାର ୧ ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ସୁଦ୍ଧା ସମ୍ପୃକ୍ତ ଅଞ୍ଚଳର ଲୋକେ ଏଯାଏ ପାଣି ବୁନ୍ଦାଏ ପାଇ ପାରିନାହାନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଏହି ଦୁଇ ପ୍ରକଳ୍ପରେ ବ୍ୟାପକ ହରିଲୁଟ ହେବା ସହ ଉପଯୁକ୍ତ ଭାବେ ନିର୍ମାଣ ହୋଇ ନ ଥିବା ନେଇ ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଛନ୍ତି, ଯାହାର ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାବାଦ୍ ଟେଣ୍ଡର ପ୍ରକ୍ରିୟାରେ ମଧ ବ୍ୟାପକ ଦୁର୍ନୀତି କରାଯାଇ ସିଙ୍ଗଲ ଟେଣ୍ଡର ହୋଇଛି। ଯାଜପୁର ଡିଭିଜନରେ ଏଭଳି ଶତାଧିକ ପ୍ରକଳ୍ପରେ ସିଙ୍ଗଲ ଟେଣ୍ଡର କରାଯାଇ ବିପୁଳ ଅର୍ଥ ବାଟମାରଣା କରାଯାଇଛି। ଏ ସଂକ୍ରାନ୍ତରେ ତଦନ୍ତ ଦାୟିତ୍ୱରେ ଥିବା ଅତିରିକ୍ତ ଚିଫ୍ ଇଞ୍ଜିନିୟର ରାଉତଙ୍କୁ ବିଭାଗୀୟ ଇଞ୍ଜିନିୟର-ଇନ୍-ଚିଫ୍ ୨୫।୫।୨୨, ୧୬।୬।୨୨, ୨।୮।୨୨ରେ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇ ଆସୁଥିଲେ ହେଁ କିଛି ସୁଫଳ ମିଳି ପାରୁନାହିଁ। ଅନ୍ୟପକ୍ଷେ ସୁକିନ୍ଦା-୧ ମେଗା ଜଳଯୋଗାଣ ପ୍ରକଳ୍ପରେ ମଧ ଅନିୟମିତତା ହେଉଥିବା ଖୋଦ ଇଞ୍ଜିନିୟର୍ସ ଅଥରିଟି ୨୦୧୯ ଜୁଲାଇରେ ପ୍ରମାଣ ସହ ତଥ୍ୟ ଦାଖଲ କରିଥିଲେ। ଆବଶ୍ୟକତାଠାରୁ କମ୍ ଗର୍ତ୍ତ ଖୋଳି ପାଇପ ବିଛା, ପାଟନାଠାରେ ନିର୍ମାଣାଧୀନ ଇଏସ୍‌ଆର ସ୍ତମ୍ଭରେ ସିଧା(ଭର୍ଟିକାଲ) ଭାବେ ନିର୍ମାଣ ନ ହେବା, ନିମ୍ନମାନର ଷ୍ଟିଲ ସାମଗ୍ରୀ ବ୍ୟବହାର ଇତ୍ୟାଦି ଇଞ୍ଜିନିୟର୍ସ ଅଥରିଟିର ନିରୀକ୍ଷଣରେ ଦେଖିବାକୁ ମିଳିଥିଲା। ଏହାସହ ୧୫।୭।୨୦୧୯ରେ ଶ୍ୟାମ ଷ୍ଟିଲରୁ କିଣାଯାଇଥିବା ସମସ୍ତ ଷ୍ଟିଲ ସାମଗ୍ରୀ(ଶ୍ୟାମ ଏଫଇ-୫୦୦ଡି)କୁ ହଟାଇ ଦେବାକୁ ଠିକାସଂସ୍ଥା ଏନସିସିର ସିନିୟର ମ୍ୟାନେଜରଙ୍କୁ ବିଭାଗୀୟ ନିର୍ଦ୍ଦେଶ ହୋଇଥିଲା। ପରେ କେତେଜଣ ବିଭାଗୀୟ ଅଧିକାରୀଙ୍କୁ ହାତ କରି ଏହି ବିପଦରୁ ମୁକୁଳିବାକୁ ଯୋଜନା କରି ଠିକାସଂସ୍ଥା ଏନସିସି ସଫଳ ହୋଇଥିଲା। ଏହାବାଦ୍ ସୁକିନ୍ଦା ମେଗା ପାଇପ ଜଳଯୋଗାଣ ପ୍ରକଳ୍ପ-୨ରେ ବ୍ୟାପକ ତ୍ରୁଟି ହୋଇଥିବା ବିଭାଗୀୟ ରିପୋର୍ଟରେ ପ୍ରକାଶ ପାଇଥିଲା। ପ୍ରକଳ୍ପର ପମ୍ପ ହାଉସକୁ ନିର୍ମିତ ପ୍ରବେଶ ବ୍ରିଜ ବିଭାଗୀୟ ଗଠନ ସମ୍ବନ୍ଧୀୟ ନକ୍ସା/ପରିକଳ୍ପନା(ଷ୍ଟ୍ରକ୍ଚରାଲ ଡିଜାଇନ)ଅନୁସାରେ ହୋଇନାହିଁ। ତେଣୁ ଆବଶ୍ୟକ ଭିତ୍ତିଭୂମି ସହ ତୁରନ୍ତ ପୁନଃ ନିର୍ମାଣ କରିବାକୁ ରାଜ୍ୟ ସରକାରଙ୍କ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ଚିଫ୍ ଇଞ୍ଜିନିୟର-୨ ସମ୍ପୃକ୍ତ ଠିକାସଂସ୍ଥା ଏନ୍‌ସିସି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଜାରି କରିଥିଲେ। ଏଭଳି କାର୍ଯ୍ୟ ଭବିଷ୍ୟତ ପାଇଁ ବିପଦ ହୋଇପାରେ ବୋଲି ଚିଫ୍ ଇଞ୍ଜିନିୟର ପରୋକ୍ଷରେ ସୂଚାଇ ଦେଇଥିଲେ। ଜିଲାରେ ଏଭଳି ଅନେକ ପ୍ରକଳ୍ପରେ ଅନିୟମିତତା ଚରମସୀମାରେ ପହଞ୍ଚିଥିବାବେଳେ ଜିଲାବାସୀ ସ୍ୱଚ୍ଛ ପାନୀୟ ଟିକକ ପାଇଁ ଡହଳବିକଳ ହେଉଥିବା ଅଭିଯୋଗ ହେଉଛି।

# ଅମୃତ ମହୋତ୍ସବ, ସମ୍ବର୍ଦ୍ଧନା ପର୍ବ



ଆସନ୍ତୁ କିଛି ଶୁଣିବା ପରିବାର ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଧର୍ମଶାଳା,୧୩।୮ (ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଭାଲୁଖାଇସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଆସନ୍ତୁ କିଛି ନୂଆ ଶୁଣିବା ପରିବାର ପକ୍ଷରୁ ଅମୃତ ମହୋତ୍ସବ, ସମ୍ବର୍ଦ୍ଧନା ପର୍ବ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଡ. ବିଧୁଭୂଷଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ବ୍ଲକ୍ ଉପାଧକ୍ଷ ବିଶ୍ୱବିଜୟିନୀ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ବିଶିଷ୍ଟ ଅତିଥି ଚିରନ୍ତନୀ ପତ୍ରିକା ସମ୍ପାଦିକା ସଂଯୁକ୍ତା ମହାପାତ୍ର, ସମ୍ମାନିତ ଅତିଥି ଜିଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା, କବି ପ୍ରଭାତ କୁମାର ମଲ୍ଲିକ ଯୋଗଦେଇ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଆଜାଦୀ କା ଅମୃତ ମହୋତ୍ସବ ସମ୍ପର୍କରେ ଆଲୋକପାତ କରିବା ସହ ଦେଶ ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ଶହୀଦଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସଙ୍ଗୀତରେ ଶୁଭ୍ରା ପ୍ରିୟଦର୍ଶିନୀ, ପ୍ରବନ୍ଧରେ ସାନଭ ମହାନ୍ତି, ବକ୍ତୃତାରେ ଓମ୍ ପ୍ରକାଶ ନାଥଙ୍କୁ କୁନିକଳିକା ସମ୍ମାନରେ ପ୍ରଶଂସାପତ୍ର, ଉପଢ଼ୌକନ ପ୍ରଦାନ କରି ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଏତଦ୍‌ବ୍ୟତୀତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଅମୃତ ମହୋତ୍ସବ ଅବସରରେ ପ୍ରସନ୍ନ ବରାଳଙ୍କୁ ବୀର ଜ୍ୟୋତି ସମ୍ମାନ, ଡ. ଇନ୍ଦ୍ରମଣି ମହାନ୍ତିଙ୍କୁ ଆଧ୍ୟାତ୍ମିକ ସାହିତ୍ୟ ସମ୍ମାନ, ଡ. ରବୀନ୍ଦ୍ର ସାହୁ, ପ୍ରଫୁଲ୍ଲ କର, ପ୍ରଫୁଲ୍ଲ କୁମାର ସରଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଏକ ଦେଶାତ୍ମବୋଧ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି ଜିତେନ୍ଦ୍ର ବେହେରାଙ୍କ ସଂଯୋଜନାରେ ପ୍ରଭାତ ମଲ୍ଲିକ, ଜିଲା ସଂଯୋଜିକା ପୂଜାରାଣୀ ନାୟକ, ଦୀପିକା ପେରେଇ, ସ୍ମୃତିରେଖା ବେହେରା, ଅଙ୍କିତ ସ୍ୱାଇଁ ଓ ହୃଦରଞ୍ଜନ ପରିଡ଼ା କବିତା ପାଠ କରିଥିଲେ। ପ୍ରାରମ୍ଭରେ ସନ୍ଧ୍ୟାରାଣୀ ରାଉତ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିବାବେଳେ ସମିତି ସଭ୍ୟା କ୍ଷୀରାବ୍ଧୀ ତନୟା ମଲ୍ଲିକ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ଅନୁଷ୍ଠାନର ରାଜ୍ୟ ସଂଯୋଜିକା ପ୍ରିୟଙ୍କା ପ୍ରିୟଦର୍ଶିନୀ ରାୟ ଧନ୍ୟବାଦ ଦେଇଥିଲେ।

# ସରିପାରୁନି ଖାନନଗର-ସାନକୁଆଁଳ ରାସ୍ତା



ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି।

**ଝୁମ୍ପୁରୀ,୧୩।୮ (ଡି.ଏନ୍.ଏ.)**

- ୨୦୧୭ରୁ ଆରମ୍ଭ ହୋଇଥିବା କାମ ଅଧାପନ୍ତରିଆ
- ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି

ଗମନାଗମନକୁ ସୁଗମ କରିବା ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା କାର୍ଯ୍ୟକାରୀ ହୋଇଛି। ଏସବୁ ଯୋଜନାରେ ପ୍ରତିବର୍ଷ ବିପୁଳ ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଓ ବିଭାଗୀୟ ଅବହେଳା ଯୋଗୁ ୨୦୧୭ରୁ ଅନୁଦାନ ଯୋଗାଇ ଦିଆଯାଇଥିଲେ ମଧ ଏକ ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଉକ୍ତ ରାସ୍ତାଟି ହେଉଛି ଦଶରଥପୁର ବ୍ଲକ୍‌ର ଖାନନଗର-ସାନକୁଆଁଳ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ରାସ୍ତାଟି ୨୦୧୭ରେ ଆରମ୍ଭ ହୋଇଥିଲା। ରାସ୍ତା ନିର୍ମାଣ ପାଇଁ ବିଭାଗ ପକ୍ଷରୁ ସେତେବେଳେ ୫ କୋଟି ୭୧ ଲକ୍ଷ ୬୨ ହଜାର ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଥିଲା। ଏବେ ଏହି ରାସ୍ତାର ୮.୦୫୦ମି. ସାଧାରଣ ଲୋକଙ୍କ ଯାତାୟାତ ପାଇଁ ମରଣଯନ୍ତା ସାଜିଛି। ରାସ୍ତାରେ ଲୋକେ ପାଦରେ ଚାଲିକି ଯିବା ସମ୍ଭବ ହେଉନି। ରାସ୍ତାଟିରେ ୮ କି.ମି. କାର୍ଯ୍ୟ ପିଚୁ ହେବାକୁ ଥିବାବେଳେ ୫୦ମି. କଂକ୍ରିଟ୍ ହେବାପାଇଁ ସେତେବେଳେ ଏଷ୍ଟିମେଟ୍ ଥିଲା। ମାତ୍ର ଠିକାସଂସ୍ଥା ରାସ୍ତାଟିକୁ ସମ୍ପୂର୍ଣ୍ଣ ନ କରି ରାସ୍ତା ଉପରେ କିଛି ବ୍ରିଜ୍ କାମ କରୁଥିବା ଦେଖାଯାଇଛି। ଏଥିସହ ଡ୍ରେନେଜ୍ ବିଭାଗ ଦ୍ୱାରା ଖୋଳାଯାଇଥିବା କାଉଡ଼ିଆ ନାଳ ଉପରେ ବିଭାଗ ପକ୍ଷରୁ ଫୁଟ୍ ବ୍ରିଜ୍ କରାଯାଉଥିବାବେଳେ ଏହି ରାସ୍ତାର କନେକ୍‌ଟିଭ୍ ବହୁ ଜାଗାରେ ଠିକାଦାରମାନେ ନଷ୍ଟ କରିଛନ୍ତି। ଏଥିସହ ଉକ୍ତ ରାସ୍ତାକୁ ଲାଗି ଗେଲ୍ ଇଣ୍ଡିଆ କମ୍ପାନୀର ଗ୍ୟାସ୍ ପାଇପ୍ କାର୍ଯ୍ୟ ଚାଲିଛି। ଫଳରେ କମ୍ପାନୀର ବହୁ ଭାରିଯାନ ଏହି ରାସ୍ତା ଉପରେ ଯିବାଆସିବା କରୁଥିବାରୁ ରାସ୍ତାର ମଧ କ୍ଷତି ହେଉଛି। ଏହି ଦୁଇ ବିଭାଗ ରାସ୍ତାକୁ ଏପରି ନଷ୍ଟ କରିଥିବାବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହିତ ସେମାନଙ୍କର ମଧ କୌଣସି ସମ୍ପର୍କ ନାହିଁ। ଏବେ ରାସ୍ତାଟିରେ ଯେଉଁ ଅଂଶରେ କିଛି ପିଚୁ କରାଯାଇଥିଲା ତାହା ନିମ୍ନମାନର ହୋଇଥିବାରୁ ଉକ୍ତ ପିଚୁ ସବୁ ଉଠିଗଲାଣି। ରାସ୍ତାଟିର ଏପରି ଶୋଚନୀୟ ଅବସ୍ଥାକୁ ନେଇ ରାସ୍ତା ଉପରେ ନିର୍ଭର କରିବାକୁ ଥିବା ୫ଟି ପଞ୍ଚାୟତର ଜନସାଧାରଣ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ତେଣୁ ତୁରନ୍ତ ରାସ୍ତା ନିର୍ମାଣ ଶେଷ କରିବାକୁ ଦାବି ହୋଇଛି।

### ୪ ଫେରାର ଅଭିଯୁକ୍ତ ଗିରଫ

**ରସୁଲପୁର,୧୩।୮ (ଡି.ଏନ.ଏ.)**

କୁଆଖିଆ ପୋଲିସ ଶନିବାର ୪ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟରେ ହାଜର କରାଇଛି। ଅଭିଯୁକ୍ତମାନେ କୋର୍ଟରେ ହାଜର ନ ହେବାରୁ କୋର୍ଟରୁ ସେମାନଙ୍କ ନାଁରେ ଗିରଫ ପରୱାନା ଜାରି କରାଯାଇଥିଲା। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଅନ୍ତର୍ଗତ ଶ୍ରୀବନ୍ତପୁର ପଞ୍ଚାୟତ ଭଗତଭଗବାନ ଗ୍ରାମର ବିଜୁ ଓରଫ୍ ବିଜୟ ରାଉତ(୩୦)। ୨୦୧୮ରେ ବିଜୁ ଏକ ମାମଲାରେ ଜଡ଼ିତ ଥାଇ ଫେରାର ଥିଲେ। ତାଙ୍କ ନାମରେ କୋର୍ଟରେ ସିଟି କେସ୍ ନଂ.୩୨୬।୧୮ରେ ଏକ ମାମଲା ରୁଜୁ ହୋଇଥିଲା। ସେହିପରି ରସୁଲପୁର ପଞ୍ଚାୟତ ଖଣ୍ଡିତର ଗ୍ରାମର ଜଗନ୍ନାଥ ସେଠୀଙ୍କ ନାମରେ ୨୦୦୫ରେ ଥାନାରେ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାକୁ ନେଇ କୋର୍ଟରେ ଆଇସିସି ନଂ.୩୪୭।୦୫ରେ କେସ୍ ରୁଜୁ ହୋଇ ନୋଟିସ ଜାରି କରାଯାଇଥିଲା। ଅଭିଯୁକ୍ତ ଦ୍ୱୟଙ୍କୁ ଏଏସ୍‌ଆଇ ପ୍ରଦୀପ କୁମାର ମଲ୍ଲିକ ସେମାନଙ୍କ ଘରୁ ଗିରଫ କରିଥିଲେ। ସେହିପରି ୨୦୨୦ରେ ଏହି ଥାନା ଅନ୍ତର୍ଗତ ନଠୁଆବର ଗ୍ରାମର ସୁବାସ ମଲିକ(୩୨)ଙ୍କ ନାମରେ ଏକ ଘଟଣାକୁ ନେଇ ଅଭିଯୋଗ ହୋଇଥିଲା। ସେବେଠାରୁ ସେ ଫେରାର ଥାଇ କୋର୍ଟର ନୋଟିସକୁ ସମ୍ମାନ ଜଣାଉ ନ ଥିଲେ। କୋର୍ଟ ପକ୍ଷରୁ ତାଙ୍କ ନାମରେ ସିଟି କେସ୍ ନଂ.୧୦୦୪।୨୦ରେ ମାମଲା ରୁଜୁ କରାଯାଇ ଗିରଫ ପରୱାନ ଜାରି କରାଯାଇଥିଲା। ଭଗତଭଗବାନ ଗ୍ରାମର ନରହରି ତରାଇଙ୍କ ନାମରେ କୋର୍ଟରୁ ସିଟି କେସ୍ ନଂ.୧୨୯୨।୧୮ (କେ)ରେ ଗିରଫ ପରୱାନା ଜାରି କରାଯାଇଥିଲା। ଏହି ୨ ଅଭିଯୁକ୍ତଙ୍କୁ ଏସ୍‌ଆଇ ଅନିତା ପ୍ରଧାନ ସେମାନଙ୍କ ଘରୁ ଗିରଫ କରିଥିଲେ। ସମସ୍ତ ଅଭିଯୁକ୍ତଙ୍କୁ ଯାଜପୁର ଏସଡିଜେଏମ୍ କୋର୍ଟରେ ହାଜର କରାଯାଇଛି।

# କାରିଗର, ବୁଣାକାରଙ୍କୁ ସହାୟତା ପ୍ରଦାନ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଚଣ୍ଡିଖୋଲ,୧୩।୮ (ଡି.ଏନ.ଏ.)**

ଓଡ଼ିଶା ଶିଳ୍ପୀ ମହାସଂଘ ଆନୁକୂଲ୍ୟରେ ଶନିବାର ଚଣ୍ଡିଖୋଲସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ପରିସରରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରଦାନ କରାଯାଇଥିବା ସହାୟତା ଅର୍ଥ ଓ ସାମଗ୍ରୀ ୭୫ଜଣ କାରିଗର ଏବଂ ବୁଣାକାରଙ୍କୁ ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ ଓଡ଼ିଶା ଶିଳ୍ପୀ ମହାସଂଘର ସଭାପତି ପଦ୍ମ ବିଭୂଷଣ ସୁଦର୍ଶନ ସାହୁ ଅଧକ୍ଷତା କରିଥିଲେ। ମହାସଂଘ ସମ୍ପାଦକ ପ୍ରିୟରଞ୍ଜନ କରଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ବର୍ଗର ବ୍ୟକ୍ତି ବିଶେଷଙ୍କ ପ୍ରତି ଧାନ ରଖିଥାନ୍ତି। ସେଥିପାଇଁ ତାଙ୍କର ଲୋକପ୍ରିୟତା ଦିନକୁ ଦିନ ବୃଦ୍ଧି ପାଉଛି। ଏବେ ହୋଇଥିବା ସର୍ଭେରେ ସେ ଭାରତ ବର୍ଷରେ ପୁଣି ୧ନଂ. ମୁଖ୍ୟମନ୍ତ୍ରୀ ହୋଇଛନ୍ତି।

ସଭାରେ ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତୀନ୍ଦ୍ର ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଲଳିତଗିରି ଗ୍ରାମର ୧୦ଜଣ, ଶୁଖୁଆପଡ଼ା ଗ୍ରାମର ୧୦, ଗୋପାଳପୁର ଗ୍ରାମର ୧୫ଜଣ, ପଲେଇ ଗ୍ରାମର ୫ଜଣ ଓ କଳାଶ୍ରୀ ଗ୍ରାମର ୫ ଜଣଙ୍କ ସମେତ ମୋଟ୍ ୭୫ଜଣ କାରିଗର ଓ ବୁଣାକାରଙ୍କୁ ୨ ହଜାର ଲେଖାଏ ଟଙ୍କା ଏବଂ ଗୋଟିଏ ଲେଖାଣ ରାଶନ କିଟ୍ ପ୍ରଦାନ କରାଯାଇଛି। ପ୍ରଶାନ୍ତ କୁମାର ବେହେରା, ବ୍ରହ୍ମାନନ୍ଦ ମହାରଣା, ଗୋବିନ୍ଦ ଚନ୍ଦ୍ର ସାମଲ, ଦୀପ୍ତି ରାଣୀ ବେହେରା ଓ ସୁଶାନ୍ତ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଓଳାଶୁଣୀ ପୀଠରେ ବିଶ୍ୱଶାନ୍ତି ସାଧୁ ସମ୍ମିଳନୀ



ସମ୍ମିଳନୀରେ ଯୋଗଦେଇଥିବା ସାଧୁସନ୍ଥ ଓ ଅତିଥି।

**ଚଣ୍ଡିଖୋଲ,୧୩।୮ (ଡି.ଏନ.ଏ.)**

ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ପରମ ଶିଷ୍ୟ ତଥା ଓଳାଶୁଣୀ ଗୁମ୍ଫାର ମହନ୍ତ ବାବା ନୃସିଂହ ଦାସ ସମାଧି ପ୍ରତିଷ୍ଠା ଉତ୍ସବ ଶନିବାର ଓଳାଶୁଣୀ ପାହାଡ଼ ଶୀର୍ଷ ଦେଶରେ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ବିଶ୍ୱଶାନ୍ତି ସାଧୁ ସମ୍ମିଳନୀ ଓଳାଶୁଣୀ ମଠର ମୁଖ୍ୟ ମହନ୍ତ ଡ. ନମାନନ୍ଦ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱର କଲ୍ୟାଣ ପାଇଁ ସାଧୁ ସନ୍ଥମାନେ ସଦା ସର୍ବଦା ଚେଷ୍ଟିତ, ମହାପୁରୁଷ ସନ୍ଥ ଅରକ୍ଷିତ ଦାସ ରାଜଗାଦି ତ୍ୟାଗ କରି ସାଧନାର ବ୍ରତୀ ହୋଇ ଜଣେ ପରମ ସନ୍ଥ ପାଲଟି ଥିଲେ। ଭାରତୀୟ ସମାଜ ପାଇଁ ତାଙ୍କର ତ୍ୟାଗ ଯୁଗ ଯୁଗ ପାଇଁ ଲିପିବଦ୍ଧ ହୋଇ ରହିଯିବ ବୋଲି ସମ୍ମିଳନୀରେ ଯୋଗ ଦେଇଥିବା ସାଧୁମାନେ ପ୍ରକାଶ କରିଛନ୍ତି।

ଏହି ସମ୍ମିଳନୀରେ ନାଉପାଳ ଆଶ୍ରମ ମହନ୍ତ ପରାଶର ଦାସ, କନ୍ତିଆ ମଠରେ ମହନ୍ତ ସିଦ୍ଧାନ୍ତ ଶେଖର ଦାଶ, ଛେଦରା ମଠ ମହନ୍ତ ଯଶୋବନ୍ତ ଦାଶ, ବାୟା ବାବା ମଠ ମହନ୍ତ ହୃଷୀକେଶ ଦାଶ, ଶିଶୁ ଅନନ୍ତ ଆଶ୍ରମର ଗୁରୁ କୃଷ୍ଣ ଦାସ, ରମ୍ଭା ମଠରେ କୈବଲ୍ୟ ଦାଶ, ଗାଦି ବ୍ରହ୍ମ ଆଶ୍ରମର ସୀତାରାମ ଦାଶ, କପ୍ତିପଦା ଆଶ୍ରମର ସୁଧା ନନ୍ଦ ଦାଶ, ଗାଙ୍ଗୀ ପୀଠର ବ୍ରହ୍ମଚାରୀ କୌସ୍ତୁଭ ଦାଶ, ଲଙ୍ଗୁଳି ମଠର ମହନ୍ତ ପ୍ରହ୍ଲାଦ ଦାଶ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସିଦ୍ଧ ଗିରି ଆଶ୍ରମ ମହନ୍ତ ବିଶ୍ୱନାଥ ଦାଶ ସଭା ପରିଚାଳନା କରିଥିଲେ। ୩୦ରୁ ଊର୍ଦ୍ଧ୍ୱ ସାଧୁ ଯୋଗଦେଇ ଆଶୀବଚନ ପ୍ରଦାନ କରିଥିଲେ। ସ୍ୱର୍ଗତ ନୃସିଂହ ଦାଶଙ୍କ ପୁତ୍ର ନିରଞ୍ଜନ ପ୍ରଧାନ, ରତିକାନ୍ତ ସାମଲ, ନୃସିଂହ ସାମଲ, ଦେବାଶିଷ ସିଂହଙ୍କ ସମେତ ମଠରେ ସମସ୍ତ ମହନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କମ୍ୟୁନିଟି ଶୌଚାଳୟ ନିର୍ମାଣକୁ ବିରୋଧ

**ରସୁଲପୁର,୧୩।୮ (ଡି.ଏନ.ଏ.)**

**କାର୍ଯ୍ୟ ବନ୍ଦ ପାଇଁ ବିଡିଓଙ୍କ ନିକଟରେ ଦାବି**

ରସୁଲପୁର ବ୍ଲକ ଅନ୍ତର୍ଗତ ବାହାଦଲାପୁର ପଞ୍ଚାୟତର କୁଆଖିଆ ବଜାରସ୍ଥିତ ଟ୍ରେକ୍‌ର ଷ୍ଟାଣ୍ଡ ପରିସରରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଉଛି। ଏହାକୁ ନେଇ ବିରୋଧର ସ୍ୱର ଉଠିଛି। ରାଜ୍ୟ ପରିବହନ ବିଭାଗ ଅଧୀନରେ ଥିବା ଏହି ଜମି ଉପରେ ଶୌଚାଳୟ ନିର୍ମାଣ କରାଯାଉଥିବାରୁ ତାହାକୁ ତୁରନ୍ତ ବନ୍ଦ କରିବା ପାଇଁ ବିଡିଓଙ୍କ ନିକଟରେ ଦାବି ହୋଇଛି। ପଞ୍ଚାୟତର ଦିଲୀପ କୁମାର ଦାସ, ବିମଳେନ୍ଦୁ ପଣ୍ଡା, ଦିଗାମ୍ବର ଦାସ, ସିର୍ଦ୍ଧାର୍ଥ ଦାସ ପ୍ରମୁଖ ଏନେଇ ବିଡିଓଙ୍କ ସମେତ ରସୁଲପୁର ତହସିଲଦାର, ବାହାଦଲାପୁର ପଞ୍ଚାୟତ କନିଷ୍ଠ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେବେ ଦାବିପତ୍ର ପ୍ରଦାନ ସତ୍ତ୍ୱେ କାର୍ଯ୍ୟ ଜାରି ରହିଥିବାରୁ ଅଭିଯୋଗକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ଦିଗରେ ତଦନ୍ତ କରାଯାଇ ବେଆଇନ କାର୍ଯ୍ୟରେ ସଂପୃକ୍ତ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଅଭିଯୋଗକାରୀ ଆଇନର ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି।



ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଉଛି।

ରସୁଲପୁର ତହସିଲ ଅଧୀନ ଖତିଆନ ନମ୍ବର ୧୪୧ରେ ଥିବା ଜମି ରାଜ୍ୟ ପରିବହନ ବିଭାଗ ଅଧୀନରେ ରହିଛି। ଏହି ଜମି ଉପରେ ଶୌଚାଳୟ ନିର୍ମାଣ ପାଇଁ ୩ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ନିୟମ ମୁତାବକ ନୂତନ ନିର୍ମାଣ କାର୍ଯ୍ୟ ଆରମ୍ଭ ପୂର୍ବରୁ ପ୍ରକଳ୍ପ ପାଇଁ ଉଦ୍ଦିଷ୍ଟ ଫାଇଲକୁ ଅନୁମୋଦନ କରାଯାଇଥାଏ। ମାତ୍ର ଫାଇଲରେ ଜମିଜମା ସମ୍ପର୍କିତ ତ୍ରୁଟି ସତ୍ତ୍ୱେ ଫାଇଲକୁ ଅନୁମୋଦନ ମିଳିବାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଉକ୍ତ ବେଆଇନ କାର୍ଯ୍ୟ ପଛରେ ବ୍ଲକ ଓ ପଞ୍ଚାୟତର କେତେଜଣ ପ୍ରଶାସନିକ ଅଧିକାରୀଙ୍କ ସମ୍ପୃକ୍ତି ଥିବା କୁହାଯାଉଛି। ଏହାଛଡ଼ା ପ୍ରକଳ୍ପ ସ୍ଥଳରେ ସୂଚନା ଫଳକ ଲଗାଯାଇ ନାହିଁ। କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଏଥିପ୍ରତି ଆଖି ବୁଜି ଦେଇଛନ୍ତି। ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାରଙ୍କୁ ଏ ନେଇ ତାଗିଦ୍ କରାଯାଇ ନାହିଁ। କନିଷ୍ଠ ଯନ୍ତ୍ରୀ ପ୍ରକଳ୍ପ ସ୍ଥଳକୁ ଆସୁ ନ ଥିବା ସତ୍ତ୍ୱେ କାର୍ଯ୍ୟ ଜାରି ରହିଛି। ଏ ନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ନିକୁଞ୍ଜ ବିହାରୀ ରାଉତଙ୍କୁ ପଚାରିବାରୁ ସେ କହିଛନ୍ତି, ପ୍ରକଳ୍ପ ସମ୍ପର୍କରେ ଅଭିଯୋଗ ହୋଇଥିବା ନେଇ ସୂଚନା ପାଇଛନ୍ତି। ଅଭିଯୋଗରେ ସତ୍ୟାସତ୍ୟ ରହିଛି। ପଞ୍ଚାୟତ ପକ୍ଷରୁ ରାଜ୍ୟ ପରିବହନ ବିଭାଗଠାରୁ ଏନ୍‌ଓସି ଆଣିବା ପାଇଁ ଚିଠି ଜରିଆରେ ଅବଗତ କରାଯିବ। ଜମିଜମା ସମ୍ପର୍କିତ ପ୍ରମାଣପତ୍ର ଆସିବା ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ। ଏବେ ନିର୍ମାଣ କାର୍ଯ୍ୟ ସ୍ଥଗିତ ରଖାଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ୩ ବଖରା ଜଳିଗଲା, ଗୋରୁ ଜୀବନ୍ତ ଦଗ୍ଧ

ବୁଗୁଡ଼ା,୧୩।୮ (ଡି.ଏନ୍.ଏ.): ବୁଗୁଡ଼ା ଥାନା ଅନ୍ତର୍ଗତ ଖୋଲଖାଲି ଗ୍ରାମରେ ଅଗ୍ନିକାଣ୍ଡ ଘଟି ୩ ପରିବାରର ୩ ବଖରା ଜଳିଯାଇଥିବା ବେଳେ ଗୋଟିଏ ଗୋରୁ ଜୀବନ୍ତ ଦଗ୍ଧ ହୋଇଯାଇଛି। କ୍ଷତିଗ୍ରସ୍ତ ପରିବାର ହେଲେ ଖୋଲଖାଲି ଇନ୍ଦିରା ଆବାସ ସାହିର ଶଶୀ ଗୌଡ଼, ନାରାୟଣ ଗୌଡ଼ ଓ ଗୁରୁମୂର୍ତ୍ତି ସାହୁ। ଶଶୀଙ୍କ ଘର ସମେତ ଗୁହାଳ ମଧ ସମ୍ପୂର୍ଣ୍ଣ ପୋଡି ଯାଇଥିବା ବେଳେ ତାଙ୍କର ଗୋଟିଏ ଗୋରୁ ଜୀବନ୍ତ ଦଗ୍ଧ ହୋଇଯାଇଛି। ଶୁକ୍ରବାର ରାତିରେ ଶଶୀଙ୍କ ରୋଷେଇ ଘର ଚୁଲିରୁ ନିଆଁ ବାହାରି ସାରା ଘର ଓ ଗୁହାଳ ପୋଡି ଯାଇଥିବା ବେଳେ ପଡ଼ୋଶୀରେ ଥିବା ନାରାୟଣ ଓ ଗୁରୁମୂର୍ତ୍ତିଙ୍କ ଗୋଟିଏ ଲେଖାଏ ବଖରା ପୋଡ଼ି ଯାଇଥିଲା। ବୁଗୁଡ଼ା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପୂର୍ବତନ ସମିତିସଭ୍ୟ ବିବେକା ନନ୍ଦ ବାରିକ ତୁରନ୍ତ ଶଶୀ ଗୌଡ଼ଙ୍କୁ ପାଲ ଓ ୧ ହଜାର ଟଙ୍କା ସହାୟତା ପ୍ରଦାନ କରିଥିବା ବେଳେ ତହସିଲଦାର ସଂଗ୍ରାମ କେଶରୀ ଜେନା କ୍ଷତିଗ୍ରସ୍ତ ପରିବାରଙ୍କ ପାଇଁ ଖାଇବା ବ୍ୟବସ୍ଥା କରିଥିବା ଜଣାପଡିଛି। ବୁଗୁଡ଼ା ଥାନା ଷୋଳମଇଲି ଛକରେ ଥିବା ଈଶ୍ୱର ଚନ୍ଦ୍ର ଗୌଡ଼ଙ୍କ ଏକ ବାଇକ୍ ସର୍ଭିସ୍ ସେଣ୍ଟରରେ ଅଗ୍ନିକାଣ୍ଡ ଘଟି ବ୍ୟାପକ କ୍ଷୟକ୍ଷତି ହୋଇଛି। ବିଦ୍ୟୁତ ଶର୍ଟସର୍କିଟ ଯୋଗୁ ନିଆଁ ଲାଗିଯାଇଥିଲା।

### ତାରାତାରିଣୀ କଲେଜର ପ୍ରତିଷ୍ଠା ଦିବସ

ପୁରୁଷୋତ୍ତମପୁର,୧୩।୮ (ଡି.ଏନ୍.ଏ.): ପୁରୁଷୋତ୍ତମପୁର ତାରାତାରିଣୀ କଲେଜର ୪୪ତମ ପ୍ରତିଷ୍ଠା ଦିବସ ଅଧାପକ ଡ. ପ୍ରଦୀପ କୁମାର ସାହୁଙ୍କ ସଂଯୋଜନାରେ ଶନିବାର ପାଳିତ ହୋଇଯାଇଛି। ଏଥିରେ କଲେଜର ଭାରପ୍ରାପ୍ତ ଅଧକ୍ଷ ଡ. ସୁରେନ୍ଦ୍ରନାଥ ପଣ୍ଡା ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ମୁଖ୍ୟବକ୍ତା ଭାବେ ପୂର୍ବତନ ନଗରପାଳ ବାସୁଦେବ ମହାପାତ୍ର ଓ ସମ୍ମାନିତ ଅତିଥିଭାବେ ଡାକ୍ତର ଗୋପାଳ କୃଷ୍ଣ ପଟ୍ଟନାୟକ, ପ୍ରାକ୍ତନ ଅଧକ୍ଷ ଅରବିନ୍ଦ ପଣ୍ଡା ଯୋଗଦେଇ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ଆଖିଆଗରେ ରଖି ଆତ୍ମ ସମୀକ୍ଷା କରି କାର୍ଯ୍ୟ କଲେ ନିଜର ଲକ୍ଷ୍ୟସ୍ଥଳରେ ପହଞ୍ଚି ସମାଜରେ ଭଲ ମଣିଷଟିଏ ହୋଇପାରିବ ବୋଲି ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହାସହ କଲେଜର ପ୍ରତିଷ୍ଠା ଓ ଐତିହ୍ୟର ଗରିମା ସମ୍ପର୍କରେ ଆଲୋକପାତ କରିଥିଲେ। କଲେଜ ଏକାଡେମିକ୍ ଅଫିସର ଡ ରମେଶ ଚନ୍ଦ୍ର ସେନାପତି ଆତିଥ୍ୟ ଉପସ୍ଥାପନା କରିଥିଲେ। ଏହି ଅବସରରେ ଅତିଥିମାନେ କଲେଜ ପରିସରରେ ପ୍ରତିଷ୍ଠାତା ନାରାୟଣ ସାମନ୍ତରାୟଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଯୁକ୍ତଦୁଇ ଓ ଯୁକ୍ତତିନି ସ୍ତରରେ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅଞ୍ଚଳର ବଦାନ୍ୟ ବ୍ୟକ୍ତିମାନଙ୍କ ପକ୍ଷରୁ ପ୍ରଦତ୍ତ ପୁରସ୍କାରମାନ ପ୍ରଦାନ କରାଯାଇଥିଲା। ଅଧାପିକା ଅମୃତାପ୍ରିତମ୍ ନାୟକ ଧନ୍ୟବାଦ ଦେଇଥିଲେ।

### କଂଗ୍ରେସର ସ୍ୱାଧୀନତା ଗୌରବ ଯାତ୍ରା

କ.ନୂଆଗାଁ ୧୩।୮ (ଡି.ଏନ୍.ଏ.): କ୍ରାନ୍ତି ଦିବସ ଅଗଷ୍ଟ ୯ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଦେଶ ବ୍ୟାପି ଆୟୋଜିତ ହୋଇଥିବା ସ୍ୱାଧୀନତାର ଗୌରବ ଯାତ୍ରା କ.ନୂଆଗାଁ ବ୍ଲକ ବରିଷ୍ଠ କଂଗ୍ରେସ ନେତା ପ୍ରଫୁଲ୍ଲ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଶନିବାର ସ୍ଥାନୀୟ ଦୁର୍ଗାମଣ୍ଡପଠାରୁ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମଣ କରିଥିଲେ।

# ରାଷ୍ଟ୍ରୀୟ ଲୋକ ଅଦାଲତ: ୩୯୯୬ ମାମଲା ଫଇସଲା

ନୟାଗଡ଼ ଅଫିସ,୧୩।୮

ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଲୋକ ଅଦାଲତରେ ଜିଲାର ବିଚାର ବିଭାଗୀୟ ସମସ୍ତ ଅଦାଲତଙ୍କ ପକ୍ଷରୁ ୪୮୩୩ଟି ମାମଲା ଆଗତ କରାଯାଇ ୩୯୯୬ ମାମଲାର ଫଇସଲା ହୋଇ ୨କୋଟି ୧୧ ଲକ୍ଷ ୭୪ ହଜାର ୪୭୫ ଟଙ୍କା ଆଦାୟ ପାଇଁ ଧାର୍ଯ୍ୟ ହୋଇଛି। ଜିଲାସ୍ତରୀୟ ଲୋକ ଅଦାଲତରେ ନୟାଗଡ଼ ଜିଲା ଜଜ୍ ରୂପଶ୍ରୀ ଚୌଧୁରୀଙ୍କ କୋର୍ଟ ପକ୍ଷରୁ ୬୦ଗୋଟି ଗାଡ଼ିମଟର ଦୁର୍ଘଟଣା ଜନିତ ମାମଲା ଆଗତ ହୋଇ ୧୭ଗୋଟି ମାମଲା ଫଇସଲା ହୋଇ ୧ କୋଟି ୧୬ ଲକ୍ଷ ୫୪ ହଜାର ବୀମାରାଶି ଦେବାକୁ ବୀମା କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ପରିବାର ଅଦାଲତ ଜଜ୍ ପ୍ରଦୀପ କୁମାର ମହାନ୍ତି ୨୪ଗୋଟି ବୈବାହିକ ମାମଲାରୁ ୧୨ଗୋଟି ମାମଲା ଫଇସଲା କରିଥିଲେ।



ନୟାଗଡ଼ରେ ଅନୁଷ୍ଠିତ ଲୋକ ଅଦାଲତ।

ଅପର ପକ୍ଷରେ ୪୨୯୨ଗୋଟି ଫୌଜଦାରି ମାମଲାରୁ ୩୮୦୦ଗୋଟି, ୬୯ଗୋଟି ଚେକ୍ ବାଉନସ୍ ମାମଲାରୁ ୪ଗୋଟି, ୩୦୧ଗୋଟି ଜମିଜମା ମାମଲାରୁ୭୨ଗୋଟିମାମଲାର ଫଇସଲା ହୋଇଛି । ଉକ୍ତ ଲୋକ ଅଦାଲତରେ ସମସ୍ତ ବିଚାର ବିଭାଗୀୟ ଅଧିକାରୀ, ଆଞ୍ଚଳିକ ଜାତୀୟକରଣ ବ୍ୟାଙ୍କର ସମସ୍ତ ଅଧିକାରୀ,ଆଇନଜୀବୀ,କୋର୍ଟ ମ୍ୟାନେଜରଙ୍କ ସମେତ ବହୁ ପଦସ୍ଥ ବୀମା କମ୍ପାନୀର ଅଧିକାରୀମାନେ ଉପସ୍ଥିତ ରହି ମାମଲା ଫଇସଲା କରିବାରେ ସହାୟତା ପ୍ରଦାନ କରିଥିଲେ। ପରବର୍ତ୍ତୀ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ନଭେମ୍ବର ୧୨ରେ ଅନୁଷ୍ଠିତ ହେବ । ଜନସାଧାରଣ ଏହାର ସୁଯୋଗ ନେବାକୁ ସଚିବ ବିଶେଷ କୁମାର ସାହୁ ଅନୁରୋଧ କରିଛନ୍ତି ।

# ରେଳପଥ କାମ ଯୋଗୁ ଟ୍ରେନ୍ ବାତିଲ

## ସମୟସାରଣୀରେ ପରିବର୍ତ୍ତନ

ନୟାଗଡ଼ ଅଫିସ,୧୩।୮

ରେଳପଥ ମରାମତିକୁ ଆଖି ଆଗରେ ରଖି ଚିଫ୍ ପାସେଞ୍ଜର ଟ୍ରାନ୍ସପରେଶନ ମ୍ୟାନେଜର ନୟାଗଡ଼ ଜିଲାର ଗୋଟିଏ ଟ୍ରେନକୁ ବାତିଲ୍ କରିଥିବାବେଳେ ଆଉ ଏକ ଟ୍ରେନର ସମୟ ସାରିଣୀକୁ ପରିବର୍ତ୍ତନ କରିଛନ୍ତି । ଅଗଷ୍ଟ ୧୬ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହେବ । ଏଣୁ ଭୁବନେଶ୍ୱରରୁ ନୂଆଗାଁ ରୋଡ ଓ ନୂଆଗାଁ ରୋଡରୁ ଭୁବନେଶ୍ୱର ଯାଉଥିବା ୦୮୪୨୯ ଓ ୦୮୪୩୦ ନମ୍ବର ପାସେଞ୍ଜର ସ୍ପେଶାଲ ଟ୍ରେନକୁ ବାତିଲ କରାଯାଇଛି । ସେହିଭଳି ପୁରୀ ନୂଆଗାଁ ପୁରୀ ଡେଲି ପାସେଞ୍ଜର ସ୍ପେଶାଲ ୦୮୪୨୩ ଓ ୦୮୪୨୪ ଟ୍ରେନର ସମୟ ସାରଣୀ ବଦଳିଛି । ଟ୍ରେନ ପୁରୀରୁ ଅପରାହ୍ନ ୫.୪୫ରେ ବାହାରି ନୟାଗଡ ଟାଉନ ଷ୍ଟେଶନରେ ରାତି ୮.୪୧ ଓ ନୂଆଗାଁରେ ସାଢ଼େ ୯ଟାରେ ପହଞ୍ଚିବ । ପୁଣି ନୂଆଗାଁରୁ ସକାଳୁ ୬.୪୫ରେ ବାହାରି ନୟାଗଡ଼ ଟାଉନ ଷ୍ଟେଶନରେ ୭.୧୫ ଓ ପୁରୀରେ୧୦ଟା ୧୦ରେ ପହଞ୍ଚିବବୋଲି କୁହାଯାଇଛି ।

# ଯୁବକଙ୍କ ଆତ୍ମହତ୍ୟା

ଗୋପାଳପୁର,୧୩।୮ (ଡି.ଏନ୍.ଏ.)

ଗୋପାଳପୁର ଥାନା ଅନ୍ତର୍ଗତ ବାଇଗଣବାଡ଼ି ଗ୍ରାମର ଦଣ୍ଡ ବିଷୋୟୀ (୪୨) ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଦଣ୍ଡ ଅନ୍ତର୍ବାଟିଆ ଗ୍ରାମରେ ଦ୍ୱିତୀୟ ପତ୍ନୀଙ୍କ ପାଖରେ ରହୁଥିଲେ। ଶନିବାର ସକାଳେ ସେ ପଙ୍ଖାରେ ରଶି ଲଗାଇ ଝୁଲିପଡ଼ିଥିଲେ। ତାଙ୍କୁ ଉଦ୍ଧାର କରି ପରିବାର ଲୋକେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ନେଇଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦ୍ୱିତୀୟ ପତ୍ନୀଙ୍କ ଅଭିଯୋଗ ପରେ ପୋଲିସ କେସ ନମ୍ବର ୧୭/୨୨ ପ୍ରକାରେ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ୨.୯୨ ଲକ୍ଷ ଟଙ୍କା ଆତ୍ମସାତ୍ ଅଭିଯୋଗ

## ପ୍ରଧାନ ଶିକ୍ଷକଙ୍କ ପ୍ରଶିକ୍ଷଣ ନୋହିଲା

ନୟାଗଡ଼ ଅଫିସ,୧୩।୮

ପ୍ରଧାନ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେବାକୁ ଆସିଥିବା ୨. ୯୨ ଲକ୍ଷ ଟଙ୍କାକୁ ଜିଲା ସମଗ୍ର ଶିକ୍ଷା ବିଭାଗର ଜଣେ ପ୍ରୋଗ୍ରାମର ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଛି । ଶିକ୍ଷାପାଇଁ ଏକୀକୃତ ଜିଲ୍ଲା ସୂଚନା ବ୍ୟବସ୍ଥା ବା ୟୁଡାଇସ୍ ଫର୍ମ ପୂରଣ କରିବା ସମ୍ପର୍କରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲାରେ ଥିବା ସମସ୍ତ ୮ ବ୍ଲକରେ ହେବା ପାଇଁ ନିର୍ଦ୍ଦେଶ ଥିଲା । ଜିଲାରେ କାର୍ଯ୍ୟରତ ପ୍ରାଥମିକ,ମାଧ୍ୟମିକ ବିଦ୍ୟାଳୟର ୧୩୭୫ଜଣ ପ୍ରଧାନଶିକ୍ଷକଙ୍କୁ ନେଇ ଗତ ଜୁନ୍‌ରେ ୨୮ଟି ସ୍ଥାନରେ ପ୍ରଶିକ୍ଷଣ ଦେବା ପାଇଁ ଜିଲାପାଳ ୨ଲକ୍ଷ୯୨ହଜାର ୩୨୩ଟଙ୍କା ମଞ୍ଜୁର କରିଥିଲେ । ତେବେ କୌଣସି ତାଲିମ କାର୍ଯ୍ୟକ୍ରମ ନ କରି ପ୍ରଧାନ ଶିକ୍ଷକମାନଙ୍କୁ ବାଧ କରି ଅନ୍‌ଲାଇନରେ ଫର୍ମ ପୂରଣ କରାଗଲା । ଏପରିକି ଗୋଟିଏ ଲେଖାଏ ବହି ଯୋଗାଇ ଦିଆଯାଇଥିଲା । ସମ୍ପୃକ୍ତ ବହିକୁ ପୂରଣ କରି ପ୍ରଧାନ ଶିକ୍ଷକମାନେ ଫେରାଇ ଦେଇଥିଲେ । ଏହି କାର୍ଯ୍ୟକ୍ରମ ପାଇଁ ଶିକ୍ଷକମାନଙ୍କ ଖାଇବା ବାବଦକୁ୧ଲକ୍ଷ ୧ହଜାର ୨୨୦ଟଙ୍କା ,ଚା ବିସ୍କୁଟ ବାବଦରେ ୧୬ ହଜାର ୮୭୦ଟଙ୍କା, ଯିବା ଅସିବା ପାଇଁ ୫୦ ହଜାର ୬୧୦ଟଙ୍କା ଏବଂ ପେନ ପ୍ୟାଡ୍ ବାବଦରେ ୨୫ହଜାର ୧୮୫ଟଙ୍କା ଥିଲା । ତେବେ ତାଲିମ କରାଗଲା ନି କି କିଛି ବି ଦିଆଗଲା ନାହିଁ । ଏତଦ୍ ବ୍ୟତୀତ କଣ୍ଟିଜେନସି ବାବଦରେ ୨୪ହଜାର ଟଙ୍କା ଏବଂ ଗାଡ଼ିଭଡ଼ା ବାବଦରେ ୧୬ହଜାର ଟଙ୍କା ମଧ ଦିଆଯାଇ ନାହିଁ। କିନ୍ତୁ ଏ ସମସ୍ତ ଟଙ୍କା ସଂପୃକ୍ତ ସମଗ୍ର ଶିକ୍ଷା ପ୍ରୋଗ୍ରାମର ବ୍ୟାଙ୍କରୁ ଉଠାଇଥିଲେ ମଧ କୌଣସି ତାଲିମ କାର୍ଯ୍ୟକ୍ରମ କରାଯାଇ ନାହିଁ କି କୌଣସି ପ୍ରଧାନ ଶିକ୍ଷକମାନଙ୍କୁ ଦିଆଯାଇ ନାହିଁ । ଏହି ସମସ୍ତ ଅର୍ଥ ଆତ୍ମସାତ ହୋଇଥିଲେ ମଧ ଜିଲା ପ୍ରଶାସନ ଚୁପ ହୋଇ ବସି ରହିଛି । ଏହାର ତଦନ୍ତ କରାଯାଇ ଦୋଷୀକୁ ଦଣ୍ଡ ଦେବା ପାଇଁ ପ୍ରଧାନ ଶିକ୍ଷକମାନେ ଦାବି କରିଛନ୍ତି ।

# ଅପହୃତ ମହିଳା ଚେନ୍ନାଇରୁ ଉଦ୍ଧାର

ଗଞ୍ଜାମ,୧୩।୮ (ଡି.ଏନ.ଏ.)

ଗତ ଚାରି ମାସ ପୂର୍ବେ ଗଜପତି ନଗର ଗ୍ରାମରୁ ଅପହରଣ ହୋଇଥିବା ଜଣେ ମହିଳାଙ୍କୁ ଚେନ୍ନାଇରୁ ଉଦ୍ଧାର କରାଯାଇଛି। ପୋଲିସ ୧୯୦/୨୨ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ମହିଳା ଜଣକ ଚେନ୍ନାଇରେ ଥିବା ଖବର ପାଇ ଏକ ପୋଲିସ ଟିମ୍ ଗତ ଚାରିଦିନ ତଳେ ଯାଇ ସେଠାରୁ ଉଦ୍ଧାର କରି ଶନିବାର ଫେରିଥିବା ଆଇଆଇସି ସ୍ୱରୂପ କିଷାନ ସୂଚନା ଦେଇଛନ୍ତି। ସେହିପରି ବିରୁଳିଗଡ଼ ଗ୍ରାମର ଜଣେ ମହିଳା ନିଖୋଜ ଥିବା ତାଙ୍କ ଶ୍ୱଶୁର ଥାନାରେ ଅଭିଯୋଗ କରିଛନ୍ତି।

ଏତଲା ପରେ କେଶ ନଂ ୩୨/୨୨ ରେ ମାମଲା ରୁଜୁ କରିବା ସହ ନିଖୋଜ ମହିଳା ହାଇଦ୍ରାବାଦରେ ଥିବା ପୋଲିସ ଖବର ପାଇ ପୁଣି ରମ୍ଭା ଥାନାର ଚାରି ଜଣିଆ ପୋଲିସ ଟିମ ହାଇଦ୍ରାବାଦ ଗସ୍ତ କରିଥିବା ଥାନା ଅଧିକାରୀ କିଷାନ କହିଛନ୍ତି। ସେହିପରି ବ୍ରହ୍ମପୁର ଗୋଷାଣୀନୂଆଗାଁର ନିଖୋଜ ମହିଳାଙ୍କ ପରିବାର ପକ୍ଷରୁ ଝିଅକୁ ବିଭିନ୍ନ ସମୟରେ ତାର ଶ୍ୱଶୁର ଘର ଲୋକ ନିର୍ଯାତନା ଦେଉଥିବା ରମ୍ଭା ଥାନାରେ ଏତଲା ଦେଇଛନ୍ତି।

# ବର୍ଷାରେ ଭାସିଗଲା ପୋଲ, ଗ୍ରାମବାସୀ ଜଳବନ୍ଦୀ



ଚକାପାଦର ବୃତଙ୍ଗ ନଦୀରେ କାଠପୋଲ ବନ୍ୟାଜଳରେ ଭାସିଯାଇଛି।

ଫୁଲବାଣୀ ଅଫିସ, ୧୩।୮

ଲଘୁଚାପ ଜନିତ ପ୍ରବଳ ବର୍ଷା ଯୋଗୁ କନ୍ଧମାଳ ଜିଲାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଚକାପାଦ ବ୍ଲକ ରାଇପଦା-ଜୁଇଖୋଲ ଗ୍ରାମକୁ ସଂଯୋଗ କରୁଥିବା ବୃତଙ୍ଗ ନଦୀର କାଠ ପୋଲ ଭାସିଯାଇଛି। ଫଳରେ ଯୋଗାଯୋଗ ସଂପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ଜିଲାର ତଳିଆ ଅଞ୍ଚଳ ଗୁଡ଼ିକ ଅଧିକ ପ୍ରଭାବିତ ହୋଇଛି । ଅଧିକାଂଶ ସ୍ଥାନରେ ନଦୀ ଉପରେ ପୋଲ ନ ଥିବାରୁ ବର୍ଷା ଜଳ ପ୍ରଭାବରେ ଲୋକେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ରହିଛନ୍ତି।

ଚକାପାଦ ବ୍ଲକ ଅଞ୍ଚଳରେ ମୂଷଳ ଧାରାରେ ବର୍ଷା ଯୋଗୁ ବ୍ୟାଙ୍କ ସାହିବାସିନ୍ଦା ଜଳବନ୍ଦୀ ଭାବେ ରହିଛନ୍ତି। ସାହି ଭିତରେ ବର୍ଷା ପାଣି ଲହଡ଼ି ମାରିବା ସହିତ ବହୁ ଲୋକଙ୍କ ଘରେ ମଧ ବର୍ଷା ପାଣି ପଶିଯାଇଛି । କିଛି କଚ୍ଚା ଘର ବର୍ଷା ପାଣିରେ କ୍ଷତିଗ୍ରସ୍ତ ହୋଇଛି । ରାଇପଦା-ଜୁଇଖୋଲ ଗ୍ରାମକୁ ସଂଯୋଗ କରୁଥିବା ବୃତଙ୍ଗ ନଦୀରେ କାଠ ପୋଲ ବନ୍ୟ ଜଳରେ ଭାସି ଯିବାରୁ ଜୁଇଖୋଲ ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଗ୍ରାମବାସୀ ବିପଦସଂକୁଳ ଭାବେ ନଦୀର ବଢ଼ି ପାଣି ଭିତରେ ପଶି ଯାତାୟାତ କରୁଛନ୍ତି । ଫିରିଙ୍ଗିଆ ବ୍ଲକ ଡିଣ୍ଡିରାଗାଁ ପଞ୍ଚାୟତ ଗାଟେଣୀ ନାଳ ଉପରେ ଥିବା ପୋଲ ବହୁ ଦିନରୁ ଭାଙ୍ଗିଯାଇଛି। ନାଳରେ ଅଧିକ ପାଣି ଯୋଗୁ ଟେଲାପାଲି, ଶିକୁଳିପଦର ଗ୍ରାମର ଲୋକେ ବିଚ୍ଛିନ୍ନ ହୋଇ ରହିଛନ୍ତି। ଏହି ଦୁଇଟି ଗ୍ରାମରେ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ପରିବାର ଦୁଇ ଦିନ ହେବ ବହୁ ହଇରାଣ ହେଉଛନ୍ତି । ସେହିପରି ପାଙ୍ଗାଉପର ସାହି ପଞ୍ଚାୟତର ୫ଟି ଗାଁ ମଧ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇରହିଛି । ବାଘ ନଦୀରେ ଥିବା କାଠ ପୋଲ ବନ୍ୟା ଜଳରେ ଭାସି ଯାଇଥିବାରୁ ପରିସ୍ଥିତି ଏପରି ହୋଇଛି। କ୍ରାଣ୍ଡିବାଲି ପଞ୍ଚାୟତ ୧୦ ନଂ ୱାର୍ଡ ଡଙ୍ଗିମେଣ୍ଡି ଗ୍ରାମର ପ୍ରାୟ ୩୫ ପରିବାର ମଧ ବିଚ୍ଛିନ୍ନ ହୋଇ ରହିଛନ୍ତି। ବାଘ ନଦୀ ଉପରେ ପୋଲ ନ ଥିବାରୁ ଏବଂ ବନ୍ୟା ଜଳ ଯୋଗୁ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି । କୌଣସି ପ୍ରଶାସନିକ ଅଧିକାରୀ ଏ ପର୍ଯ୍ୟନ୍ତ ସେମାନଙ୍କ ପାଖରେ ପହଞ୍ଚି ପାରିନାହାନ୍ତି।

ଜିଲା ଜରୁରୀକାଳୀନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ତୁମୁଡିବନ୍ଧ ବ୍ଲକରେ ସର୍ବାଧିକ ୭୦.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ବାଲିଗୁଡାରେ ୨୮ ମିମି, ଚକାପାଦରେ ୨୩ ମିମି, ଦାରିଙ୍ଗିବାଡି ୨୫ ମିମି, ଜି.ଉଦୟଗିରିରେ ୨୨.୨ ମିମି, ଖଜୁରୀପଡାରେ ୩୦.୮ ମିମି, କୋଟଗଡ ୫୬ ମିମି, ନୂଆଗାଁରେ ୨୦.୨ ମିମି, ଫିରିଙ୍ଗିଆରେ ୭.୪ ମିମି, ଫୁଲବାଣୀରେ ୩୯.୮ ମିମି, ରାଇକିଆରେ ୨୪.୮ ମିମ. ଟିକାବାଲିରେ ୨୫ ମିଲିମିଟର ବର୍ଷା ହୋଇଛି । ଜିଲାର କୌଣସି ସ୍ଥାନରେ ସେଭଳି କିଛି କ୍ଷୟକ୍ଷତି ହୋଇ ନ ଥିବା ବିଭାଗ ପକ୍ଷରୁ କୁହାଯାଇଛି ।

# ତାମ୍ପରା ହ୍ରଦ ଆର୍ଦ୍ରଭୂମିରେ ମାଛରଙ୍କା ବିରାଡ଼ି ଠାବ

ଗୋପାଳପୁର,୧୩।୮ (ଡି.ଏନ.ଏ.)

ଗଞ୍ଜାମ ଜିଲା ତାମ୍ପରା ହ୍ରଦ ନିକଟରେ ଥିବା ଆର୍ଦ୍ରଭୂମିରେ ପ୍ରଥମ ଥର ପାଇଁ ମାଛରଙ୍କା ବିରାଡ଼ିଙ୍କ ଅବସ୍ଥିତି ସମ୍ପର୍କରେ ଭାରତୀୟ ପ୍ରାଣୀ ସର୍ଭେକ୍ଷଣ କେନ୍ଦ୍ରର ବୈଜ୍ଞାନିକ ଡ. ଅନିଲ ମହାପାତ୍ର ଏବଂ ଡ. ବାସୁଦେବ ତ୍ରିପାଠୀ ନିଶ୍ଚିତ କରିଛନ୍ତି। ଶରୀରରେ ଥିବା ଅଲିଭ ଧୂସର ରଙ୍ଗର ଆସ୍ତରଣ, ଛୋଟ ଗୋଡ ଏବଂ ଓସାରିଆ ଶରୀର ଏମାନଙ୍କୁ ଚିହ୍ନିବାରେ ସହଯୋଗ କରେ। ବୈଜ୍ଞାନିକ ମହାପାତ୍ର କହଛନ୍ତି ଯେ ଜୁଲାଇ ୬ ରେ ହୋଇଥିବା ସର୍ଭେରେ ୨ଟି ବାଘାଡ଼ି ତାମ୍ପରା ହ୍ରଦରେ ଆଶିଷ କୁମାର ଦାଶ, ରାଜେଶ କୁମାର ବେହେରା, ସନ୍ଦୀପ ମହାପାତ୍ର, ସ୍ମୃତି ରେଖା ଆଚାର୍ଯ୍ୟ ପ୍ରଥମେ ଠାବ କରିଥିଲେ। ନିଶ୍ଚିତ ହେବା ପାଇଁ ସେମାନଙ୍କ ଫଟୋ ଉଠାଯାଇଥିଲା। ଶନିବାର ଏହା ମାଛ ରଙ୍କା ବିରାଡ଼ି ବୋଲି ନିଶ୍ଚିତ କରାଯାଇଥିଲା।

# ସ୍ୱାଧୀନତା ଗୌରବ ଶୋଭାଯାତ୍ରା

ଭାପୁର,୧୩।୮ (ଡି.ଏନ.ଏ.)

ଶନିବାର ଭାପୁରଠାରେ କଂଗ୍ରେସ ପକ୍ଷରୁ ସ୍ୱାଧୀନତା ଗୌରବ ଶୋଭଯାତ୍ରା ଅନୁଷ୍ଠିତ ହୋଇଥିଲା । ତହସିଲ କାର୍ଯ୍ୟାଳୟଠାରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ମାନପୁର ଦମକଳ କେନ୍ଦ୍ର ଯାଏ ଆସିଥିଲା। ଭାପୁର ବ୍ଲକ କଂଗ୍ରେସ କମିଟି ସଭାପତି ବାଙ୍କାବିହାରୀ ଧଳ ଏବଂ ଖଣ୍ଡପଡା ବ୍ଲକ କଂଗ୍ରେସ ସଭାପତି ଦେବବ୍ରତ ବେହେରାଙ୍କ ନେତୃତ୍ୱରେ



ଆୟୋଜିତ ଏହି ଶୋଭାଯାତ୍ରାରେ ଜିଲା କଂଗ୍ରେସ ସଭାପତି ଆଇନଜୀବି ରଣଜିତ ଦାଶ, ଖଣ୍ଡପଡା ଦଳୀୟ ବିଧାନସଭା ପ୍ରାର୍ଥୀ ବସନ୍ତ ମହାରଣା, ଆଇଏନଟିୟୁସି ଜିଲା କାର୍ଯ୍ୟକର୍ତ୍ତା ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଯୁବ କଂଗ୍ରେସ ସଭାପତି ଦିଲ୍ଲୀପ ଖୁଣ୍ଟିଆ, ଦଳୀୟ ନେତା ପୂର୍ଣ୍ଣଚନ୍ଦ୍ର ସାନ୍ତ, ପ୍ରକାଶ ଖୁଣ୍ଟିଆ ପ୍ରମୁଖ ସାମିଲ ହୋଇ ଥିଲେ । ଦେଶରେ ଅତ୍ୟାବଶ୍ୟକୀୟ ସାମଗ୍ରୀର ମାତ୍ରାଧିକ ଦରଦାମ ବୃଦ୍ଧି, ଜିଏସଟିରେ ଅପବ୍ୟବହାର, ବେରୋଜଗାର, ମୁଦ୍ରାସ୍ଫୀତି ଅଣାୟତ୍ତ ଅବସ୍ଥା ପାଇଁ କେନ୍ଦ୍ରର ଏନଡିଏ ସରକାର ଦାୟୀ ବୋଲି ଜିଲା ସଭାପତି ଦାଶ କହିଥିଲେ ।

# ଆଜାଦୀ କା ଅମୃତ ମହୋତ୍ସବ ଲାଗି ତ୍ରିରଙ୍ଗା ଶୋଭାଯାତ୍ରା

ଭଞ୍ଜନଗର/ହିଞ୍ଜିଳିକାଟୁ/ଦାରିଙ୍ଗବାଡ଼ି/ ବାଲିଗୁଡ଼ା/ ତୁମୁଡ଼ିବନ୍ଧ/ କାଶୀନଗର, ୧୩।୮ (ଡି.ଏନ୍.ଏ)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଏନ୍‌ସିସି ଛାତ୍ରୀଛାତ୍ର ଶନିବାର ଜାତୀୟ ପତାକା ଧରି ସହରରେ ଶୋଭାଯାତ୍ରା କରିଥିଲେ । ଏହାକୁ ଭାରପ୍ରାପ୍ତ ଅଧକ୍ଷ ରାଜେନ୍ଦ୍ର କୁମାର ଦାସ ଉଦ୍‌ଘାଟନ କରିଥିଲେ । ଏନ୍‌ସିସି ଅଫିସର ଲେଫ୍‌ଟନାଣ୍ଟ ରଜନୀକାନ୍ତ କାନ୍ତ ତ୍ରିପାଠୀ, କର୍ମଚାରୀ ପ୍ରଦୀପ ତ୍ରିପାଠୀ ସହଯୋଗ କରିଥିଲେ। ସେହିଭଳି ଭାଜପା ପକ୍ଷରୁ ମଧ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିଲା। ହିଞ୍ଜିଳିକାଟୁ କଲେଜ ପକ୍ଷରୁ କଷ୍ଟଲବ୍ଧ ସ୍ୱାଧୀନତା ପ୍ରାପ୍ତିର ସ୍ୱର୍ଣ୍ଣିମ ଇତିହାସ ଲୋକଙ୍କ ସ୍ମରଣ ପାଇଁ ଏକ ରାଲି ଆୟୋଜନ କରାଯାଇଥିଲା । କଲେଜ ଅଧକ୍ଷା ଡ଼ ସ୍ୱସ୍ତିକା ପାଢ଼ୀ ରାଲିର ଉଦ୍‌ଘାଟନ କରିଥିଲେ । ଦାରିଙ୍ଗବାଡ଼ିଠାରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ବଣିକ ସଂଘ ପକ୍ଷରୁ ଏକ ଶୋଭାଯାତ୍ରା କରାଯାଇଥିଲା। ଶିବ ମନ୍ଦିରଠାରୁ ଏହି ଶୋଭାଯାତ୍ରା ବାହାରି ଦାରିଙ୍ଗବାଡ଼ି ସହର ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ସଂଘ ସଭାପତି ଲଡୁ କିଶୋର ସାହୁଙ୍କ



ତୁମୁଡ଼ିବନ୍ଧଠାରେ ଛାତ୍ରୀଛାତ୍ର, ଅଧାପିକା ଅଧାପକ ଶୋଭାଯାତ୍ରାରେ ଯାଉଛନ୍ତି।

ସମେତ ଉପସଭାପତି ସନ୍ତୋଷ କୁମାର ସାହୁ, ଦିଲୀପ କୁମାର ସାହୁ, ସି.ଏଚ. ଦୁର୍ଗା ପ୍ରସାଦ ସୁବୁଦ୍ଧି, ସମ୍ପାଦକ ଏସ୍. ରାମାରାଓ ସୁବୁଦ୍ଧି ପ୍ରମୁଖ ପରିଚାଳନା କରିଥିଲେ। ବାଲିଗୁଡ଼ାଠାରେ ଅବସ୍ଥିତ ସିଆର୍‌ପିଏଫ ୧୨୭ ବାଟାଲିୟନ ପକ୍ଷରୁ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମରେ କମାଣ୍ଡାଣ୍ଟ ଆନନ୍ଦ ଝାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ବାଟାଲିୟନର ଅନ୍ୟ ପଦାଧିକାରୀ ସାମିଲ ଥିଲେ। ଆଜାଦି କା ଅମୃତ ମହୋତ୍ସବ ଉପଲକ୍ଷେ ତୁମୁଡିବନ୍ଧ ନେତାଜୀ ସୁଭାଷ ବୋଷ ଉଚ୍ଚ ମାଧମ ବିଦ୍ୟାଳୟ ତରଫରୁ ଏକ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଛାତ୍ରୀଛାତ୍ର, ଅଧାପିକା ଅଧାପକ ସମେତ ସମସ୍ତ କର୍ମଚାରୀ ତୁମୁଡିବନ୍ଧ ବସଷ୍ଟାଣ୍ଡ ଯାଏ ଶୋଭାଯାତ୍ରାରେ ବାହାରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଡଃ.ସୁନୀଲ କୁମାର ପାତ୍ର ପରିଚାଳନା କରିଥିଲେ। କାଶୀନଗର ଶ୍ରୀରାମ ଡିଗ୍ରୀ ମହାବିଦ୍ୟାଳୟରେ ବିଦ୍ୟାଳୟର ଅଧାପକମାନେ ଆଜାଦୀ କା ଅମୃତ ମହୋତ୍ସବର ମହତ୍ତ୍ୱ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଏନଏସି ଓ ବ୍ଲକ ତରଫରୁ ପ୍ରତ୍ୟେକ ପରିବାରକୁ ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମ କରିବା ପାଇଁ ବଣ୍ଟନ କରାଯାଇଛି।

# ଶୋଷ ମେଣ୍ଟାଉଛି ଚୁଆପାଣି

## ବସୁଧା ଯୋଜନା ଜଳ ଯୋଗାଣ ପ୍ରକଳ୍ପ ଅଚଳ

ଆର.ଉଦୟଗିରି,୧୩।୮ (ଡି.ଏନ୍.ଏ.)

ବସୁଧା ଯୋଜନାରେ ସୌରଭିତ୍ତିକ ଜଳଯୋଗାଣ ପ୍ରକଳ୍ପ ଥିଲେ ମଧ ତାହା କାମରେ ଆସୁନି। ଫଳରେ ଦୁର୍ଗମ ଅଞ୍ଚଳରେ ଗ୍ରାମବାସୀଙ୍କ ଶୋଷ ମେଣ୍ଟାଉଛି ଚୁଆପାଣି। ମହିଳାମାନେ ଲମ୍ବା ଧାଡ଼ି କରି କାଦୁଅ ପଙ୍କ ବିଲ ହିଡ ଦେଇ ଯିବା ସହ ଚୁଆରୁ ପାଣି ସଂଗ୍ରହ କରୁଛନ୍ତି। ଗଜପତି ଜିଲା ମୋହନା ବ୍ଲକର ଦୁର୍ଗମ ଅଞ୍ଚଳ ବାଡେଗଡା ପଞ୍ଚାୟତ ଦୁଆଗୁଡା ଗାଁରେ ପ୍ରାୟ ଶତାଧିକ ପରିବାରର ୫୦୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ସରକାରଙ୍କ ବସୁଧା ଯୋଜନାରେ ସୌରଶକ୍ତି ଚାଳିତ ଜଳ ଯୋଗାଣ ପ୍ରକଳ୍ପ ଜରିଆରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ନଳକୂପ ଖୋଳାଯାଇଛି। ପାଣି ଟ୍ୟାଙ୍କ୍ ଓ ସୋଲାର ପ୍ଲେଟ ଖଞ୍ଜାଯାଇଛି। ୯୫ ପରିବାରକୁ ସଂଯୋଗ କରାଯାଇଛି ବୋଲି ସୂଚନା ଦର୍ଶାଯାଇଛି। ଗାଁର ବିଭିନ୍ନ ସ୍ଥାନରେ ଷ୍ଟାଣ୍ଡପୋଷ୍ଟ ପୋତାଯାଇଛି। ମାତ୍ର ପ୍ରକଳ୍ପ ନିର୍ମାଣର



ସୌରଶକ୍ତି ଚାଳିତ ଜଳ ଯୋଗାଣ ପ୍ରକଳ୍ପ।

କିଛି ମାସ ନ ହେଉଣୁ ସୋଲାର୍ ପ୍ଲେଟ ସହ ଷ୍ଟାଣ୍ଡପୋଷ୍ଟ ଭାଙ୍ଗିଯାଇ ଲଟାବୁଦା ମାଡ଼ିଗଲାଣି। ଗ୍ରାମବାସୀ ଏହାର ପୁନରୁଦ୍ଧାର କରି ଜଳ ଯୋଗାଣ ସ୍ୱାଭାବିକ କରିବାକୁ ବାରମ୍ବାର ସ୍ଥାନୀୟ ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରି ଆସୁଥିଲେ ମଧ କେହି ଶୁଣୁନଥିବା ଗ୍ରାମବାସୀ କହିଛନ୍ତି। ଅପରପକ୍ଷେ ଗାଁରେ ଦୁଇଟି ନଳକୂପ ଥିବା ସହ ବିଲ ମଧରେ ଅସଜଡ଼ା କୂଅ ରହିଛି। ଉଭୟ କୂଅ ମରାମତି ଅଭାବରୁ ଭୁଶୁଡ଼ିବା ଅବସ୍ଥାରେ ପଡିଛି। ନଳକୂପ ପାଣି ପାନୀୟ ଜଳ ରୂପେ ବ୍ୟବହାର ଉପଯୋଗୀ ହେଉନଥିବାରୁ ମହିଳାମାନେ ଏହି ପାଣିରେ ବାସନକୁସନ ସଫା କରୁଥିବା ବେଳେ ଅସଜଡା କୂଅ ପାଣିକୁ ଗାଧୋଇବାକୁ ବ୍ୟବହାର କରୁଛନ୍ତି। ଏହି ଅଞ୍ଚଳ ଏକ ଦୁର୍ଗମ ଅଞ୍ଚଳ ହୋଇଥିବାରୁ ବର୍ଷ ବର୍ଷ ଧରି ଏମିତି ସମସ୍ୟା ଭୋଗୁଛନ୍ତି ଗ୍ରାମବାସୀ। ଶେଷରେ ବସୁଧା ହେଲ୍‌ପ ଲାଇନ୍ ନମ୍ବରକୁ ଫୋନ କଲେ ମଧ କୌଣସି ସହଯୋଗ ମିଳୁନଥିବାରୁ ଲୋକେ ବାଧ ହୋଇ ପାନୀୟ ଜଳ ପାଇଁ ଗ୍ରାମବାସୀ ଏଭଳି ସଂଘର୍ଷ କରୁଥିବା କହୁଛନ୍ତି । ସରକାର ଯଦି ଏଥିପ୍ରତି ଦୃଷ୍ଟି ନ ଦେବେ, ତେବେ ପି.ଗୋବିନ୍ଦପୁର ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିବା ଭଳି ଘଟଣାର ପୁନରାବୃତ୍ତି ଘଟିବା ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ।